# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ଶନିବାର, ସେପ୍ଟେମ୍ବର ୨୯/୨୦୧୮ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Dhenkanal-Angul, Saturday, September 29 /2018 ★★★★★

୧୪ଶ ଭାଗ ୨୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




## ଜଉନାଙ୍କୁ ରୌପ୍ୟ ପଦକ


କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଏନଜିସି ଟିମ୍‌ର ସଦସ୍ୟାଭାବେ ରୌପ୍ୟ ପଦକ ହାସଲ କରିଛନ୍ତି ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ। **୧୫**

**୦୨** 

## ୮୯ରେ ପଦାର୍ପଣ କଲେ ଲତା

ବଲିଉଡ୍ ସଂଗୀତ ଜଗତର ବିଶିଷ୍ଟ କୋକିଳକଣ୍ଠୀ ଗାୟିକା ଲତା ମଙ୍ଗେସ୍କର ଶୁକ୍ରବାର ୮୯ ବର୍ଷରେ ପଦାର୍ପଣ କରିଛନ୍ତି।





## ୧୧ରେ ଛାତ୍ର ସଂସଦ ନିର୍ବାଚନ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ବେଶ୍ କିଛିଦିନ ହେଲା ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜ୍ୟର ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକର କ୍ୟାମ୍ପସ୍ ଚଳଚଞ୍ଚଳ ହୋଇଉଠିଛି। ନିର୍ବାଚନ ତାରିଖ କେବେ ଘୋଷଣା କରାଯିବ ସେନେଇ ଛାତ୍ରୀଛାତ୍ରମାନେ ଅପେକ୍ଷା କରିଥିଲେ। ଶୁକ୍ରବାର ଏହି ପ୍ରତୀକ୍ଷାର ଅନ୍ତ ଘଟିଛି। ଆସନ୍ତା ଅକ୍ଟୋବର ୧୧ରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନା ମୁତାବକ, ଅକ୍ଟୋବର ୧ରେ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ କରାଯିବ। ୩ ତାରିଖ ପୂର୍ବାହ୍ନ ୯ ଟାରୁ ମଧ୍ୟାହ୍ନ ୧୨ଟା ଭିତରେ ପ୍ରାର୍ଥୀମାନେ ☞ପୃଷ୍ଠା-୪

■ ସାବରିମାଳା ମନ୍ଦିରରୁ କଟକଣା ଉଠାଇଲେ ସୁପ୍ରିମକୋର୍ଟ

## ମହିଳାଙ୍କୁ ପ୍ରବେଶ ଅଧିକାର

ନୂଆଦିଲ୍ଲୀ, ୨୮।୯(ପି.ଟି.)

କେରଳର ସାବରିମାଲାସ୍ଥିତ ପ୍ରସିଦ୍ଧ ଆୟାପ୍ପା ମନ୍ଦିରରେ ଏଣିକି ମହିଳାମାନେ ପ୍ରବେଶ କରିପାରିବେ। ଏହି ମନ୍ଦିରରେ ୧୦ରୁ ୫୦ ବର୍ଷୀୟା ମହିଳାଙ୍କ ପ୍ରବେଶ ଓ ପୂଜାର୍ଚ୍ଚନା ଉପରେ ଜାରି କରାଯାଇଥିବା କଟକଣାକୁ ଶୁକ୍ରବାର ସୁପ୍ରିମକୋର୍ଟ ଉଠାଇ ଦେଇଛନ୍ତି। ଲିଙ୍ଗଗତ ପ୍ରଭେଦ ଦୃଷ୍ଟିରୁ ଧର୍ମପୀଠରେ ହିନ୍ଦୁ ମହିଳାଙ୍କ ପ୍ରବେଶକୁ ନିଷିଦ୍ଧ କରାଯିବା ସେମାନଙ୍କ ଅଧିକାରର ଉଲ୍ଲଂଘନ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଦୀପକ ମିଶ୍ର ଅଧ୍ୟକ୍ଷତା କରୁଥିବା ୫ ଜଣିଆ ସାମ୍ବିଧାନିକ ପୀଠ ଅଭିହିତ କରିଛନ୍ତି। ଏଥିସହ ଶତାବ୍ଦୀ ପୁରୁଣା ଏହି ପରମ୍ପରା ସ୍ୱତଃ ଉଚ୍ଛେଦ ହୋଇଯାଇଛି। ମହିଳା ଅଧିକାର କର୍ମୀମାନେ ସର୍ବୋଚ୍ଚ ଅଦାଲତଙ୍କ ଏହି ଐତିହାସିକ ରାୟକୁ ସ୍ୱାଗତ କରିଛନ୍ତି।

**ଉଚ୍ଛେଦ ହେଲା ଅସାମ୍ବିଧାନିକ ପ୍ରଥା**

- ■ ମହିଳାଙ୍କୁ ପୂଜା ଅଧିକାର ଦିଆ ନ ଯିବା ମାନବିକ ମର୍ଯ୍ୟାଦା ବିରୋଧୀ
- ■ ୪:୧ ସଂଖ୍ୟାଗରିଷ୍ଠ ରାୟ, ଜଷ୍ଟିସ୍ ମାଲହୋତ୍ରାଙ୍କ ଭିନ୍ନମତ
- ■ ଋତୁସ୍ରାବକୁ ଆଳ କରି ମନ୍ଦିରରେ ମହିଳାଙ୍କ ପ୍ରବେଶ ନିଷେଧ ଥିଲା
- ■ ୧୯୯୧ରେ କେରଳ ହାଇକୋର୍ଟ ଜାରି କରିଥିଲେ କଟକଣା
- ■ ୨୦୦୬ରେ ଚ୍ୟାଲେଞ୍ଜ କରିଥିଲା ଇଣ୍ଡିଆନ୍ ୟଙ୍ଗ୍ ଲୟର୍ସ ଆସୋସିଏଶନ୍



କେରଳର ସାବରିମାଲାସ୍ଥିତ ଆୟାପ୍ପା ମନ୍ଦିର।

ଇତିହାସ କହେ ସାବରିମାଲା ମନ୍ଦିର ଦ୍ୱାଦଶ ଶତାବ୍ଦୀ ପୂର୍ବରୁ ନିର୍ମିତ ହୋଇଥିଲା। ସେଠାକୁ ପ୍ରତିବର୍ଷ ବିଶ୍ୱର କୋଣଅନୁକୋଣରୁ ପ୍ରାୟ ୫ କୋଟି ଭକ୍ତ ପ୍ରଭୁ ଆୟାପ୍ପାଙ୍କ ଦର୍ଶନ ପାଇଁ ଆସନ୍ତି। ମନ୍ଦିରକୁ ପୁରୁଷଙ୍କ ଅବାଧ ପ୍ରବେଶ ରହିଛି। ହେଲେ ୧୦ରୁ ୫୦ ବର୍ଷ ବୟସ୍କା ମହିଳାମାନଙ୍କ ଋତୁସ୍ରାବ ହେଉଥିବାରୁ ସେଠାକୁ ଗଲେ ମନ୍ଦିରର ପବିତ୍ରତା ନଷ୍ଟ ହେବ ବୋଲି ଯୁକ୍ତି ବାଢ଼ି ସେମାନଙ୍କ ପ୍ରବେଶକୁ ମନ୍ଦିର କର୍ତ୍ତୃପକ୍ଷ ଓ ବିଭିନ୍ନ ରକ୍ଷଣଶୀଳ ସଙ୍ଗଠନ ବିରୋଧ କରିଆସୁଥିଲେ। ଏହାକୁ ନେଇ ବିବାଦ ବଢ଼ିବା ପରେ ୧୯୯୧ରେ କେରଳ ହାଇକୋର୍ଟ ବିଧିବଦ୍ଧ ଭାବେ ମହିଳାଙ୍କ ପ୍ରବେଶ ଉପରେ କଟକଣା ଜାରି କରିଥିଲେ। ☞ପୃଷ୍ଠା-୪


ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ବାବୁ ଅଭାବ

**ଆଜିର ମନ୍ତବ୍ୟ**

" ସର୍ଜିକାଲ୍ ଷ୍ଟ୍ରାଇକ୍ ହେଉଛି 'ନ୍ୟୁ ଇଣ୍ଡିଆ'ର ସ୍ୱଷ୍ଟ ଚେହେରା।
–ରାଜ୍ୟବର୍ଦ୍ଧନ ସିଂ ରାଠୋର୍, କେନ୍ଦ୍ରମନ୍ତ୍ରୀ

**କିଛି ତଥ୍ୟ**

ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଜୁନ ଶେଷ ସୁଦ୍ଧା ଦେଶର ବାହ୍ୟ ଋଣରେ ୨.୮% ହ୍ରାସ ଘଟି ୫୧୪.୪ ବିଲିୟନ ଡଲାର ରହିଛି। – ଆର୍‌ବିଆଇ

ଅନିବାର୍ଯ୍ୟ କାରଣବଶତଃ କ୍ୟାରିୟର ସମ୍ପର୍କିତ ଲେଖା ପ୍ରକାଶ ପାଇପାରୁନାହିଁ।

### ଟ୍ରେଡ ୱାର୍ ଆହ୍ୱାନର ମୁକାବିଲା
## ଉଚ୍ଚସ୍ତରୀୟ କମିଟି ଗଠନ କଲା ବାଣିଜ୍ୟ ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୨୮।୯

ବିଶ୍ୱ ସ୍ତରରେ ଆରମ୍ଭ ହୋଇଥିବା ବାଣିଜ୍ୟ ଯୁଦ୍ଧ(ଟ୍ରେଡ ୱାର୍)ର ମୁକାବିଲା ଲାଗି ବାଣିଜ୍ୟ ମନ୍ତ୍ରଣାଳୟ ଏକ ଉଚ୍ଚସ୍ତରୀୟ ପରାମର୍ଶ କମିଟି ଗଠନ କରିଛି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ ଏହି କମିଟି ଗଠନକୁ ମଞ୍ଜୁରୀ ପ୍ରଦାନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଉକ୍ତ କମିଟି ବିଶ୍ୱ ସ୍ତରରେ ଦେଶର ସାମଗ୍ରୀ ବିକ୍ରି ବଢ଼ାଇବା ଉପାୟ ଉପରେ ଅନୁଧ୍ୟାନ କରି ସରକାରଙ୍କୁ ପରାମର୍ଶ ଦେବ। ଏହି କମିଟି ଦ୍ୱିପାକ୍ଷିକ ବାଣିଜ୍ୟ ସମ୍ପର୍କରେ ସୃଷ୍ଟି ହେଉଥିବା ଚାପର ପରିଚାଳନା ଏବଂ ନୂତନ ପିଢ଼ିର ନୀତି ନିର୍ଦ୍ଧାରଣ ଲାଗି ମଧ୍ୟ ଉପାୟ ସ୍ଥିର କରିବ। ଓକ୍ସେସ ରିସର୍ଚ୍ଚ ଆଣ୍ଡ ଇନଭେଷ୍ଟମେଣ୍ଟର ନିର୍ଦ୍ଦେଶକ ସୁରଜିତ ଏସ୍ ଭଲ୍ଲା କମିଟିର ଅଧ୍ୟକ୍ଷ ହେବେ। ଏଥିରେ ପୂର୍ବତନ ବହିର୍ବ୍ୟାପାର ସଚିବ ଏସ୍.ଜୟଶଙ୍କର, ମୁଖ୍ୟ ଆର୍ଥିକ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲଙ୍କ ସମେତ ଅନ୍ୟ ସଦସ୍ୟ ରହିଛନ୍ତି। ସେମାନେ ୨ ମାସ ଧରି ନିୟମିତ ବୈଠକରେ ବସି ଭବିଷ୍ୟତର ବାଣିଜ୍ୟ ନୀତି ତିଆରି ପ୍ରଣୟନ ଲାଗି ପ୍ରସ୍ତାବ ଦେବେ।

# ରାଜ୍ୟ ସରକାରଙ୍କୁ ଝଟକା

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ଆସନ୍ତା ପୌର ନିର୍ବାଚନରେ ସ୍ଥାନ ସଂରକ୍ଷଣକୁ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଜୋରଦାର ଝଟକା ଦେଇଛନ୍ତି। କୌଣସି ପରିସ୍ଥିତିରେ ପୌର ପରିଷଦ ଓ ମହାନଗର ନିଗମ ଗୁଡିକରେ ଏସ୍‌ସି,ଏସ୍‌ଟି ଏବଂ ଓବିସିଙ୍କ ପାଇଁ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଡେଇଁବ ନାହିଁ ବୋଲି ଶୁକ୍ରବାର ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ସରକାର କରିଥିବା ଆବେଦନକୁ ସୁପ୍ରିମକୋର୍ଟ ଗ୍ରହଣ କରିନାହାନ୍ତି। ଓଡ଼ିଶା ହାଇକୋର୍ଟ ଯେଉଁ ରାୟ ଶୁଣାଇଥିଲେ ସର୍ବୋଚ୍ଚ ଅଦାଲତ ତାହାକୁ କାଏମ ରଖିଛନ୍ତି। ଏହି ରାୟ ପରେ ରାଜ୍ୟରେ ହେବାକୁ ଥିବା ପୌର ନିର୍ବାଚନ ଅନିଶ୍ଚିତତା ଭିତରକୁ ଚାଲି ଯାଇଛି। ନିର୍ବାଚନ ନେଇ ରାଜ୍ୟ ସରକାର ଚଳାଇଥିବା ସମସ୍ତ ପ୍ରସ୍ତୁତି ଅକାମୀ ହୋଇଯାଇଛି।

ରାଜ୍ୟ ସରକାର ୩ଟି ମହାନଗର ନିଗମକୁ ମିଶାଇ ୯୩ଟି ଏନଏସି, ମ୍ୟୁନିସିପାଲିଟିର ନିର୍ବାଚନ କରିବାକୁ ପ୍ରସ୍ତୁତ ହୋଇଥିଲେ। ପ୍ରଥମ ପର୍ଯ୍ୟାୟରେ ୬୬ଟି ପୌର ସଂସ୍ଥାରେ ନିର୍ବାଚନ ହୋଇଥାଆନ୍ତା। ଏ ନେଇ ସ୍ଥାନ ସଂରକ୍ଷଣ, ୱାର୍ଡ ପୁନର୍ଗଠନ ଓ ସୀମା ପୁନଃ ନିର୍ଦ୍ଧାରଣ କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ସ୍ଥାନ ସଂରକ୍ଷଣକୁ ନେଇ ବିବାଦ ହୋଇଥିଲା। ନୂଆପଡା ଏନଏସିରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତକୁ ନ ଟପିବାକୁ ହାଇକୋର୍ଟ ରାୟରେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖିବା ପରେ ରାଜ୍ୟ ସରକାର ହରଡଘଣାରେ ପଡିଯାଇଛନ୍ତି। ରାଜ୍ୟର ୫୫ଟି ପୌର ସଂସ୍ଥାରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ଉପରେ ରହିଛି। ପ୍ରଚଳିତ ନିୟମ ଅନୁଯାୟୀ ଓବିସି( ପଛୁଆ ବର୍ଗ)ଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହାଛଡା ମହିଳାଙ୍କ ଲାଗି ୫୦ ପ୍ରତିଶତ, ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂଖ୍ୟାକୁ ଦେଖି ସ୍ଥାନ ସଂରକ୍ଷଣ କରାଯାଇଛି। ଏହି ଆଧାରରେ କେତେକ ପୌର ସଂସ୍ଥାରେ ସଂରକ୍ଷଣ ୫୦ ପ୍ରତିଶତରୁ ଅଧିକ ରହିଛି। ସମୟ ସରି ଆସୁଥିବାରୁ ରାଜ୍ୟ ସରକାର ପୌର ନିର୍ବାଚନକୁ ନେଇ ଅଡୁଆରେ ପଡି ଯାଇଛନ୍ତି।

ବିଶେଷଜ୍ଞଙ୍କ କହିବା କଥା ହେଲା ସୁପ୍ରିମକୋର୍ଟଙ୍କ ରାୟ ପରେ ରାଜ୍ୟ ସରକାରଙ୍କ ପାଖରେ ଦୁଇଟି ବିକଳ୍ପ ରହିଛି। ପ୍ରଥମତଃ ରାଜ୍ୟ ସରକାର ରାୟ ବିରୋଧରେ ପୁଣି ଥରେ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରି ପାରିବେ। ପୁନଃ ଅପିଲ କରି ହେବ କି ନାହିଁ ସେ ନେଇ ଆଇନ ବିଭାଗ ସହ ପରାମର୍ଶ କରିବା ପରେ ସରକାର ପରବର୍ତ୍ତୀ ପଦକ୍ଷେପ ନେବେ। ଅନ୍ୟଟି ହେଲା ସରକାରଙ୍କୁ ଓଡିଶା ପୌର ପରିଷଦ ଆଇନ ଏବଂ ଓଡିଶା ମହାନଗର ନିଗମ ଆଇନକୁ ସଂଶୋଧନ କରିବାକୁ ହେବ। ☞ପୃଷ୍ଠା-୪

**ପୌର ନିର୍ବାଚନ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ**

- ■ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ
- ■ ଅନିଶ୍ଚିତତା ଭିତରେ ନିର୍ବାଚନ



■ ଜିଦ୍‌ରେ ଅଟଳ ଆଇନଜୀବୀ

## ମାନିଲେନି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ, ୨୮।୯

ଆନ୍ଦୋଳନ ବନ୍ଦ କରି କାର୍ଯ୍ୟରେ ଯୋଗଦେବାକୁ ସୁପ୍ରିମକୋର୍ଟ ଗୁରୁବାର ହାଇକୋର୍ଟ ବାର୍ ଆସୋସିଏଶନକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଇନଜୀବୀମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶକୁ ନ ମାନି ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଏପରି କି ସେମାନେ ଶୁକ୍ରବାର ସଂଘବଦ୍ଧ ହୋଇ ହାଇକୋର୍ଟ ଫାଟକରେ ତାଲା ପକାଇ ବିଚାରପତିମାନଙ୍କୁ ଭିତରକୁ ଛାଡ଼ି ନ ଥିଲେ। ଏଥିସହିତ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଓ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଅନ୍ୟପକ୍ଷରେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ବଳବତ୍ତର ରହିବ ବୋଲି ଅପରାହ୍ନରେ ଅନୁଷ୍ଠିତ ହାଇକୋର୍ଟ ବାର୍ ଆସୋସିଏଶନ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୩ ତାରିଖ ବୈଠକ ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ବୈଠକରେ ହାଇକୋର୍ଟ ବାର୍ ଉପସଭାପତି ବଂଶୀଧର ଶତପଥୀ, ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ସାମିଲ ଥିଲେ। ଗୁରୁବାର ସୁପ୍ରିମକୋର୍ଟ ଦେଇଥିବା ନିଷ୍ପତ୍ତିକୁ ନେଇ ଆଇନଜୀବୀମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ☞ପୃଷ୍ଠା-୪

- ■ ଅକ୍ଟୋବର ୩ ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ
- ■ ପ୍ରଧାନ, ମୁଖ୍ୟ ବିଚାରପତିଙ୍କ କୁଶପୁତ୍ତଳିକା ଦାହ


| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 62 | 109 | 119 |
| ANG | 59 | 105 | 115 |

NECC NATIONAL EGG CO-ORDINATION COMMITTEE 28.09.2018 Vencobb CHICKEN *Conditions Apply
Eggs Retail Price- 48/-Dozen
Issued in the Interest of Consumers


## ସାପ କାମୁଡ଼ାରେ ୨ଭାଇ ମୃତ

କେନ୍ଦ୍ରାପଡ଼ା ଅଫିସ/ ପଟ୍ଟାମୁଣ୍ଡାଇ(ସ୍ୱ.ପ୍ର.), ୨୮।୯

ପଟ୍ଟାମୁଣ୍ଡାଇ ତହସିଲ ବନ୍ଧସାହି ଗ୍ରାମର ପ୍ରଭାକର ସାହୁଙ୍କ ଦୁଇ ପୁଅ ପପି (୧୨) ଓ ଟପି (୬)ଙ୍କର ସାପ କାମୁଡ଼ାରେ ଶୁକ୍ରବାର ଭୋରରୁ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ଦୁଇ ଭାଇ ମା'ବାପାଙ୍କ ପାଖରେ ଶୋଇଥିଲେ। ରାତି ପ୍ରାୟ ୧ଟାରେ ଟପିଙ୍କ ଗୋଡ଼କୁ ଏକ ଗୋଖର ସାପ କାମୁଡ଼ି ଦେଇଥିଲା। ସେ ଗୋଡ଼ ଛାଟି ଦେବାରୁ ସାପଟି ପପିଙ୍କ ଉପରେ ପଡ଼ି ତାଙ୍କୁ ମଧ୍ୟ ଦଂଶନ କରିଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଭୋର ୪ଟାରେ ଚିକିତ୍ସାଧୀନ ଅବସ୍ଥାରେ ☞ପୃଷ୍ଠା-୪



ମାର୍ଶଲ ଦ୍ୱୀପର ୱିନୋ ବିମାନବନ୍ଦରରେ ଶୁକ୍ରବାର ଅବତରଣ କରିବାକୁ ଚେଷ୍ଟା କରୁଥିବା ଏୟାର୍ ନ୍ୟୁଗିନି ବୋଇଂ ୭୩୭-୮୦୦ ବିମାନରେ ସମସ୍ୟା ଦେଖାଯିବା ପରେ ତାହା ପ୍ରଶାନ୍ତ ମହାସାଗରୀୟ ଚୁକ୍ ହ୍ରଦରେ ଓହ୍ଲାଇଥିଲା। ବିମାନର ଅଧିକାଂଶ ଭାଗ ବୁଡ଼ି ରହିଥିବାବେଳେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। **(ରିପୋର୍ଟ: ପୃଷ୍ଠା-୨)**

■ ତରଣ୍ଡା ଗ୍ରାମରେ ବାଘୁଣୀକୁ ନେଇ ଭୟର ବାତାବରଣ

## ଟ୍ରାଙ୍କୁଲାଇଜ୍ କରିପାରିଲେନି ବିଶେଷଜ୍ଞ ଟିମ୍

ବନ୍ତଳା, ୨୮।୯ (ଡି.ଏନ.ଏ.)-

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ଧଣ୍ଡାତୋପା ରେଞ୍ଜ ହାତୀଧରା ରିଜର୍ଭ ଜଙ୍ଗଲ କୋର୍ ଅଞ୍ଚଳରେ ଥିବା ମଇମୁରା ପଞ୍ଚାୟତର ତରଣ୍ଡା ଗ୍ରାମରେ ଶୁକ୍ରବାର ବାଘୁଣୀ ସୁନ୍ଦରୀକୁ ଦେଖିବାକୁ ମିଳିଥିଲା। ଫଳରେ ଗାଁରେ ଭୟର ବାତାବରଣ ଖେଳିଯାଇଥିଲା। ଖବରପାଇ ସ୍ୱତନ୍ତ୍ର କମିଟିର ବିଶେଷଜ୍ଞମାନେ ଗାଁରେ ପହଞ୍ଚିଥିଲେ ବି ଟ୍ରାଙ୍କୁଲାଇଜ୍ କରି ସୁନ୍ଦରୀକୁ କାବୁ କରିବାରେ ବିଫଳ ହୋଇଥିଲେ।

ଗୁରୁବାର ବାଘୁଣୀ ହାତୀଧରା ଓ କୁରାବ ଜଙ୍ଗଲ ମଧ୍ୟରେ ଥିବା ଏକ ପାହାଡ଼ ଶିଖରରେ ଥିବାବେଳେ ଶୁକ୍ରବାର ସେଠାରୁ ୭ କିଲୋମିଟର ଦୂର ତରଣ୍ଡାକୁ ପଳାଇ ଯାଇଥିଲା। ପୂର୍ବାହ୍ନ ୧୧ଟାରେ ତରଣ୍ଡା ଗାଁର ଭାମା ନାୟକ(୨୫) ଖାତକୁ ଗୋବର ପକାଇବାକୁ ଯାଇ ବାଘୁଣୀକୁ ଦେଖିବାକୁ ପାଇଥିଲେ। ମାତ୍ର ୨୦ ଫୁଟ ଦୂରତାରେ ଥିଲେ ବି ବାଘୁଣୀ ସୁନ୍ଦରୀ ଆକ୍ରମଣ କରି ନ ଥିଲା। ତଥାପି ଭୟଭୀତ ଭାମା ଧୀରେ ଧୀରେ ସେଠାରୁ ପଳାଇ ଆସିଥିଲେ। ଖବର ପାଇ ଭୟଭୀତ ଗ୍ରାମବାସୀ ବାହାରେ ଥିବା ଗୋରୁ ଓ ଛେଳିପଲଙ୍କୁ ଭିତରକୁ ନେଇଯାଇଥିଲେ। ସୁନ୍ଦରୀର ଉପସ୍ଥିତି ଜଣାପଡ଼ିବା ମାତ୍ରେ ଡବ୍ଲ୍ୟୁଆଇଆଇର ବରିଷ୍ଠ ବୈଜ୍ଞାନିକ ଡ. କେ. ରମେଶ, କାହ୍ନା ଜାତୀୟ ବ୍ୟାଘ୍ର ପ୍ରକଳ୍ପର ବରିଷ୍ଠ ଭେଟେରିନାରୀ ☞ପୃଷ୍ଠା-୪



ଟ୍ରାଙ୍କୁଲାଇଜ୍ ପାଇଁ ବିଶେଷଜ୍ଞମାନେ ଯାଉଛନ୍ତି। (ଅଧିକ ରିପୋର୍ଟ ପୃଷ୍ଠା-୧୨)




"ସହରୀ ମାଓବାଦୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର ରଚୁଥିବାବେଳେ କଂଗ୍ରେସ ମୁଖ୍ୟ ରାହୁଲ ଗାନ୍ଧୀ ସେମାନଙ୍କୁ ସମର୍ଥନ କରୁଛନ୍ତି। ଲୋକଙ୍କ ସମର୍ଥନ ପାଉ ନ ଥିବାରୁ ରାହୁଲ ବୋଧହୁଏ ପାଗଳ ହୋଇଯାଇଛନ୍ତି। ମାନସିକ ଭାରସାମ୍ୟ ହରାଇ ସେ ଏସବୁ କରୁଛନ୍ତି।
- ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧକ୍ଷ



## ସଂକ୍ଷେପରେ

### ଭାରତ ଆସୁଛନ୍ତି ପୁଟିନ୍



**ନୂଆଦିଲ୍ଲୀ, ୨୮।୯(ଆଇଏଏନ୍ଏସ୍):** ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଆସନ୍ତା ମାସ ଭାରତ ଗସ୍ତରେ ଆସୁଛନ୍ତି। ଅକ୍ଟୋବର ୪ ଏବଂ ୫ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ରୁଷିଆ ବାର୍ଷିକ ଦ୍ୱିପାକ୍ଷିକ ଆଲୋଚନାରେ ସେ ସାମିଲ ହେବେ। ଶୁକ୍ରବାର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏନେଇ ଘୋଷଣା କରାଯାଇଛି। ପୁଟିନ୍ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିବା ସହ ଏକାଧିକ ଚୁକ୍ତି ସ୍ୱାକ୍ଷର କରିବେ ବୋଲି କ୍ରେମ୍ଲିନ ପ୍ରେସ୍ ସର୍ଭିସ୍ ସୂତ୍ରରୁ ଜଣାପଡ଼ିଛି।

### ହ୍ରଦରେ ଓହ୍ଲାଇଲା ବିମାନ

**ମାଜୁରୋ,୨୮।୯(ପି.ଟି.):** ପାଣିରେ ପହଁରିଲେ ବିମାନଯାତ୍ରୀ। ପ୍ରଶାନ୍ତ ମହାସାଗରୀୟ ମାର୍ଶାଲ ଦ୍ୱୀପାଞ୍ଚଳରେ ଶୁକ୍ରବାର ଏଭଳି କିଛି ଦୃଶ୍ୟ ଦେଖିବାକୁ ମିଳିଛି। ଅବତରଣ ବେଳେ ସମସ୍ୟା ଦେଖାଯିବା ପରେ ଉପକୂଳବର୍ତ୍ତୀ ହ୍ରଦରେ ଓହ୍ଲାଇଛି ଯାତ୍ରୀବାହୀ ବିମାନ। ବିମାନଟି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିବା ସହ ୩୫ ଯାତ୍ରୀ ଏବଂ ୧୨ କର୍ମଚାରୀ ନୂଆ ଜୀବନ ପାଇଛନ୍ତି। ଏୟାର୍ ନ୍ୟୁଗିନି ବୋଇଂ ୭୩୭-୮୦୦ ବିମାନ ପ୍ରଶାନ୍ତ ମହାସାଗରୀୟ ଉପାନ୍ତ ଦ୍ୱୀପ ମାଇକ୍ରୋନେସିଆର ୱେନୋ ବିମାନବନ୍ଦରରେ ଶୁକ୍ରବାର ଅବତରଣ କରିବାକୁ ଚେଷ୍ଟା କରୁଥିବା ବେଳେ ସେଥିରେ କିଛି ସମସ୍ୟା ଦେଖା ଦେଇଥିଲା। ବିମାନବନ୍ଦରରେ ପହଞ୍ଚିବା ପୂର୍ବରୁ ବିମାନଟି ଚୁକ୍ ହ୍ରଦରେ ଅବତରଣ କରିଥିଲା। ଧୀରେ ଧୀରେ ଏହା ବୁଡ଼ିବା ଆରମ୍ଭ କରିଥିଲା। ପାଣି ସେତେ ଗଭୀର ନ ଥିଲା। ତଥାପି ବିମାନର ଅଧିକାଂଶ ଅଂଶ ବୁଡ଼ିଯାଇଥିଲା। ଏହାପରେ ଉଦ୍ଧାରକାରୀ ବୋଟ୍‌ରେ ବିମାନ ଭିତରୁ ଯାତ୍ରୀଙ୍କୁ ବାହାର କରାଯାଇଥିଲା। କେତେକ ଯାତ୍ରୀ ବିମାନରୁ ବାହାରି ପହଁରିବା ମଧ୍ୟ ଆରମ୍ଭ କରି ଦେଇଥିଲେ। ତେବେ ଏଥିରେ କେତେଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଛନ୍ତି। କାହାକୁ ଗଭୀର ଆଘାତ ଲାଗି ନ ଥିବା ଏୟାର୍ ନ୍ୟୁଗିନି ପକ୍ଷରୁ ସୂଚନା ଦିଆଯାଇଛି।

### ଇଣ୍ଡୋନେସିଆରେ ଶକ୍ତିଶାଳୀ ଭୂକମ୍ପ, ସୁନାମି ଆଶଙ୍କା

**ଜାକର୍ତ୍ତା,୨୮।୯(ପି.ଟି.):** ଇଣ୍ଡୋନେସିଆର ସୁଲାୱେସି ଦ୍ୱୀପରେ ଶୁକ୍ରବାର ଶକ୍ତିଶାଳୀ ଭୂକମ୍ପ ସଂଘଟିତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୫ ରହିଥିଲା। ଏଥିରେ ବ୍ୟାପକ ମାତ୍ରାରେ ଘରଦ୍ୱାର ନଷ୍ଟ ହୋଇଥିବାବେଳେ ଏପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟ ସାମ୍ନାକୁ ଆସିଛି। ସୁନାମି ନେଇ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି।

## ଭୀମା-କୋରେଗାଓଁ ମାମଲା: ସାମାଜିକ କର୍ମୀଙ୍କ ଗିରଫଦାରିକୁ ଚ୍ୟାଲେଞ୍ଜ

# ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୮।୯(ପି.ଟି.)**

ଭୀମା-କୋରେଗାଓଁ ହିଂସା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ୫ ସାମାଜିକ କର୍ମୀଙ୍କ ଗିରଫଦାରି ମାମଲାରେ ହସ୍ତକ୍ଷେପ କରିବାକୁ ଶୁକ୍ରବାର ସୁପ୍ରିମକୋର୍ଟ ମନାକରିଦେଇଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନ ଉପରେ ପ୍ରଶ୍ନ ଉଠାଇ ଅନେକେ ତଦନ୍ତ ଦାବି କରୁଛନ୍ତି। ଏଥିଲାଗି ସ୍ୱତନ୍ତ୍ର ତଦନ୍ତ ଟିମ୍ (ଏସ୍ଆଇଟି) ଗଠନ କରାଯାଉ ବୋଲି ମଧ୍ୟ ଆବେଦନରେ ଦର୍ଶାଯାଇଥିଲା। କିନ୍ତୁ ଏହାକୁ ଅଗ୍ରାହ୍ୟ କରିବା ସହ ଏସ୍ଆଇଟି ନିଯୁକ୍ତ କରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଏଥିସହିତ ସାମାଜିକ କର୍ମୀଙ୍କ ଗୃହବନ୍ଦୀ ଅବଧି ଆଉ ୪ ସପ୍ତାହ ଘୁଞ୍ଚାଇଦିଆଯାଇଛି। ବର୍ତ୍ତମାନ ତଦନ୍ତରେ ଆଗେଇବା ଲାଗି ପୁଣେ ପୋଲିସ ପାଇଁ ବାଟ ଫିଟିଯାଇଛି।

ଗତବର୍ଷ ଡିସେମ୍ବର ୩୧ରେ 'ଏଲ୍‌ଗାର ପରିଷଦ' କନ୍‌କ୍ଲେଭ ହେବା ପରେ ମହାରାଷ୍ଟ୍ରରେ ଭୀମା କୋରେଗାଓଁ ହିଂସା ଘଟିଥିଲା। ଘଟଣା ପଛରେ ଏକ ଲମ୍ବା ନେଟ୍‌ୱର୍କର ହାତ ରହିଥିବା ପୋଲିସ ସନ୍ଦେହ କରୁଥିଲା। ଏହାପରେ ଏତଲାକୁ ଭିତ୍ତି କରି ଗତ ଅଗଷ୍ଟ ୨୮ରେ ମହାରାଷ୍ଟ୍ର ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ ସାମାଜିକ କର୍ମୀଙ୍କୁ ଗିରଫ କରିଥିଲା। ଅଗଷ୍ଟ ୨୯ରୁ ସେମାନେ ଗୃହବନ୍ଦୀ ଅଛନ୍ତି। ଏମାନଙ୍କୁ 'ସହରୀ ମାଓବାଦୀ' ବୋଲି କୁହାଯାଉଛି। ସାମାଜିକ କର୍ମୀଙ୍କ ଗିରଫଦାରି ଉଦ୍ଦେଶ୍ୟମୂଳକ କାର୍ଯ୍ୟାନୁଷ୍ଠାନ ବୋଲି ଦର୍ଶାଇବା ସହ ସେମାନଙ୍କୁ ତୁରନ୍ତ ମୁକ୍ତ କରାଯାଉ ବୋଲି ଦାବିକରି କେତେଜଣ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ରାୟ ପ୍ରକାଶ କରିଛନ୍ତି। ୨:୧ ରାୟରେ କୋର୍ଟ ସାମାଜିକ କର୍ମୀଙ୍କୁ ମୁକୁଳାଇବା ଲାଗି ହୋଇଥିବା ଆବେଦନକୁ ଖାରଜ କରିଦେଇଛନ୍ତି। ଅଧିକନ୍ତୁ ବାର୍‌ବରା ରାଓ, ଅରୁଣ ଫେରିରା, ଭର୍ନନ ଗନ୍‌ସାଲ୍‌ଭସ୍, ସୁଧା ଭରଦ୍ୱାଜ ଏବଂ ଗୌତମ ନଭଲାଖା ଆଉ ୪ ଗୃହବନ୍ଦୀ ହୋଇ ରହିବେ ବୋଲି କୋର୍ଟ ସ୍ପଷ୍ଟ କରିଦେଇଛନ୍ତି। ଇତିମଧ୍ୟରେ ସେମାନେ ଆଶ୍ୱସ୍ତି ଲାଭ ପାଇଁ ଉପଯୁକ୍ତ ନ୍ୟାୟିକ ଫୋରମ୍‌ର ସାହାଯ୍ୟ ନେଇପାରିବେ।

ଖଣ୍ଡପୀଠର ସଂଖ୍ୟାଗରିଷ୍ଠ ଅର୍ଥାତ୍ ଦୁଇ ସଦସ୍ୟ କହିଛନ୍ତି ଯେ, ଅଭିଯୁକ୍ତମାନଙ୍କ ବିରୋଧରେ ହୋଇଥିବା ମାମଲାର ତଦନ୍ତ କେଉଁ ସଂସ୍ଥା କରିବା ଉଚିତ ତାହା ସେମାନେ ନିଜେ ସ୍ଥିର କରିପାରିବେ ନାହିଁ। ତା'ଛଡ଼ା ରାଜନୈତିକ ମତଭେଦକୁ ନେଇ ଏହି ଗିରଫଦାରି ହୋଇ ନାହିଁ। ପ୍ରଧାନ ବିଚାରପତି ଏବଂ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏହି ମତ ରଖିଥିବାବେଳେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଭିନ୍ନ ମତ ଦେଇଛନ୍ତି। ଅନ୍ୟ ଦୁଇ ବିଚାରପତିଙ୍କ ସହ ସେ ଏକମତ ନ ଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। ସେ କହିଛନ୍ତି ଯେ, ସରକାର ବିରୋଧରେ ସ୍ୱର ଉଠାଉଥିବାରୁ କଠୋର ବାମପନ୍ଥୀ ତଥା ଲେଖକ ବାର୍‌ବରାଙ୍କ ସମେତ ୫ ସାମାଜିକ କର୍ମୀଙ୍କୁ ଗିରଫ କରାଯାଇଛି। ମତଭେଦ ପ୍ରଗତିଶୀଳ ଗଣତନ୍ତ୍ରର ପ୍ରତୀକ।

ଐତିହାସିକ ରୋମିଲା ଥାପରଙ୍କ ସମେତ ଅର୍ଥନୀତିଜ୍ଞ ପ୍ରଭାତ ପଟ୍ଟନାୟକ, ଦେବକୀ ଜୈନ, ସମାଜ ବିଜ୍ଞାନ ପ୍ରଫେସର ସତୀଶ ଦେଶପାଣ୍ଡେ ଏବଂ ମାନବିକ ଅଧିକାର ପାଇଁ ଲଢୁଥିବା ଆଇନଜୀବୀ ମଜା ଦାରୁୱାଲା ଜନସ୍ୱାର୍ଥ ଆବେଦନ (ପିଆଇଏଲ୍) ଦାଏର କରିଥିଲେ। ସାମାଜିକ କର୍ମୀଙ୍କୁ ବନ୍ଦୀ ଜୀବନରୁ ମୁକ୍ତିଦେବା ସହ ପୋଲିସ କାର୍ଯ୍ୟାନୁଷ୍ଠାନର ପ୍ରକୃତ କାରଣ ଜାଣିବା ଲାଗି ସ୍ୱତନ୍ତ୍ର ତଦନ୍ତ ହେଉ ବୋଲି ସେମାନେ ଦର୍ଶାଇଥିଲେ। କିନ୍ତୁ ଏହାକୁ ଅଗ୍ରାହ୍ୟ କରି କୋର୍ଟ କହିଛନ୍ତି, ସାମାଜିକ କର୍ମୀଙ୍କୁ ମତଭେଦ କିମ୍ବା ବିକ୍ଷୋଭ ପ୍ରଦର୍ଶନ ପାଇଁ ଗିରଫ କରାଯାଇନାହିଁ। ବରଂ ସେମାନେ ବେଆଇନ ଘୋଷିତ ସିପିଆଇ(ମାଓବାଦୀ) ସଙ୍ଗଠନ ସହ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ମତ ହେଲା, ଉପଯୁକ୍ତ ତଦନ୍ତ ନ କରି ଅଭିଯୁକ୍ତଙ୍କୁ ଅତ୍ୟାଚାର କରିବା ସମ୍ବିଧାନ ବିରୋଧୀ କାର୍ଯ୍ୟ। କାରଣ ସମ୍ବିଧାନ ସ୍ୱାଧୀନତାର ସହ ବଞ୍ଚିବାକୁ ଅଧିକାର ପ୍ରଦାନ କରିଛି। ତେଣୁ ଏହି ମାମଲାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏସ୍ଆଇଟି ତଦନ୍ତ ହେବା ଉଚିତ। ଏହି ପରିପ୍ରେକ୍ଷୀରେ ସେ ଗୁପ୍ତଚରଗିରି ଅଭିଯୋଗରେ ତୁଚ୍ଛାଟାରେ ଗିରଫ ହୋଇଥିବା ଇସ୍ରୋ ବୈଜ୍ଞାନିକ ନମ୍ବି ନାରାୟଣନ୍‌ଙ୍କ ଉଦାହରଣ ଦେଇଛନ୍ତି।

ସାମାଜିକ କର୍ମୀଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ଆନନ୍ଦ ଗ୍ରୋଭର, ଅଶ୍ୱିନୀ କୁମାର ଏବଂ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ଦର୍ଶାଇଥିଲେ ଯେ, ଏହି ମାମଲା ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଉପରେ ପର୍ଯ୍ୟବସିତ। ସାମାଜିକ କର୍ମୀଙ୍କ ସ୍ୱାଧୀନତାକୁ ସୁରକ୍ଷିତ ରଖିବା ଉଚିତ। ଏହାପରେ ଖଣ୍ଡପୀଠର ସଂଖ୍ୟାଗରିଷ୍ଠ ସଦସ୍ୟ କହିଛନ୍ତି ଯେ, ସାମାଜିକ କର୍ମୀଙ୍କ ବିରୋଧରେ ମିଛ ପ୍ରମାଣ ଯୋଗାଡ଼ କରାଯାଇଥିବା ସାମ୍ନାକୁ ଆସିଲେ ଯାଇ ଏସ୍ଆଇଟି ତଦନ୍ତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇପାରନ୍ତି। ତେବେ ଏହି ରାୟ ଅତି ଦୁର୍ଭାଗ୍ୟଜନକ ବୋଲି ବାର୍‌ବରାଙ୍କ ପରିବାର ଲୋକେ କହିଛନ୍ତି।

**ଏସ୍ଆଇଟି ଗଠନକୁ ନା**

- ୫ ସାମାଜିକ କର୍ମୀଙ୍କ ଗୃହବନ୍ଦୀ ଅବଧି ୪ ସପ୍ତାହ ବଢ଼ିଲା
- ମତଭେଦ ଯୋଗୁ ଗିରଫ କରାଯାଇ ନାହିଁ: ଅଦାଲତ
- ୨:୧ ରାୟରେ ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଭିନ୍ନ ମତ
- ତଦନ୍ତରେ ଆଗେଇପାରିବ ପୁଣେ ପୋଲିସ






"ସୁପ୍ରିମକୋର୍ଟଙ୍କ ରାୟ ପରେ ପୁଣେ ପୋଲିସ ଏବଂ ଦେଶବାସୀଙ୍କ ବିଜୟ ହୋଇଛି। ପୋଲିସର ତଦନ୍ତକୁ ଭିତ୍ତି କରି କୋର୍ଟ ନିଷ୍ପତ୍ତି ନେଇଥିବାରୁ ଏହାକୁ ଆମେ ସ୍ୱାଗତ କରୁଛୁ। ବିରୋଧୀଙ୍କ ସ୍ୱର ଦବାଇବା ପାଇଁ ରାଜନୈତିକ ପ୍ରଭାବ ପକାଯାଇପାରିବ ନାହିଁ କିମ୍ବା ଷଡ଼ଯନ୍ତ୍ର ରଚାଯାଇପାରିବନି ବୋଲି ଅଦାଲତ ସ୍ୱୀକାର କରିଛନ୍ତି।"
**- ଦେବେନ୍ଦ୍ର ଫଡ଼ନ୍‌ବିସ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**



"ଦେଶ ପାଇଁ ଏହା ଏକ ଐତିହାସିକ ଦିବସ। ସୁପ୍ରିମକୋର୍ଟଙ୍କ ରାୟ ଭାଜପାର ଯୁକ୍ତିକୁ ସମର୍ଥନ କରିଛି ଏବଂ କଂଗ୍ରେସ ହାରିଯାଇଛି। ଦେଶର ନିରାପତ୍ତା ସହ ଖେଳୁଥିବା ରାହୁଲ ଗାନ୍ଧୀ ଲଜ୍ଜାରେ ମୁଣ୍ଡ ନୁଆଁଇବା ଉଚିତ।"
**- ସମ୍ବିତ ପାତ୍ର, ଭାଜପା ମୁଖପାତ୍ର**



## ସର୍ଜିକାଲ ଷ୍ଟ୍ରାଇକକୁ ୨ବର୍ଷ

# ପରାକ୍ରମ ପର୍ବ ପାଳିତ

**ଯୋଧପୁର,୨୮।୯(ପି.ଟି)**

ସର୍ଜିକାଲ ଷ୍ଟ୍ରାଇକର ଦ୍ୱିତୀୟବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର 'ପରାକ୍ରମ ପର୍ବ'ର ଉଦ୍‌ଘାଟନ କରିଛନ୍ତି। ରାଜସ୍ଥାନର ବାଟେଲ ଏକ୍ସ ପଡିଆରେ ପହଞ୍ଚିବା ପରେ ମୋଦି କୋଣାର୍କ ୱାର ମେମୋରିଆଲରେ ଶହୀଦଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ସେନାର ପରାକ୍ରମ ଦେଖାଇବା ପାଇଁ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ସହ ଏହି କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀଥାରାମନ୍ ଏବଂ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ଏବଂ ୩ ସେନା ମୁଖ୍ୟ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ଶେଷ ହେବା ପରେ ମୋଦି ଏବଂ ସୀଥାରାମନ୍ ଯୋଧପୁର ବାୟୁସେନା ଘାଟିରେ କମାଣ୍ଡରଙ୍କ ମିଳିତ ସମ୍ମିଳନୀରେ ଯୋଗଦେଇଥିଲେ। ୨୦୧୬ ସେପ୍ଟେମ୍ବର ୨୯ରେ ନିୟନ୍ତ୍ରଣ ରେଖା ନିକଟରେ ଭାରତୀୟ ସେନାର ସର୍ଜିକାଲ ଷ୍ଟ୍ରାଇକ୍‌ରେ ପାକିସ୍ତାନର ୭ ଟି ଆତଙ୍କବାଦୀ ଲଞ୍ଚ ପ୍ୟାଡ୍‌କୁ ଧ୍ୱଂସ କରିଦିଆଯାଇଥିଲା। ସେବେଠାରୁ ଏହି ଦିନକୁ ସର୍ଜିକାଲ ଷ୍ଟ୍ରାଇକ୍ ଦିବସ ପାଳନ କରାଯାଉଛି।

# ଏନ୍‌ସିପି ଛାଡ଼ିଲେ ଅନ୍‌ୱର




- ପାୱାର ରାଫାଲ୍ ଚୁକ୍ତିକୁ ସମର୍ଥନ କରିବା ପରେ ଦଳରେ ବିଦ୍ରୋହ
- ଆଗୁଆ ସ୍ୱାଗତ ଜଣାଇଲା କଂଗ୍ରେସ

**କଟିହାର/ନୂଆଦିଲ୍ଲୀ,୨୮।୯(ପି.ଟି.)**

ରାଫାଲ୍ ଚୁକ୍ତିକୁ ନେଇ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧକ୍ଷ ଶରଦ ପାୱାର୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ ଜଣାଇବା ପରେ ଦଳରେ ବିଦ୍ରୋହର ସୂତ୍ରପାତ ଘଟିଛି। ଏଭଳି ମନ୍ତବ୍ୟ ପରେ ପାୱାର୍‌ଙ୍କୁ ବିରୋଧ କରି ଏନ୍‌ସିପି ସାଧାରଣ ସମ୍ପାଦକ ତାରିକ୍ ଅନ୍‌ୱର ଦଳ ଏବଂ ପାର୍ଲାମେଣ୍ଟ ସଦସ୍ୟ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ନିଜ ନିର୍ବାଚନମଣ୍ଡଳୀ ବିହାରର କଟିହାରରୁ ଏକ ଖବରଦାତା ସମ୍ମିଳନୀରେ ଏନ୍‌ସିପିର ପ୍ରତିଷ୍ଠାତା ସଦସ୍ୟ ଅନ୍‌ୱର ଦଳର ସମସ୍ତ ପଦପଦବୀରୁ ଇସ୍ତଫା ଦେଇଥିବା ଘୋଷଣା କରିଛନ୍ତି।


ଅନ୍‌ୱର କହିଛନ୍ତି, ରାଫାଲ୍ ଯୁଦ୍ଧବିମାନକୁ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟ ଭୁଲ ନୁହେଁ ବୋଲି ସେ ମତ ଦେଇଥିଲେ। ତାଙ୍କର ଏଭଳି ମନ୍ତବ୍ୟରେ ମର୍ମାହତ। ଏଥିଲାଗି ସେ ଦଳ ଛାଡ଼ିଛନ୍ତି। ରାଫାଲ୍ ଚୁକ୍ତି ଦୁର୍ନୀତିର ତଦନ୍ତ ଲାଗି ଯୁଗ୍ମ ସଂସଦୀୟ କମିଟି (ଜେପିସି) ଗଠନ କରିବା ନେଇ କଂଗ୍ରେସ କରିଥିବା ଦାବିକୁ ଅନ୍‌ୱର ସମର୍ଥନ କରିଛନ୍ତି। ଏହି ପ୍ରସଙ୍ଗରେ ସରକାର ଶ୍ୱେତପତ୍ର ଆଣନ୍ତୁ ବୋଲି କହିଛନ୍ତି। ତେବେ ଏନ୍‌ସିପି ଛାଡ଼ିବା ପରେ ଅନ୍‌ୱର କଂଗ୍ରେସରେ ଯୋଗଦେବା ନେଇ ଚର୍ଚ୍ଚା ଚାଲିଥିବାବେଳେ ଭବିଷ୍ୟତ ରାଜନୈତିକ କାର୍ଯ୍ୟପନ୍ଥା ସ୍ଥିର କରି ନ ଥିବା ସେ କହିଛନ୍ତି। ଅନ୍‌ୱରଙ୍କ ଆଗାମୀ ପଦକ୍ଷେପକୁ ଉତ୍କଣ୍ଠାର ସହ ଅପେକ୍ଷା କରି ରହିଥିବା କଂଗ୍ରେସ ଏମ୍‌ଏଲ୍‌ସି ପ୍ରେମ ଚାନ୍ଦ ମିଶ୍ର ପ୍ରକାଶ କରିଛନ୍ତି। ପ୍ରସଙ୍ଗରେ ସ୍ପଷ୍ଟୀକରଣ ରଖିଛନ୍ତି ତାଙ୍କ ଝିଅ ତଥା ଏମ୍‌ପି ସୁପ୍ରିୟା ସୁଲେ। ଏହାସହ ରାଫାଲ୍ ଦୁର୍ନୀତିର ଜେପିସି ତଦନ୍ତ ଦାବି କରିଛନ୍ତି ସୁଲେ। ସେ କହିଛନ୍ତି, ରାଫାଲ୍ ଦୁର୍ନୀତି ପ୍ରସଙ୍ଗରେ ପାୱାର୍ ଦେଇଥିବା ମନ୍ତବ୍ୟର ଭୁଲ ଅର୍ଥ ବାହାର କରାଯାଉଛି। ପ୍ରକୃତରେ ସେ ଘଟଣାର ଜେପିସି ତଦନ୍ତ ଦାବି କରିଥିଲେ। କିନ୍ତୁ ସାକ୍ଷାତ୍‌କାରରେ ପାୱାର ଉଠାଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରାଯିବା ନୈରାଶ୍ୟଜନକ ବିଷୟ।

## ଇତିହାସର ଆଇନାରେ

### ସେପ୍ଟେମ୍ବର ୨୯ର ପ୍ରମୁଖ ଘଟଣା

୧୯୮୮ ସେପ୍ଟେମ୍ବର ୨୯ରେ ନାସା ପକ୍ଷରୁ ମହାକାଶକୁ ଏସ୍‌ଟିଏସ୍-୨୬ ପ୍ରେରଣ କରାଯାଇଥିଲା। ଏହାକୁ ଫ୍ଲୋରିଡାର କେନେଡି ମହାକାଶ କେନ୍ଦ୍ରରୁ ପଠାଯାଇଥିଲା।

୨୦୧୩ ସେପ୍ଟେମ୍ବର ୨୯ରେ ନାଇଜେରିଆର କଲେଜ ଅଫ୍ ଏଗ୍ରିକଲଚରରେ ବୋକୋ ହାରାମ ଆତଙ୍କବାଦୀ ସଙ୍ଗଠନ ୪୨ ଛାତ୍ରଙ୍କୁ ହତ୍ୟା କରିଥିଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଘଡ଼ଘଡ଼ି ସହ ବର୍ଷା ମଧ୍ୟ ହୋଇପାରେ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୪ | ୨୫.୨ |
| ଚାନ୍ଦବାଲି | ୩୫.୨ | ୨୫.୪ |
| କଟକ | ୩୪.୦ | ୨୪.୨ |
| ପାରାଦ୍ୱୀପ | ୩୩.୦ | ୨୭.୭ |
| ଭୁବନେଶ୍ୱର | ୩୪.୦ | ୨୫.୭ |
| ଗୋପାଳପୁର | ୩୩.୪ | ୨୬.୫ |
| ପୁରୀ | ୩୪.୨ | ୨୮.୦ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୪.୦ | ୨୪.୦ |
| ଝାରସୁଗୁଡ଼ା | ୩୫.୪ | ୨୫.୦ |
| କେନ୍ଦୁଝର | ୩୨.୭ | ୨୨.୯ |
| ସମ୍ବଲପୁର | ୩୫.୪ | ୨୫.୮ |
| ସୁନ୍ଦରଗଡ଼ | --- | ୨୦.୫ |
| ହୀରାକୁଦ | ୩୫.୩ | ୨୫.୫ |
| ତାଲଚେର | ୩୫.୦ | ୨୫.୫ |
| ଭବାନୀପାଟଣା | ୩୩.୦ | ୨୩.୫ |
| ବଲାଙ୍ଗୀର | ୩୫.୦ | ୨୫.୦ |
| କୋରାପୁଟ | ୨୯.୨ | ୧୯.୦ |
| ଫୁଲବାଣୀ | ୩୨.୦ | ୧୯.୮ |
| ଟିଟିଲାଗଡ଼ | ୩୫.୦ | ୨୨.୫ |
| ମାଲକାନଗିରି | ୩୪.୦ | --- |
| ସୋନପୁର | ୩୫.୦ | ୨୪.୦ |
| ଦାରିଙ୍ଗିବାଡ଼ି | ୨୬.୦ | ୧୮.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ୮୯ରେ ପଦାର୍ପଣ କଲେ ଲତା



**ମୁମ୍ବାଇ:** ବଲିଉଡ୍ ସଂଗୀତ ଜଗତର ବିଶିଷ୍ଟ କୋକିଳକଣ୍ଠୀ ଗାୟିକା ଲତା ମଙ୍ଗେସ୍କର ଶୁକ୍ରବାର ୮୯ ବର୍ଷରେ ପଦାର୍ପଣ କରିଛନ୍ତି। ସଂଗୀତ ଶିଳ୍ପରେ ତାଙ୍କର ମହନୀୟ ଅବଦାନ ଲାଗି ତାଙ୍କୁ 'ମେଲୋଡି କୁଇନ୍' ଏବଂ 'ଭାରତର ବୁଲ୍‌ବୁଲ୍' ଆଖ୍ୟା ଦିଆଯାଏ। ୧୯୪୨ରୁ ୨୦୧୫ ପର୍ଯ୍ୟନ୍ତ ତାଙ୍କ ଗାୟିକା ଜୀବନର ସୁଦୀର୍ଘ ଯାତ୍ରା ତାଙ୍କୁ ଶ୍ରୋତା ମହଲରେ ସୁପରିଚିତ କରାଇପାରିଛି। ସେ ୧୩ବର୍ଷ ବୟସରେ ୧୯୪୨ରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଏ ପର୍ଯ୍ୟନ୍ତ ସେ ବିଭିନ୍ନ ଭାଷାର ୨୫,୦୦୦ ଗୀତ ଗାଇ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଛନ୍ତି। ତାଙ୍କର 'ବିନ୍ଦିଆ ଚମ୍‌କେଗି', 'ଅଜିବ ଦସ୍ତାନା ହୈ ୟେ', 'ତୁନେ ଓ ରଙ୍ଗିଲା କୈସା ଯାଦୁ କିୟା', 'ମେରେ ହାତୋଁ ମେ', 'ଆଜା ଶାମ୍ ହୋନେ ଆୟି', 'ଦିଲ୍ ଦିୱାନା ବିନ୍ ସଜାନା କି' ଭଳି ଅନେକ ଗୀତ ଦର୍ଶକଙ୍କ ହୃଦୟକୁ ଛୁଇଁପାରିଛି। ସେ ଏକମାତ୍ର ଗାୟିକା ଯିଏ ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତରତ୍ନ' ଦ୍ୱାରା ସମ୍ମାନିତ। ସେ ମଧ୍ୟ ଦାଦାସାହେବ ଫାଲ୍‌କେ ପୁରସ୍କାର, ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ପୁରସ୍କାର(ଅଫିସର ଅଫ୍ ଦି ଲିଜିୟନ୍ ଅଫ୍ ଅନର), ୩ଟି ଜାତୀୟ ପୁରସ୍କାର ଏବଂ ଅନେକ ଫିଲ୍ମଫେୟାର ପୁରସ୍କାର ଲାଭ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମେଲୋଡି କୁଇନ୍ ଲତାଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି। ଲତା ଦିଦି ସୁଲଳିତ କଣ୍ଠସ୍ୱର ଦ୍ୱାରା କୋଟି କୋଟି ଦେଶବାସୀଙ୍କର ପ୍ରିୟଭାଜନ ହୋଇପାରିଥିବା କହିବା ସହିତ ତାଙ୍କର ସୁସ୍ଥ ଓ ଦୀର୍ଘଜୀବନ କାମନା କରିଛନ୍ତି।

ଜିଏସ୍‌ଟି କ'ଣ ?
ଜିଏସ୍‌ଟି ସୂଚନା ସିରିଜ୍
ଆପଣ ଜାଣନ୍ତି କି?
1 NATION 1 TAX 1 MARKET
- ଏହା ହେଉଛି ସମଗ୍ର ରାଷ୍ଟ୍ର ପାଇଁ ଏକ ଏକକ ପରୋକ୍ଷ ଟିକସ।
- ଏହା ସାମଗ୍ରୀର କିମ୍ବା ସେବା ଅଥବା ଉଭୟର ଯୋଗାଣ ଉପରେ ଲାଗୁ ହେଉଥିବା ଗନ୍ତବ୍ୟସ୍ଥଳୀ-ଭିତ୍ତିକ ଟିକସ।
- ମନୁଷ୍ୟ ଉପଯୋଗ ପାଇଁ ଆଲ୍‌କହଲ୍ ଏବଂ ପାଞ୍ଚଟି ପେଟ୍ରୋଲିୟମ୍ ଉତ୍ପାଦ (ଯଥା ଅଶୋଧିତ ପେଟ୍ରୋଲିୟମ୍, ମୋଟର ସ୍ପିରିଟ୍ (ପେଟ୍ରୋଲ୍), ହାଇ ସ୍ପିଡ୍ ଡିଜେଲ୍, ପ୍ରାକୃତିକ ବାଷ୍ପ ଏବଂ ଏଭିଏଶନ୍ ଟର୍ବାଇନ୍ ଫୁଏଲ୍)କୁ ବର୍ତ୍ତମାନ ଜିଏସ୍‌ଟିରୁ ବାହାରେ ରଖାଯାଇଛି।
- ଚାରିଗୋଟି ଟିକସ ସ୍ଲାବ୍ – ୫%, ୧୨%, ୧୮% ଏବଂ ୨୮% ଏବଂ କ୍ଷତିପୂରଣ ସେସ୍।
- ସାଧାରଣ ଭାବେ ବ୍ୟବହୃତ ଅନେକ ସାମଗ୍ରୀ ଉପରେ ଜିଏସ୍‌ଟି ଛାଡ଼ ରଖାଯାଇଛି।



ଜିଏସ୍‌ଟି - ଏକ ଉତ୍ତମ ଓ ସରଳ ଟିକସ
କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ପରିଷଦ
ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ବାଣିଜ୍ୟ କର ବିଭାଗ
www.cbic.gov.in, www.cbec-gst.gov.in
ଏକ ରାଷ୍ଟ୍ର ନିର୍ମାଣ ହୁଏ, ଯେବେ ଟିକସ ଦେଉ ହୁଏ
davp 15502/13/0037/1819







■ ଟିଟୋଙ୍କ ସହ ଅର୍ଥ କାରବାର ଲିଙ୍କରେ ଭିଜିଲାନ୍ସର ଖୋଳତାଡ଼

# ଏକାଧିକ ଖାକିବାବୁଙ୍କ ଆକାଉଣ୍ଟକୁ ଆସିଛି ଲକ୍ଷାଧିକ ଟଙ୍କା

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

■ କନଷ୍ଟେବଲ, ଏଏସ୍‌ଆଇଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

■ ଜଟଣୀର ପୂର୍ବତନ ଥାନା ଅଧିକାରୀଙ୍କ ନାମରେ ଯୋଡ଼ାଗଲା ଆଉ ଏକ ମାମଲା

ଗ୍ୟାଙ୍ଗଷ୍ଟର ସୟଦ ଉସ୍‌ମାନ ଅଲି ଓରଫ ଟିଟୋ ସହିତ ଏକାଧିକ ପୋଲିସ ଅଫିସରଙ୍କ ଲିଙ୍କ୍ ଖୋଜିବାରେ ବିଫଳ ହୋଇଛି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍(ସ୍ପେଶାଲ ଟାସ୍କ ଫୋର୍ସ)। ଟିଟୋ ଲିଙ୍କ୍‌ରେ ଥିବା ସହଯୋଗୀମାନଙ୍କୁ ଗିରଫ କରାଯାଉଥିବା ବେଳେ ପୋଲିସ ପୋଷାକ ପିନ୍ଧି ଟିଟୋଙ୍କ ସହ ମିଶି ଆପରାଧିକ କାର୍ଯ୍ୟରେ ସାମିଲ ଥିବା ଖାକି ବାବୁମାନଙ୍କ ପାଖରେ ପହଞ୍ଚି ପାରୁନି ଏସ୍‌ଟିଏଫ୍। ଏହାର ଉଦାହରଣ ଦେଖିବାକୁ ମିଳିଛି ଗିରଫ ହୋଇଥିବା ଜଟଣୀର ପୂର୍ବତନ ଥାନା ଅଧିକାରୀ ସଞ୍ଜୀବ ମହାନ୍ତିଙ୍କ କ୍ଷେତ୍ରରେ। ସଞ୍ଜୀବଙ୍କ ସମେତ ଏକାଧିକ ପୋଲିସ ଅଫିସର ଟିଟୋଙ୍କ ସହ ସିଧାସଳଖ ସମ୍ପର୍କ ରଖିଥିଲେ ମଧ ଏସ୍‌ଟିଏଫ୍ ସେମାନଙ୍କୁ ପଚରାଉଚରା କରୁନି କି ତଦନ୍ତ ପରିସରଭୁକ୍ତ କରୁନି। ଏପରିସ୍ଥଳେ ଭିଜିଲାନ୍ସ ଏବେ ଉକ୍ତ ଦିଗ ଉପରେ ନଜର ପକାଇଛି। ଟିଟୋଙ୍କ ସହ ଆର୍ଥିକ କାରବାର କରିଥିବା ପୋଲିସ ଅଧିକାରୀଙ୍କ ସମ୍ପର୍କରେ ଭିଜିଲାନ୍ସ ଖୋଳତାଡ଼ ଆରମ୍ଭ କରିଛି। ଲାଞ୍ଚ ନେବା ଅଭିଯୋଗରେ ଗିରଫ ହୋଇଥିବା ସଞ୍ଜୀବଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଭିଜିଲାନ୍ସ ଯାଞ୍ଚ କରିବା ସମୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଟିଟୋ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ଆକାଉଣ୍ଟରୁ ସଞ୍ଜୀବଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଆସିଛି। କେବଳ ସେତିକି ନୁହେଁ ଭିଜିଲାନ୍ସ ପକ୍ଷରୁ ଟିଟୋ ଏବଂ ତାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟ ଯାଞ୍ଚ କରାଯିବା ସମୟରେ ସଞ୍ଜୀବଙ୍କ ଭଳି ଏକାଧିକ ପୋଲିସ ଅଫିସର ଏବଂ କର୍ମଚାରୀଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ଆସିଥିବା ଜଣାପଡ଼ିଛି। ଭିଜିଲାନ୍ସ ହାତରେ ଏ ନେଇ ପ୍ରମାଣ ଲାଗିବା ପରେ ଶୁକ୍ରବାର ସଞ୍ଜୀବଙ୍କ ସମେତ ଜଗତ୍‌ସିଂହପୁର ଏସ୍‌ପି ହେଡ୍‌କ୍ୱାର୍ଟର୍ସରେ ଚାକିରି କରୁଥିବା କନଷ୍ଟେବଲ ନୃସିଂହ ବେହେରାଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଏହାସହ ଖୋର୍ଦ୍ଧାର ଅନ୍ୟଜଣେ ମହିଳା ପୋଲିସ ଏଏସ୍‌ଆଇଙ୍କ ଘରେ ମଧ ଭିଜିଲାନ୍ସ ଚଢାଉ କରିଛି। ସେମାନଙ୍କ ଘରୁ ଲକ୍ଷାଧିକ ଟଙ୍କା ଜବତ ହୋଇଥିବା ଜଣାପଡିଛି। ସଞ୍ଜୀବଙ୍କ ଘର ସମେତ ୫ଟି ସ୍ଥାନରେ ଚଢାଉ କରାଯାଇଛି। ଚଢ଼ାଉ ବେଳେ ଭିଜିଲାନ୍ସ ବହୁ ବେନାମୀ ସମ୍ପତ୍ତି ଜବତ କରିଛି। ଏହାପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ନାମରେ ଆଉ ଏକ ମାମଲା ଯୋଡ଼ାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବାରୁ ଏହି ମାମଲା ରୁଜୁ କରାଯାଇଛି।

ଭିଜିଲାନ୍ସର ଜଣେ ଅଧିକାରୀ କହିଛନ୍ତି, କେବଳ ଏହି ଦୁଇ ପୋଲିସ କର୍ମଚାରୀ ନୁହନ୍ତି, ଟିଟୋ ଏବଂ ତାଙ୍କ ସମ୍ପର୍କୀୟଙ୍କ ଆକାଉଣ୍ଟରୁ ଅନେକ ପୋଲିସ ଅଫିସରଙ୍କ ଆକାଉଣ୍ଟକୁ ଲକ୍ଷାଧିକ ଟଙ୍କା ନେଣଦେଣ ହୋଇଛି। ଭିଜିଲାନ୍ସ ଚଢାଉ କରିଥିବା ୨ ପୋଲିସ କର୍ମଚାରୀଙ୍କର ଟିଟୋଙ୍କ ସହିତ ସିଧାସଳଖ ସମ୍ପର୍କ ଥିଲା। ସେମାନଙ୍କୁ ଟିଟୋ ବିଭିନ୍ନ ମାମଲା ପାଇଁ ଲକ୍ଷାଧିକ ଟଙ୍କା ଓ ଉପହାର ଦେଉଥିଲେ ବୋଲି ଅଧିକାରୀ ଜଣକ ନାମ ଗୋପନ ରଖି କହିଛନ୍ତି। ଅନ୍ୟପଟେ ସଞ୍ଜୀବଙ୍କୁ ଏସ୍‌ଟିଏଫ ରିମାଣ୍ଡରେ ନେଇ ପଚରାଉଚରା କଲେ ଟିଟୋ ଲିଙ୍କ୍‌ରେ ଥିବା ବହୁ ବଡ ବଡ ପୋଲିସ ବାବୁଙ୍କ ମୁଖା ଖୋଲିଯିବ। ତେଣୁ ଏସ୍‌ଟିଏଫ୍ ଜାଣିଶୁଣି ସେ ଦିଗକୁ ତଦନ୍ତ କରୁନି ବୋଲି ସମ୍ପୃକ୍ତ ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ଏସ୍‌ଟିଏଫ୍ ଡିଆଇଜି ହିମାଂଶୁ ଲାଲଙ୍କୁ ପଚାରିବାରୁ ସେ କହିଲେ, ଆମେ ତଦନ୍ତ କରୁଛୁ। ଯିଏ ଆମ ସନ୍ଦେହକୁ ଆସୁଛନ୍ତି ତାଙ୍କୁ ଆମେ ଡକାଇ ପଚରାଉଚରା କରୁଛୁ।

# ଓଡ଼ିଶାରେ ଜିଏସ୍‌ଟି ଯୋଗୁ ରାଜସ୍ୱ କମିଛି: ଶଶିଭୂଷଣ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

**ଜିଏସ୍‌ଟି କାଉନ୍‌ସିଲ ବୈଠକ ଶେଷ**

ଭିଡିଓ କନ୍‌ଫରେନ୍ସିଂ ଜରିଆରେ ୩୦ତମ ଜିଏସ୍‌ଟି କାଉନ୍‌ସିଲ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଦ୍ରବ୍ୟ ଓ ସେବାକରରେ ରାଜସ୍ୱ ଆଦାୟ ସମ୍ପର୍କରେ ଆଲୋଚନା କରାଯାଇଛି। ଗତ ଜୁଲାଇ ୨୦୧୮ରେ ସର୍ବଭାରତୀୟ ସ୍ତରରେ ଜିଏସ୍‌ଟିରେ ୯୬ହଜାର ୪୮୩କୋଟି ଟଙ୍କା ଆଦାୟ ହୋଇଥିଲା। ମାତ୍ର ୨୦୧୮ ଅଗଷ୍ଟରେ ୯୩ହଜାର ୯୬୦କୋଟି ଟଙ୍କା ଆଦାୟ ହୋଇଛି। ଏହି ଅବସରରେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓଡିଶାରେ ଜିଏସ୍‌ଟି ଆଦାୟରେ ଉନ୍ନତି ଘଟିଛି ବୋଲି କହିଛନ୍ତି। ରାଜ୍ୟରେ ରାଜସ୍ୱ ସଂଗ୍ରହ ବ୍ୟବଧାନ ୨୦୧୭ ଅଗଷ୍ଟରୁ ୨୦୧୮ ମାର୍ଚ୍ଚ ମଧ୍ୟରେ ୩୧ ପ୍ରତିଶତ ଥିଲା। ୨୦୧୮ ଏପ୍ରିଲରୁ ଅଗଷ୍ଟ ମଧରେ ଏହା ୨୪ ପ୍ରତିଶତକୁ ହ୍ରାସ ପାଇଥିବା ବୈଠକରେ କୁହାଯାଇଛି। ରିଟର୍ନ ଦାଖଲ କ୍ଷେତ୍ରରେ ଓଡିଶାର ଉନ୍ନତି ଘଟିଛି। ୨୦୧୭ରେ ଧାର୍ଯ୍ୟ ଦେୟ ସମୟ ଅକ୍ଟୋବର ସୁଦ୍ଧା ୪୫.୦୬ ପ୍ରତିଶତ ରିଟର୍ନ ଫାଇଲିଂ ଦାଖଲ ହୋଇଥିବାବେଳେ ଜୁଲାଇ ୨୦୧୮ରେ ତାହା ୬୫.୫୧ ପ୍ରତିଶତକୁ ବୃଦ୍ଧି ପାଇଛି। ଜିଏସ୍‌ଟି ପ୍ରଚଳନ ଫଳରେ ଓଡିଶାରେ ରାଜସ୍ୱ ହ୍ରାସ ପାଇଥିବା ବେହେରା ସୂଚନା ଦେଇଥିଲେ। ଜିଏସ୍‌ଟି ପ୍ରଚଳନ ହେବା ପୂର୍ବରୁ ରାଜ୍ୟରେ ଧାନ, ଚାଉଳ, ଅଟା, ମଇଦା, ସୁଜି, ଗହମ, ଗୁଡ ଇତ୍ୟାଦିରେ ୫ପ୍ରତିଶତ କର ଆଦାୟ ହେଇଥିଲା। ମାତ୍ର ଜିଏସ୍‌ଟି ଲାଗୁ ହେବାପରେ ଏସବୁ ଦ୍ରବ୍ୟକୁ କରମୁକ୍ତ କରାଯାଇଛି। ରାଜ୍ୟର ପ୍ରମୁଖ କର ଆଦାୟ ସ୍ରୋତ ଖଣିଜ ପଦାର୍ଥ ଓ ଏଥିରୁ ପ୍ରସ୍ତୁତ ଦ୍ରବ୍ୟରୁ ଆସିଥାଏ। ଜିଏସ୍‌ଟି ପ୍ରଥା ଅନୁଯାୟୀ ଯେଉଁ ରାଜ୍ୟରେ ଏହି ଦ୍ରବ୍ୟ ବ୍ୟବହାର କରାଯିବ ସେହି ରାଜ୍ୟରେ ଜିଏସ୍‌ଟି ଆଦାୟ କାରଣରୁ ଓଡିଶା ଟିକସ ହରାଉଛି। ଏହାସହ ଓଡିଶାରେ ପୂର୍ବ ପ୍ରଚଳିତ ଭାଟ୍‌ର ଅଧିକାଂଶ ଦ୍ରବ୍ୟରେ ୧୪.୫ପ୍ରତିଶତ କର ଆଦାୟ କରୁଥିଲା। ଏବେ ସେହିସବୁ ଦ୍ରବ୍ୟରେ ୯ପ୍ରତିଶତ ଆଦାୟ ହେଉଥିବାରୁ ଓଡିଶାରୁ ଟିକସ ଆଦାୟ ପରିମାଣ ହ୍ରାସ ପାଇଥିବା ଶଶିଭୂଷଣ ବୈଠକରେ ସୂଚନା ଦେଇଛନ୍ତି।

# ଖଣି ଜରିମାନା ଅର୍ଥ କେଉଁଠି ଖର୍ଚ୍ଚ କରୁଛ ଜଣାଅ

ଭୁବନେଶ୍ୱର, ୨୮।୯ (ବ୍ୟୁରୋ):

■ ରାଜ୍ୟ ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ

■ ୨ ସପ୍ତାହ ମହଲତ

ଖଣି ଲିଜ୍‌ଧାରୀଙ୍କ ଠାରୁ ସଂଗ୍ରହ କରାଯାଉଥିବା ଜରିମାନା ରାଶି କେଉଁ ଉଦ୍ଦେଶ୍ୟରେ ଓ କେଉଁଠି ଖର୍ଚ୍ଚ କରାଯାଉଛି ସେ ନେଇ ଆସନ୍ତା ଦୁଇ ସପ୍ତାହ ମଧରେ ଜବାବ ଦେବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ମଦନ ବି ଲୋକୁର ଏବଂ ଜଷ୍ଟିସ ଦୀପକ ଗୁପ୍ତାଙ୍କ ଖଣ୍ଡ ପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ଓକିଲ ସ୍ପେଶାଲ ପର୍ପସ ଭେହିକିଲ(ଏସ୍‌ପିଭି)ର ଅଧ୍ୟକ୍ଷ ଭାବେ ଜଣେ ଅବସରପ୍ରାପ୍ତ ବିଚାରପତି ଏବଂ ଖଣି ପ୍ରଭାବିତ ଅଞ୍ଚଳରେ ଖର୍ଚ୍ଚ କରାଯାଉଥିବା ଅର୍ଥ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ଦୁଇ ସପ୍ତାହ ସମୟ ମାଗିଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ ସଂଗୃହୀତ ଜରିମାନା ରାଶି ଖର୍ଚ୍ଚ କରିବାକୁ ଖଣି ଲିଜଧାରୀମାନେ କେତେକ ପରାମର୍ଶ ଦେଇଥିଲେ । ସେପ୍ଟେମ୍ବର ୬ ତାରିଖରେ ସର୍ବୋଚ୍ଚ ଅଦାଲତ ଲିଜଧାରୀମାନେ ଦେଇଥିବା ପରାମର୍ଶ ମୁତାବକ ଜରିମାନା ଅର୍ଥ କେଉଁ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଉଛି ସେ ନେଇ ଦୁଇ ସପ୍ତାହ ମଧରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜରିମାନା ରାଶିରେ ଖଣି ପ୍ରଭାବିତ ଅଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଚକ୍ଷୁ ପରୀକ୍ଷା କ୍ଲିନିକ୍, ସ୍ପେଶିଆଲିଟି ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଭିତ୍ତିଭୂମି, ଶିକ୍ଷା, ସ୍ୱଚ୍ଛତା ଏବଂ ମଧାହ୍ନ ଭୋଜନ ପାଇଁ ଖର୍ଚ୍ଚ କରିବାକୁ ଲିଜଧାରୀମାନେ ପରାମର୍ଶ ଦେଇଥିଲେ।

■ ନୋଟିସ ଜାରି କଲା ଗୃହ କମିଟି

# ଅକ୍ଟୋବର ୧୧ରେ ହାଜର ହେବାକୁ ଆୟରଙ୍କୁ ସମନ

ଭୁବନେଶ୍ୱର,୨୮।୯ (ବ୍ୟୁରୋ)

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଏବଂ କୋଣାର୍କ ମନ୍ଦିର ଉପରେ ଅରୁଚିକର ମନ୍ତବ୍ୟ ଦେଇଥିବା ଅଭିଜିତ ଆୟର ମିତ୍ରଙ୍କୁ ହାଜର ହେବାକୁ ନୋଟିସ ପଠାଇବା ପାଇଁ ବିଧାନସଭା ଗୃହ କମିଟି ନିଷ୍ପତ୍ତି ନେଇଛି। କମିଟିର ଅଧ୍ୟକ୍ଷ ନରସିଂହ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆସନ୍ତା ଅକ୍ଟୋବର ୧୧ ତାରିଖ ସକାଳ ୧୧ଟା ବେଳେ ବିଧାନସଭା ୫୪ ନମ୍ବର କକ୍ଷରେ ଗୃହ କମିଟି ସମ୍ମୁଖରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଅନୁରୋଧ କରାଯାଇଛି। ଦଳଗତ ନିର୍ବିଶେଷରେ ଅଭିଜିତଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ଗତ ବିଧାନସଭା ଅଧିବେଶନରେ ସ୍ୱାଧିକାର ଭଙ୍ଗ ପ୍ରସ୍ତାବ ଆସିଥିଲା। ଏ ନେଇ ଗୃହ କମିଟି ଗଠନ କରାଯାଇଛି। କମିଟି ଏହାର ଅନୁଧାନ କରୁଛି। ପୋଲିସ ମହାନିର୍ଦ୍ଦେଶକ ଏବଂ ଗୋଇନ୍ଦା ନିର୍ଦ୍ଦେଶକ ଗୃହ କମିଟି ନିକଟରେ ହାଜର ହୋଇ ଆୟରଙ୍କ ବିରୋଧରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ।

ଗତ ୨୨ ତାରିଖରେ ବିଧାନସଭା ଗୃହ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ପୋଲିସ ମହାନିର୍ଦ୍ଦେଶକ (ଡିଜିପି), ଗୋଇନ୍ଦା ନିର୍ଦ୍ଦେଶକ ଏବଂ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ସମ୍ପାଦକ ଓ ସେହି ସଂସ୍ଥାର ବୈଦ୍ୟୁତିକ ଚ୍ୟାନେଲର ବ୍ୟୁରୋ ଚିଫ୍‌ଙ୍କୁ ପ୍ରମାଣ ଦେବା ସକାଶେ କମିଟି ସମନ ଜାରି କରିଥିଲା। ବିରୋଧୀ ଦଳ ନେତାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଭାଜପା ବିଧାୟକ ଦଳ ନେତା କେ.ଭି. ସିଂଦେଓ, ବିଜେଡି ବିଧାୟକ ଦେବୀ ପ୍ରସାଦ ମିଶ୍ର, ଅରୁଣ ସାହୁ, ସଞ୍ଜୟ ଦାସବର୍ମା ଏବଂ ପ୍ରମିଳା ମଲ୍ଲିକ ସଦସ୍ୟ ରହିଛନ୍ତି।


# ନେପାଳ ଗସ୍ତରେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ନେପାଳ ଉପପ୍ରଧାନମନ୍ତ୍ରୀ ଈଶ୍ୱର ପୋଖରେଲ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇଦିନିଆ ନେପାଳ ଗସ୍ତରେ ଯାଇଛନ୍ତି। ଏହି ଅବସରରେ ସେ ଶୁକ୍ରବାର ନେପାଳ ରାଷ୍ଟ୍ରପତି ବିଦ୍ୟାଦେବୀ ଭଣ୍ଡାରୀ, ଉପପ୍ରଧାନମନ୍ତ୍ରୀ ଈଶ୍ୱର ପୋଖରେଲଙ୍କ ସମେତ ଅନ୍ୟ କେତେଜଣ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଧର୍ମେନ୍ଦ୍ର ଏବଂ ପୋଖରେଲଙ୍କ ମଧରେ ପେଟ୍ରୋଲିୟମ ଉତ୍ପାଦନ, ପାଇପ୍‌ଲାଇନ, ନେପାଳରେ କାମ ଚାଲିଥିବା ଅନ୍ୟ ତୈଳ ଓ ଗ୍ୟାସ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା ହୋଇଛି। ନେପାଳ ସ୍ୱରାଷ୍ଟ୍ର ମନ୍ତ୍ରୀ ଓ କାର୍ଯ୍ୟବାହକ ବହିର୍ବ୍ୟାପାର ମନ୍ତ୍ରୀ ରାମ ବାହାଦୁର ଥାପାଙ୍କ ସହ ମଧ ସେ ସାକ୍ଷାତ କରିଛନ୍ତି। ସେ ସେଠାକାର ତୈଳମନ୍ତ୍ରୀ ମାତ୍ରିକା ପ୍ରସାଦ ଯାଦବଙ୍କୁ ଭେଟି ବିହାରର ମୋତିହାରୀଠାରୁ ନେପାଳର ଆମଲେକଗଞ୍ଜ ପର୍ଯ୍ୟନ୍ତ ପେଟ୍ରୋଲ ଡିଜେଲ ଏବଂ ଏଟିଏଫ୍ ପାଇପଲାଇନ୍‌ର କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ଆଲୋଚନା କରିଛନ୍ତି। ଭାରତ ଓ ନେପାଳ ମଧରେ ଏଲ୍‌ପିଜି ପାଇପ୍‌ଲାଇନ୍ ଓ ଫର୍ଟିଲାଇଜର ପ୍ଲାଣ୍ଟ ପାଇଁ ନ୍ୟାଚୁରାଲ ଗ୍ୟାସ ପାଇପ୍‌ଲାଇନ ବିଛାଇବା ଲାଗି କାମ କରିବାକୁ ବୈଠକରେ ସହମତି ପ୍ରକାଶ ପାଇଥିଲା। ଏହି ପ୍ରକଳ୍ପଗୁଡିକରେ ଆଇଓସି ଓ ନେପାଳ ଅଏଲ କର୍ପୋରେଶନ ମିଶି କାମ କରିବେ। ଏହାସହ ଧର୍ମେନ୍ଦ୍ର ନେପାଳ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଗିରିରାଜ ମଣି ପୋଖରେଲଙ୍କୁ ଭେଟି ଦକ୍ଷତା ବିକାଶ ଓ ଉଦ୍ୟମିତା କ୍ଷେତ୍ରରେ ସହଯୋଗ ଲାଗି ଆଲୋଚନା କରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ...............................


ଅନିଶା
ପରିବାରବର୍ଗ


ଅର୍ପିତା
ପରିବାରବର୍ଗ



ସ୍ୱୟଂ
ପରିବାରବର୍ଗ


ଅଶୋକ
ପରିବାରବର୍ଗ


ଅରୂପା
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ୨୭ତମ ଜନ୍ମଦିନର ଶୁଭେଚ୍ଛା



**ମନୋଜ କୁମାର ସାହୁ**
ଗ୍ରାମ- କୁକୁଡ଼ାଘାଇ, ପାଟଣା (ନୂଆଗାଁ)

ଆଜି ତୋର ୨୭ତମ ଜନ୍ମବାର୍ଷିକ ଜନ୍ମଦିନ ଅବସରରେ ତୋର ଚଲାପଥ କୁସୁମିତ ହେଉ। ତୋର ଉଜ୍ଜ୍ୱଳମୟ ଦୀର୍ଘଜୀବନ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। **ଶୁଭେଚ୍ଛା ସହ:** ଆଶୁ, ରାନୁ, ପାପୁନି, ଦିପା, ଲିପା, ସାଇ, ବାପା, ଦାଦା, ଜେଜେମା ଓ ପରିବାରବର୍ଗ।
ଧ-୮୫୯୫


## ୧୬ତମ ଜନ୍ମବାର୍ଷିକ ଶୁଭେଚ୍ଛା



**(ଗୁଡ୍ଡୁ) ପ୍ରିୟଙ୍କା ପ୍ରଧାନ**
ବେଣୁପୁର, ବାଲିଅନ୍ତା, ଭୁବନେଶ୍ୱର

ଆଜି ତୋର ଶୁଭ ଜନ୍ମଦିନରେ ପ୍ରଭୁ ନୀଳକଣ୍ଠେଶ୍ୱର ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥକୁ କୁସୁମିତ କରନ୍ତୁ। **ଶୁଭେଚ୍ଛା ସହ:** ଜେଜେ- ବୁଦ୍ଧନାଥ, ବାପା- ରଘୁନାଥ, ମା- ଗାୟତ୍ରୀ, ଦାଦା- ରାମ, ହାପି, ବାପି, ଭାଇ- ତ୍ରିଲୋଚନ ଓ ସମସ୍ତ ବନ୍ଧୁ, ପରିବାରବର୍ଗ। ଧ-୪୬୨୫୬

## ଜନ୍ମଦିନ ଶୁଭେଚ୍ଛା



**ଅରୂପା ମଲ୍ଲ**
**୪୫୦୧/୫୧୯୫, ମେଘେଶ୍ୱର କଲୋନୀ, ଭୁବନେଶ୍ୱର**

ଜନ୍ମଦିନ ଅବସରରେ ଅନେକ ଅନେକ ଶ୍ରଦ୍ଧା ଓ ଶୁଭେଚ୍ଛା। ମହାପ୍ରଭୁ ତୋର ସମସ୍ତ ଇଚ୍ଛା ଓ ଆକାଂକ୍ଷା ପୂର୍ଣ୍ଣ କରନ୍ତୁ। ସୁନ୍ଦର, ସୁସ୍ଥ ଓ ସୁଖମୟ ଭବିଷ୍ୟତ କାମନା କରୁଛୁ। **ଶୁଭେଚ୍ଛା ସହ:** ମମି, ପାପା, ଭାଇ, ମାମୁ, ମାଇଁ, ମଉସା, ମାଉସୀ, ପରିବାର ଓ ପରିଜନବର୍ଗ। ଧ-୮୬୩୦

## ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା



**ସ୍ୱୟଂ**
ମାଣିକମୁଣ୍ଡା, ମୋଦିପଡା, ସମ୍ବଲପୁର

ଶୁଭ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା। ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ କୃପାରୁ ତୋର ଆଗାମୀ ଦିନ ମଙ୍ଗଳମୟ ଓ ଦୀର୍ଘ ଜୀବନ ପ୍ରାର୍ଥନା କରୁଅଛୁ।
ଶୁଭେଚ୍ଛା ସହ: ବାପା, ବୋଉ, ପ୍ରତିମା, ପୂର୍ଣ୍ଣିମା, ପ୍ରଣତୀ, ପଦ୍ମିନୀ, ଲକ୍ଷ୍ମୀ, ଶୁଭମ୍, ନିଲୁ, ପିଉସୀ ବନ୍ଧୁ ଓ ପରିବାର ବର୍ଗ। ଧ-୮୬୩୧

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# classified


real estate

## SALE

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64176

Book SC plots at Patia Bhubaneswar walkable distance from Patia Station immediate possession/ registration. 6371034524. D-64325

ଜଟଣୀଗେଟ୍ NH-5 ୪୦୦ ମିଟର ଦୂରତାରେ ସ୍ଥିତିବାନ ପ୍ଲଟ ପୋଜେସନ ସହ ୪୬୯/- ଏବଂ ରେତଙ୍ଗ ଷ୍ଟେସନ ପାଖରେ ୩୩୯/- 7008202635, 9938066403. D-64321

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

ଭୁବନେଶ୍ୱର KEC, ଗୁଡିଆ-ପୋଖରୀ ଠାରେ 30ft road ଥାଇକି ଅଗ୍ରିମ boundary wall electry , gharabari patta, Temple, ନାମଫଳକ ସହ sqft. Rs. 600ରେ ଦିଆଯାଉଅଛି। 7008045582, 9078967488. D-8550

**Homestead land for sale at Baripada plot near Brahma Mandir genuine buyer. No broker. 8249309299, 9437086837.** D-64601

Mornigsun Residency simplex near Hanspal-28,00,000/- (Handover within 1months) 8908015464, 9853347909. D-64331

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs Contact: 9937059891, 9348253463, 8908292617.** D-8600

Ready plots for house construction at Sisupalgarh @ Rs. 999/- per sqft. Contact: 9776080988, 9238361409. D-63915

3 acres compact patch gharabari plot for immediate sale. Location- 6.5 km. from Rabitalkies, 4km. from Siridi Sai Temple. For details Please Contact: 9937232509, 9937844991. D-8596

Readymade 3BHK new flat, 3rd floor at BJB Nagar, no tax. 9439716901 (Broker Excuse). D-64185

Bhubaneswar near Sundarpada low cost plot 5000 sqft. Dasaharaa Offer registration free. 7377596980. D-64332

Booking simplex 2BHK 1200 sqft. Tankapani road Sai Temple 26,19,000/-. 7735738102. D-8592

Gharabari yellow zone demarcated plot adjacent to Utkal heights 300 mtrs. from NH-5, Pahal. 9040059669. D-65005


to-let

For car company showroom 20,000 sqft. land available for construction as per company format. On at NH Bhanpur, Telengapentha. Contact: 9437160289, 9437033691. D-63850


healthcare

All type of massage and good therapy full body massage Sai herbal spa. 7609005923. D-64205

Madam Monalisa massage club-50% discount full body massage by hiprofile smart lady therapist. 9708545108. D-8565

Opening newly ayurvedic full body massage ladies, gents. 7438851534, 7609923705. D-38534

Now Matrimonial ads. only on Wednesday & Sunday
Book 1 Get 1 FREE

## ଟ୍ରାଙ୍କୁଲାଇଜ୍ କରିପାରିଲେନି ...

ଡାକ୍ତର ସନ୍ଦୀପ ଅଗ୍ରୱାଲା, ସାତକୋଶିଆର ଡାକ୍ତର କିଶୋର ସାହୁ, ଡାକ୍ତର ମନୋଜ ପାତ୍ର, ନନ୍ଦନକାନନ ଡାକ୍ତର ଏସ୍.କେ. ସାହୁ, ଧଣ୍ଡାତୋପା ରେଞ୍ଜର, ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରା ଓ ୪ଟି ମନିଟରିଂ ଟିମ୍ ସହ ପ୍ରାୟ ୬୦ କର୍ମଚାରୀ ଉକ୍ତ ଗାଁରେ ପହଞ୍ଚି ଟ୍ରାଙ୍କୁଲାଇଜ୍ କରିବାକୁ ପ୍ରସ୍ତୁତ ହୋଇଥିଲେ। କିନ୍ତୁ ଉପଯୁକ୍ତ ସ୍ଥାନ ଓ ସମୟ ଅଭାବରୁ ଟ୍ରାଙ୍କୁଲାଇଜ୍ କରାଯାଇ ପାରି ନ ଥିଲା। ତଥାପି ସୁନ୍ଦରୀକୁ ଘଉଡ଼ାଇବାକୁ ବନ ବିଭାଗ ପକ୍ଷରୁ ବାଣ ଫୁଟାଯାଇଥିଲା। ବାଘୁଣୀକୁ ନେଇ ଆତଙ୍କିତ ହୋଇପଡ଼ିଥିବା ଗ୍ରାମବାସୀ ଦୁର୍ଯ୍ୟୋଧନ ନାୟକ, ପୁରନ୍ଦର ନାୟକ, ପ୍ରଶ୍ନ ନାୟକ, ଅର୍ଜୁନ ନାୟକ, ଧୁବେଇ ନାୟକ, ବାସୁଦେବ ନାୟକ, ସୁଦାମ ନାୟକ, ରବି ନାୟକ, ବିଦେଶୀ ନାୟକଙ୍କ ସମେତ ମହିଳାମାନେ ମଧ ଠେଙ୍ଗାଧରି ଜଗି ରହିଛନ୍ତି। ଶେଷ ଖବର ସୁଦ୍ଧା ବିଶେଷଜ୍ଞ ଦଳ ଓ ମନିଟରିଂ କରୁଥିବା ଟିମ୍ ରାତିରେ ବାଘୁଣୀକୁ ସାତକୋଶିଆ ଆଡ଼କୁ ଘଉଡ଼ାଇବାରେ ସଫଳ ହୋଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ କାହ୍ନାରୁ ଆସିଥିବା ଯୁବ ମହାବଳ ସହିତ ମିଳନ ପରେ ସାତକୋଶିଆରେ ପୂର୍ବରୁ ଥିବା ବୟସ୍କା ବାଘୁଣୀ ଗର୍ଭବତୀ ଥିବା ଜଣାପଡ଼ିଛି। ଆସନ୍ତା ଜାନୁୟାରୀରେ ଉକ୍ତ ବୟସ୍କା ବାଘୁଣୀ ଛୁଆ ଜନ୍ମ କରିବ ବୋଲି ସ୍ୱତନ୍ତ୍ର କମିଟିରେ ସଦସ୍ୟ ଥିବା ୪ ଜଣ ଭେଟେରିନାରୀ ଡାକ୍ତର ପ୍ରକାଶ କରିଛନ୍ତି।

## ମନେ ପଡ଼ନ୍ତି

### ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ଅବନ୍ତୀ ସାମଲ**
**ନୂଆହତା, ଅନୁଗୋଳ**

ଆଠବର୍ଷ ତଳେ ତୁମେ ଆମକୁ ଛାଡି ଚାଲିଗଲ। ତୁମେ ଯେଉଁଠି ଥାଅ, ତୁମର ଅମର ଆତ୍ମାକୁ ପ୍ରଭୁ ଶ୍ରୀଜଗନ୍ନାଥ ସଦ୍‌ଗତି ଦିଅନ୍ତୁ। ଶୋକସନ୍ତପ୍ତ: ପ୍ରଫୁଲ୍ଲ କୁମାର ସାମଲ, ପ୍ରଭାତୀ, ବବି, ରୁବି, ଜିତୁ ଓ ସାମଲ ପରିବାରବର୍ଗ।
ଧ-୮୫୯୯



**ସ୍ୱର୍ଗତ ଡଃ ଧ୍ରୁବ ପ୍ରସାଦ ପଟ୍ଟନାୟକ**
ଗଜପତି ନଗର, ଭୁବନେଶ୍ୱର
ଗ୍ରାମ- ହାଜିପୁର, ଜଗତସିଂହପୁର
ଆବିର୍ଭାବ: ୧୫।୦୨।୧୯୪୩
ତିରୋଧାନ: ୧୯।୦୯।୨୦୧୮

ଆପଣ ହିଁ ଚିରନ୍ତନ ସତ୍ୟ ଧ୍ରୁବ ତାରା ପରି ଔଜ୍ଜ୍ୱଲ୍ୟମାନ ହୋଇଥାନ୍ତୁ, ଏହାହିଁ ଆଶୀର୍ବାଦ, ଆତ୍ମା ପରମାତ୍ମା ସହିତ ଲୀନ ହେଉ। ଶୋକସନ୍ତପ୍ତ ପରିବାରବର୍ଗ: ସ୍ତ୍ରୀ- କାନନବାଳା ପଟ୍ଟନାୟକ ଓ ପରିବାରବର୍ଗ।
ଧ-୬୫୦୦୪

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ରଥ**
**(ସ୍ୱାଧୀନତା ସଂଗ୍ରାମୀ)**
**ବାଣପୁର, ଅଳଗୁମ, ସତ୍ୟବାଦୀ, ପୁରୀ**

ଆପଣଙ୍କ ଆର୍ଶୀବାଦ ଭିକ୍ଷୁ, ସ୍ତ୍ରୀ, ପୁଅ ବୋହୁ, ଝିଅଜ୍ୱାଇଁ, ନାତିନାତୁଣୀମାନେ ଓ ପରିବାର ବର୍ଗ।
ତଳମାଳି ସାହି, ପୁରୀ
ଧ-୮୫୯୩

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

## ଭିଜିଲାନ୍ସ ଜାଲରେ ଚାନ୍ଦିପୁଟ ଆର୍‌ଆଇ

ମୋହନା,୨୮।୯(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକ ଚାନ୍ଦିପୁଟ ରାଜସ୍ୱ ନିରୀକ୍ଷକ ପ୍ରଭାକର ପାଢୀ ଏକ ଜମି ଡିମାର୍କେସନ ପାଇଁ ୪ହଜାର ଟଙ୍କା ଲାଞ୍ଚ ନେବାବେଳେ ଶୁକ୍ରବାର ଭିଜିଲାନ୍ସ ଜାଲରେ ପଡିଛନ୍ତି। ପ୍ରକାଶ ଯେ, ଟୁଟୁଗୁଡା ଗାଁର ଦୁଃଶାସନ ପ୍ରଧାନ ତାଙ୍କର ଜମି ଡିମାର୍କେସନ ପାଇଁ ତହସିଲରେ ଆବେଦନ କରିଥିଲେ। ମାତ୍ର ଏହାର ବିଳମ୍ବ ହେବାରୁ ଦୁଃଶାସନ ରାଜସ୍ୱ ନିରୀକ୍ଷକ ପାଢୀଙ୍କୁ ଯୋଗାଯୋଗ କରିଥିଲେ। ସେ ଏନେଇ ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଦୁଃଶାସନ ତୁରନ୍ତ ତାଙ୍କୁ ୨ ହଜାର ଟଙ୍କା ପ୍ରଦାନ କରିବା ସହ ଶୁକ୍ରବାର ବାକି ୪ ହଜାର ଟଙ୍କା ଦେବାକୁ କଥା ହୋଇଥିଲା। ଏନେଇ ସେ ଭିଜିଲାନ୍ସକୁ ଜଣାଇଥିଲେ। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଚାନ୍ଦିପୁଟସ୍ଥିତ ଆର୍‌ଆଇ ଅଫିସରେ ପାଢୀଙ୍କୁ ଲାଞ୍ଚ ଟଙ୍କା ଦେଉଥିବାବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ କର୍ମଚାରୀମାନେ ଚଢାଉ କରି କାବୁ କରିଥିଲେ। ପରେ ତାଙ୍କ ମୋହନାସ୍ଥିତ ସାହୁ କଲୋନୀ ଭଡାଘର, ତହସିଲ କାର୍ଯ୍ୟାଳୟ, ବ୍ରହ୍ମପୁରସ୍ଥିତ ଭଡାଘରେ ଓ ପାରଳାଖେମୁଣ୍ଡିସ୍ଥିତ ପୈତୃକଘରେ ଏକା ସମୟରେ ଚଢାଉ କରିଥିଲେ। ରାଜସ୍ୱ ନିରୀକ୍ଷକ ପାଢୀଙ୍କୁ ଘଟଣା ସ୍ଥଳରୁ ଗିରଫ କରାଯିବା ସହ ତଦନ୍ତ ପରେ ବ୍ରହ୍ମପୁର ଭିଜିଲାନ୍ସ କୋର୍ଟରେ ହାଜର କରାଯିବ ବୋଲି ବ୍ରହ୍ମପୁର ଡିଏସ୍‌ପି କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

## ମହିଳାଙ୍କୁ ପ୍ରବେଶ ...

ସେବେଠୁ ଆଇନଗତ ଲଢ଼େଇ ଜାରି ରହିଥିଲା। ୨୦୦୬ ଅଗଷ୍ଟ ୪ରେ ଏହି ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଇଣ୍ଡିଆନ୍ ୟଙ୍ଗ୍ ଲୟର୍ସ ଆସୋସିଏଶନ୍ ଓ ଅନ୍ୟ କେତେଜଣ ଆବେଦନକାରୀଙ୍କ ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ସାମ୍ବିଧାନିକ ପୀଠ ୮ ଦିନ ଧରି ଏହାର ଶୁଣାଣି କରିବା ପରେ ଅଗଷ୍ଟ ୧ରେ ଏହାର ରାୟ ସଂରକ୍ଷିତ ରଖିଥିଲେ। ପୀଠଙ୍କ ସଂଖ୍ୟାଗରିଷ୍ଠ (୪:୧) ରାୟ ଶୁକ୍ରବାର ପ୍ରକାଶ ପାଇଛି।

ଧର୍ମ ହେଉଛି ଜୀବନର ଏକ ମାର୍ଗ। ଏହା ବିଶେଷକରି ଆଧ୍ୟାତ୍ମିକତା ସହ ଜୀବନକୁ ଯୋଡେ ବୋଲି ସିଜେଆଇ ମିଶ୍ର ରାୟରେ କହିଛନ୍ତି। ଜଷ୍ଟିସ୍ ଆର୍.ଏଫ୍. ନରିମାନ ଏବଂ ଡି.ୱାଇ. ଚନ୍ଦ୍ରଚୂଡ଼ ସିଜେଆଇ ତଥା ଏ.ଏମ୍. ଖାନ୍‌ୱିଲକରଙ୍କ ସହ ସହମତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ପୀଠର ଜଣେ ମାତ୍ର ମହିଳା ବିଚାରପତି ଇନ୍ଦୁ ମାଲହୋତ୍ରା ଭିନ୍ନମତ ଦେଇଛନ୍ତି। ଜଷ୍ଟିସ୍ ମାଲହୋତ୍ରା କହିଛନ୍ତି, ଦେଶରେ ଧର୍ମନିରପେକ୍ଷ ବାତାବରଣ ବଜାୟ ରଖିବା ପାଇଁ ଗୂଢ଼ ଅନ୍ତର୍ନିହିତ ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ରହିଥିବା ପ୍ରସଙ୍ଗଗୁଡ଼ିକୁ ନେଇ ଅଧିକ ଚିନ୍ତା କରାଯିବା ଅନୁଚିତ। 'ସତୀ' ଭଳି ସାମାଜିକ ବ୍ୟାଧି ବ୍ୟତୀତ ଅନ୍ୟ ଧାର୍ମିକ ପ୍ରଥାଗୁଡ଼ିକୁ ହଟାଯିବ କି ନାହିଁ ତାହା ସ୍ଥିର କରିବା କୋର୍ଟଙ୍କ କାମ ନୁହେଁ। ସମାନତା ଅଧିକାର ଓ ପ୍ରଭୁ ଆୟାପ୍ପାଙ୍କ ଭକ୍ତଙ୍କ ପୂଜା କରିବା ଅଧିକାର ଏକ ବିରୋଧାଭାସ। ଏହି ମାମଲାର ପ୍ରସଙ୍ଗ କେବଳ ସାବରିମାଲାରେ ସୀମିତ ନୁହେଁ। ଅନ୍ୟ ପୂଜାସ୍ଥଳୀଗୁଡ଼ିକରେ ମଧ ଏହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ।

ସୁପ୍ରିମକୋର୍ଟ ଏହି ପ୍ରସଙ୍ଗରେ ଏକାଧିକ ପିଟିଶନର ଶୁଣାଣି କରି ୪ଟି ସମାନ ଧରଣର ରାୟ ପ୍ରକାଶ କରିଛନ୍ତି। ଜଷ୍ଟିସ୍ ମିଶ୍ର କହିଛନ୍ତି, ଭକ୍ତିକୁ ଭେଦଭାବ ଆଧାରରେ ବିଚାର କରାଯାଇ ପାରିବନାହିଁ। ଭକ୍ତିରେ ସମାନତା ଉପରେ ଆଧିପତ୍ୟ ବିସ୍ତାର ପାଇଁ ପିତୃସତ୍ତାତ୍ମକ ଧାରଣାକୁ ଅନୁମତି ଦିଆଯାଇ ନ ପାରେ। ୧୦ରୁ ୫୦ ବର୍ଷୀୟା ମହିଳାଙ୍କୁ ବାଦ୍ ଦେବାକୁ ଜରୁରୀ ଧାର୍ମିକ ପ୍ରଥା ଭାବେ ପରିଗଣିତ କରାଯିବ ନାହିଁ। ଜୈବିକ କାରଣକୁ ଆଧାର କରି ମହିଳାମାନଙ୍କୁ ଅଧିକାର ପ୍ରଦାନ କରିବାକୁ କେରଳର ଆଇନ ମନା କରିପାରିବ ନାହିଁ। ଜଷ୍ଟିସ୍ ନରିମାନ କହିଛନ୍ତି, ମହିଳାମାନଙ୍କୁ ମନ୍ଦିରରେ ପ୍ରବେଶ ଅନୁମତି ନ ଦେବା ସମ୍ବିଧାନର ଧାରା ୨୫ ଓ ୨୬ର ବିରୁଦ୍ଧାଚରଣ। ତେଣୁ କେରଳ ହିନ୍ଦୁ ସ୍ଥଳ ଓ ସାଧାରଣ ପୂଜା (ପ୍ରବେଶ ଅନୁମତି) ଆଇନ, ୧୯୬୫ର ନିୟମ ୩ (ଖ)କୁ ଉଚ୍ଛେଦ କରାଯାଉଛି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି, ମହିଳାଙ୍କୁ ପୂଜା ଅଧିକାର ଦିଆ ନ ଯିବା ମାନବିକ ମର୍ଯ୍ୟାଦା ବିରୋଧୀ। ମନ୍ଦିରରେ ସେମାନଙ୍କୁ ପ୍ରବେଶ ଅନୁମତି ଉପରେ ଅଣଧାର୍ମିକ କାରଣରୁ କଟକଣା ଜାରି କରାଯାଇଥିଲା। ପ୍ରଭୁ ଆୟାପ୍ପାଙ୍କ ଭକ୍ତମାନେ ନିଜକୁ ସ୍ୱତନ୍ତ୍ର ସମ୍ପ୍ରଦାୟ ବୋଲି ଦାବି କରନ୍ତି ନାହିଁ। ତେଣୁ ଋତୁସ୍ରାବକୁ ଆଳ କରି ପ୍ରଚଳିତ ଏହି ପ୍ରଥାକୁ ଅସାମ୍ବିଧାନିକ ଦର୍ଶାଇ ଏହାକୁ ଉଠାଇ ଦେଇଛନ୍ତି ଜଷ୍ଟିସ୍ ଚନ୍ଦ୍ରଚୂଡ଼।

ଅଦାଲତଙ୍କ ରାୟକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ମାନେକା ଗାନ୍ଧୀ, ମହିଳା ଅଧିକାର କର୍ମୀ କବିତା କ୍ରିଷ୍ଣନ୍, ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଓମେନ୍ସ ଆସୋସିଏଶନ୍ ସାଧାରଣ ସମ୍ପାଦକ ମରିଅମ୍ ଧାୱଲେ ଏବଂ ଜାତୀୟ ମହିଳା କମିଶନ ଅଧକ୍ଷା ରେଖା ଶର୍ମା ରାୟକୁ ଐତିହାସିକ ଭାବେ ଅଭିହିତ କରି ଏହା ମହିଳାଙ୍କ ଅଧିକାରର ବିଜୟ ବୋଲି କହିଛନ୍ତି। କେରଳ ସରକାର ମଧ ଅଦାଲତଙ୍କ ରାୟକୁ ପ୍ରଶଂସା କରିଛନ୍ତି। ଅନ୍ୟପକ୍ଷରେ ସାବରିମାଲା ମନ୍ଦିରର ମୁଖ୍ୟ ପୂଜକ (ତନ୍ତ୍ରୀ) କେ. ରାଜୀବାରୁ ରାୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ରାୟକୁ ଚ୍ୟାଲେଞ୍ଜ କରି ଅପିଲ୍ କରାଯିବା ନେଇ ତ୍ରାଭାନ୍‌କୋର ଦେବସ୍ୱମ୍ ବୋର୍ଡ (ଟିଡିବି) ନିଷ୍ପତ୍ତି ନେବ ବୋଲି ସେ କହିଛନ୍ତି। ତୃପ୍ତି ଦେଶାଇଙ୍କ ଭଳି କର୍ମୀଙ୍କ ସହ କଂଗ୍ରେସ ଏବଂ ଡିଏମ୍‌କେ ପରି ରାଜନୈତିକ ଦଳଗୁଡ଼ିକ ଏହାକୁ ସ୍ୱାଗତ କରିଥିବାବେଳେ କେତେକ ହିନ୍ଦୁବାଦୀ ସଙ୍ଗଠନ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ପାର୍ଲାମେଣ୍ଟରେ ଆଇନ ଅଣାଯାଉ ବୋଲି ଦାବି କରିଛନ୍ତି।

## ରାଜ୍ୟ ସରକାରଙ୍କୁ ...

ଏଥିସହିତ ପୁଣିଥରେ ପୌର ପରିଷଦଗୁଡିକରେ ସୀମା ପୁନଃ ନିର୍ଦ୍ଧାରଣ ଓ ସ୍ଥାନ ସଂରକ୍ଷଣ କରିବାକୁ ପଡିବ। ଏଥିପାଇଁ ବିଧାନସଭାର ଅନୁମୋଦନ ଆବଶ୍ୟକ ହେବ। ଏ ସମସ୍ତ ପ୍ରକ୍ରିୟା ଶେଷ କରିବା ପାଇଁ ସରକାରଙ୍କୁ ଅତି କମ୍‌ରେ ଆହୁରି ୬ମାସରୁ ଊର୍ଦ୍ଧ୍ୱ ସମୟ ଲାଗିଯିବା ସମ୍ଭାବନା ରହିଛି। ୨୦୧୯ ଏପ୍ରିଲରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ପୌର ନିର୍ବାଚନ ଆହୁରି ଘୁଞ୍ଚିଯିବା ଏକ ପ୍ରକାର ନିଶ୍ଚିତ ହୋଇଛି। କାର୍ଯ୍ୟକାଳ ଶେଷ ହେଉଥିବାରୁ ସରକାର ପୌର ପରିଷଦଗୁଡିକୁ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଚଳାଇବା ଛଡା ଅନ୍ୟ ବିକଳ୍ପ ନାହିଁ। ତେବେ ଯେଉଁ ବିଜ୍ଞପିତ ଅଞ୍ଚଳ ପରିଷଦ(ଏନଏସି), ମ୍ୟୁନିସିପାଲିଟି ଏବଂ ମହାନଗର ନିଗମରେ ଅନୁସୂଚିତ ଜାତି ଓ ଜନଜାତି ସଂଖ୍ୟା ଅଧିକ ରହିଛି ସେଠାରେ ସ୍ଥାନ ସଂରକ୍ଷଣ ନେଇ ସମସ୍ୟା ଦେଖାଦେବ। ଏ ସମ୍ପର୍କରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ ଜି. ମାଥିଭାଥନନ କହିଛନ୍ତି ଯେ, ସୁପ୍ରିମକୋର୍ଟଙ୍କ ରାୟର ନକଲ ମିଳିବା ପରେ ତର୍ଜମା କରି ସରକାର ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ।

ସୂଚନା ଯୋଗ୍ୟ ଯେ ଚଳିତ ସେପ୍ଟେମ୍ବର ୩୦ ତାରିଖରେ ୬୫ଟି ପୌର ସଂସ୍ଥା ସହ ବ୍ରହ୍ମପୁର ମହାନଗର ନିଗମର କାର୍ଯ୍ୟକାଳ ଶେଷ ହେଉଥିବା ବେଳେ ୨୨ଟି ପୌର ସଂସ୍ଥାର କାର୍ଯ୍ୟକାଳ ଡିସେମ୍ବର ୧୦ ତାରିଖରେ ସରିବ। ସେହିପରି ୨୦୧୯ ଜାନୁୟାରୀ ୧୭ରେ ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଫେବୃୟାରୀ ୧୩ ତାରିଖରେ କଟକ ମହାନଗର ନିଗମ ଏବଂ ବାରିପଦା ମ୍ୟୁନିସିପାଲିଟିର କାର୍ଯ୍ୟ କାଳ ସରୁଛି। ୨୦୧୩ ସେପ୍ଟେମ୍ବର ୧୯ରେ ୬୫ଟି ସହରାଞ୍ଚଳରେ ଭୋଟ ଗ୍ରହଣ କରାଯାଇ ଥିବା ବେଳେ ୨୦ଟି ସହରାଞ୍ଚଳରେ ୨୦୧୩ ନଭେମ୍ବର ୨୨ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେହିପରି ଫୁଲବାଣୀ ମ୍ୟୁନିସିପାଲିଟି ଏବଂ ଜି.ଉଦୟଗିରି ଏନ୍‌ଏସିରେ ୨୦୧୩ ଡିସେମ୍ବର ୨ରେ ଭୋଟ ଗ୍ରହଣ କରାଯାଇଥିଲା। ୨୦୧୩ରେ ନିର୍ବାଚନ ହୋଇ ୫ବର୍ଷ ପୂରଣ କରୁଥିବା ୯୩ଟି ସହରାଞ୍ଚଳର ନିର୍ବାଚନ ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଥିଲେ।

ନିର୍ବାଚନ ପୂର୍ବରୁ ୱାର୍ଡ ପୁନର୍ଗଠନ ଓ ସ୍ଥାନ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଏନେଇ ୨୦୧୮ ଫେବୃୟାରୀ ୧୫ରେ ଜିଲାପାଳମାନେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏପ୍ରିଲ ୩୦ ସୁଦ୍ଧା ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ କରିବା ଲାଗି ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଅଭିଯୋଗ ସଂଖ୍ୟା ବଢିବାରୁ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚୂଡାନ୍ତ ବିଜ୍ଞପ୍ତି ପ୍ରକାଶ କରାଯାଇ ପାରି ନ ଥିଲା। ୨୦୧୮ ମେ ୧୬ରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ବିଭିନ୍ନ ପୌର ସଂସ୍ଥାଗୁଡିକରୁ ଆସିଥିବା ୬୮୦୦ ଆପତ୍ତି ଓ ଅଭିଯୋଗ ଶୁଣାଣି ଆରମ୍ଭ ହୋଇ ସେପ୍ଟେମ୍ବର ୬ରେ ଶେଷ ହୋଇଛି।

## ମାନିଲେନି ସୁପ୍ରିମ୍‌କୋର୍ଟଙ୍କ ...

ହାଇକୋର୍ଟ ବାର୍ ଆସୋସିଏଶନ ସମ୍ପାଦକ ସତ୍ୟବ୍ରତ ମହାନ୍ତିଙ୍କ ସୂଚନା ଅନୁଯାୟୀ, ସୁପ୍ରିମକୋର୍ଟ ଯେଉଁ ଆଦେଶ ଦେଇଛନ୍ତି ସେଥିରେ ଆମେ ପକ୍ଷ ନାହୁଁ। ଉକ୍ତ ମାମଲାରେ ଆମର କୌଣସି ଭୂମିକା ନାହିଁ। ଯଦି ସୁପ୍ରିମକୋର୍ଟ ନିଜଆଡୁ ଆମକୁ ପକ୍ଷଭୁକ୍ତ କଲେ ତେବେ ଆମକୁ ପକ୍ଷ ରଖିବାକୁ ସୁଯୋଗ ଦେଇନାହାନ୍ତି। ସୂଚନାଥାଉକି, ଗତ ଅଗଷ୍ଟ ୨୮ରେ ହାଇକୋର୍ଟ ଆଡଭୋକେଟ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅଗଷ୍ଟ ୨୯ରୁ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ତେବେ ଯେ ପର୍ଯ୍ୟନ୍ତ ଅଭିଯୁକ୍ତ ପୋଲିସ କର୍ମଚାରୀଙ୍କୁ ଗିରଫ କରା ନ ଯାଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବାର ପ୍ରଶ୍ନ ଉଠୁନି ବୋଲି ଓକିଲମାନେ ଚେତାବନୀ ଦେଇଛନ୍ତି। ଏହି ବିବାଦରେ ସୁପ୍ରିମକୋର୍ଟ ଗୁରୁବାର ହସ୍ତକ୍ଷେପ କରିଥିଲେ। କାର୍ଯ୍ୟବନ୍ଦ ଆନ୍ଦୋଳନରୁ ବିରତ ରହି ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ପ୍ରଧାନ ବିଚାରପତି ଜଷ୍ଟିସ ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଆଦେଶ ଦେଇଥିଲେ। ଏହାଛଡ଼ା ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ ଡିଆଇଜିଙ୍କ ପରିବର୍ତ୍ତେ ଆଇଜିଙ୍କ ଦ୍ୱାରା କରାଇବାକୁ ଖଣ୍ଡପୀଠ ଓଡ଼ିଶା ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ୧୧ରେ ଛାତ୍ର...

ନାମାଙ୍କନପତ୍ର ଦାଖଲ କରିବେ। ସେହିଦିନ ଅପରାହ୍ନ ୨ ଟାରୁ ୪ଟା ଭିତରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୪ ତାରିଖ ପୂର୍ବାହ୍ନ ୧୧ଟାରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ପରେ ଅପରାହ୍ନ ୨ଟାରୁ ୪ଟା ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ଏହାପରେ ସେହିଦିନ ଅପରାହ୍ନ ୫ଟାରେ କଲେଜ ନୋଟିସ୍ ବୋର୍ଡରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ 'ହ୍ୱାଟ ଆଇ୍ ଷ୍ଟାଣ୍ଡ ଫର୍' ମିଟିଂ ଅନୁଷ୍ଠିତ ହେବ। ୧୧ ତାରିଖରେ ନିର୍ବାଚନ ହେବ। ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମତଦାନ କରାଯିବ। ଅପରାହ୍ନ ୨ଟା ପରଠାରୁ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ୧୨ ତାରିଖ ପୂର୍ବାହ୍ନ ୧୧ଟାରେ କଲେଜ ସଭାକକ୍ଷରେ ବିଜୟୀ ପ୍ରାର୍ଥୀମାନେ ଶପଥ ଗ୍ରହଣ କରିବେ।

## ସାପ କାମୁଡ଼ାରେ...

ଉଭୟଙ୍କର ମୃତ୍ୟୁ ଘଟିଥିଲା। ଏକକାଳୀନ ଦୁଇ ପୁଅଙ୍କୁ ହରାଇ ମା'ବାପା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ବେଳେ ଚିକିତ୍ସାଳୟରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ସୂଚନାଥାଉ କି, ଗତ ଲଗାଣ ବର୍ଷା ଯୋଗୁ ବନ୍ଧପଡା ଗ୍ରାମରେ ଦୀର୍ଘଦିନ ହେବ ପାଣି ଜମି ରହିଥିଲା। ଫଳରେ ଗତ କିଛି ଦିନ ହେବ ବିଭିନ୍ନ ସ୍ଥାନରେ ବିଷଧର ସାପ ବୁଲୁଥିବା ଦେଖାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚାରୋଟି କେନ୍ଦ୍ରରେ ଗ୍ରହମାନେ ଅବସ୍ଥାନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ମାନସିକ ଓ ଶାରୀରିକ ଦିଗ ପାଇଁ ମଧ ବିଶେଷ ଅସୁବିଧା ହେବନାହିଁ। ଆର୍ଥିକ ଅଭିବୃଦ୍ଧି, ବନ୍ଧୁମିଳନ ଓ ସକାଳୁଆ ଯାତ୍ରା କେତେକାଂଶରେ ଶାନ୍ତି ପ୍ରଦାୟକ ହେବ। ମାତ୍ର ସାଧାରଣ ଭାବରେ ପାରିବାରିକ, ପରିବହନ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗିରହିବ।

**ବୃଷ** ଶୁକ୍ର ଷଷ୍ଠ ଭାବସ୍ଥ ହେଲେ ମଧ ସ୍ୱଗୃହୀ ହେତୁ ସ୍ୱାସ୍ଥ୍ୟ ବିଶେଷ ଭଲ ନ ଥିଲେ ବି ଗୁରୁତର ସମସ୍ୟା ରହିବ ନାହିଁ। ପାରିବାରିକ ସମସ୍ୟା ସାମୟିକ ଲାଗି ରହିବାରୁ କର୍ମକ୍ଷେତ୍ର ମଧ ପ୍ରଭାବିତ ହୋଇପାରେ। କଳା, ସାହିତ୍ୟ, ସଭା ସମିତିରେ ସମ୍ମାନିତ ହେବେ। ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପ, କଳା, ସାହିତ୍ୟରୁ ଖୁସି ରହିବେ।

**ମିଥୁନ** ରାଶ୍ୟାଧିପତିଙ୍କ ସମ୍ମୁଖରେ କର୍ମାଧିପ ନୂତନ ଯୋଜନା, ସ୍ଥଗିତ କାମ ଓ ପାରିବାରିକ ସମସ୍ୟାକୁ ସୁଧାରି ନେବେ। ଶିଥିଳତାର ପ୍ରତୀକ ଗ୍ରହ ଶନିଙ୍କ ଦୃଷ୍ଟି ସମ୍ପର୍କରୁ ସହନଶୀଳତା ଓ ଉଦାରତା ଗୁଣରୁ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ।

**କର୍କଟ** ଅନୁକୂଳ ଗ୍ରହସ୍ଥିତି ଆପଣଙ୍କ ପାରିବାରିକ ଜୀବନ ଓ କର୍ମକ୍ଷେତ୍ରକୁ ରୁଦ୍ଧିମନ୍ତ କରିବ। ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ ଲାଭରେ ସୌଭାଗ୍ୟ ପାଇ ଖୁସୀ ହେବେ। ବିଗତ ଦିନରୁ ରହିଯାଇଥିବା କାମଗୁଡ଼ିକ ସହଜରେ ହେବ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ସିଂହ** ତୃତୀୟସ୍ଥ ଗୁରୁ ଓ ଶୁକ୍ର ଭାଗ୍ୟଭାବକୁ ଦେଖୁଥିବାରୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ନିଶ୍ଚିତ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନାରୁ ଲାଭବାନ୍ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରଶଂସିତ ହେବେ। କିନ୍ତୁ ଚନ୍ଦ୍ରଙ୍କ ନବମ ସ୍ଥିତି ଜନିତ ପରିବାର ସହ ହଠାତ୍ ମନୋମାଳିନ୍ୟ ଘଟିପାରେ।

**କନ୍ୟା** ମଙ୍ଗଳ ଗୃହରେ ଅଷ୍ଟମଚନ୍ଦ୍ର ସାମାନ୍ୟ ଅସ୍ଥିରତା ମଧ୍ୟରେ କାମ ହାସଲ କରାଇବ। ଶନି କର୍ମସ୍ଥାନକୁ ଦେଖୁଥିବାରୁ କାମଗୁଡ଼ିକ ବିଳମ୍ବରେ ହେବା ସୂଚନା ରହିଛି। ବନ୍ଧୁମାନେ ସହଯୋଗର ପ୍ରତିଶ୍ରୁତି ଦେଇପାରନ୍ତି, କିନ୍ତୁ ତାହା କାମକୁ ଆସି ନ ପାରେ। ଆଇନ ଅଦାଲତ, କଳା ଆଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା** କର୍ମାଧିପ ସପ୍ତମଭାବସ୍ଥ ହେତୁ ଓ ମଙ୍ଗଳଦୃଷ୍ଟ କାରଣରୁ ଯାତ୍ରା, ବ୍ୟବସାୟ, ଜମିଜମା କାରବାର ପାଇଁ ଶୁଭପ୍ରଦ ହେବ। କିନ୍ତୁ ତୃତୀୟସ୍ଥ ଶନି ପ୍ରଭାବରେ ଆପଣ ଆଜି ନିଜ ଲୋକମାନଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ପରୋକ୍ଷ ଶତ୍ରୁତା ହେତୁ ସାମୟିକ ସମସ୍ୟା ସୃଷ୍ଟି ହୋଇପାରେ।

**ବିଛା** ରବି ଓ ଚନ୍ଦ୍ରଙ୍କ ସ୍ଥିତି ରାଶି ପାଇଁ ଅନୁକୂଳ ରହିଥିବାରୁ ଯାହା ପାଇବା ପାଇଁ ଭାବୁଛନ୍ତି ତାହା ଅବଶ୍ୟ ପାଇବେ। ପରୋକ୍ଷ ଶତ୍ରୁତାଜନିତ କୌଣସି ମିଥ୍ୟା ଗୁଜବ ମାନସିକ ଅଶାନ୍ତିର କାରଣ ହେବ। ଆବଶ୍ୟକତା ପୂରଣ କରିବା ସକାଶେ ବିଶେଷ ଚିନ୍ତା କରିବାକୁ ପଡ଼ିବ ନାହିଁ। ବନ୍ଧୁ ମିଳନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାଜନିତ ଆନନ୍ଦିତ ହୋଇପାରନ୍ତି।

**ଧନୁ** ରାହୁ ଅଧିଷ୍ଠିତ ରାଶ୍ୟାଧିପ ସନ୍ତାନ ଭାବସ୍ଥ ହେତୁ ଆପଣଙ୍କ ଭଲ କଥାକୁ ମଧ କେହି ସହଜରେ ଗ୍ରହଣ କରିବେ ନାହିଁ। ଫଳତଃ କୌଣସି ଅଭାବ ନ ଥାଇ ମଧ ମନଟା ଅଧିକାଂଶ ସମୟ ଭଲ ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧି ପାଇପାରେ, ଯାହାକି ଚିନ୍ତା ବୃଦ୍ଧି କରିବ। ଗଠନ ମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** ପ୍ରତ୍ୟେକ କାମକୁ ଦୃଢ଼ ପଦକ୍ଷେପ ନେଇ ହାସଲ କରିପାରିବେ। କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତା କାରଣରୁ କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ମନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି।

**କୁମ୍ଭ** ଚନ୍ଦ୍ରଙ୍କ ସ୍ଥିତି ଆପଣଙ୍କୁ ନୂତନ ଭାବରେ କୌଣସି କାମ କରିବାକୁ ଅନୁପ୍ରେରିତ କରିବ। ଆକସ୍ମିକ ଭାବରେ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ଆଇନ, ଅଦାଲତ ଓ ସାଙ୍ଗଠନିକ କାମରେ ସଫଳତା ହେତୁ ମାନସିକ ସ୍ଥିତି ଠିକ୍ ରହିବ।

**ମୀନ** ବନ୍ଧୁମାନଙ୍କ ସାହାଯ୍ୟରେ ପରିବାରରେ ସମସ୍ୟା ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଭୁଲ୍ ବୁଝାମଣାରୁ ଭୋଗବିଳାସରେ ବାଧାବିଘ୍ନ ଘଟିବ। ସାମାଜିକ ସ୍ତରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

ଆଜି ଆଶ୍ୱିନ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ଶନିବାର, ସେପ୍ଟେମ୍ବର ୨୯ ତାରିଖ, ବିଶ୍ୱ ହୃତ୍‌ପିଣ୍ଡ ଦିବସ, ରାଶି ନକ୍ଷତ୍ର-କୃତ୍ତିକା/ମେଷ, ଦିବା ଘ୯।୨୧ମି. ଗତେ ବୃଷ ଚନ୍ଦ୍ର, ବିଛା ରାଶିର ଘାତଚନ୍ଦ୍ର, ୫ମୀର ଶ୍ରାଦ୍ଧ। ଦିବା ଘ୧୧।୩୮ମି. ଗତେ, ଘ୧।୦୭ମି. ମଧ୍ୟେ ଘ୨।୩୦ମି. ଗତେ, ଘ୩।୫୮ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୦ମି. ଗତେ ଘ୮।୪୦ମି. ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ୮।୪୦ମି. ଗତେ ଘ୧୦।୦୮ମି. ମଧ୍ୟେ ରାହୁକାଳ।

## ଦିନକ ପାଇଁ ଔଷଧ ଦୋକାନ ବନ୍ଦ

# ରୋଗୀ ହନ୍ତସନ୍ତ, ୧୦ କୋଟି କ୍ଷତି



ଭୁବନେଶ୍ୱରର ଶହୀଦନଗରରେ ବନ୍ଦ ରହିଥିବା ଔଷଧ ଦୋକାନ।

ଭୁବନେଶ୍ୱର,୨୮।୯ (ବ୍ୟୁରୋ)

ଇ- ଫାର୍ମାସୀ ଓ ଅନ୍‌ଲାଇନ ଔଷଧ ବିକ୍ରିକୁ ବିରୋଧ କରି ସମଗ୍ରଦେଶରେଶୁକ୍ରବାରଔଷଧଦୋକାନବନ୍ଦରହିଥିଲା । ଏହାର ପ୍ରଭାବ ଓଡିଶାରେ ମଧ ଦେଖିବାକୁ ମିଳିଥିଲା। ସମଗ୍ର ଦେଶରେ ପ୍ରାୟ ୮.୫ ଲକ୍ଷ ଏବଂ ଓଡିଶାରେ ପ୍ରାୟ ୨୨ ହଜାର ଦୋକାନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ବନ୍ଦ ରହିଥିଲା। ଏଥିଯୋଗୁ ପ୍ରାୟ ୧୦ କୋଟିରୁ ଊର୍ଦ୍ଧ୍ୱ କ୍ଷତି ହୋଇଛି । ରୋଗୀମାନେ ଔଷଧ ପାଇବାରୁ ବଞ୍ଚିତ ହୋଇଛନ୍ତି। ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ପକ୍ଷରୁ ଦିଆଯାଇଥିବା ଏହି ବନ୍ଦ ଡାକରା ଓଡିଶାରେ ଶତ ପ୍ରତିଶତ ସଫଳ ହୋଇଛି ବୋଲି ଉତ୍କଳ ଡ୍ରଗିଷ୍ଟ ଓ କେମିଷ୍ଟ ଆସୋସିଏଶନ ସାଧାରଣ ସମ୍ପାଦକ ବନଜ ଜେନା କହିଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ର ସରକାର ଏହା ଉପରେ କି ପଦକ୍ଷେପ ନେଉଛନ୍ତି ତାହା ଉପରେ ନଜର ରହିଛି। ନଚେତ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ। ଅଖିଳ ଭାରତ ଔଷଧ ବ୍ୟବସାୟୀ ମହାସଂଘ ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ଇ- ଫାର୍ମାସୀ ନୀତି କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ନୂଆ ନୀତି ଆଣିବା ପୂର୍ବରୁ କେନ୍ଦ୍ର ସରକାର ଔଷଧ ବିକ୍ରେତା ସଂଗଠନଗୁଡିକ ସହ ଆଲୋଚନା କରି ନ ଥିବା ମହାସଂଘ ଅଭିଯୋଗ କରିଛି। ଅନଲାଇନ ଔଷଧ ବିକ୍ରି ବ୍ୟବସ୍ଥା ଆରମ୍ଭ ହେଲେ କ୍ଷୁଦ୍ର ଔଷଧ ଦୋକାନୀ ପ୍ରଭାବିତ ହେବା ସହ ସେମାନଙ୍କ ବ୍ୟବସାୟ ବୁଡିଯିବା ଆଶଙ୍କା ରହିଛି। ଅନଲାଇନ ଔଷଧ ବିକ୍ରି କେବଳ ବାଣିଜ୍ୟିକ ଦୃଷ୍ଟିକୋଣରୁ ନୁହେଁ ବରଂ ରୋଗୀମାନଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପକାଇବ। ବହୁ ରାଷ୍ଟ୍ରୀୟ କମ୍ପାନୀ ଦେଶର ସମସ୍ତ ଔଷଧ ବିକ୍ରି ବ୍ୟବସ୍ଥାକୁ ନିଜ କବ୍‌ଜାକୁ ନେଇଯିବ ବୋଲି ମହାସଂଘ ଆଶଙ୍କା କରିଛି। ଏହା ସତ୍ତ୍ୱେ ଯଦି ସରକାର ନିଜ ଜିଦରେ ଅଟଳ ରୁହନ୍ତି ତେବେ ଔଷଧ ବ୍ୟବସାୟୀମାନେ ଦୋକାନକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରଖିବେ ବୋଲି ମହାସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ଏହଛଡା ରାଜ୍ୟରେ କନଫେଡେରେଶନ ଅଫ ଅଲଇଣ୍ଡିଆ ଟ୍ରେଡର୍ସ (ସିଏଆଇଟି) ଖୁଚୁରା ବ୍ୟବସାୟରେ ସିଧା ସଳଖ ବିଦେଶ ପୁଞ୍ଜିନିବେଶ(ଏଫଡିଆଇ)କୁ ବିରୋଧ କରି ଦେଶରେ ଖୁଚୁରା ବ୍ୟବସାୟ ପ୍ରତିଷ୍ଠାନକୁ ବନ୍ଦ କରିବାକୁ ଆହ୍ୱାନ ଦେଇଥିଲା। ଏହି କ୍ରମରେ ରାଜ୍ୟରେ ପ୍ରାୟ ୨୦ ଲକ୍ଷ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବା ଓଡିଶା ବ୍ୟବସାୟୀ ମହାସଂଘର ସଭାପତି ସୁଧାକର ପଣ୍ଡା କହିଛନ୍ତି। ବନ୍ଦ ଡାକରା ଦ୍ୱାରା ରାଜ୍ୟରେ ଖୁଚୁରା ବ୍ୟବସାୟ କିଛି ମାତ୍ରାରେ ପ୍ରଭାବିତ ହୋଇଛି। ବଡ ବଡ ବଜାରରେ ଦୋକାନ ବନ୍ଦ ରହିଥିଲେ ମଧ ଅନ୍ୟ ଅଞ୍ଚଳରେ ଖୋଲା ରହିଥିଲା। ଏହି ବନ୍ଦ ଦ୍ୱାରା ଖାଉଟିମାନଙ୍କ ଉପରେ କୌଣସି ପ୍ରଭାବ ପଡି ନାହିଁ। ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ୧୫ରୁ ୨୦ ଦିନ ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଗଚ୍ଛିତ ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି।


# ନାଲ୍‌କୋ ଅଧ୍ୟକ୍ଷଙ୍କୁ ଏନ୍‌ଆଇପିଏମ୍ ରତ୍ନ ଆୱାର୍ଡ

ଭୁବନେଶ୍ୱର,୨୮।୯

ନାଲକୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦଙ୍କୁ ଏନ୍‌ଆଇପିଏମ୍ ରତ୍ନ ଆୱାର୍ଡ ପ୍ରଦାନ କରାଯାଇଛି। ପୁଣେଠାରେ ଅନୁଷ୍ଠିତ ୩୭ତମ ଏନଆଇପିଏମ୍ ବାର୍ଷିକ ଜାତୀୟ ସମ୍ମେଳନ ନାଟକନ୍- ୨୦୧୮ ଅବସରରେ ତାଙ୍କୁ ଏହି ଆୱାର୍ଡ ମିଳିଛି। ମାନବ ସମ୍ବଳ ପରିଚାଳନା ଏବଂ ଉଚ୍ଚମାନର ନେତୃତ୍ୱ ଲାଗି ଚାନ୍ଦ ଏହି ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ଚାନ୍ଦ ଏହି ଆୱାର୍ଡକୁ ଦେଶର ସମସ୍ତ ଏଚ୍‌ଆର୍ ଅଧିକାରୀ ଏବଂ ନାଲକୋର ସମସ୍ତ କର୍ମଚାରୀଙ୍କୁ ଉତ୍ସର୍ଗ କରିଛନ୍ତି। ବର୍ତ୍ତମାନର ସମୟରେ ଆମେ ଚତୁର୍ଥ ଶିଳ୍ପ ଆନ୍ଦୋଳନର ଦ୍ୱାରଦେଶରେ ପହଞ୍ଚିଛୁ ବୋଲି ଚାନ୍ଦ ଏହି ଅବସରରେ ସୂଚନା ଦେଇଛନ୍ତି। ପ୍ରଥମ ଶିଳ୍ପ ବିପ୍ଳବ ଶାରୀରିକ ବଳରୁ ବାଷ୍ପୀୟ ଶକ୍ତିକୁ ପରିବର୍ତ୍ତନ ହୋଇଥିବା ବେଳେ ଦ୍ୱିତୀୟ ଶିଳ୍ପ ବିପ୍ଳବ ବିଦ୍ୟୁତ ଶକ୍ତି, ତୃତୀୟ ପର୍ଯ୍ୟାୟରେ ସୂଚନା ପ୍ରଯୁକ୍ତି ଏବଂ ଅଟୋମେଶନ ମାନବ ପ୍ରୟାସକୁ ଆହୁରି ବୁଦ୍ଧିମନ୍ତ କରିଛି। ସମ୍ପ୍ରତି ଚତୁର୍ଥ ଶିଳ୍ପ ଆନ୍ଦୋଳନର ଅଭ୍ୟୁଦୟ ସହ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ, ଇଣ୍ଟରନେଟ ଅଫ୍ ଥିଙ୍ଗସ, ରୋବୋଟିକ୍ସ, ଅଗମେଣ୍ଟେଡ ରିୟଲିଟି ଭଳି ନୂତନ ଉପାଦାନ ଶିଳ୍ପାୟନକୁ ଆହୁରି ସମୃଦ୍ଧ କରିଥିବା ଚାନ୍ଦ କହିଛନ୍ତି। ଇଣ୍ଡଷ୍ଟ୍ରି ୪.୦ ସହ ନୂତନ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ଦ୍ୱାରା କ୍ୟାପିଟାଲ ନିବେଶ ହ୍ରାସ ହେବା ସହ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ହେବ। ଚତୁର୍ଥ ଶିଳ୍ପ ଆନ୍ଦୋଳନ ଲାଗି ଶିଳ୍ପଗୁଡିକ ପ୍ରସ୍ତୁତି ହେବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ସୂଚନା ଯୋଗ୍ୟ, ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ୍ ପର୍ସୋନେଲ ମ୍ୟାନେଜମେଣ୍ଟ (ଏନ୍‌ଆଇପିଏମ୍) ମାନବ ସମ୍ବଳ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ନେଇ ଏକ ସର୍ବୋଚ୍ଚ ସଂସ୍ଥା।



ତପନ କୁମାର ଚାନ୍ଦ




## ପ୍ରାଣୀ ପାଳନ, ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ଭାବେ ରତ୍ନାକର ରାଉତଙ୍କ ଯୋଗଦାନ

କଟକ ଅଫିସ, ୨୮।୯-

କଟକସ୍ଥିତ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭାବେ ରତ୍ନାକର ରାଉତ ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପରେ ରାଉତ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରି ଚାଷୀଙ୍କ ଉନ୍ନତି ଦିଗରେ କି ପଦକ୍ଷେପ ନିଆଯାଇଛି ଓ ନୂତନ ଭାବେ କ'ଣ ନିଆଯାଇପାରିବ, ସେ ବିଷୟରେ ଆଲୋଚନା କରିଥିଲେ। ଗୋପାଳନ, କୁକୁଡା, ଛେଳି, ମେଣ୍ଢା ପାଳନ ଉପରେ ବିଶେଷ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଏଥିସହ ପ୍ରାଣୀମାନଙ୍କ ବିଭିନ୍ନ ରୋଗ ନିରାକରଣ ଦିଗରେ ତ୍ୱରିତ ପଦକ୍ଷେପ ନେବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ।




## ରାଜସ୍ୱ ବିଭାଗ ଯୁଗ୍ମ ସଚିବଙ୍କୁ ଜେଲଦଣ୍ଡ

କଟକ ଅଫିସ, ୨୮।୯: ରାଜସ୍ୱ ବିଭାଗର ଯୁଗ୍ମ ସଚିବ ମନମୋହନ ମିଶ୍ରଙ୍କୁ ୧ ବର୍ଷ ଜେଲ୍ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଆଦାୟ ନ ହେଲେ ମିଶ୍ରଙ୍କୁ ଅଧିକ ୩ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ଢେଙ୍କାନାଳ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତର ବିଚାରପତି ଆଦେଶ ଦେଇଛନ୍ତି। ଅନ୍ୟ ଏକ ଦଫାରେ ମଧ ଅଭିଯୁକ୍ତ ମିଶ୍ରଙ୍କୁ ୧ ବର୍ଷ ସଶ୍ରମ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ଦିଆଯାଇଛି। ଜରିମାନା ଆଦାୟ ନ ହେଲେ ଅଭିଯୁକ୍ତଙ୍କୁ ଆଉ ୨ ମାସ ସଶ୍ରମ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ସମସ୍ତ ଦଣ୍ଡ ଅଭିଯୁକ୍ତଙ୍କ ବିରୋଧରେ ଏକକାଳୀନ ଚାଲିବ ବୋଲି ରାୟରେ ଉଲ୍ଲେଖ ଅଛି। ସୂଚନାଥାଉକି, ମିଶ୍ର ପୂର୍ବରୁ ଢେଙ୍କାନାଳ ଜିଲା କାମାକ୍ଷାନଗରର ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ବ୍ଲକ ଅଧୀନ ତୁମିସିଂହା ଅଞ୍ଚଳର ବିନୋଦ ବିହାରୀ ସାହୁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ୨ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ସାହୁ ୨୦୦୪-୦୫ ମସିହାରେ ସରକାରଙ୍କ ଖାଦ୍ୟ ପାଇଁ କାମ ଯୋଜନା (ଫୁଡ୍ ଫର୍ ୱାର୍କ)ରେ ବ୍ଲକ ଅଧୀନସ୍ଥ ମଜୁରନାଟିଆ କଟାବନ୍ଧ ଖନନ କାର୍ଯ୍ୟ କରିଥିଲେ। କାର୍ଯ୍ୟ ବାବଦ ଚୂଡ଼ାନ୍ତ ବିଲ୍ ପାଇଁ ସେ ବିଡିଓ ମିଶ୍ରଙ୍କୁ ଅନୁରୋଧ କରିବାରୁ ଏଥିପାଇଁ ବିଡିଓ ୨ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ କଟକ ଭିଜିଲାନ୍ସ ଥାନାରେ ୭/୨୦୦୬ରେ ଏକ ମାମଲା ରୁଜୁ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି କେ.ସି. ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।



ମହାନ୍ ଆତ୍ମାମାନଙ୍କୁ ଏକ ନିଃସଙ୍ଗ ଜୀବନ ମଧ୍ୟ ବଂଚିବାକୁ ପଡିଥାଏ। ଯେଉଁମାନେ ସାରାବିଶ୍ୱର ପୂଜନୀୟ– ସେମାନେ ଏକୁଟିଆ ବିଚରଣ କରୁଥାନ୍ତି। ସେମାନଙ୍କର ସର୍ବବିଧ ମହତ ଚେଷ୍ଟା ବ୍ୟର୍ଥ ମଧ୍ୟ ହୋଇ ଯାଇପାରେ। କିନ୍ତୁ ଅବିଚଳିତ ରହନ୍ତି ସେମାନେ। ସେମାନଙ୍କ ନିଜ ଅନ୍ତରର ଶକ୍ତି ହିଁ ଏକମାତ୍ର ବନ୍ଧୁ।
–ଶ୍ରୀଅରବିନ୍ଦ

# ବାବୁ ଅଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜମ୍ମୁ-କଶ୍ମୀରରେ ପିଡିପି-ଭାଜପା ସରକାର କ୍ଷମତାରେ ଥିଲାବେଳେ ରାଜ୍ୟର ବାବୁ-ଅଭାବଜନିତ ପରିସ୍ଥିତିକୁ କିଛି ପରିମାଣରେ ଲାଘବ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରରେ ଡେପୁଟେଶନରେ ନିଯୁକ୍ତ ବାବୁମାନଙ୍କୁ ରାଜ୍ୟକୁ ଫେରାଇ ଦେବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ କେନ୍ଦ୍ର ସରକାର ଗାଳେଇଦେଇଥିଲେ। କିନ୍ତୁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହେବା ଏବଂ ଏପରି କି ରାଜ୍ୟପାଳ ଏନ୍.ଏନ୍. ଭୋରାଙ୍କୁ ପରିବର୍ତ୍ତନ କରାଯାଇ ତାଙ୍କ ସ୍ଥାନରେ ସତ୍ୟପାଲ ମଲିକଙ୍କୁ ନିଯୁକ୍ତି ଦିଆଯିବା ପରେ ପରିସ୍ଥିତି କିଛିଟା ବଦଳିଛି। କିନ୍ତୁ ଜଣେ ନୂଆ ରାଜ୍ୟପାଳ ଯେ ଦୃଶ୍ୟପଟକୁ ପୂରା ବଦଳେଇ ଦେଇପାରିବେ, ତାହା ନୁହେଁ। ପ୍ରାପ୍ତ ସୂଚନା ଅନୁଯାୟୀ, କେତେଜଣ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ରାଜ୍ୟକୁ ଫେରାଇ ଦେବା ଲାଗି ଭୋରା କେନ୍ଦ୍ରକୁ ଚିଠି ଲେଖିଥିଲେ। ସେହି ବାବୁମାନେ ହେଉଛନ୍ତି: ଅରୁଣ କୁମାର ମେହେଟ୍ଟା, ଅଟଲ ଦୁଲ୍ଲୁ ଓ ମନୋଜ କୁମାର ଦ୍ୱିବେଦୀ। ମେହେଟ୍ଟା ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଥିବାବେଳେ ଦୁଲ୍ଲୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଯୁଗ୍ମ ସଚିବ ଅଛନ୍ତି ଏବଂ ଦ୍ୱିବେଦୀ ବାଣିଜ୍ୟ ବିଭାଗର ଯୁଗ୍ମ ସଚିବ ଭାବେ ଅବସ୍ଥାପିତ ଅଛନ୍ତି। ମଲିକ ମଧ୍ୟ ଭୋରାଙ୍କ ପରି କେନ୍ଦ୍ରକୁ ଅନୁରୂପ ଅନୁରୋଧ ଜଣାଇପାରନ୍ତି। ବର୍ତ୍ତମାନ ଜମ୍ମୁ-କଶ୍ମୀରରେ ଅନୁମୋଦିତ ୧୩୭ ସ୍ଥାନରେ ଅଛନ୍ତି ମାତ୍ର ୮୪ ଜଣ ଆଇଏଏସ୍ ଅଫିସର। ସେହି ୮୪ ଜଣଙ୍କ ମଧ୍ୟରୁ ଉକ୍ତ ତିନିଜଣ ଡେପୁଟେଶନରେ ମୋଦି ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟରତ ଅଛନ୍ତି।

### ଅର୍ଥ ମନ୍ତ୍ରଣାଳୟରେ କର୍ମଚାପ

ଅର୍ଥ ମନ୍ତ୍ରଣାଳୟରେ ବର୍ତ୍ତମାନ ବିଭିନ୍ନ ସ୍ତରର ପ୍ରାୟ ୩୦୦୦୦ ପଦବୀ ଖାଲି ପଡ଼ିଛି। ତା' ସତ୍ତ୍ୱେ ଏହି ପଦଗୁଡ଼ିକ ପୂରଣ କରିବା ଲାଗି ମନ୍ତ୍ରଣାଳୟରେ କୌଣସି ତତ୍ପରତା ପ୍ରକାଶ ପାଇବାର କିଛି ଲକ୍ଷଣ ଦେଖାଯାଉ ନାହିଁ। ସବୁଠାରୁ ବେଶି କର୍ମଚାରୀ ଅଭାବ ରହିଛି କେନ୍ଦ୍ରୀୟ ପରୋକ୍ଷ କର ଓ ସୀମାଶୁଳ୍କ ବୋର୍ଡ (ସିବିଆଇସି)ରେ। ଏଠାରେ ପ୍ରାୟ ୨୦୦୦୦ ପଦବୀ ଖାଲି ପଡ଼ିଛି ଏବଂ ସଫଳ ଭାବେ ଜିଏସ୍‌ଟି ଲାଗୁ କରିବା ଲାଗି ଏହି ପଦବୀଗୁଡ଼ିକ ତୁରନ୍ତ ପୂରଣ କରାଯିବା ଦରକାର। ବିଭାଗ ତରଫରୁ ତଥା ସିବିଆଇସି କର୍ମଚାରୀ ସଂଘ ତରଫରୁ ବାରମ୍ବାର ସ୍ମାରକପତ୍ର ଦିଆଗଲେ ମଧ୍ୟ କେନ୍ଦ୍ର ସରକାର ପଦବୀଗୁଡ଼ିକ ପୂରଣ କରିବା ଲାଗି କୌଣସି ତତ୍ପରତା ପ୍ରକାଶ କରୁନାହାନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ମୋଟ ଅନୁମୋଦିତ ୫,୫୮୩ ଗ୍ରୁପ୍ ଏ ଏକ୍‌ଜିକ୍ୟୁଟିଭ୍ ପଦବୀ ମଧ୍ୟରୁ ୧୮୮୪ଟି ବରିଷ୍ଠ ସ୍ତରୀୟ ପଦବୀ ଖାଲି ପଡ଼ିଛି। ଉକ୍ତ ଖାଲି ପଦବୀଗୁଡ଼ିକ ମଧ୍ୟରେ ରହିଛି ସମସ୍ତ ୭ଟି ଯାକ ପରୋକ୍ଷ କର ଲୋକପାଳ, ୩୦ଟି କମିଶନର, ୪୨୨ଟି ଅତିରିକ୍ତ କମିଶନର ଓ ଯୁଗ୍ମ କମିଶନର ଏବଂ ୧୩୫୧ଟି ଡେପୁଟି କମିଶନର ଓ ଆସିଷ୍ଟାଣ୍ଟ କମିଶନର ପଦବୀ। ଯଦି ମିଳିଥିବା ତଥ୍ୟକୁ ବିଶ୍ୱାସ କରାଯାଏ, ତେବେ ରିକଭରି ବିଭାଗ ଏବଂ ଆଞ୍ଚଳିକ କେନ୍ଦ୍ରଗୁଡ଼ିକରେ ରହିଥିବା କର୍ମଚାରୀ ଅଭାବ ହିଁ ସରକାରଙ୍କ ଦ୍ୱାରା ଜିଏସ୍‌ଟି ରିଟର୍ନର ପ୍ରକ୍ରିୟାରେ ମନ୍ଥରତା ପାଇଁ ଦାୟୀ। ଏପରି କି ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତାଠାରୁ ଆରମ୍ଭ କରି ମୁଖ୍ୟ ପରିସଂଖ୍ୟାନବିତ୍ ପର୍ଯ୍ୟନ୍ତ ନୀତି ନିର୍ଦ୍ଧାରଣ ସ୍ତରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଖାଲି ପଡ଼ିଛି। ଇତ୍ୟବସରରେ ଗୁଜବ ଶୁଣିବାକୁ ମିଳୁଛି ଯେ, ଅର୍ଥ ସଚିବ ହସମୁଖ ଆଧିଆ ଭାରତର ପରବର୍ତ୍ତୀ ନିୟନ୍ତ୍ରକ ଓ ମହାଲେଖାପରୀକ୍ଷକ (ସିଏଜି) ଭାବେ ମନୋନୀତ ହୋଇପାରନ୍ତି। ୧୯୮୧ ବ୍ୟାଚ୍‌ର ଅଫିସର ଆଧିଆ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟତର ଭାବେ ଜଣାଶୁଣା ଏବଂ ଆସନ୍ତା ନଭେମ୍ବର ମାସରେ ଅବସର ନେବାର ଅଛି।

### ଅପାରଗତା ପାଇଁ ଅବସର

ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗ ଉପରେ ଚାରିବର୍ଷ ଧରି ନଜର ରଖାଯିବା ପରେ ଶେଷରେ ବରିଷ୍ଠ ଆଇପିଏସ୍ ଅଫିସର ମାୟାଙ୍କ ଜୈନଙ୍କୁ କେନ୍ଦ୍ର ସରକାର ବାଧ୍ୟତାମୂଳକ ଅବସର ଦେଇଛନ୍ତି। ମଜାର କଥା ହେଲା, ଅପାରଗତା ପାଇଁ ତାଙ୍କୁ ଉକ୍ତ ଅସମୟ ଅବସର ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ, ବିଧିବଦ୍ଧ ପ୍ରକ୍ରିୟା ପରେ ମଧ୍ୟପ୍ରଦେଶ ସରକାର ଉକ୍ତ ୧୯୯୫ ବ୍ୟାଚ୍ ଅଫିସରଙ୍କୁ ଅବସର ଦେବା ଲାଗି ଅନୁମୋଦନ କରିଥିଲେ। କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା ଦୃଷ୍ଟିରୁ ଜୈନଙ୍କୁ ଆଉ ଚାକିରିରେ ରଖିବା ଉଚିତ ନୁହେଁ ବୋଲି ରାଜ୍ୟ ସରକାର ଦର୍ଶାଇଥିଲେ। ରାଜ୍ୟ ସରକାର ପୁଣି ସ୍ପଷ୍ଟୀକରଣ ଦେଇଥିଲେ ଯେ, ଏହି ସଅଳ ଅବସର ପାଇଁ ତାଙ୍କ ସମ୍ପତ୍ତି ଉପରେ ଲୋକାୟୁକ୍ତଙ୍କ ଚଢ଼ାଉକୁ ବିଚାରକୁ ନିଆଯାଇ ନାହିଁ। ଅପାରଗତା କାରଣରୁ ଏହି ନିଷ୍ପତ୍ତି ନିଆଯାଇଛି। ଯାହା ଜଣାଯାଏ, ରାଜ୍ୟ ସରକାର ଗତ ମାର୍ଚ୍ଚ ମାସରେ ବାବୁଙ୍କୁ ବାଧ୍ୟତାମୂଳକ ଅବସର ଦେବା ଲାଗି ସୁପାରିସ କରିଥିଲେ। କେନ୍ଦ୍ର ସରକାର ତାହାର ବିଚାର କରି ଶେଷରେ ଉକ୍ତ ସୁପାରିସକୁ ଗ୍ରହଣ କରିନେଇଥିଲେ। ଜୈନ ଥିଲେ ଆଇଜି (କମ୍ୟୁନିଟି ପୋଲିସିଂ) ଏବଂ ଭୋପାଳ ପୋଲିସ ମୁଖ୍ୟାଳୟରେ ନିଯୁକ୍ତି ପାଇଥିଲେ। ତାଙ୍କ ବିରୋଧରେ ଅନେକ ଅଭିଯୋଗ ପାଇବା ପରେ ଲୋକାୟୁକ୍ତ ପୋଲିସ ଦଳ ତାଙ୍କର ଭୋପାଳ, ଉଜ୍ଜୟିନୀ, ଇନ୍ଦୋର ଓ ରେୱାସ୍ଥିତ ଘର ଓ ସମ୍ପତ୍ତି ଉପରେ ଚଢ଼ାଉ କରିଥିଲେ।

Email: dilipcherian@gmail.com

# ଡେରି ନୁହେଁ ତେଲ ପାଇଁ ହାହାକାର



ଇଂ. ହାଡ଼ିବନ୍ଧୁ ଖଣ୍ଡୁଆଳ

ଗତ ଅଗଷ୍ଟ ଶେଷ ସପ୍ତାହରୁ ସେପ୍ଟେମ୍ବର ଶେଷ ସପ୍ତାହ ପର୍ଯ୍ୟନ୍ତ ତୈଳ ଦର ଲାଗ୍ ଲାଗ୍ ବଢ଼ିଚାଲିଛି। ଏହା ବିରୋଧରେ ଦେଶର ବିରୋଧୀ ଦଳ ସବୁ ସରକାରଙ୍କ ଉପରେ ଚାପ ପକାଇବାକୁ ରାଜରାସ୍ତାକୁ ଓହ୍ଲାଇଲେ। ଦରବୃଦ୍ଧି ସହ ତାଳଦେଇ ଜନଅସନ୍ତୋଷ ବି ବଢ଼ିଲା। ତୈଳ ଉତ୍ପାଦନକାରୀ ରାଷ୍ଟ୍ରଗୁଡ଼ିକ ଅଶୋଧିତ ତୈଳଦର ବୃଦ୍ଧି କରି ଚାଲିଛନ୍ତି। ସେମାନେ ସାଧାରଣତଃ ତୈଳ ଉତ୍ପାଦନକୁ ସଙ୍କୁଚିତ କରି, ନିଅଣ୍ଟିଆ ବଜାର ସୃଷ୍ଟିକରି ଦର ବୃଦ୍ଧି କରନ୍ତି। ୨୦୦୮ ମସିହାର ଘଟଣା। ସେମାନେ ତୈଳ ଉତ୍ପାଦନ କମାଇ ଦେବାରୁ ତୈଳଦର ବୃଦ୍ଧି ପାଇଲା ଓ ଜନଅସନ୍ତୋଷ ବଢ଼ିଲା। ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସମୂହର ସେକ୍ରେଟାରି ଜେନେରାଲ ଅବଦୁଲ୍ ବାଦ୍ରିଙ୍କ ଉଦ୍ୟମ ଫଳରେ ସେ ରାଷ୍ଟ୍ରଗୁଡ଼ିକ ତୈଳ ଉତ୍ପାଦନ ବଢାଇଲେ ଓ ତୈଳ ଦର ଖସିଲା। ଏବେ କୃତ୍ରିମ ନିଅଣ୍ଟିଆ ବଜାର ସୃଷ୍ଟି କରାଯାଉଛି। ଆଗକୁ ଯେତେବେଳେ ପୃଥିବୀ ଭଣ୍ଡାରରୁ ତୈଳ ସରିସରି ଆସିବ, ସେତେବେଳେ ଆପେ ଆପେ ନିଅଣ୍ଟିଆ ବଜାର ସୃଷ୍ଟି ହେବ ଓ ତୈଳଦର ହୁ ହୁ ହୋଇ ବଢ଼ିବ। ଏହା ମାତ୍ର ୪୦ ବର୍ଷ ପରେ ଆରମ୍ଭ ହୋଇଯିବ।

ଏ ଯେଉଁ ତୈଳ ବିଷୟରେ ଆଲୋଚନା କରାଯାଉଛି ତାହା ଜୀବାଶ୍ମରୁ ନିର୍ଗତ ତୈଳ। ହଜାର ହଜାର ବର୍ଷ ପୂର୍ବେ ଭୂତଳରେ ଚାପି ହୋଇଥିବା ଜୀବାଶ୍ମରୁ ନିର୍ଗତ ତରଳ ପଦାର୍ଥକୁ ଆମେ ଅଶୋଧିତ ତୈଳଭାବେ ଉତ୍ତୋଳନ କରୁ। ତାହାକୁ ବିଭିନ୍ନ ପଦ୍ଧତିରେ ଶୋଧନ କରି ସେଥିରୁ ବାହାର କରୁ କିରୋସିନ, ଡିଜେଲ, ପେଟ୍ରୋଲ ଇତ୍ୟାଦି। ଏ ଉତ୍ତୋଳିତ ତୈଳକୁ କୁହାଯାଏ ପେଟ୍ରୋଲିୟମ୍। ପେଟ୍ରୋଲିୟମ୍ ବ୍ୟବହାର କରାଯାଏ ଶକ୍ତି ପାଇଁ। ବିଭିନ୍ନ ପ୍ରକାର ଯାନ ଚଳାଇବାକୁ ଦରକାର ଶକ୍ତି। କାରଖାନାର ବିଭିନ୍ନ କଳ, ଯନ୍ତ୍ରପାତି, କୃଷିକ୍ଷେତ୍ରର ଯନ୍ତ୍ରପାତି, ପାଣିପମ୍ପ ଇତ୍ୟାଦି ଚଳାଇବାକୁ ଦରକାର ଶକ୍ତି। ଆମେ ହାତରେ କରିପାରୁ ନ ଥିବା ଭାରି ଓ ଶ୍ରମସାଧ୍ୟ କାମ ପାଇଁ ବ୍ୟବହାର କରୁ ଶକ୍ତି। ଗୃହରେ ଲାଇଟ୍, ଫ୍ୟାନ୍, ଟିଭି ଓ ଯାବତୀୟ କାର୍ଯ୍ୟ ପାଇଁ ଦରକାର ଶକ୍ତି। ଏ ସବୁ ଶକ୍ତି ମିଳେ ପେଟ୍ରୋଲିୟମ୍ ଓ ଅନ୍ୟ ଉତ୍ସରୁ।

ଗୋଟିଏ ଦେଶ କେତେ ସମୃଦ୍ଧ ଜାଣିବା ପାଇଁ ସେ ଦେଶର ମୁଣ୍ଡପିଛା ଆୟକୁ ହିସାବ କରାଯାଏ। ତତ୍‌ସଙ୍ଗେ ସମୃଦ୍ଧିର ମାପକାଠି ହେଉଛି ସେ ଦେଶରେ ମୁଣ୍ଡପିଛା କେତେ ଶକ୍ତି ବ୍ୟବହାର କରାଯାଏ। ଯେଉଁ ଦେଶରେ ମୁଣ୍ଡ ପିଛା ଶକ୍ତି ବ୍ୟବହାର ଯେତେ ଅଧିକ ସେ ଦେଶ ସେତେ ସମୃଦ୍ଧ। ଏ ଶକ୍ତିର ମାପ କରାଯାଏ ପେଟ୍ରୋଲିୟମ୍ ତୈଳ ଆକାରରେ। ଭାରତରେ ମୁଣ୍ଡପିଛା ଶକ୍ତି ପାଇଁ ୩୧୦ କିଲୋ ତୈଳ ବ୍ୟବହାର ହେଉଥିଲା ବେଳେ ଚାଇନାରେ ମୁଣ୍ଡ ପିଛା ୭୭୯, ଜାପାନରେ ମୁଣ୍ଡପିଛା ୪୦୧୧ ଓ ଆମେରିକାରେ ମୁଣ୍ଡପିଛା ୭୮୬୧ କିଲୋ ବ୍ୟବହାର କରାଯାଏ। ଅର୍ଥାତ୍ ମୁଣ୍ଡପିଛା ଶକ୍ତି ପାଇଁ ଆମେ ଯେତେ ତୈଳ ଆବଶ୍ୟକ କରୁ ଆମେରିକାରେ ତା'ର ୨୫ ଗୁଣରୁ ଅଧିକ ତୈଳ ବ୍ୟବହାର କରନ୍ତି। ଆମର ଆବଶ୍ୟକ ଶକ୍ତି କେବଳ ପେଟ୍ରୋଲିୟମ୍‌ରୁ ଆମେ ଆହରଣ କରୁନାହୁଁ। କୋଇଲା, ଗ୍ୟାସ୍, ବିଜୁଳି, ପବନ, ଖରା, କାଠ, ଉଦ୍‌ଜାନ, ଆଣବିକ ଇନ୍ଧନ ଇତ୍ୟାଦିରୁ ମଧ୍ୟ କରୁଛୁ। ଏକବିଂଶ ଶତାବ୍ଦୀ ପ୍ରାରମ୍ଭରେ ହିସାବ କରି ଦେଖାଯାଇଛି ଏ ସବୁ ଉତ୍ସରୁ ପୃଥିବୀରେ ଯେତେ ଶକ୍ତି ଆହରଣ କରାଯାଉଥିଲା କେବଳ ଜୀବାଶ୍ମ ଇନ୍ଧନ (ପେଟ୍ରୋଲିୟମ୍, କୋଇଲା, ଗ୍ୟାସ୍)ରୁ ୮୫ ପ୍ରତିଶତ ଶକ୍ତି ଆହରଣ କରାଯାଉଥିଲା ଓ କେବଳ ପେଟ୍ରୋଲିୟମ୍‌ରୁ ପୃଥିବୀର ପାଖାପାଖି ୪୦ ପ୍ରତିଶତ ଶକ୍ତି ଆହରଣ କରାଯାଉଥିଲା। ଭାରତରେ ଆବଶ୍ୟକ ଶକ୍ତିର ୩୦ ଶତାଂଶ ଆହରଣ କରାଯାଏ ତୈଳରୁ। ପୃଥିବୀରେ ଉତ୍ତୋଳିତ ତୈଳର ଏକ ତୃତୀୟାଂଶ ଖର୍ଚ୍ଚ ହୁଏ କେବଳ କାର୍ ଓ ଟ୍ରକ୍ ଚଳାଇବାରେ।

ଆମେ ରାସ୍ତାକୁ ବାହାରିପଡିଲେ ଦେଖିବା ରାସ୍ତାରେ କାର୍, ଟ୍ରକ୍, ସ୍କୁଟର, ମୋଟର ଇତ୍ୟାଦି ପଛକୁ ପଛ ଧାଉଁଛନ୍ତି। ଦୂରରୁ ଦେଖିଲେ ଜଣାପଡିବ ଯେପରି ରାସ୍ତାରେ ଗାଡିଗୁଡ଼ିକର ଏକ ଧାଡି ଲାଗିଛି। ପଛକୁ ପଛ ଗାଡିସବୁ ଏତେ ଦ୍ରୁତଗତିରେ ଚାଲନ୍ତି ଯେ, ଛକରେ ଟ୍ରାଫିକ୍ ପୋଲିସ୍‌ର ବିନା ସାହାଯ୍ୟରେ ରାସ୍ତା ପାରିହେବା ଅସମ୍ଭବ। ଉପରକୁ ଚାହିଁଲେ ଦେଖିବା ଆକାଶରେ ଉଡାଜାହାଜ ଧାଇଁଛି। ଜଳରେ ବୁଡାଜାହାଜ ଧାଇଁଛି। ଏସବୁ ଯାନର ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି। କିଛି ଦଶନ୍ଧି ତଳେ ଗ୍ରାମଗୁଡ଼ିକରେ ପେଟ୍ରୋଲଚାଳିତ ଗାଡି ଦେଖିବାକୁ ମିଳୁ ନ ଥିଲା। କାଁ ଭାଁ ଗାଁକୁ ଗୋଟିଏ ପେଟ୍ରୋଲଚାଳିତ ଦୁଇଚକିଆ ବା ଚାରିଚକିଆ ଯାନ ଆସିଲେ ତାକୁ ପାଖରୁ ଓ ଦୂରରୁ ସମସ୍ତେ ନିରୀକ୍ଷଣ କରୁଥିଲେ। ଆଜି ପ୍ରତି ଗ୍ରାମରେ ପେଟ୍ରୋଲଚାଳିତ ଗାଡି ଦେଖିବାକୁ ମିଳୁଛି। ସହରଗୁଡ଼ିକରେ ଜଣେ ଜଣେ ବ୍ୟକ୍ତି କାର୍ ସାଙ୍ଗକୁ ସ୍କୁଟର, ମୋଟରସାଇକେଲ ନ ରଖିଲେ ଦୈନନ୍ଦିନ କାର୍ଯ୍ୟ କାରିପାରୁନାହାନ୍ତି। କେବଳ ଆମ ସହର ବା ଦେଶ ନୁହେଁ, ସାରା ବିଶ୍ୱରେ ପେଟ୍ରୋଲଚାଳିତ ଗାଡ଼ି ସଂଖ୍ୟା ଦ୍ରୁତଗତିରେ ବଢିଚାଲିଛି। ୧୯୫୦ରେ ପୃଥିବୀରେ ୫୩ ମିଲିୟନ କାର୍ ଚାଲୁଥିବା ବେଳେ ୧୯୯୦ ବେଳକୁ ତାହା ୪୦୦ ମିଲିୟନ ହେଲା। ବିଂଶ ଶତାବ୍ଦୀ ଶେଷବେଳକୁ ଯାନ ସଂଖ୍ୟା ୫୦୦ ମିଲିୟନରେ ପହଞ୍ଚିବା ଅନୁମାନ କରାଯାଉଛି। ଏକ ପରିସଂଖ୍ୟାନରୁ ଜଣାଯାଏ, ବିଗତ ଦଶନ୍ଧିର ମାତ୍ର ୫ ବର୍ଷ ମଧ୍ୟରେ ତୃତୀୟ ବିଶ୍ୱରେ ଗାଡିସଂଖ୍ୟା ବଢିଛି ୩୦ରୁ ୪୦ ପ୍ରତିଶତ। ଉନ୍ନତ ରାଷ୍ଟ୍ରଙ୍କ କଥା କ'ଣ ବା କହିବା! ୧୯୭୦ ମସିହାରେ ବିଶ୍ୱରେ ଯେତେବେଳେ ଇନ୍ଧନ ତୈଳର ଆବଶ୍ୟକତା ଖୁବ୍ ବଢିଗଲା, ସେତେବେଳେ ଆମେରିକାରେ ୨୦୩ ମିଲିୟନ ଲୋକଙ୍କ ପାଖରେ ୧୧୧ ମିଲିୟନ କାର୍ ଥିଲା, ଅର୍ଥାତ୍ ସେତେବେଳେ ପ୍ରତି ଦୁଇଜଣଙ୍କ ପାଇଁ ଗୋଟିଏ କାର ଥିଲା। ୧୯୯୭ରେ ଆମେରିକାର ଲୋକସଂଖ୍ୟା ୨୬୭ ମିଲିୟନ ହେଲାବେଳକୁ ଗାଡ଼ି ସଂଖ୍ୟା ୨୦୮ ମିଲିୟନକୁ ବୃଦ୍ଧି ପାଇଲା। ଏବେ ପ୍ରତି ଜଣଙ୍କ ପାଇଁ ଏକାଧିକ ଗାଡ଼ି। ଆମ ରାଜ୍ୟରେ ଏବେ ପଞ୍ଜୀକୃତ ଯାନ ସଂଖ୍ୟା ବର୍ଷକୁ ପ୍ରାୟ ୪ ଲକ୍ଷ ହିସାବରେ ବଢୁଛି। ଏ ଯେଉଁ ଯାନ ସମୁଦ୍ରର ଉତ୍ତାଳ ତରଙ୍ଗ ମାଡିଆସୁଛି, ତା'ର ଜାଳେଣି ସମସ୍ୟାକୁ କିପରି ସାମ୍ନା କରିବାକୁ ହେବ, ସେଥିପାଇଁ ବୈଜ୍ଞାନିକ ମହଲରେ ଆଲୋଡନ ସୃଷ୍ଟି ହେଲାଣି। ପେଟ୍ରୋଲିୟମ୍ ଇତିହାସରୁ ଜଣାଯାଏ, ୧୮୯୦ ବେଳକୁ ପୃଥିବୀରେ ବାର୍ଷିକ ମାତ୍ର ୧୦ ମିଲିୟନ୍ ଟନ୍ ତୈଳ ଉତ୍ତୋଳନ କରାଯାଉଥିଲା, ଯାହା କେବଳ କିରୋସିନ ହିସାବରେ ଗୃହ ଆଲୋକିତ କରିବାରେ ବ୍ୟବହୃତ ହେଉଥିଲା। ଏକବିଂଶ ଶତାବ୍ଦୀ ପ୍ରାରମ୍ଭରେ ବର୍ଷକୁ ମାତ୍ର ୧୨ ମିଲିୟନ ଟନ୍ ତୈଳ ବ୍ୟବହାର କରାଯାଉଥିଲା। ୧୯୭୦ରେ ଯେତେବେଳେ ବିଶ୍ୱରେ ତୈଳ ସଙ୍କଟ ଦେଖାଦେଲା, ସେତେବେଳେ ବାର୍ଷିକ ଦରକାର ହେଉଥିଲା ୨୫୦୦ ମିଲିୟନ ଟନ୍। ଅର୍ଥାତ୍ ୭୦ ବର୍ଷ ବ୍ୟବଧାନରେ ତୈଳ ଚାହିଦା ୨୦୦ ଗୁଣ ବଢିଗଲା। ତୈଳର ଚାହିଦା ଦ୍ରୁତଗତିରେ ବଢୁଥିବା ବିଷୟରେ ଆଲୋଚନା କରାଗଲା। ଏଠାରେ ପ୍ରଶ୍ନ ଉଠୁଛି ଦ୍ରୁତଗତିରେ ବଢୁଥିବା ତୈଳ ଚାହିଦା ଭବିଷ୍ୟତରେ କି ପ୍ରକାର ସମସ୍ୟା ସୃଷ୍ଟି କରିବ? ଭୂତଳେ ଗଚ୍ଛିତ ଜୀବାଶ୍ମ ତୈଳ ବା ପେଟ୍ରୋଲିୟମକୁ ଆମେ ଠାବ କରି ଉତ୍ତୋଳନ କରୁଛୁ। ବସି ଖାଇଲେ ନଈବାଲି ସରେ। ବେଶି ନୁହେଁ, ୧୮୦ ହଜାର ମିଲିୟନ ଟନ୍ ପାଖାପାଖି ତୈଳ ପୃଥିବୀ ଗନ୍ତାଘରେ ଥିବାର ଆକଳନ କରାଯାଇଛି। ବର୍ତ୍ତମାନ ଯେଉଁ ହାରରେ ତୈଳ ଉତ୍ତୋଳନ କରାଯାଉଛି, ସେହି ହାରରେ ହିସାବ କଲେ ଆଗାମୀ ୫୦ ବର୍ଷରେ ତୈଳଭଣ୍ଡାର ଶୂନ୍ୟ ହୋଇଯିବ। ଆଗକୁ ତୈଳ ସଙ୍କଟ ଦେଖାଦେବ। ତୈଳ ଦୁର୍ମୂଲ୍ୟ ସାଙ୍ଗକୁ ଦୁଷ୍ପ୍ରାପ୍ୟ ମଧ୍ୟ ହେବ।

କୋଟିତୀର୍ଥ, କେଦାରଗୌରୀ, ଭୁବନେଶ୍ୱର,
ମୋ–୭୦୦୮୮୪୬୨୭୨

# ହୃଦୟର ପରୀକ୍ଷା



ଦୀପକ କୁମାର ନାୟକ

ହୃଦୟ ହେଉଛି ମଣିଷ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସମସ୍ତେ ଏହା ବିଷୟରେ ଜାଣିବା ସହ ଏହାକୁ ଭଲଭାବେ ବୁଝି ଏହାର ସୁସ୍ଥତା ପାଇଁ ପ୍ରଯତ୍ନଶୀଳ ହେବା ଆବଶ୍ୟକ। ଏ ସମ୍ପର୍କରେ ସଚେତନତାର ବାର୍ତ୍ତା ଦେବାଲାଗି ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୨୯ ତାରିଖରେ ପାଳିତ ହୋଇଥାଏ ବିଶ୍ୱ ହୃଦୟ ଦିବସ। ହୃଦୟ ବିଗିଡିଗଲେ ବା କୌଣସି ଅସୁବିଧା ଅନୁଭୂତ ହେଲେ ତାହାର କାରଣ ଜାଣିବା ପାଇଁ ବିଭିନ୍ନ ପରୀକ୍ଷା କରାଯାଏ। ପ୍ରଥମଟି ହେଉଛି ଇସିଜି ବା ଇକେଜି ଯାହାର ଟେକ୍ନିକାଲ ଅର୍ଥ ହେଉଛି ଇଲେକ୍‌ଟ୍ରୋ କାର୍ଡିଓଗ୍ରାମ୍। ୧୯୦୩ରେ ଡଚ୍ ଡାକ୍ତର ୱିଲିୟମ୍ ଇନ୍‌ଥୋଭେନ୍ ଏହି ପଦ୍ଧତି ଆବିଷ୍କାର କରିଥିଲେ। ସେଥିପାଇଁ ୧୯୨୪ରେ ସେ ସବୁଠାରୁ ସମ୍ମାନଜନକ ନୋବେଲ ପୁରସ୍କାର ପାଇଥିଲେ। ଏହି ପରୀକ୍ଷାଟି ସବୁଠାରୁ କମ୍ ଖର୍ଚ୍ଚରେ ଏବଂ କୌଣସି ଯନ୍ତ୍ରଣା ବିନା ସମ୍ଭବ ହୋଇଥାଏ। ଯନ୍ତ୍ରଣା ପାଉଥିବା ହୃଦ୍‌ରୋଗୀର ହାତ, ପାଦ ଓ ଛାତିରେ ଇଲେକ୍ଟ୍ରୋଡ୍ ପ୍ୟାଚ୍ ଲଗାଇ ରୋଗୀଟିର ହୃଦୟର ଇଲେକ୍ଟ୍ରିକ୍ ଆକ୍ଟିଭିଟି ମପାଯାଇଥାଏ। ଏହାଦ୍ୱାରା ଜଣଙ୍କର ହୃତ୍‌ପିଣ୍ଡର ସ୍ୱାଭାବିକ ପ୍ରକ୍ରିୟା ସ୍ପନ୍ଦନ ଓ ବ୍ଲକେଜ୍ ସମ୍ପର୍କରେ ଜଣାପଡ଼େ। ସେହିପରି ଆଉ ଗୋଟିଏ ପରୀକ୍ଷା ହେଉଛି ଚେଷ୍ଟ ଏକ୍ସ-ରେ। ଏଥିରେ ରୋଗୀ ଜଣଙ୍କର ଛାତି ହାଡ଼ର ଫଟୋ ଓ ହୃତ୍‌ପିଣ୍ଡ ସହ ଫୁସ୍‌ଫୁସ୍‌ର ପରୀକ୍ଷା ହୋଇଥାଏ। ସେହିପରି ଆଉ ଏକ ପରୀକ୍ଷା ରହିଛି ଯାହାର ନାମ ଷ୍ଟ୍ରେସ୍ ଟେଷ୍ଟ। ଏହି ପରୀକ୍ଷାରୁ ଆପଣଙ୍କ ହୃଦୟ କେତେ ଚାପ ସମ୍ଭାଳି ପାରିବ ତାହାର ପରୀକ୍ଷା କରାଯାଏ। ସେହିପରି ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେଉଛି ଇକୋ କାର୍ଡିଓଗ୍ରାମ୍, ଯେଉଁଥିରେ ହୃତ୍‌ପିଣ୍ଡର ମାଂସପେଶୀ, ହୃଦ୍‌ରୋଗର ସମ୍ଭାବ୍ୟ ବିପଦ ଆଉ ଭାଲ୍‌ବ ସ୍ଥିତି ଜଣାପଡ଼େ।

କାର୍ଡିଆକ୍ କେଥେଟରାଇଜେସନ୍ ପରୀକ୍ଷା ଦ୍ୱାରା ହୃଦୟର ସାମ୍ପ୍ରତିକ ସ୍ଥିତି ଓ ଏହାର କାର୍ଯ୍ୟକାରିତା ଜଣାପଡ଼େ। ଏହାକୁ ମଧ୍ୟ କରୋନାରି ଏନ୍‌ଜିଓଗ୍ରାମ୍ କୁହାଯାଏ। ତେବେ ଏଥିରେ ସମ୍ଭାବ୍ୟ ବିପଦଟି ହେଉଛି, ଏହି ପରୀକ୍ଷା ସମୟରେ ରକ୍ତସ୍ରାବ ହୋଇପାରେ ବା କ୍ୟାଥେଟର ଲଗାଯାଉଥିବା ବେଳେ ନଳୀର ଧମନୀ ନଷ୍ଟ ହେବାର ସମ୍ଭାବନା ଥାଏ। ସେହିପରି ଆଉ ଏକ ପରୀକ୍ଷା ହେଉଛି ଇଲେକ୍ଟ୍ରୋ ଫିଜିଓଲୋଜି ଟେଷ୍ଟ। ଏହାଦ୍ୱାରା ହୃଦୟର ଇଲେକ୍ଟ୍ରିକାଲ୍ ପାଥ୍‌ୱେ ପରୀକ୍ଷା କରାଯାଏ, ଯେଉଁଥିରୁ ହୃଦ୍‌ସ୍ପନ୍ଦନର ଅନିୟମିତତାର କାରଣ ଧରାପଡ଼େ। ସେହିପରି ଆଉ ଏକ ହାର୍ଟ ଇମେଜିଂ ପରୀକ୍ଷାର ନାମ ହେଉଛି ସିଟି ହାର୍ଟ ସ୍କାନ। ଏଥିରେ ଇନ୍‌ଟ୍ରାଭେନସ୍ ଡାଇର ବ୍ୟବହାର କରାଯାଏ ଏବଂ ରକ୍ତ ସଞ୍ଚାଳନ ଓ ହୃଦୟ ସଂରଚନାର ସର୍ବଶେଷ ସ୍ଥିତି ପରୀକ୍ଷାରୁ ଜଣାପଡ଼େ। ଆଉ ଏକ ପରୀକ୍ଷା ହେଉଛି ହାର୍ଟ ଏମ୍‌ଆର୍‌ଆଇ। ଏହି ପରୀକ୍ଷାରେ ହୃଦ୍‌ରୋଗୀଙ୍କ ହୃତ୍‌ପିଣ୍ଡ, ଛାତି, ହୃତ୍‌ପିଣ୍ଡର ଭିତର ଅଂଶର କାର୍ଯ୍ୟକାରିତା, ଫୁସ୍‌ଫୁସ୍‌ର ଆକଳନ କରାଯାଏ। ଏହି ପରୀକ୍ଷାରୁ ରୋଗୀ ଜଣକ ଜନ୍ମଗତ ହୃଦ୍‌ରୋଗୀ ହୋଇଥିଲେ ସହଜରେ ଜଣାପଡ଼ିଯାଏ। ତେବେ ଅନେକଙ୍କ ଭୁଲ ଧାରଣା ଥାଏ ତାହା ଯେ, ଏହି ଏମ୍‌ଆର୍‌ଆଇ ପରୀକ୍ଷାରେ ବ୍ୟବହାର ହେଉଥିବା ତେଜସ୍କ୍ରିୟ ତରଙ୍ଗ ଓ ଚୁମ୍ବକୀୟ କ୍ଷେତ୍ରର କୌଣସି ପାର୍ଶ୍ୱ ପ୍ରଭାବ ରହି ନ ଥାଏ। ଆଉ ଏକ ବଡ଼ ପରୀକ୍ଷା ହେଉଛି ପେସ୍‌ମେକର୍ ଓ ଆଞ୍ଜିଓପ୍ଲାଷ୍ଟି। ଜଣେ ଜଣେ ହୃଦ୍‌ରୋଗୀଙ୍କ ହୃଦୟ ସ୍ପନ୍ଦନର ଅନିୟମିତତା ବା ବିଲକ୍ଷଣ ଦେଖାଦେଇଥାଏ। ତାହାର ପରୀକ୍ଷା କରିବା ପାଇଁ କୃତ୍ରିମ ଭାବରେ ପ୍ରସ୍ତୁତ ଏକ ସ୍ୱାସ୍ଥ୍ୟପ୍ରଦ ବିଦ୍ୟୁତ୍ ସ୍ରୋତ ପ୍ରଦାନକାରୀ ଯନ୍ତ୍ରକୁ ଛାତିରେ ଲଗାଯାଇଥାଏ। ଏହା ରୋଗୀଟିର ହୃଦ୍‌ସ୍ପନ୍ଦନ କ୍ରିୟାରେ ସାହାଯ୍ୟ କରେ। ଏହାକୁ ଚିକିତ୍ସା ଶାସ୍ତ୍ରର ଭାଷାରେ କାର୍ଡିଆକ୍ ପେସ୍‌ମେକର ବା ହୃତ୍‌ପିଣ୍ଡର ବିଦ୍ୟୁତ୍ ଚାଳକ କୁହାଯାଏ। ସେହିପରି ରକ୍ତବାହିନୀରେ ରହିଥିବା ବିକୃତିର ଗଠନକୁ ଆଞ୍ଜିଓପ୍ଲାଷ୍ଟି କୁହାଯାଏ। ରକ୍ତ ସଞ୍ଚାଳନରେ ରୋଗୀଟିର ଶରୀରରେ କୌଣସି ବାଧକ ସୃଷ୍ଟି ହେଉଥିଲେ ହୃଦ୍ ଚିକିତ୍ସାର ନିର୍ଦ୍ଦିଷ୍ଟ ଅସ୍ତ୍ରୋପଚାର ଦ୍ୱାରା ଠିକ୍ କରାଯାଏ। ସେଠାରେ ତ୍ରୁଟି ରହିଥିବା ଅଂଶଟିକୁ କଢ଼ାଯାଇ ଭିନ୍ନ ଏକ ସୁସ୍ଥ ଧମନୀର ସମାନ ମାପର ଅଂଶକୁ ପ୍ରତିରୋପଣ କରାଯାଏ।

### ବିଶ୍ୱ ହୃତ୍‌ପିଣ୍ଡ ଦିବସ ଉପଲକ୍ଷେ



ସେହିପରି କୌଣସି ଲୋକର ସ୍ୱାସ୍ଥ୍ୟ କ୍ଷେତ୍ରରେ କୋଲେଷ୍ଟରଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ରକ୍ତରେ ଅଧିକ ମାତ୍ରାରେ କୋଲେଷ୍ଟରଲ୍ କରୋନାରି ହାର୍ଟ ଡିଜିଜ୍ ଓ ଭୟାନକ ଷ୍ଟ୍ରୋକ୍‌ର କାରଣ ହୋଇପାରେ। ତେଣୁ ନିୟମିତ ବ୍ୟବଧାନରେ କୋଲେଷ୍ଟରଲ୍ ପରୀକ୍ଷା କରିବା ଜରୁରୀ।

ସମସ୍ତେ ଜାଣନ୍ତି ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ। ତେବେ ବର୍ତ୍ତମାନର ସମୟକୁ ଦେଖିଲେ ଆମମାନଙ୍କ ଭିତରେ ଜୀବନଶୈଳୀ, ବିଶ୍ରାମ, ଖାଦ୍ୟପାନୀୟ ଓ କର୍ମକ୍ଷେତ୍ର ବା ପାରିବାରିକ ଘଟଣାକୁ ନେଇ ବିଭିନ୍ନ ମାନସିକ ଚାପ ଅନେକ ରୋଗର କାରଣ ପାଲଟୁଛି। ବର୍ତ୍ତମାନ ସମୟରେ ହୃଦ୍‌ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ନିୟମିତ ଜୀବନଶୈଳୀରେ ଖାଦ୍ୟପେୟ, ବିଶ୍ରାମ, ବ୍ୟାୟାମ, ନିଶା ସେବନଠାରୁ ଦୂରେଇ ରହିବା ଓ ବିଭିନ୍ନ ଚାପକୁ ସନ୍ତୁଳିତ ରଖିବା ଦ୍ୱାରା ହୃଦ୍‌ରୋଗଠାରୁ ଦୂରେଇ ରହିପାରିବା। ସମସ୍ତେ ଜାଣନ୍ତି ହୃଦ୍‌ରୋଗର ପ୍ରମୁଖ କାରଣ ହେଉଛି ମେଦବହୁଳତା, ନିଶା ସେବନ, ଅଳସୁଆମି, ମଧୁମେହ ଏବଂ ଉଚ୍ଚ ରକ୍ତଚାପ। ଏହି କ୍ଷେତ୍ରରେ ନିଜେ ନିଜର ଚିକିତ୍ସକ ସାଜି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଭଲ ଭାବେ ବୁଝିବାରେ ସମର୍ଥ ହେଲେ ଆପଣ ହୃଦ୍‌ରୋଗକୁ ବାଏ ବାଏ କରିପାରିବେ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ,
କଟକ, ମୋ : ୯୪୩୭୨୭୧୮୭୪

## ଏଇ ଭାରତରେ

ଆଜିକାଲି ଡାଡି, ମମି, ହାଲୋ ହାଏ, ଗୁଡ୍ ବାଏ ଭଳି ଇଂଲିଶ ଶବ୍ଦ ପ୍ରୟୋଗ କରି ସ୍ୱାଗତ କି ବିଦାୟ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏହି ପରମ୍ପରାକୁ ଭାଙ୍ଗିଦେବା ପାଇଁ ପରାମର୍ଶ ଦେଇଛନ୍ତି। ତାଙ୍କ କହିବାନୁଯାୟୀ, କୌଣସି ବ୍ୟକ୍ତିଙ୍କୁ ପ୍ରଥମେ ଭେଟିଲେ 'ଗୁଡ୍ ମର୍ନିଂ', 'ଗୁଡ୍ ଆଫ୍ଟରନୁନ୍' ଏବଂ 'ଗୁଡ ଇଭ୍‌ନିଂ' କହି ସ୍ୱାଗତ କରାଯାଇଥାଏ। ଏହା କହିବା ବଦଳରେ 'ନମସ୍କାର' କହିବାକୁ ସେ ପରାମର୍ଶ ଦେଇଛନ୍ତି। ପଣଜୀଠାରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ନିଟ୍) ଦ୍ୱାରା ଆୟୋଜିତ ଏକ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ନାଇଡୁ କହିଲେ, ସେ ଇଂଲିଶ୍ ଭାଷାର ବିରୋଧୀ ନୁହନ୍ତି। କିନ୍ତୁ ବ୍ରିଟିଶ ଶାସକ ଯେଉଁ ଢଙ୍ଗରେ ଅଭିବାଦନ କରନ୍ତି ସେ ପରମ୍ପରାକୁ ଭାଙ୍ଗିଦେବା ଉଚିତ। ନମସ୍କାର ଦ୍ୱାରା ଅଭିବାଦନ ଜଣାଇବା ଭାରତର ସଂସ୍କାର। ତାହା ସକାଳେ, ସଂଧ୍ୟାରେ ଏବଂ ରାତିରେ ଭେଟୁଥିବା ବନ୍ଧୁଙ୍କ ପାଇଁ ବ୍ୟବହାର କରାଯିବା ଉଚିତ। ଇଂଲିଶ୍ ଭାଷା ସ୍ୱାଗତଯୋଗ୍ୟ। କିନ୍ତୁ ବଂଶାନୁକ୍ରମିକ ଭାବରେ ଆମର ଯେଉଁଳି ଇଂଲିଶ୍ ମାନସିକତା ରହିଆସିଛି ତାହା ହେଉଛି ଆମର ଦୁର୍ବଳତା। ବାସ୍ତବରେ ନମସ୍କାର କହିବା ଦ୍ୱାରା ମନରେ ଯେଉଁଳି ଆତ୍ମୀୟତା ଜାଗ୍ରତ ହୁଏ ଇଂଲିଶ୍ ସମ୍ବୋଧନରେ ସେଉଁଳି ନ ଥାଏ ବୋଲି ଅନୁଭବୀମାନେ କହିଥାଆନ୍ତି।

## ଚିରନ୍ତନୀ

ଫାଟି ପଡ଼ିଥିଲା ନାଲି ଅନ୍ତର କା'ର
ସେ ବ୍ୟଥା ପରଶେ ତ୍ରିଭୁବନ ନାରଖାର
ଲୋହିତ ସେ ବ୍ୟଥା ଭାସଇ ପବନେ,
ଅରୁଣ ରାଗିଣୀ ଗଗନେ ଗଗନେ,
ସେ ବ୍ୟଥା ଏ ପ୍ରାଣେ ଉଠାଇଛି ହାହାକାର
ସକଳ ଅଙ୍ଗେ ରକତ–ଚୁମ୍ବ ତା'ର।
(ଲୋହିତ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୯ ସେପ୍ଟେମ୍ବର ୧୯୯୩

- କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂ ୧୯୯୭ ବର୍ଷ ପାଇଁ ବିଶ୍ୱର ସର୍ବଶ୍ରେଷ୍ଠ ଅର୍ଥମନ୍ତ୍ରୀ ଭାବେ ସମ୍ମାନିତ
- ନିଖିଳ ଭାରତ ମୋଟର ପରିବହନ କଂଗ୍ରେସ ନେତୃତ୍ୱରେ ୧୫ ଦିନ ଧରି ଚାଲି ଆସୁଥିବା ଦେଶବ୍ୟାପୀ ଟ୍ରକ ଧର୍ମଘଟ ପ୍ରତ୍ୟାହୃତ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 5 | 0 | | | | 3 | 7 | | | | E | | | |
| D | | | 5 | E | | | 6 | B | | | 7 | | A | |
| | | | 4 | | 8 | 1 | | | | | | | E | D |
| | 4 | | 9 | D | 3 | 0 | | | | | | 8 | 5 | |
| E | 2 | C | | | | 4 | | | | 9 | | | | |
| 4 | | | B | | | | | | | | 8 | A | 9 | 3 |
| | | E | | | 5 | C | 8 | | | | A | | D | |
| 3 | | A | | | 4 | | | | B | | | | | |
| | | B | | 7 | | 9 | | | 5 | | | | 6 | |
| | | | A | 1 | | | | | | C | | | 7 | |
| | | | | 3 | D | | | 7 | | | 6 | 5 | | 9 |
| | 8 | | 7 | | | | | 3 | | 0 | | | 1 | |
| | | 1 | 8 | | 6 | | D | | | | | | | B |
| 5 | | | | | 2 | | | | | A | D | | 8 | 0 |
| | 3 | | E | | | | | | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 6 | 0 | 7 | E | A | 8 | 1 | 5 | D | 9 | 3 | 2 | 4 | C | B |
| 2 | C | A | 1 | D | B | 7 | 9 | 0 | 4 | 5 | 8 | E | 3 | 6 |
| D | 8 | 1 | 4 | 9 | 3 | C | 2 | E | 7 | 6 | B | 5 | 0 | A |
| 9 | E | 4 | 7 | C | 5 | B | 6 | 3 | 1 | 0 | A | 2 | 8 | D |
| 5 | 3 | B | 2 | 6 | 0 | A | 8 | 4 | E | C | D | 1 | 9 | 7 |
| 0 | 2 | 8 | 5 | 4 | 7 | E | A | 1 | D | 9 | C | 6 | B | 3 |
| 7 | A | 6 | 8 | E | D | 9 | B | 5 | 2 | 1 | 3 | C | 4 | 0 |
| 1 | 9 | 5 | 0 | 2 | C | 4 | 3 | 8 | B | 7 | 6 | A | D | E |
| E | D | 3 | A | B | 9 | 0 | C | 6 | 8 | 4 | 5 | 7 | 1 | 2 |
| B | 4 | C | 3 | 1 | 6 | D | 7 | 2 | A | E | 0 | 8 | 5 | 9 |
| 3 | 1 | D | 9 | 8 | 2 | 6 | 0 | 7 | 5 | A | 4 | B | E | C |
| 8 | 7 | 2 | 6 | 5 | E | 3 | D | C | 0 | B | 1 | 9 | A | 4 |
| 4 | 5 | 9 | D | 0 | A | 2 | E | B | C | 8 | 7 | 3 | 6 | 1 |
| A | B | 0 | C | 3 | 4 | 8 | 1 | 9 | 6 | 2 | E | D | 7 | 5 |
| C | 6 | E | B | 7 | 1 | 5 | 4 | A | 3 | D | 9 | 0 | 2 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅସୁରକ୍ଷିତ ବରିଷ୍ଠ ନାଗରିକ

ମହାଶୟ,

ରାଜ୍ୟର ମୋଟ ଜନସଂଖ୍ୟାର ଏକ ପଞ୍ଚମାଂଶ ବରିଷ୍ଠ ନାଗରିକ ସୁରକ୍ଷିତ ନୁହନ୍ତି। ବୟସର ଅପରାହ୍ଣରେ ସେମାନେ ଅସହାୟ ହୋଇପଡୁଛନ୍ତି। ପୁଅ, ବୋହୂ ଓ ପରିବାରର ଅନ୍ୟ ସଦସ୍ୟଙ୍କ ଦ୍ୱାରା ଶାରୀରିକ ଏବଂ ମାନସିକ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ନୀତି ଏକପ୍ରକାର ବିଫଳ ହୋଇଛି। ସରକାରଙ୍କ ପ୍ରଦତ୍ତ ବାର୍ଦ୍ଧକ୍ୟ ଭତ୍ତା ସମସ୍ତଙ୍କ ପାଖରେ ପହଞ୍ଚିପାରୁନି। ସମାଜ ଓ ପରିବାରରୁ ତଡା ଖାଉଥିବା ସମସ୍ତ ବରିଷ୍ଠ ନାଗରିକଙ୍କ ପାଇଁ ବୃଦ୍ଧାଶ୍ରମ ନାହିଁ। ତେଣୁ ସରକାର ପ୍ରତି ବ୍ଲକ୍‌ରେ ଜରାନିବାସ ନିର୍ମାଣ କରନ୍ତୁ। ବରିଷ୍ଠ ନାଗରିକମାନଙ୍କୁ କିଭଳି ବ୍ୟବହାର କରାଯିବା ଉଚିତ ସେ ନେଇ ସ୍କୁଲ, କଲେଜରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଦିଆଯାଉ। ବୃଦ୍ଧ ପିତାମାତାଙ୍କୁ ଅବହେଳା କରୁଥିବା ପୁଅମାନଙ୍କୁ ଦଣ୍ଡ ଦିଆଯିବାର ବ୍ୟବସ୍ଥା କରାଯାଉ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ, ନାରାୟଣପୁର, କେନ୍ଦ୍ରାପଡ଼ା

### ରୋହିଙ୍ଗ୍ୟା ଭାରତ ପ୍ରତି ବିପଦ

ଭାରତ ହେଉଛି ଭାରତୀୟଙ୍କର। ଏହି ଦେଶର ସମ୍ବଳ ଏହି ଦେଶର ଅଧିବାସୀଙ୍କ କଲ୍ୟାଣରେ ବିନିଯୋଗ ହେବା କଥା। ରୋହିଙ୍ଗ୍ୟାମାନେ ଆମ ଦେଶକୁ ହଜାର ହଜାର ସଂଖ୍ୟାରେ ଅବୈଧ ଭାବରେ ଅନୁପ୍ରବେଶ କରିଆସୁଛନ୍ତି। ସେମାନେ ଆମ ଦେଶର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଏସବୁ କଥା ଧରିତ୍ରୀ (୧୪।୦୯)ରେ ବିପିନ ବିହାରୀ ମିଶ୍ରଙ୍କ 'ରୋହିଙ୍ଗ୍ୟା ସମସ୍ୟା ଓ ଭାରତ' ଶୀର୍ଷକ ଲେଖାରୁ ଜଣାପଡୁଛି। ଆମ ଦେଶର ଅନେକ ନେତା ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ସେମାନଙ୍କୁ ପ୍ରଶ୍ରୟ ଦେବା ଦୁର୍ଭାଗ୍ୟଜନକ। ଅନେକ ଆତଙ୍କବାଦୀ ସଂଗଠନ ସହ ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କର ସମ୍ପର୍କ ଥିବା ସତ୍ତ୍ୱେ ଆମ ଦେଶରେ ସେମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରାଯିବା ଆତ୍ମଘାତୀ ହେବାକୁ ଯାଉଛି। ଧରିତ୍ରୀ ତଥା ପ୍ରାବନ୍ଧିକ ମିଶ୍ରଙ୍କୁ ଅଶେଷ ଧନ୍ୟବାଦ ଯେ ରୋହିଙ୍ଗ୍ୟା ସମସ୍ୟା ସମ୍ପର୍କିତ ଏକ ଜଟିଳ ଓ ସମ୍ବେଦନଶୀଳ ପ୍ରସଙ୍ଗକୁ ଯଥାର୍ଥ ରୂପେ ପାଠକମାନଙ୍କଠାରେ ଉପସ୍ଥାପନ କରିଛନ୍ତି।

ସତ୍ୟ ନାରାୟଣ ପାଣିଗ୍ରାହୀ, ପ୍ୟାଲେସ ଲାଇନ, ବଲାଙ୍ଗୀର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



## ଖାଦ୍ୟ ବି ସୃଷ୍ଟି କରେ ସମସ୍ୟା

ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସରେ ରହିଛି କ୍ଷତିକାରକ ପ୍ରଭାବ। ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟରଲର ପରିମାଣ ଅଧିକ ହୋଇଥିବାରୁ ଏହା ଆଦୌ ଅନୁକୂଳ ନୁହେଁ। ସେହିପରି ବେଶି ଚିନି, ଗୁଡ କିମ୍ବା ମିଷ୍ଟାନ୍ନ ଜାତୀୟ ଖାଦ୍ୟ ଖାଇଲେ ସେଥିରେ ଥିବା ଶ୍ୱେତସାର ଚର୍ବିରେ ପରିଣତ ହୋଇ ଦେହରେ ଜମିଯାଏ ଓ ହୃଦ୍‌ରୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦିଏ। ବେଶି ଲୁଣ, ଫାଷ୍ଟ୍ ଫୁଡ୍, ଜଙ୍କ୍ ଫୁଡ୍ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ପ୍ରତିଦିନ ଯଥେଷ୍ଟ ପରିମାଣର ଫଳ, ଶାଗ ଓ ପନିପରିବା ଖାଇବା ନିରାପଦ। ରୋଷେଇବାସ ପାଇଁ ସୋରିଷ ତେଲ ଓ ସୋୟାବିନ୍ ତେଲ ଭଲ। ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ମଧ୍ୟ ମନ୍ଦ ନୁହେଁ। କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେମ୍ବୁର ସାଲାଡ ମଧ୍ୟ ଅତି ଉପାଦେୟ। ସବୁଦିନେ ମାଛ ଖାଇପାରିଲେ ତାହା ବେଶ୍ ଉପକାରୀ।



**କ୍ରମବର୍ଦ୍ଧିଷ୍ଣୁ ହୃଦ୍‌ଜନିତ ସମସ୍ୟା ସମ୍ପର୍କରେ ଜନସଚେତନା ସୃଷ୍ଟି କରିବା ସକାଶେ ପ୍ରତିବର୍ଷ ସେପ୍ଟେମ୍ବର ୨୯କୁ 'ବିଶ୍ୱ ହୃତ୍‌ପିଣ୍ଡ ଦିବସ' ଭାବରେ ପାଳନ କରାଯାଉଛି। ଏହି ଦିନ ସରକାରୀ ତଥା ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ୨୦୦୦ରେ ପ୍ରଥମ ବିଶ୍ୱ ହୃତ୍‌ପିଣ୍ଡ ଦିବସ ପାଳିତ ହୋଇଥିଲା। ୱାର୍ଲ୍ଡ ହାର୍ଟ ଫେଡେରେଶନ ଦ୍ୱାରା ୨୦୦୦ରୁ ୨୦୧୦ ପର୍ଯ୍ୟନ୍ତ ଏହି ଦିବସକୁ ସେପ୍ଟେମ୍ବର ଶେଷ ରବିବାର ଦିନ ପାଳନ କରାଯାଉଥିଲା। କିନ୍ତୁ ୨୦୧୧ରୁ ସେପ୍ଟେମ୍ବର ୨୯ ତାରିଖରେ ଏହି ଦିବସ ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ସ୍ଲୋଗାନ ରହିଛି 'ମାଇଁ ହାର୍ଟ, ୟୋର ହାର୍ଟ'। ଆମେ ନିଜ ହୃତ୍‌ପିଣ୍ଡର ଯତ୍ନନେବା ସହିତ ଆମ ପ୍ରିୟଜନଙ୍କ ହୃତ୍‌ପିଣ୍ଡର ଯତ୍ନ ଉପରେ ଗୁରୁତ୍ୱାରୋପ କରିବା ଲାଗି ଆହ୍ୱାନ ଦିଆଯାଇଛି।**

## ଯୁବପିଢ଼ିଙ୍କ ପାଇଁ ସତର୍କ ଘଣ୍ଟି



ଆଜିକାଲି ଅନେକ ଯୁବପିଢ଼ି ହୃଦ୍‌ଘାତ ପରି ମାରାତ୍ମକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅବ୍ୟବସ୍ଥିତ ଜୀବନଶୈଳୀ, ଖାଦ୍ୟପେୟ, ନିଶାଦ୍ରବ୍ୟ ସେବନ ଅଭ୍ୟାସରେ ପରିଣତ ହେବା ଆଦି ଏଭଳି ସମସ୍ୟାର ପ୍ରମୁଖ କାରଣ ଭାବରେ ନିଆଯାଇପାରେ। ହେଲେ ସେମାନେ ଯଦି କେତେକ ବିଷୟ ପ୍ରତି ସଚେତନ ହେବେ ତା'ହେଲେ ଏଥିରୁ ନିଜକୁ ରକ୍ଷା କରିପାରିବେ। ପ୍ରଥମତଃ ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ଏହାଦ୍ୱାରା ଶରୀରରୁ ଚର୍ବି, କୋଲେଷ୍ଟରଲ ହ୍ରାସ ହୋଇଥାଏ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା–ଖାଦ୍ୟପେୟ। ବିଶେଷଭାବରେ ଅଧିକାଂଶ ଯୁବପିଢ଼ି ଫାଷ୍ଟଫୁଡ୍, ଜଙ୍କଫୁଡ୍ ଆଦି ଅଧିକ ପରିମାଣରେ ଖାଇଥାଆନ୍ତି। ଫଳରେ ସେମାନଙ୍କ ଶରୀରରେ ଚର୍ବି ଏବଂ କୋଲେଷ୍ଟରଲ ପରିମାଣ ବଢ଼ିଥାଏ, ଯାହାଦ୍ୱାରା ହୃଦ୍‌ଘାତ ବା ହାର୍ଟ ଆଟାକ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଏଭଳି ଖାଦ୍ୟଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। ଏକ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ରକ୍ତଚାପ, ରକ୍ତରେ ସୁଗାର, କୋଲେଷ୍ଟରଲ ପରିମାଣ ଚେକ୍ କରାଇ ନିଅନ୍ତୁ। କେବଳ ସେତିକି ନୁହେଁ ନିଶାଦ୍ରବ୍ୟ ସେବନ ସମ୍ପୂର୍ଣ୍ଣ ପରିହାର କରନ୍ତୁ।

# ହୃଦ୍‌ଘାତଠୁ ଦୂରେଇ ରହିବା ପାଇଁ...



ହୃଦ୍‌ଘାତ (ହାର୍ଟ ଆଟାକ୍) ଏକ ମାରାତ୍ମକ ରୋଗ। ଏହା ଅନ୍ୟ ରୋଗ ଅଥବା ଡାଇବେଟିସ୍, ବ୍ଲଡ଼୍‌ପ୍ରେସର ଭଳି ଆଗରୁ ସୂଚନା ଦେଇ ଆସି ନ ଥାଏ। ଛାତିରେ ହଠାତ୍ ଖୁବ୍ ଯନ୍ତ୍ରଣା ହେବା, ଝାଳ ବୋହିବା, ଧଇଁ ସଇଁ ହେବା ଏହାର ଲକ୍ଷଣ। ଲୋକେ କେବେକେବେ ପେଟରେ ଗ୍ୟାସ୍ କିମ୍ବା ବ୍ଲଡ୍ ସୁଗାର କିମ୍ବା ଇସିନୋଫିଲିଆ ଭାବି ଏହାକୁ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପାଖରେ ଦେଖେଇବା ପାଇଁ କୁଣ୍ଠାବୋଧ କରନ୍ତି। କିନ୍ତୁ ଉପରୋକ୍ତ ଲକ୍ଷଣ ସବୁ ହୃଦ୍‌ଘାତର ହୋଇଥାଏ। ସୂଚନାଯୋଗ୍ୟ, ଏକ ଚତୁର୍ଥାଂଶ ଲୋକ ଡାକ୍ତରଙ୍କ ପରାମର୍ଶ ନେବା ପୂର୍ବରୁ ହିଁ ଜୀବନ ଛାଡ଼ି ଚାଲିଯାଆନ୍ତି। ସେଇଥିପାଇଁ ଉପରୋକ୍ତ ଲକ୍ଷଣ ଯଦି କାହାରି ପାଖରେ ଦେଖାଯାଏ, ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଯେଉଁମାନଙ୍କର ମଧୁମେହ, ରକ୍ତଚାପ କିମ୍ବା ଅଧିକ କୋଲେଷ୍ଟରଲ ଥାଏ, ସେମାନଙ୍କଠାରେ ଏହି ରୋଗ ଦେଖାଦେଇଥାଏ। ବେଳେବେଳେ ହୃଦ୍‌ରୋଗ ଆମ ଶରୀରକୁ ଜିନ୍ ମାଧ୍ୟମରେ ବାପା, ମା, ଜେଜେଙ୍କଠାରୁ ବି ଆସିପାରେ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ, ତମାଖୁ ସେବନ କରିଥାନ୍ତି ସେମାନଙ୍କୁ ଏହି ରୋଗ ବହୁ ଶୀଘ୍ର ଆସିଥାଏ।

ହୃଦ୍‌ରୋଗର ଚିକିତ୍ସା ଯଦି ୧୨ ଘଣ୍ଟା ଭିତରେ କରାଯାଏ, ତେବେ ଚିକିତ୍ସା ଫଳପ୍ରଦ ହେବାର ଆଶା ବଢ଼ିଯାଏ। ଯଦି କୌଣସି ବ୍ୟକ୍ତିଙ୍କର ଛାତି ଯନ୍ତ୍ରଣା କିମ୍ବା ଧଇଁସଇଁ ହେବା ହଠାତ୍ ଦେଖାଯାଏ, ତୁରନ୍ତ ସେମାନେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ଏହି ରୋଗ ଇସିଜି କିମ୍ବା ଇକୋ, ଟ୍ରପ୍–ଟି ଆଦି ପରୀକ୍ଷା ମାଧ୍ୟମରେ ଅତିଶୀଘ୍ର ଜଣାପଡ଼ିଥାଏ। ଏଣୁ ଉପରୋକ୍ତ ଲକ୍ଷଣ ଥିବା ବ୍ୟକ୍ତି ଯଥାଶୀଘ୍ର ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଯାହାଦ୍ୱାରା ଆମେ ହୃଦ୍‌ଘାତଜନିତ ମାରାତ୍ମକ ରୋଗର ମୁକାବିଲା କରିପାରିବା।

**ଡା. ଶିବରାମ ପଣ୍ଡା**
ଏମ୍‌ଡି, କାର୍ଡିଓଲୋଜି, ବିବେକାନନ୍ଦ ହସ୍‌ପିଟାଲ
ମୋ: ୯୦୯୦୯୬୦୩୫୩

## ହୃତ୍‌ପିଣ୍ଡ ସମସ୍ୟାରୁ ଉପଶମ ଦିଏ ସଙ୍ଗୀତ



ମନକୁ ହାଲୁକା କରିବାରେ ସଙ୍ଗୀତର ଭୂମିକା ରହିଛି। ତେବେ ଯଦି ଜଣେ ହୃଦ୍‌ରୋଗୀ ନିଜର ମନ ପସନ୍ଦର ଗୀତ ଶୁଣନ୍ତି ତେବେ ସେ ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ଲାଭ କରିବେ ବୋଲି ଆମେରିକୀୟ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। କିନ୍ତୁ ଅତି ଉଚ୍ଚ ଭଲ୍ୟୁମରେ ଗୀତ ଶୁଣିଲେ ତାହାଦ୍ୱାରା ଶରୀରରେ ଷ୍ଟ୍ରେସ୍ ହରମୋନକୁ କମାଇ ଦେଇଥାଏ। ତା' ସହ ରକ୍ତଚାପ, ଶ୍ୱାସକ୍ରିୟା ମଧ୍ୟ କମିଯାଏ। ସଙ୍ଗୀତର ତାଳେ ତାଳେ ହୃତ୍‌ପିଣ୍ଡର ଗତିରେ ତାରତମ୍ୟ ଲକ୍ଷ୍ୟ କରାଯାଏ। ତେଣୁ ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ ହାଇସ୍ପିଡ୍, ଡିଜେ ମ୍ୟୁଜିକଠାରୁ ଦୂରେଇ ରହନ୍ତୁ। ଅଳ୍ପ ସାଉଣ୍ଡ ସହ ସ୍ଲୋ ମ୍ୟୁଜିକ ଶୁଣିଲେ ତାହାର କୁପ୍ରଭାବ ହୃତ୍‌ପିଣ୍ଡ ଉପରେ ପଡ଼ି ନ ଥାଏ। ବେଳେବେଳେ ଆଇସିୟୁରେ ଥିବା ହୃଦରୋଗୀଙ୍କୁ ସ୍ଲୋ ମ୍ୟୁଜିକ ଶୁଣାଇପାରନ୍ତି ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

## ହୃଦ୍‌ରୋଗର ଆୟୁର୍ବେଦୀୟ ଉପଚାର

**ହୃଦ୍‌ରୋଗର ଆୟୁର୍ବେଦୀୟ ଚିକିତ୍ସା ପ୍ରଣାଳୀ ରହିଛି। ହେଲେ ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ନିଜର ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ସତର୍କ ରହିବା ନିହାତି ଦରକାର।**

- ହୃଦ୍‌ରୋଗରୁ ରକ୍ଷା ପାଇଁ ମାଦକଦ୍ରବ୍ୟଠାରୁ ଦୂରେଇ ରହିବା ଜରୁରୀ।
- କୋଲେଷ୍ଟରଲ ବୃଦ୍ଧିକାରକ ଖାଦ୍ୟ ଯଥା–ତେଲ ମସଲା,ପୂର୍ବ ପ୍ରସ୍ତୁତ ଖାଦ୍ୟ, ମାଂସ, ଥଣ୍ଡାପାନୀୟ, ଆଇସ୍‌କ୍ରିମ୍ ଇତ୍ୟାଦି ବର୍ଜନୀୟ।
- ଲୁଣର ସୀମିତ ବ୍ୟବହାର କରିବା ଜରୁରୀ।
- ପୂର୍ଣ୍ଣମାତ୍ରାରେ ଖାଇବା ଅନୁଚିତ, ଅର୍ଥାତ୍ ଆୟୁର୍ବେଦ ମତାନୁସାରେ ପାକସ୍ଥଳୀର ୨ଭାଗ ଖାଦ୍ୟଦ୍ରବ୍ୟ, ୧ଭାଗ ଜଳ ଏବଂ ୧ଭାଗ ଖାଲି ରହିବାକୁ ପରାମର୍ଶ ଦିଆଯାଇଛି। ଶାରୀରିକ ଶ୍ରମ କରିବା ବିଧେୟ, ମାତ୍ର ଏହା ହୃଦ୍‌ରୋଗୀଙ୍କ ପାଇଁ ନୁହେଁ।
- ମେଦ ବହୁଳତା ହ୍ରାସ ପାଇଁ ସନ୍ତୁଳିତ ଆହାର ଗ୍ରହଣ କରିବା ଆବଶ୍ୟକ। ଶୁଦ୍ଧ ଶାକାହାରୀ ହେବା ଉତ୍ତମ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମତାନୁସାରେ ଶୁଦ୍ଧ ଶାକାହାରୀଙ୍କର ପ୍ରାୟତଃ ରକ୍ତଚାପ ସାମାନ୍ୟ ଥାଏ ଏବଂ ସେମାନଙ୍କୁ ହୃଦ୍‌ଘାତ ହେବାର ଆଶଙ୍କା କମ୍ ଥାଏ।
- ଅଧିକ ତନ୍ତୁଜାତୀୟ ଖାଦ୍ୟ ଖାଆନ୍ତୁ। ଆୟୁର୍ବେଦ ମତାନୁସାରେ ଅର୍ଜୁନସିଦ୍ଧ କ୍ଷୀରପାନ। ଅର୍ଜୁନଛାଲି ୨୦ଗ୍ରାମ, ଗୋଦୁଗ୍ଧ ୧୬୦ମିଲି, ପାଣି ୬୪୦ମିଲିକୁ ମିଶାଇ ମାଟିପାତ୍ରରେ ବା ଅନ୍ତତଃ ପକ୍ଷେ ଷ୍ଟିଲ ପାତ୍ରରେ କେବଳ କ୍ଷୀର ରହିବା ପର୍ଯ୍ୟନ୍ତ ସିଝାଇ ଥଣ୍ଡା ହେବା ପରେ ଛାଣି ସେଥିରେ ଅଳ୍ପ ମିଶ୍ରିଗୁଣ୍ଡ ମିଶାଇ ହୃଦ୍‌ରୋଗୀ ପ୍ରତ୍ୟହ ପାନକରି କରିବା ଆବଶ୍ୟକ। ଡେମ୍ଫ ସହିତ ୨ଟି ପାନପତ୍ର,୩କୋଳା ରସୁଣ ଏବଂ ୫ଗ୍ରାମ୍ ଅଦାକୁ ଭଲଭାବେ ବାଟି ରସ ବାହାରକରି ସେଥିରେ ୨ଚାମଚ ମହୁ ମିଶାଇ ଖାଲି ପେଟରେ ଧୀରେ ଧୀରେ ଚାଟି ଖାଇଲେ ହୃଦ୍–ଧମନୀଗତ ଅବରୋଧ କ୍ରମଶଃ ଖୋଲିଯାଇଥାଏ।ସର୍ବୋପରିଚିନ୍ତାରୁମୁକ୍ତିପାଇବାକୁଯୋଗଏବଂଧ୍ୟାନକରିବାଜରୁରୀ।

– ଡା.ତୀର୍ଥପ୍ରସାଦ ବରାଳ, ମୋ: ୯୪୩୯୦୯୭୭୩୧

World Heart Day
Because in Every Healthy Body
Beats a Healthy Heart



A WELL WISHER

World Heart Day
The World Heart Day take oath...
to protect your heart and hearts around you

FACILITIES AVAILABLE



- MRI
- Whole body C.T. Scan: 256 SLICE
- Colour Doppler
- Peripheral Vascular Doppler
- & Cartoid Dropper
- Ultrasonography of all parts
- Upper GI Endoscopy
- Lower GI Endoscopy (Colonoscopy)
- Digital X-Ray (500 MA)
- C-Arm & IITV
- Digital E.E.G
- Complete Pathological Investigation
- Hitachi-902
- ABX-Cell Counter
- Dry Chemistry Analyser
- Immuno Assay (Automated Minividex)
- Pulmonary Function Test
- E.M.G.
- Nerve Conduction Test
- Tread Mill Test
- OPG
- Mamography
- CT-Optime 256 slice whole body
- DIGITAL MR 1.5 T


GUPTA NURSING HOME
INDIRA CHOWK, BURLA
GUPTA DIAGNOSTIC CLINIC
5/6 GOPABANDHU MARKET, BURLA - 768017, SAMBALPUR (ODISHA)
PHONE: 0663-24350051, MOB: 7205614541

Eat Healthy,
Stay Healthy
&
Keep Your Heart
Always Healthy

29 SEP WORLD HEART DAY

Courtesy:
ODM Educational Group
Changing Your Tomorrow
Sishu Vihar, Infocity Road
Patia, Bhubaneswar-24
Ph: (0674) 2744116 / 2741014
Mob: +91 8763995361

ଆପଣଙ୍କ ସ୍ୱାସ୍ଥ୍ୟ ଆମର ଦାୟିତ୍ୱ
WE SERVE GOD HEALS



SAMBALPUR

| | |
|---|---|
| AMRITA HEALTH CARE | DR. BINOD B. NAIK |
| ASHIRWAD NURSING HOME | DR S.N. BASA |
| ASTHA NURSING HOME | DR. P.K. MISHRA |
| BASUNDHARA MATERNITY HOME | DR. G.C. BEHERA |
| BALAJI NURSING HOME | SRI B.N. SAHU |
| DROUPADI HEALTH POINT | DR. A.K. DALMIA |
| JANANI MATERNITY | DR. JAYDEV MEHER |
| JMJ HOSPITAL | SR. JAYASEELA |
| LIFE LINE DIAGNOSTICS | DR. PRADEEPTA PANDA |
| SAMARPAN CHILDREN HOSPITAL | DR RAJESH VERMA |
| SANJIVANI FAMILY HOSPITAL | DR PURUSHOTTAM AGRAWAL |
| SEVA NURSING HOME | DR SUSHIL SHARMA |
| SHRUSTI NURSING HOME | DR SUNIL PANDA |
| SPARSH NURSING HOME | DR GURU & DR SAHU |

BURLA

| | |
|---|---|
| RAM CHANDI NURSING HOME | SRI PRAFULLA PRADHAN |
| GOURISHANKAR NURSING HOME | DR. NETRANANDA DORA |
| GUPTA NURSING HOME | SRI RAJU JAJODIA |
| GUPTA DIAGNOSTIC | DR N K JAJODIA |
| PATEL NURSING HOME | DR SATYABATI PATEL |
| SAMALESWARI NURSING HOME | DR RABINDRA KU PRADHAN |
| VINAYAK HOSPITAL | DR B K GARTIA |
| AK HOSPITAL | DR R R MISHRA |

PRIVATE HOSPITAL & NURSING HOME
OWNER'S ASSOCIATION , SAMBALPUR



Bhushan POWER & STEEL
An ISO 9001,14001 & OHSAS - 18001 Certified Company
Healthy heart choices for everyone, everywhere



Vill. Thelkoloi, P.O. Lapanga, Tehsil - Rengali - 768 212, Odisha
Phone: +91-663-2535000, 6636000, 6634000, 2535154, 2535281
Fax: +91-663-2562039, 2562011
e-mail: odisha@bpsl.net, www: bpsl.net

VIVEKANAND HOSPITAL
Bhubaneswar
WORLD HEART DAY
September 29
This world heart day come and
track your heart record with nominal price
Test Includes :
- Electrocardiogram
- Echocardiogram
- TMT
- Cardiac Consultation
- OPD Consultation

10% OFF



Dr. Siba Ram Panda
MD DM (Cardiologist)
Every day available in OPD

For Consultation Please Visit Our OPD Counter, Ground Floor
A 54/1, Fire Station Square, Baramunda, Bhubaneswar
Email : info@vivekanandhospital.com
For Registration & Enquiries Call : 9090960353/9090099402
|www.vivekanandhospital.com| /vivekanandbbs

## ସଂକ୍ଷେପରେ

ଠୁଳ କରିଥିଲେ ଆୟ ବହିର୍ଭୂତ ସମ୍ପତ୍ତି

### ଲାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ଗିରଫ

**କଟକ ଅଫିସ, ୨୮।୯:** ନବରଙ୍ଗପୁର ଜିଲାର ଝରିଗାଁ ଲାମ୍ପସ୍(ଲାର୍ଜ ଏରିଆ ମଲ୍ଟି ପର୍ପୋଜ କୋଅପରେଟିଭ ସୋସାଇଟି)ର ପରିଚାଳନା ନିର୍ଦ୍ଦେଶକ ମନସାଇ ପନ୍‌କାଙ୍କୁ ଭିଜିଲାନ୍ସ ଶୁକ୍ରବାର ଗିରଫ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଗତ ଗୁରୁବାର ପନ୍‌କାଙ୍କ ଘର, ଅଫିସ ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ ୧ କୋଟି ୪୫ ଲକ୍ଷ ୩୩ହଜାର ୪୪୫ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ପ୍ରାଥମିକ ତଦନ୍ତ ପରେ ୧ କୋଟି ୪୩ ଲକ୍ଷ ୧୩ହଜାର ୩୭୪ ଟଙ୍କା ଆୟ ବହିର୍ଭୂତ ଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା। କାରଣ ଏହି ସମ୍ପତ୍ତିର କୌଣସି ସନ୍ତୋଷଜନକ ହିସାବ ପନ୍‌କା ଦେଇପାରି ନ ଥିଲେ। ଏ ସମ୍ପର୍କରେ ୨୨/୨୦୧୮ରେ ଏକ ମାମଲା ରୁଜୁ କରାଯାଇ ପନ୍‌କାଙ୍କୁ ଗିରଫ କରାଯାଇଛି।

# ଏଭଳି ହୀନ ଉଦ୍ୟମ ଦୁର୍ଭାଗ୍ୟଜନକ: ଭାଜପା

- ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ କରା ନ ଯିବା ପ୍ରସଙ୍ଗ
- ଏହା ପ୍ରଶାସନର ଭୁଲ୍ ନିଷ୍ପତ୍ତି: ନରସିଂହ
- ନିଷ୍ପତ୍ତି ମନ୍ଦିର ପରିଚାଳନା କମିଟି ପରିସରଭୁକ୍ତ: ଅରୁଣ

**ଭୁବନେଶ୍ୱର, ୨୮।୯(ବ୍ୟୁରୋ)**

ବ୍ରହ୍ମ ବିଭ୍ରାଟ ରିପୋର୍ଟରେ ମହାପ୍ରଭୁଙ୍କ ଗୁପ୍ତ ରଣନୀତି ରହିଛି। ଏହା ଏକ ସମ୍ବେଦନଶୀଳ ବିଷୟ ହୋଇଥିବାରୁ ଉକ୍ତ ରିପୋର୍ଟକୁ ସାର୍ବଜନୀନ କରାଯିବ ନାହିଁ। ଏପରିକି ସୂଚନା ଅଧିକାର (ଆର୍‌ଟିଆଇ) ବଳରେ ମଧ ଉକ୍ତ ରିପୋର୍ଟ ଦିଆଯିବ ନାହିଁ। ଗୁରୁବାର ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯିବା ପରେ ବିରୋଧୀ ଭାଜପା ଓ କଂଗ୍ରେସ ଏହାକୁ ସମାଲୋଚନା କରିଛନ୍ତି। ଅପରପକ୍ଷରେ ଏହାର ଜବାବ ରଖିଛି ବିଜେଡି।

ଭାଜପା କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମନ୍ଦିର ପରିଚାଳନା କମିଟି ବ୍ରହ୍ମ ବିଭ୍ରାଟ ରିପୋର୍ଟକୁ ସର୍ବସାଧାରଣରେ ପ୍ରକାଶ ନ କରିବା ଏବଂ ଆର୍‌ଟିଆଇ ତଥ୍ୟ ମାଗିଲେ ନ ଦେବା ପାଇଁ ନେଇଥିବା ନିଷ୍ପତ୍ତିକୁ ଭାଜପା ନିନ୍ଦା କରୁଛି। ରାଜ୍ୟ ସରକାରଙ୍କ ପ୍ରଶାସନିକ ଅଧିକାରୀମାନେ ଜଗନ୍ନାଥ ସଂସ୍କୃତି ବିରୋଧରେ ଏକ ବିରାଟ ଷଡ଼ଯନ୍ତ୍ର କରୁଛନ୍ତି। ଜୁନ୍ ୨୦୧୫ ନବକଳେବର ସମୟରେ ଘଟିଥିବା ବ୍ରହ୍ମ ବିଭ୍ରାଟ ସମଗ୍ର ଓଡିଆ ଜାତି, ଜଗନ୍ନାଥ ସଂସ୍କୃତିପ୍ରେମୀ ଏବଂ ହିନ୍ଦୁ ସମାଜକୁ ଗଭୀର ଭାବେ ଆନ୍ଦୋଳିତ କରିଥିଲା। ଏହି ପ୍ରସଙ୍ଗକୁ ସାଢେ ୩ବର୍ଷ ବିତିଥିଲେ ମଧ ରାଜ୍ୟ ସରକାର ଏ ବାବଦରେ କୌଣସି ଅନୁସନ୍ଧାନ କଲେ ନାହିଁ। ଏଥିରେ ସମ୍ପୃକ୍ତ ବିଶୃଙ୍ଖଳିତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ଏହି ଘଟଣା ପରେ ନୀଳାଦ୍ରି ବିଜେ ସମୟରେ ଦେଖାଦେଇଥିବା ବିଶୃଙ୍ଖଳା ଏବଂ ରତ୍ନଭଣ୍ଡାର ଚାବି ହଜିବା ଘଟଣା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏନେଇ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ। ଏଥିରୁ ସ୍ପଷ୍ଟ ହେଉଛି, ସମ୍ବିଧାନ, ପାର୍ଲାମେଣ୍ଟ ଏବଂ ସୁପ୍ରିମକୋର୍ଟ ଭଳି କୌଣସି ଅନୁଷ୍ଠାନ ପ୍ରତି ରାଜ୍ୟ ସରକାରଙ୍କ ସମ୍ମାନ ନାହିଁ। ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ ହେଲେ ରାଜ୍ୟ ସରକାରଙ୍କର ଅସଲ ଚେହେରା ପଦାରେ ପଡିଯିବ। ବିଜେଡି ସମର୍ଥିତ କେତେକ ସେବାୟତଙ୍କୁ ସୁରକ୍ଷା ଦେବା ଲାଗି ଗୋପନୀୟତା ଆଳରେ ସମସ୍ତ ରିପୋର୍ଟ ଚପାଇବା ଭଳି ହୀନ ଉଦ୍ୟମ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ବିରୋଧରେ ଭାଜପା କୋର୍ଟର ଆଶ୍ରୟ ନେବ ବୋଲି ଆଚାର୍ଯ୍ୟ କହିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ଯଦି ମନ୍ଦିର ପ୍ରଶାସନ ସେଭଳି ନିଷ୍ପତ୍ତି ନେଇଥାଆନ୍ତି ତେବେ ତାହା ଦୁର୍ଭାଗ୍ୟଜନକ। ମନ୍ଦିର ପ୍ରଶାସନର ଏହା ହେଉଛି ଭୁଲ୍ ନିଷ୍ପତ୍ତି। ଆର୍‌ଟିଆଇ ତଥ୍ୟରେ କ'ଣ ମିଳିପାରିବ ନା ନାହିଁ ତାହା ସୂଚନା ଅଧିକାର ଆଇନ ଉପରେ ନିର୍ଭର କରେ। ଏକଥା ପରିଚାଳନା କମିଟି ନିଷ୍ପତ୍ତି ଉପରେ ନିର୍ଭର କରୁନି। ଆଇନକୁ ତର୍ଜମା କରି ଯଦି ଜଣେ କହିପାରିବ ଏହା ଗୁପ୍ତ ସୂଚନା, ତେବେ ଏହା ସାର୍ବଜନୀନ କରାଯିବ ନାହିଁ। ନଚେତ୍ କମିଟି ଏଥିପାଇଁ ଯାହା ନିଷ୍ପତ୍ତି ନେଉ ନା କାହିଁକି ସେମାନେ ତଥ୍ୟ ଦେବାକୁ ବାଧ ବୋଲି ସେ କହିଛନ୍ତି।

ବିଜେଡି ମୁଖପାତ୍ର ଅରୁଣ ସାହୁ କହିଛନ୍ତି ଯେ, ମନ୍ଦିର ପରିଚାଳନା କମିଟି ଯେଉଁ ନିଷ୍ପତ୍ତି କରିଛନ୍ତି ତାହା ସେମାନେ କାର୍ଯ୍ୟକାରୀ କରିବେ। ସେହି ନିଷ୍ପତ୍ତି ପରିଚାଳନା କମିଟିର ପରିସରଭୁକ୍ତ। ତେଣୁ ସେମାନେ ଯାହା ଘୋଷଣା କରିଛନ୍ତି ତାହା କାର୍ଯ୍ୟକାରୀ କରିବେ। ଭାଜପା ନେତାମାନେ ଯାହା ପାଆନ୍ତି କହିଚାଲନ୍ତି। ମନ୍ଦିର ପରିଚାଳନା କମିଟିରେ ଗଜପତି ମହାରାଜା ହେଉଛନ୍ତି ଚେୟାରମ୍ୟାନ ଏବଂ ସେଥିରେ ଅନ୍ୟମାନେ ସଦସ୍ୟ ଅଛନ୍ତି। ତେଣୁ କମିଟି ଯାହା ନିଷ୍ପତ୍ତି ନେଇଛି ତାହା ଚୂଡାନ୍ତ ନିଷ୍ପତ୍ତି। ଭାଜପା ଅଯଥାରେ ରାଜ୍ୟ ସରକାରଙ୍କୁ ଟାଣିଓଟାରି ସବୁଥିରେ ପୂରାଇବା ଠିକ୍ ନୁହେଁ। ଭାଜପା ନେତାମାନେ ଏବେ ସବୁ କଥାରେ ଅତ୍ୟଧିକ ହେଉଥିବା ସେ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାତକ ଦେଖ ହେ ନାହ୍ରାକ**
**ବୋହୂ ଭାତ ଖାଉନାହିଁ ପାଆକ;**
**କି ଜାତକ ଦେଖିବି ମାଉସୀ**
**ବୋହୂ ଭିତରେ ଭିତରେ ଖାଉଛି ।**

କିଛି ବ୍ୟକ୍ତି ଲୁଚେଇ ଚୋରେଇ ଖାଦ୍ୟ ଖାଉଥିଲେ ମଧ ଉପରକୁ କିଛି ଖାଇ ନ ଥିବାର ମିଛ ଅଭିନୟ କରିଥାନ୍ତି। ଅନ୍ୟମାନେ ଏହାର ଟେର୍ ପାଇବା ସମ୍ଭବପର ହେଉ ନ ଥିବା ସ୍ଥଳେ ସତ କ'ଣ ଜାଣି ନ ପାରି ଖାଲି ତୁଛାଟାରେ ବ୍ୟତିବ୍ୟସ୍ତ ହୋଇପଡ଼ିଥାନ୍ତି। ଲୁଚେଇ ଛପେଇ ଖାଦ୍ୟଖାଇ ନୀରବତା ଅବଲମ୍ବନ କରୁଥିବା ଚତୁରୀ ନାରୀଟି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଜହ୍ନି ମଞ୍ଜି କିଲୋ ଜହ୍ନି ମଞ୍ଜି**
**ଡାକେ ନାହିଁ କି ହାକେ ନାହିଁ**
**ବଳେ ପଶୁଥାଏ ପେଲି ଗୁଞ୍ଜି ।**

ଜହ୍ନି ମଞ୍ଜି ଦେଖିବାକୁ କଳା। ସାଧାରଣତଃ ବର୍ଣ୍ଣ କଳା ବା ଶ୍ୟାମଳ ହୋଇଥିବା ବ୍ୟକ୍ତିଙ୍କୁ ଅନେକେ ପସନ୍ଦ କରି ନ ଥାନ୍ତି। ତାଙ୍କ ସହ ସମ୍ପର୍କ ରଖିବା ତ ଦୂରର କଥା ଭଲରେ କଥା ପଦିଏ ହେବାକୁ କେହି ଇଚ୍ଛା କରି ନ ଥାନ୍ତି। ଏପରି ସ୍ଥଳେ ଉପରେ ପଡ଼ି ମିଶୁଥିବା ଶ୍ୟାମଳବର୍ଣ୍ଣା ଯୁବତୀ ପ୍ରତି ତାଚ୍ଛଲ୍ୟଭାବ ପ୍ରକାଶ ପାଇବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନକୁ ବିରୋଧ

**ପୁରୀ ଅଫିସ, ୨୮।୯:** ଆସନ୍ତା ଅକ୍ଟୋବର ୧ରୁ ଶ୍ରୀମନ୍ଦିରରେ ଆରମ୍ଭ ହେବାକୁ ଯାଉଛି ଧାଡି ଦର୍ଶନ ବ୍ୟବସ୍ଥା। ଦର୍ଶନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଏହି ନିଷ୍ପତ୍ତି ନେଇଛି। ଗୁରୁବାର ଅନୁଷ୍ଠିତ ପରିଚାଳନା କମିଟି ନିଷ୍ପତ୍ତି ପ୍ରକାରେ ଅକ୍ଟୋବର ପହିଲାରୁ ଏହା ପରୀକ୍ଷାମୂଳକ ଭାବେ ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୂଚନା ଦେଇଛନ୍ତି। ଏହି ଧାଡି ଦର୍ଶନ ବ୍ୟବସ୍ଥାକୁ ବିରୋଧ କରିଛି ଶ୍ରୀଜଗନ୍ନାଥ ସେନା। ଏ ନେଇ ଶୁକ୍ରବାର ସେନା ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି ଯେ, ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଲାଗୁ କରିବା ଆଳରେ ବିଶୃଙ୍ଖଳାକୁ ଆମନ୍ତ୍ରଣ କରୁଛି ପ୍ରଶାସନ। ବର୍ତ୍ତମାନ ଯେଉଁ ପ୍ରକାର ଦର୍ଶନ ଚାଲିଛି ଏହାଦ୍ୱାରା ଭକ୍ତମାନେ ସ୍ୱାଧୀନ ଭାବେ ମହାପ୍ରଭୁଙ୍କୁ ମନ ପୂରାଇ ଦର୍ଶନ କରିପାରୁଛନ୍ତି। ଧାଡି ବ୍ୟବସ୍ଥାରେ ସ୍ଥାନୀୟ ଲୋକେ ଏବଂ ବୃଦ୍ଧାବୃଦ୍ଧଙ୍କୁ ଅକଥନୀୟ କଷ୍ଟ ଭୋଗିବାକୁ ପଡିବ। ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ଭକ୍ତ ଆସୁଥିବାରୁ ଦର୍ଶନ ପାଇଁ ବହୁତ ସମୟ ଏବଂ ଦିନ ଅପେକ୍ଷା କରିବାକୁ ପଡିବ। ଶ୍ରୀମନ୍ଦିରକୁ ଏକ ମ୍ୟୁଜିୟମ୍‌ରେ ପରିଣତ କରିବାକୁ ପ୍ରଶାସନ ପ୍ରଚେଷ୍ଟା କରୁଛି। ଧାର୍ମିକ ବ୍ୟବସ୍ଥାବଳୀକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବାକୁ ଷଡ଼ଯନ୍ତ୍ର ହେଉଛି। ଏହାକୁ ଦୃଢ ବିରୋଧ କରାଯିବା ସହ ଆଗାମୀ ଦିନରେ ପୁରୀ ବନ୍ଦ ଓ ଦରକାର ପଡିଲେ ସାରା ଓଡ଼ିଶା ବନ୍ଦ ଡାକରା ଦିଆଯିବ ବୋଲି ଆବାହକ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

- ୧୦% ପ୍ରାକୃତିକ ବିପର୍ଯ୍ୟୟ ସେସ୍

## ୭ ଜଣିଆ ମନ୍ତ୍ରିଗୋଷ୍ଠୀ ଗଠନ କଲେ ଜିଏସ୍‌ଟି କାଉନ୍‌ସିଲ

**ନୂଆଦିଲ୍ଲୀ, ୨୮।୯**

ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା କେରଳ ପାଇଁ ଆଇଜିଏସ୍‌ଟି ସହିତ ୧୦% ସେସ୍ ଆଦାୟ କରାଯାଇପାରିବ କି ନା ସେ ସମ୍ପର୍କରେ ସୁପାରିସ କରିବା ଲାଗି ଜିଏସ୍‌ଟି କାଉନସିଲ ଶୁକ୍ରବାର ଏକ ୭ ଜଣିଆ ମନ୍ତ୍ରିଗୋଷ୍ଠୀ(ଗମ୍) ଗଠନ କରିଛନ୍ତି। ଏହି ମନ୍ତ୍ରିଗୋଷ୍ଠୀ ଏ ସଂପର୍କରେ ବିଚାରବିମର୍ଷ ପରେ କାଉନସିଲ୍‌କୁ ସୁପାରିସ କରିବେ।

ଜିଏସ୍‌ଟି କାଉନସିଲ୍‌ର ୩୦ତମ ବୈଠକ ଶେଷରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏଠାରେ ଖବରଦାତାଙ୍କୁ ସୂଚନା ଦେଇ କହିଛନ୍ତି, ବନ୍ୟା ଯୋଗୁ କ୍ଷତିଗ୍ରସ୍ତ ରାଜ୍ୟର ପୁନଃନିର୍ମାଣ ଲାଗି ଆଇସିଜିଏସ୍‌ଟିରେ ୧୦% ସେସ୍ ଲାଗୁ କରିବା ପାଇଁ କେରଳ ସରକାର ଦାବି କରିଥିଲେ। ଏହି ସେସ୍ ଲାଗୁ ହେଲେ କେରଳକୁ ଅତିରିକ୍ତ ୭୦ କୋଟି ଟଙ୍କାର ସହାୟତା ମିଳିବ। ଏହାକୁ କେରଳରେ ସୀମିତ ରଖାଯିବ ନା ସାରା ଦେଶରେ ଲାଗୁ କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଯଦି ଲାଗୁ କରାଯାଏ ତେବେ କେବଳ ବିଳାସ ସାମଗ୍ରୀରୁ ଏହା ଆଦାୟ କରାଯିବ କି ନା, କେଉଁ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଏଭଳି ସେସ୍ ଲାଗୁ କରାଯିବ ଏବଂ ଏହାର ପ୍ରଣାଳୀ କ'ଣ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି ଯେ, ରାଜସ୍ୱ ଆଦାୟର ଧାରା ଏବଂ ରାଜ୍ୟମାନଙ୍କ କ୍ଷତିପୂରଣ ନିଅଣ୍ଟ ପରିମାଣ ନେଇ ମଧ ରାଜ୍ୟଗୁଡିକ ଆଲୋଚନା କରିଥିଲେ। ଏବେ ରାଜ୍ୟଗୁଡିକର ନିଅଣ୍ଟ ପରିମାଣ ୧୩%କୁ ହ୍ରାସ ପାଇଛି ବୋଲି ସେ ସୂଚନା ଦେଇଛନ୍ତି। ଉତ୍ତର-ପୂର୍ବ ଭାରତରେ ଜିଏସ୍‌ଟି ଆଦାୟ ଆଶାଠାରୁ ଅଧିକ ହୋଇଛି ବୋଲି ଜେଟ୍‌ଲୀ କହିଛନ୍ତି।

## ବିଜେଡିର ତୈଳ ଦର ବୃଦ୍ଧି ପ୍ରତିବାଦ ୧ରେ

**ଭୁବନେଶ୍ୱର, ୨୮।୯(ବ୍ୟୁରୋ):** ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ବିଜେଡି ପକ୍ଷରୁ ଅକ୍ଟୋବର ପହିଲାରେ ରାଜଭବନ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯିବ। ଦଳର ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି ଯେ, ବିଗତ ସାଢେ ୪ ବର୍ଷରେ ୧୪ ଥରରୁ ଅଧିକ ତୈଳ ଦର ବୃଦ୍ଧି କରାଯାଇଛି। ଅଶୋଧିତ ତୈଳ ଦର ହ୍ରାସ ପାଇବା ସମୟରେ କେନ୍ଦ୍ର ସରକାର ତୈଳ ଦର ହ୍ରାସ କରି ନ ଥିଲେ। କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୨୦୧୪ରେ ପେଟ୍ରୋଲ ଲିଟର ପିଛା ୯.୨୦ ଟଙ୍କା ଥିଲା। ବର୍ତ୍ତମାନ ତାହା ୧୯.୪୮ ଟଙ୍କାରେ ପହଞ୍ଚିଛି। ସେହିପରି ଡିଜେଲ ଦର ୨୦୧୪ରେ ଲିଟର ପିଛା ଉତ୍ପାଦ ଶୁଳ୍କ ୩.୪୬ଟଙ୍କା ଥିବା ବେଳେ ବର୍ତ୍ତମାନ ତାହା ୧୫.୩୩ ଟଙ୍କାକୁ ବୃଦ୍ଧି ହୋଇଛି। ପେଟ୍ରୋଲ ଓ ଡିଜେଲରେ ଯଥାକ୍ରମେ ୧୧୧ ପ୍ରତିଶତ ଓ ୩୫୦ ପ୍ରତିଶତ ଉତ୍ପାଦ ଶୁଳ୍କ ବୃଦ୍ଧି କରାଯାଇଛି। ବିଜେଡି ଏବଂ ସାଧାରଣ ଜନତା ତୈଳ ଦର ବୃଦ୍ଧିର ବାରମ୍ବାର ପ୍ରତିବାଦ କରିବା ପରେ ମଧ କେନ୍ଦ୍ର ସରକାର ଦର ହ୍ରାସ ନ କରିବା ଦୁର୍ଭାଗ୍ୟଜନକ ବୋଲି ସଞ୍ଜୟ ସମାଲୋଚନା କରିଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ । (1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ) 1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

!! ବିନା ଗ୍ୟାରେଣ୍ଟର!!
ମହାବୀର ଫାଇନାନ୍ସ
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି
20 ବର୍ଷରେ ଫେରସ୍ତ
7292015349
8447083534
41/14, SECTOR-1, PUSHP VIHAR, DELHI-110017

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
DHANLAXMI FINANCE
Ram Nagar, Narnel, Haryana
7310612716
7310613702

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

Urbasi Oil & Capsules
ନାରୀର ସୌନ୍ଦର୍ଯ୍ୟତା ପାଇଁ ବ୍ୟବହାର କରନ୍ତୁ ।
Bhaskar's semegra (Oil & Capsules)
ଶକ୍ତି ବଢ଼ାଇ ଉତ୍ତେଜନା ଆଣି ମସ୍ତିରେ ରଖେ
ସବୁଠାରୁ ଉତ୍ତମ ଓ ସବୁଠାରୁ ଶସ୍ତା
60 Capsul only Rs. 270/-
ସମସ୍ତ ଔଷଧ ଦୋକାନରେ ଉପଲବ୍ଧ ।
Stockist-Odisha Drug Distributor
Cell: 7873239883

ASHOKA FINANCE
ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୧୩୮୦ରେ (୧-୯୦ ଲକ୍ଷ) ପର୍ଯ୍ୟନ୍ତ ୦% ସୁଧ, ୬୦% ରିହାତି। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ରାଶନକାର୍ଡ, ଆଧାର କାର୍ଡ ସମସ୍ତ ଋଣ ୪୮ ଘଣ୍ଟାରେ।
H-33, Aroda, G. Noida, Delhi
8743042068
7900883466

FINANCE
ଭାରତ ସରକାର ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି
ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

FINANCE
P.M.J.S.Y ସମସ୍ତ ଆଧାରକାର୍ଡ ଧାରକମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ ସୁଧରେ ସବୁ ପ୍ରକାର ଋଣ ଯୋଗାଇ ଦେଉଛି । ଋଣ ପଇସା ୪୮ ଘଣ୍ଟା ଭିତରେ ବ୍ୟାଙ୍କ ଆଉଣ୍ଟ ଖାତାରେ ଟ୍ରାନ୍ସଫର ହେବ । 30% ସବସିଡି ।
Ameerpt, Hyderabad
Pin- 5000106 (Telengana)
7787922501
7787907927
pmjansamridhi@gmail.com

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7750921669
8337956019

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

SMS JOB
Send SMS, Earn Money
JEEO GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 7500/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଭାରତର ନଂ.1 କମ୍ପାନୀ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଦେଉଛି ବେରୋଜଗାର ଭାଇମାନଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ ମାତ୍ର 2 ଘଣ୍ଟାରେ ପ୍ରାପ୍ତ କରନ୍ତୁ
ମା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି
1% ସୁଧ, 50% ରିହାତି
6388753739
6399376206
Add : - 41/14, Sec-1 Pushp Vihar, Delhi

BUSINESS
ସରକାରୀ ଯୋଜନାଦ୍ୱାରା ଡିଜିଟାଲ୍ ଯାନ୍ତ୍ରିକ ଉପକରଣ ଗୁଡିକ ନିଜର ପ୍ଲଟ୍, କ୍ଷେତ, ଛାତ ଉପରେ ଶତ ପ୍ରତିଶତ ଗ୍ୟାରେଣ୍ଟେଡ୍ ଶୀଘ୍ର ଲଗାନ୍ତୁ
ଭଡା- ୧୨୦୦୦୦/- + ଆଡଭାନ୍ସ- ୧ କୋଟି ୨୦ ଲକ୍ଷ + କୋର୍ଟ ଏଗ୍ରିମେଣ୍ଟ
୨ ଚାକିରୀ + ରହିବା + ବିମା ଫ୍ରି
Office No.413, Commercial Complex, Paschim Vihar, New Delhi-64
08076675193
08700152155

SMS JOB
SEND SMS, EARN MONEY
AITEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ !
କମ୍ପାନୀ ଦ୍ୱାରା Mobile + Laptop + Bike SIM + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
07367075431
07367075342

Free GOLD COIN Free
A 2 Z FINANCE Ltd.
ଦିପାବଳୀ ଧମାକା
3 ଲକ୍ଷରୁ 5 କୋଟି
ଆଧାରକାର୍ଡ, ମାର୍କଶିଟ୍ ପ୍ରପର୍ଟି, ସମସ୍ତ ଋଣ ଘରେ ବସି
ସୁଧ 0% ରୁ 6%
9506060250
Add : - 41/14, Sec-1 Pushp Vihar, Delhi

ଡିଜିଟାଲ ଉପକରଣ
ହିନ୍ଦୁସ୍ତାନ ଗ୍ରୁପ୍ ଭାରତର ସର୍ବପ୍ରଥମ କମ୍ପାନୀ (ରେଜି. odi577407) ଖାଲି ଜମି ଉପରେ ଡିଜିଟାଲ୍ ଟାୱାର ଲାଗନ୍ତୁ। ଅଗ୍ରିମ ୨୦,୦୦୦,୦୦, ଭଡ଼ା 70,000, 60,000ର ଅନ୍ୟାନ୍ୟ ସୁବିଧା + ଏକ ବାଇକ୍ + 1 ଲାପ୍‌ଟପ୍ ଫ୍ରି। ନୋଟ୍- (ଇଚ୍ଛୁକ ବ୍ୟକ୍ତି ନାମ, document Gmail/ଫୋନ୍ କରନ୍ତୁ।)
7302090964
2/2250, Rambagh Colony, Ramghat Road, Gali No.4 Tehsil- Koil, Dist- Aligarh


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମହିଳା ସମାବେଶ ପ୍ରସ୍ତୁତି

ବଇଣ୍ଡା, ୨୮।୯(ଡି.ଏନ.ଏ.)- ଆଠମଲ୍ଲିକ ବ୍ଲକ ପେଡିପଥର ହାଇସ୍କୁଲ ଖେଳପଡିଆଠାରେ ଆସନ୍ତା ରବିବାର ଏକ ମହିଳା ସମାବେଶ ଅନୁଷ୍ଠିତ ହେବ। ଏ ନେଇ ବିଜେଡି ପକ୍ଷରୁ ଶୁକ୍ରବାର କିଶୋରନଗର ବ୍ଲକ ବଇଣ୍ଡା ଡାକବଙ୍ଗଳା ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। କିଶୋରନଗର ବ୍ଲକ ବିଜେଡି ସଭାପତି ପ୍ରବୋଧ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଯୋଗଦେଇ କିଭଳି ସମାବେଶରେ ବହୁ ସଂଖ୍ୟାରେ ମହିଳା ଯୋଗଦେବେ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଆଠମଲ୍ଲିକ ବ୍ଲକ ସଭାପତି ମହେଶ୍ୱର ଦେହୁରୀ, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ ପ୍ରଧାନ, ବ୍ଲକ ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, ରମେଶ କୁମାର ବେହେରା, ବିପିନ ପରିଡା, ଅରିକ୍ଷିତ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ରଞ୍ଜନ ବିଶ୍ୱାଳ, ସୁବାସ ସାହୁ, ବାଳକୃଷ୍ଣ ପ୍ରଧାନ, ଅର୍ଜୁନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଚୋରି



ବଇଣ୍ଡା, ୨୮।୯(ଡି.ଏନ.ଏ.)- ଅନୁଗୋଳ ଜିଲା କିଶୋରନଗର ବ୍ଲକ ବାମୁର ଡାକ ବଙ୍ଗଳାଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ତାଡ଼ି ଗୁରୁବାର ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାରୁ ପ୍ରକାଶ, ବାମୁରଠାରେ ମହାତ୍ମା ଗାନ୍ଧୀଙ୍କ ରାତ୍ରି ଯାପନକୁ ମନେ ରଖିବା ଉଦ୍ଦେଶ୍ୟରେ ଡାକବଙ୍ଗଳାଠାରେ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଥିଲା। ପ୍ରତି ବର୍ଷ ପ୍ରଶାସନ ଓ ଟ୍ରଷ୍ଟ ପକ୍ଷରୁ ସେଠାରେ ସ୍ମୃତି ସଭା ସହ ଗାନ୍ଧୀ ଜୟନ୍ତୀ ପାଳନ କରାଯାଇଥାଏ। ଏବେ ୫୫ ନମ୍ବର ଜାତୀୟ ରାଜପଥ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ଏହି ପ୍ରତିମୂର୍ତ୍ତି କ୍ଷତିଗ୍ରସ୍ତ ହେବାରୁ ପ୍ରଶାସନ ପକ୍ଷରୁ ନୂତନ ପ୍ରତିମୂର୍ତ୍ତି ପାଇଁ ମଣ୍ଡପ ନିର୍ମାଣ କରାଯାଉଛି। ହେଲେ ଏଥିରେ ମଧ୍ୟ ବିଳମ୍ବ ହେଉଛି। ପରିତ୍ୟକ୍ତ ଅବସ୍ଥାରେ ପ୍ରତିମୂର୍ତ୍ତିଟି ଥିବାବେଳେ କେତେଜଣ ଦୁର୍ବୃତ୍ତ ଏହାକୁ ତାଡ଼ି ନେଇଛନ୍ତି। ପୋଲିସ ପାଟ୍ରୋଲିଂ ଅଭାବ ଯୋଗୁ ଏପରି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଟ୍ରକ୍-ବାଇକ ଧକ୍କା, ଜଣେ ଗୁରୁତର

ଛେଣ୍ଡିପଦା,୨୮।୯(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ନିଶା ଶିଳ୍ପାଞ୍ଚଳ ଥାନା ଆମ୍ବପାଳ ରାସ୍ତାରେ ଶୁକ୍ରବାର ଏକ ଟ୍ରକ ସହ ବାଇକ ଧକ୍କା ହୋଇଛି। ଏଥିରେ ବାଇକ ଚାଳକ ନିଶା ଗ୍ରାମର ଚନ୍ଦ୍ରମଣି ପୃଷ୍ଟି ଗୁରୁତର ହୋଇଛନ୍ତି। ପୋଲିସ କହିଛି, ଏକ ଦଶ ଚକିଆ ଟ୍ରକ ଆମ୍ବପାଳ ଦେଇ କଳିଙ୍ଗ ମାଇନସ୍ ଅଭିମୁଖେ ଯାଉଥିବାବେଳେ ଆମ୍ବପାଳ ଜଙ୍ଗଲ ନିକଟରେ ସମ୍ମୁଖରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ହୋଇଥିଲା। ଖବରପାଇ ଭାଜପା ସାଧାରଣ ସମ୍ପାଦକ ବିଜୟ ମାଝି, ନିଶା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପୋଲିସ ଟ୍ରକ୍ ଓ ବାଇକ ଜବତ କରି ତଦନ୍ତ ଚଳାଇଛି।

### ମାଂସ ସହ ଶାଗୁଆନ ପଟା ଜବତ

ବଇଣ୍ଡା,୨୨।୯(ଡି.ଏନ.ଏ.)- ହଣ୍ଡପା ଥାନା ପାର୍ବତୀପୁର ଗ୍ରାମର ଲଳିତ ନାୟକ ଓ ନେଙ୍ଗୁଡ଼ି ନାୟକଙ୍କ ଘରେ ଶୁକ୍ରବାର ହଣ୍ଡପା ବନ ବିଭାଗ ଚଢାଉ କରି ୫ କେଜି ବାରହା ମାଂସ ସହ ୫ ହଜାର ଟଙ୍କାର ଶାଗୁଆନ ପଟା ଜବତ କରିଛି। ଏଥିରେ କାହାରିକୁ ଗିରଫ କରାଯାଇ ନାହିଁ। ବନ ବିଭାଗ ପକ୍ଷରୁ ପ୍ରକାଶ, ଲଳିତ ଓ ନେଙ୍ଗୁଡ଼ି ଜଙ୍ଗଲରୁ ବାରହା ଶିକାର କରି ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଥିବା ଖବରପାଇ ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରାଙ୍କ ସମେତ ବନ କର୍ମଚାରୀ ଚଢାଉ କରିଥିଲେ। ବନବିଭାଗକୁ ଦେଖି ୨ ଜଣ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ରେଞ୍ଜର ପ୍ରକାଶ କରିଛନ୍ତି।

■ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ

# ଆଶୁ ଚିକିତ୍ସା ବିଭାଗରେ ପଡ଼ିବ ଶହେ ଚୌକି

ଅନୁଗୋଳ ଅଫିସ, ୨୮।୯



ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଜିଲା ଓ ଜିଲା ବାହାରୁ ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ଆସୁଥିବା ଯୋଗୁ ସେମାନଙ୍କୁ

■ହେବ ସିରିଏଲ୍ ନମ୍ବର ବ୍ୟବସ୍ଥା

■ମେଡିକାଲ ପରିସରରେ ଲାଗିବ ଟିଭି

ସୁବିଧାରେ ଟିକେଟ ପ୍ରଦାନ ଓ ଧାଡ଼ିରେ ଦୀର୍ଘ ସମୟ ଧରି ଛିଡା ହେବା ବଦଳରେ ଚୌକିର ବ୍ୟବସ୍ଥା କରାଯିବ ବୋଲି ସିଡିଏମ୍ଓ ଶିବ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ଏଥିଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଉପକୃତ ହେବେ ବୋଲି ପାଢୀ ପ୍ରକାଶ କରିଛନ୍ତି।

ଅନୁଗୋଳ ଡାକ୍ତରଖାନାରେ ସକାଳୁ ଆଶୁଚିକିତ୍ସା ବିଭାଗରେ ଲମ୍ବା ଧାଡ଼ି ଲାଗି ରହୁଛି। ଚିକିତ୍ସାଳୟକୁ ପ୍ରତ୍ୟେକ ଦିନ ହଜାରରୁ ଅଧିକ ରୋଗୀ ଆସୁଛନ୍ତି। ସେମାନଙ୍କ ବସିବା ପାଇଁ ମେଡିକାଲରେ କୌଣସି ବ୍ୟବସ୍ଥା ନ ଥିବାରୁ ସେମାନେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ଛିଡ଼ା ହୋଇ ରହୁଛନ୍ତି। ଅନେକ ସମୟରେ ମଧ୍ୟ ରୋଗୀ ଅପେକ୍ଷା କରି ନ ପାରି ଫେରି ଯାଉଥିବାର ନଜିର ରହିଛି। ଏସବୁକୁ ଦୃଷ୍ଟିରେ ରଖି ଅନୁଗୋଳ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନୂଆ ବ୍ୟବସ୍ଥା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରୋଗୀମାନଙ୍କ ପାଇଁ ଆଶୁ ଚିକିତ୍ସା କେନ୍ଦ୍ରରେ ପ୍ରଦାନ କରାଯାଉଥିବା ଟିକେଟ୍‌ରେ ସିରିଏଲ ନମ୍ବର ଲେଖାଯିବା ସହ କେଉଁ ରୋଗୀ କେଉଁ ବିଭାଗରେ ଚିକିତ୍ସିତ ହେବେ ସେ ନେଇ ମଧ୍ୟ ଭଲ୍ୟୁଣ୍ଟିୟର ରଖାଯିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଆଶୁ ଚିକିତ୍ସା ବିଭାଗରେ ୧୦୦ଟି ଚୌକିର ପଡ଼ିବାର ବ୍ୟବସ୍ଥା କରାଯାଉଛି। ଧାଡ଼ିରେ ଛିଡ଼ା ହେବା ପରିବର୍ତ୍ତେ ରୋଗୀମାନେ ସେଠାରେ ବସି ଅପେକ୍ଷା କରିପାରିବେ। ଏଥିସହ ମେଡିକାଲରେ ଏକ ଟିଭି ଲଗାଯିବାର ବ୍ୟବସ୍ଥା ଆଗାମୀ ଦିନରେ କରାଯିବ। ଏ ସବୁକୁ ଶୃଙ୍ଖଳାର ସହ ସମ୍ପାଦନ କରିବା ପାଇଁ ଦୁଇ ଜଣ ଡେସ୍କ ଭଲ୍ୟୁଣ୍ଟିୟର ଓ ଜଣେ ସୁରକ୍ଷା କର୍ମୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ। ପରେ ଟୋକନ ବ୍ୟବସ୍ଥା କରାଯିବାର ଯୋଜନା ଥିବା ସୂଚନା ମିଳିଛି। ଟୋକନରେ ଥିବା ସିରିଏଲ ନମ୍ବର ଅନୁସାରେ ରୋଗୀ ଡାକ୍ତରଙ୍କ ନିକଟରୁ ଚିକିତ୍ସିତ ହୋଇପାରିବେ। ଏଥିସହ ଆଗାମୀ ଦିନରେ ଆନାଉନ୍ସମେଣ୍ଟର ବ୍ୟବସ୍ଥା କରାଯିବ। ଫଳରେ ଯେଉଁ ରୋଗୀଙ୍କର ସିରିଏଲ ନମ୍ବର ଆସିବ ତାଙ୍କ ନାମ ଆନାଉନ୍ସ କରାଯିବ। ସ୍ୱାସ୍ଥ୍ୟ ବିଭାଗର ଏଭଳି ପଦକ୍ଷେପକୁ ସହରର ବୁଦ୍ଧିଜୀବୀମାନେ ସ୍ୱାଗତ କରିଛନ୍ତି।

## ଅକ୍ଟୋବର ୩୦ରେ ରାଜ୍ୟପାଳଙ୍କ ଅନୁଗୋଳ ଗସ୍ତ

ଅନୁଗୋଳ ଅଫିସ, ୨୮।୯

ଆସନ୍ତା ଅକ୍ଟୋବର ୩୦ରେ ଅନୁଗୋଳ ଆସୁଛନ୍ତି ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ରାଜ୍ୟପାଳଙ୍କ ଗସ୍ତର ସଫଳ ଆୟୋଜନ ପାଇଁ ଶୁକ୍ରବାର ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ବସିଥିଲା। ରାଜ୍ୟପାଳ ତାଙ୍କ ଗସ୍ତ ଅବସରରେ ଜିଲାର ଏକ ମୁକ୍ତ ଶୌଚ ନିଷିଦ୍ଧ ଗ୍ରାମ ପରିଦର୍ଶନ କରିବା ସହ ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସହିତ ଆଲୋଚନା କରିବେ। ୩୦ ତାରିଖରେ ଢେଙ୍କାନାଳରୁ ଆସି ସର୍କିଟ ହାଉସ ଠାରେ ପହଞ୍ଚିବା ପରେ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିବେ। ଏଥିସହ ନାଲକୋ ପରିଦର୍ଶନ କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ପରେ ବଣ୍ଟାରପାଳ ଆଶ୍ରମ ସ୍କୁଲ ପରିଦର୍ଶନ କରିବା ସହ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ। ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବା ସହ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଆବଶ୍ୟକ ତଥ୍ୟ ଆଗୁଆ ଜିଲା ପ୍ରଶାସନକୁ ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପ ଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପ ଜିଲାପାଳ ପରେଶ ଚନ୍ଦ୍ର ନାୟକ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟ ପ୍ରମୁଖ ଯୋଗ ଦେଇଥିଲେ।

■୨୪ ଘଣ୍ଟିଆ ଔଷଧ ଦୋକାନ ବନ୍ଦ

# ୧୦ ଲକ୍ଷରୁ ଊର୍ଦ୍ଧ୍ୱ ରାଜସ୍ୱ ହାନି

ଅନୁଗୋଳ ଅଫିସ, ୨୮।୯

ୱାଲମାର୍ଟ-ଫ୍ଲିପକାର୍ଟ ଚୁକ୍ତି ଓ ଦେଶରେ ଖୁଚୁରା ଶିଳ୍ପରେ ବିଦେଶୀ ପୁଞ୍ଜି ବିନିଯୋଗକୁ ବିରୋଧ କରି ସର୍ବଭାରତୀୟ ବ୍ୟବସାୟୀ ସଂଘ ଡାକରାରେ ଶୁକ୍ରବାର ଅନୁଗୋଳ ଜିଲାର ଔଷଧ ଦୋକାନଗୁଡ଼ିକ ଆନ୍ଦୋଳନରେ ସାମିଲ ହୋଇଥିଲେ। ଅନଲାଇନ ମାର୍କେଟିଂ ମାଧ୍ୟମରେ ହେଉଥିବା ଔଷଧ ବ୍ୟବସାୟ ଯୋଗୁ ଜିଲାର ହୋଲ୍‌ସେଲ ଓ ରିଟେଲ ଔଷଧ ବ୍ୟବସାୟୀମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଜିଲା ବ୍ୟବସାୟୀ ସଂଘ ସଭାପତି ନିର୍ମଳ ମିଶ୍ର କହିଛନ୍ତି, ଅନୁଗୋଳରେ ୬ ଶହ ରିଟେଲ ଓ ହୋଲସେଲ ଔଷଧ ବ୍ୟବସାୟୀ ରହିଛନ୍ତି। ସେହିପରି ଅନୁଗୋଳ ସହରରେ ୬୦ରୁ ଊର୍ଦ୍ଧ୍ୱ ହୋଲସେଲ ଓ ରିଟେଲ ବ୍ୟବସାୟୀ ପ୍ରତିଷ୍ଠାନ ରହିଛି। କେନ୍ଦ୍ର ସରକାର ଏହି ବିଦେଶୀ ପୁଞ୍ଜି ନିବେଶକାରୀଙ୍କୁ ଔଷଧ ବିକ୍ରୟରେ ୪୦ରୁ ଊର୍ଦ୍ଧ୍ୱ ପ୍ରତିଶତ ଛାଡ଼ ଦେଉଥିବାବେଳେ ଜିଲାର ଔଷଧ ରିଟେଲରମାନଙ୍କୁ ୧୬ରୁ ୨୦ ପ୍ରତିଶତ ଓ ହୋଲସେଲରଙ୍କୁ ୮ରୁ ୧୦ ପ୍ରତିଶତ ଛାଡ଼ ଦେଉଛନ୍ତି। ଫଳରେ ଏହି ବିଦେଶୀ କମ୍ପାନୀଗୁଡ଼ିକ ସହିତ ତାଳଦେଇ ବ୍ୟବସାୟ କରିବା ସମ୍ଭବପର ହୋଇପାରୁନାହିଁ। ଅନୁଗୋଳ ଜିଲାରେ ଦିନକ ପାଇଁ ହୋଇଥିବା ଏହି ବନ୍ଦ ଯୋଗୁ ସରକାର ୧୦ ଲକ୍ଷ ଟଙ୍କାରୁ ଅଧିକ ରାଜସ୍ୱ ହରାଇଛନ୍ତି। ଜିଲାରେ କେବଳ ସରକାରୀ ଡାକ୍ତରଖାନା ଗୁଡ଼ିକୁ ବାଦ ଦେଲେ ଘରୋଇ ଚିକିତ୍ସା କେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀମାନେ ଏହି ଆନ୍ଦୋଳନ ଯୋଗୁ ହଇରାଣ ହେଉଥିବା ଦେଖିବାକୁ ମିଳିଛି।

## ମହିଳା ସଂଘ ସହ ଜିଲାପାଳଙ୍କ ଆଲୋଚନା

ଅନୁଗୋଳ ଅଫିସ, ୨୮।୯

ବଣ୍ଟାରପାଳ ବ୍ଲକ ନାଲ୍‌କୋ ଥାନା ଗିରାଙ୍ଗ ଛକ ଠାରେ ଥିବା ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବିରେ ଦୀର୍ଘ ୬ମାସ ହେଲା ଆନ୍ଦୋଳନ ଜାରି ରହିଛି। ଶୁକ୍ରବାର ଗିରାଙ୍ଗ ଅନ୍ନପୂର୍ଣ୍ଣା ମହିଳା ସଂଘ ସଦସ୍ୟାମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ତାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଗଣଧାରଣାରେ ବସିଥିବା ମହିଳାମାନେ ଅଭିଯୋଗ କରିଥିଲେ ଯେ, ମଦ ପାଇଁ ଅନେକଙ୍କ ସଂସାର ଉଜୁଡ଼ିଯାଉଛି। ପୁରୁଷମାନେ ଘରେ ଗଣ୍ଡଗୋଳ ସୃଷ୍ଟି କରୁଛନ୍ତି। ଗ୍ରାମାଞ୍ଚଳରେ ମାତ୍ରାଧିକ ମହୁଲି ବିକ୍ରି ଯୋଗୁ ପୁରୁଷମାନେ ରୋଗଗ୍ରସ୍ତ ହେଉଛନ୍ତି। ତେଣୁ ମଦ ଦୋକାନ ସ୍ଥାନାନ୍ତର ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଜିଲାପାଳଙ୍କୁ ଭେଟି ମହିଳାମାନେ କହିଛନ୍ତି। ଏ ସମ୍ପର୍କରେ ବିଚାର କରିବେ ବୋଲି ଜିଲାପାଳ ମହିଳାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସଂଘର ଅନୁପମା ଗଡ଼ନାୟକ, କାଞ୍ଚନ ଗଡ଼ନାୟକ, ସଯୁକ୍ତା ସାମଲ, ସୁମତି ଗଡ଼ନାୟକ, ସଫଳା ଗଡ଼ନାୟକ, ରଶ୍ମୀରେଖା ଗଡ଼ନାୟକ, ନମିତା ଗଡ଼ନାୟକ, ଝୁମୁକି ସାମଲ, ପ୍ରଭାସିନୀ ସାମଲ, ରୁକ୍ମଣୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ



ଅନୁଗୋଳ ଅଫିସ, ୨୮।୯

ଅନୁଗୋଳ ପୌର ପାଳିକା ଅନ୍ତର୍ଗତ ଉତ୍ତରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅନୁଗୋଳ ମହିଳା ମହାବିଦ୍ୟାଳୟ ପରିସରରେ ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ ପାନୀୟ ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ଦ୍ୱାରା ପ୍ରସ୍ତାବିତ ଏହି ପ୍ରକଳ୍ପ ନାଲ୍‌କୋ ପାରିପାର୍ଶିକ ଉନ୍ନୟନ ପାଣ୍ଠିରୁ ନିର୍ମାଣ କରାଯାଇଛି। ପୌରପାଳିକା ତତ୍ତ୍ୱାବଧାନରେଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ଦୁଇଟି ପ୍ରକଳ୍ପ ପାଇଁ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସ, ୧୯ ନଂ ୱାର୍ଡ କାଉନସିଲର ଗୀତାଞ୍ଜଳି ସ୍ୱାଇଁ, ୨୩ ନଂ ୱାର୍ଡ କାଉନସିଲର ବଳବୀର ସିଂ, ଏମ୍‌ପିଙ୍କ ପୌରପାଳିକା ପ୍ରତିନିଧି ବଳରାମ ଜେନା, ଅନୁଗୋଳ ବ୍ଲକ ସରପଞ୍ଚ ସଂଘ ସଭାପତି କନ୍ଦର୍ପ ମହାରଣା, ସରପଞ୍ଚ ସଙ୍ଘ ସମ୍ପାଦକ ଅଶୋକ ସାହୁ, ଯୁବନେତା ମାନସ ରଞ୍ଜନ ଦେହୁରୀଙ୍କ ସମେତ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ସ୍ଥାନୀୟ ଜନ ସାଧାରଣ ଉପସ୍ଥିତ ଥିଲେ।

■ବୋହୂଙ୍କୁ ବିଷ ପିଆଇ ହତ୍ୟା ଉଦ୍ୟମ ଅଭିଯୋଗ

## ସ୍ୱାମୀ, ଶାଶୁ କୋର୍ଟ ଚାଲାଣ

ଛେଣ୍ଡିପଦା,୨୮।୯(ସ୍ୱ.ପ୍ର.)

ବୋହୂଙ୍କୁ ବିଷ ପିଆଇ ହତ୍ୟା ଉଦ୍ୟମ ଅଭିଯୋଗରେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବ୍ରାହ୍ମଣବିଲ ଗ୍ରାମର ଅକ୍ଷୟ ପ୍ରଧାନ ଓ ତାଙ୍କ ମା' ବିଳାସ ପ୍ରଧାନଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ନିଶା ଥାନା ଝିଙ୍କିପାଳ ଗ୍ରାମର କ୍ଷୀରୋଦ ପ୍ରଧାନଙ୍କ ଝିଅ ତପସ୍ୱିନୀ ପ୍ରଧାନ ବ୍ରାହ୍ମଣବିଲ ଗ୍ରାମର ଅକ୍ଷୟଙ୍କୁ ୬ ମାସ ତଳେ ବିବାହ କରିଥିଲେ। ବିବାହ ପରଠାରୁ ଶ୍ୱଶୁର ଘର ପକ୍ଷରୁ ୨ଲକ୍ଷ ଟଙ୍କା ଆଣିବାକୁ କହିବା ସହ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ରାତିରେ ଶାଶୁଘର ଲୋକେ କ୍ଷୀରରେ ବିଷ ମିଶାଇ ତପସ୍ୱିନୀଙ୍କୁ ପିଇବାକୁ ଦେଇଥିଲେ। ସେ କ୍ଷୀର ନ ପିଇବାରୁ ସେମାନେ ତାଙ୍କୁ ମାଡ଼ିବସି କ୍ଷୀର ପିଆଇ ଦେଇଥିଲେ। ତପସ୍ୱିନୀ କୌଶଳ କ୍ରମେ ଗ୍ରାମଛକଠାରେ ପହଞ୍ଚି ଗ୍ରାମବାସୀଙ୍କୁ ଜଣାଇବା ପରେ ଲୋକେ ତାଙ୍କୁ ତୁରନ୍ତ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଡାକ୍ତର ଅନୁଗୋଳ ଜିଲା ମୁଖ୍ୟ ଡାକ୍ତଖାନାକୁ ପଠାଇ ଦେଇଥିଲେ। ଏ ସଂକ୍ରାନ୍ତରେ ତପସ୍ୱିନୀଙ୍କ ବାପା ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୨୫୭/୧୮ ମାମଲା ରୁଜୁ କରାଯାଇଛି।

■ରେଙ୍ଗାଲି ବୁଡ଼ି ଅଞ୍ଚଳ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବି

# ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ପାଲଲହଡ଼ା, ୨୮।୯(ଡି.ଏନ.ଏ.)



କ୍ଷତିଗ୍ରସ୍ତମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ପାଲଲହଡ଼ା ରେଙ୍ଗାଲି ବୁଡ଼ି କ୍ଷତିଗ୍ରସ୍ତ ପ୍ରଜା ସଂଘ ଡାକରାରେ ଶୁକ୍ରବାର ରେଙ୍ଗାଲି ବନ୍ଧ ବହୁମୁଖୀ ଜାତୀୟ ଯୋଜନାରେ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଦାବିରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବ୍ଲକର ୨ଶହରୁ ଊର୍ଦ୍ଧ୍ୱ କ୍ଷତିଗ୍ରସ୍ତ ୪ ଦଫା ଦାବିରେ ସ୍ଥାନୀୟ ଶିବ ମନ୍ଦିରଠାରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ରେଙ୍ଗାଲି ନଦୀ ବନ୍ଧ ଯୋଜନାରେ କ୍ଷତିଗ୍ରସ୍ତ ହେବାର ୩୪ ବର୍ଷ ପରେ ବି ଲୋକଙ୍କୁ ନ୍ୟାୟ ମିଳିପାରିନି। ଭିଟାମାଟି ହରାଇ ବ୍ଲକର ୨୨୦ ଗ୍ରାମର ୩,୩୦୦ ପରିବାର ଦୁର୍ଦ୍ଦଶା ଭୋଗୁଛନ୍ତି। ବାରମ୍ବାର ଦାବି ଆପତ୍ତି ପରେ ସରକାର ୨୦୧୦ରେ କ୍ଷତିଗ୍ରସ୍ତଙ୍କୁ ଏକର ପିଛା ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ଦିଆଯିବ ବୋଲି ଘୋଷଣା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନ ଥିବା ସଂଘର ଆବାହକ ସନ୍ତୋଷ କୁମାର ଦେହୁରୀ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ସରକାର ତାଙ୍କ ପ୍ରତିଶ୍ରୁତି ରଖିବା ସହ କ୍ଷତିଗ୍ରସ୍ତମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରିବା, ଖଣି ଅଞ୍ଚଳରେ ବିସ୍ଥାପିତ ପରିବାରର ଜଣଙ୍କୁ ଚାକିରି, ସମସ୍ତ ବିସ୍ଥାପିତଙ୍କୁ ରାଶନ କାର୍ଡ ଆଦି ପ୍ରଦାନ ଦାବିରେ ଏକ ଦାବିପତ୍ର ସଂଘ ପକ୍ଷରୁ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ଦାବି ପୂରଣ କରା ନ ଗଲେ ସମସ୍ତ ବିସ୍ଥାପିତ ଆସନ୍ତା ୨୯ ତାରିଖରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିବା ସହ ଆଗାମୀ ସାଧାରଣ ନିର୍ବାଚନ ବର୍ଜନ କରିବେ ବୋଲି ସଂଘ ଆବାହକ ଦେହୁରୀ ପ୍ରକାଶ କରିଛନ୍ତି। ଅନୁଗୋଳ ଜନଜୀବନ ସୁରକ୍ଷା ମଞ୍ଚ ସହ ବରିଷ୍ଠ କଂଗ୍ରେସ ନେତା ରଘୁନନ୍ଦନ ଆଚାର୍ଯ୍ୟ, ସୁବ୍ରତ କୁମାର ଗଡନାୟକ, ଭାଜପା ମଣ୍ଡଳ ସଭାପତି ନୀଳାମ୍ବର ପ୍ରଧାନ, ଦେବଗଡ ଜିଲା ବାସଚ୍ୟୁତ ସୁରକ୍ଷା ସମିତିର ସଦସ୍ୟ ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ଏହାକୁ ସମର୍ଥନ ଜଣାଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

■ମହାତ୍ମା ଗାନ୍ଧୀ ଜୟନ୍ତୀ ପାଳନ ପ୍ରସ୍ତୁତି

# ଜିଲା କାର୍ଯ୍ୟାଳୟରେ ସ୍ଥାପନ ହେବ ବ୍ରୋଞ୍ଜ ପ୍ରତିମୂର୍ତ୍ତି

ଅନୁଗୋଳ ଅଫିସ, ୨୮।୯



ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ।

ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜୟନ୍ତୀ ସାରା ରାଜ୍ୟରେ ୨ ବର୍ଷ ବ୍ୟାପି ପାଳନ କରାଯିବ। ଅନୁଗୋଳ ଜିଲାରେ ଏହି ଜୟନ୍ତୀ ପାଳନର ଆୟୋଜନ ପାଇଁ ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗ ଦେଇଥିଲେ। ଜିଲା କାର୍ଯ୍ୟାଳୟ ପରିସରରେ ଗାନ୍ଧିଜୀଙ୍କର ଏକ ବୃହତ୍ ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନ ହେବ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି। ଏଥିସହ ପଞ୍ଚାୟତ, ବ୍ଲକ ଓ ଜିଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ପାଳନ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି।

ସମସ୍ତ ୧୩୬ଟି ସରକାରୀ ଉଚ୍ଚ ବିଦ୍ୟାଳୟରେ ଗାନ୍ଧିଜୀଙ୍କର ପ୍ରତିମୂର୍ତ୍ତି ସ୍ଥାପନ ହେବା ସହ ସମସ୍ତ ବିଦ୍ୟାଳୟରେ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକୁ ତ୍ୱରାନ୍ୱିତ ଭାବେ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପ୍ରଭାତ ଫେରୀ ସହ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ଗାନ୍ଧୀ ପାର୍କଠାରେ ପୁରସ୍କୃତ କରାଯିବ। ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ଆଦର୍ଶ ପଞ୍ଚାୟତ ଚିହ୍ନଟ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ହାଁସଦା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ୩୦ରୁ ଭାଜପାର ଜାଗରଣ ଅଭିଯାନ

ଅନୁଗୋଳ ଅଫିସ, ୨୮।୯



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପାର କର୍ମକର୍ତ୍ତା।

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ରାଜ୍ୟ ସରକାର ଓଡ଼ିଶା ବାସୀଙ୍କୁ ସାମିଲ କରିବାକୁ ଭାଜପା ପକ୍ଷରୁ ଦାବି ହୋଇଛି। ଏ ନେଇ ଦଳ ପକ୍ଷରୁ ଆସନ୍ତା ୩୦ ତାରିଖରୁ ସପ୍ତାହେ ବ୍ୟାପୀ ଜାଗରଣ ଅଭିଯାନ ଚାଲିବ। କେବଳ ଢେଙ୍କାନାଳ ଓ ଅନୁଗୋଳ ଜିଲାର ଦୁଇ ହଜାର ସ୍ଥାନରେ ପଥପ୍ରାନ୍ତ ସଭା ହେବା ସହ ଲୋକଙ୍କ ନିକଟରୁ ୫ ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବ ବୋଲି ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ଶୁକ୍ରବାର ଅନୁଗୋଳର ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସାମଲ କହିଥିଲେ ଯେ, ନବୀନ ସରକାର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶାକୁ ସାମିଲ ନ କରି ଓଡ଼ିଆ ଲୋକଙ୍କୁ ତାଙ୍କ ଅଧିକାରରୁ ବଞ୍ଚିତ କରୁଛନ୍ତି। ଅନୁଗୋଳ ଜିଲାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇଥିବାବେଳେ ଲୋକେ ହୀନସ୍ତା ହେଉଛନ୍ତି। ଏପରି ସ୍ଥିତିରେ ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ଲୋକମାନେ କେତେ ଲାଭ ପାଇବେ ବୋଲି ଭାଜପା କର୍ମକର୍ତ୍ତାମାନେ ପ୍ରଶ୍ନ କରିଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନରେ ରାଜ୍ୟ ସାମିଲ ହେଲେ ପ୍ରତ୍ୟେକ ବ୍ୟକ୍ତି ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବା ପାଇପାରିବେ। ହେଲେ ବିଜେଡି ସରକାର ରାଜ୍ୟବାସୀଙ୍କୁ ଏଥିରୁ ବଞ୍ଚିତ କରିଛନ୍ତି। ତେଣୁ ତୁରନ୍ତ ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ ନ କଲେ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ର ନାରାୟଣ ପାଣି, ବିଭୂତି ପ୍ରଧାନ, ଭାଗୀରଥି ପ୍ରଧାନ, ମୀନକେତନ ଅମାନ୍ତ, ଦିଲେଶ୍ୱର ପ୍ରଧାନ, ପ୍ରତାପ ପ୍ରଧାନ, ସୋମନାଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
ଢେଙ୍କାନାଳ-ଅନୁଗୋଳ,ଶନିବାର, ୨୯ ସେପ୍ଟେମ୍ବର,୨୦୧୮



## ଆଜି କ'ଣ କେଉଁଠି

**ପରଜଙ୍ଗ**
ମହିଳା ବିଜେଡି ସମାବେଶ
**ସ୍ଥାନ:** ପାଣି ପଞ୍ଚାୟତ କାର୍ଯ୍ୟାଳୟ
**ସମୟ:** ପୂର୍ବାହ୍ନ ୧୦ଟା।

## ସଂକ୍ଷେପରେ

### ବାଙ୍ଗାଲୋର ଚାଲାଣ ବେଳେ ୬ ଶ୍ରମିକ ଉଦ୍ଧାର

**ଢେଙ୍କାନାଳ ଅଫିସ, ୨୮।୯**
ଯାଜପୁର ଜିଲା ସୁକିନ୍ଦା ଏବଂ ମଙ୍ଗଳପୁର ଅଞ୍ଚଳରୁ ବାଙ୍ଗାଲୋରକୁ ଚାଲାଣବେଳେ ୬ଜଣ ଶ୍ରମିକଙ୍କୁ ଢେଙ୍କାନାଳ ଜିଲା ଗଁଦିଆ ପୋଲିସ ଉଦ୍ଧାର କରିଛି। ଭୁବନ ଅଞ୍ଚଳର ଦୁଇଜଣ ଠିକାଦାର ଏକ ବୋଲେରୋରେ ଶ୍ରମିକଙ୍କୁ ନେଇ ଯାଉଥିଲେ। କୌଣସି ସୂତ୍ରରୁ ସୂଚନା ପାଇ ପାଟ୍ରୋଲିଂ କରୁଥିବା ପୋଲିସ ଚଟିଘର ନିକଟରେ ଚଢ଼ାଉ କରିଥିଲା। ଉଦ୍ଧାର ଶ୍ରମିକଙ୍କୁ ଜିଲା ଶ୍ରମ ବିଭାଗକୁ ହସ୍ତାନ୍ତର କରାଯାଇଛି। ୨ ଠିକାଦାରଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଥିବା ଥାନାଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

### ଡକାୟତି ଉଦ୍ୟମ ପଣ୍ଡ, ୫ଗିରଫ

**ଓଡ଼ାପଡ଼ା, ୨୮।୯(ଡି.ଏନ୍.ଏ.)**
ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଗଣ୍ଡିଗାଡ଼ିଆ ନିକଟରେ ଗୁରୁବାର ବିଳମ୍ବିତ ରାତ୍ରିରେ ଡକାୟତି ଉଦ୍ୟମ କରୁଥିବା ବେଳେ ୫ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ବନ୍ତଳା ଥାନା ପୁରୁଣାଗଡ଼ ଅଞ୍ଚଳର ସୁବ୍ରତ ନାୟକ, ସୁନୀଲ ବେହେରା, ବିକାଶ ଦାସ, ପ୍ରତାପ ମହାନ୍ତି ଏବଂ ବିଶ୍ୱଜିତ୍ ତ୍ରିପାଠୀ। ସେମାନଙ୍କ ନିକଟରୁ ଏକ କାର୍ (ଓଆର୍ ୦୨ ଏମ୍ ୭୫୦୨), ଶାବଳ, ଲୁହା ରଡ୍, ଖଣ୍ଡା ଏବଂ ମଦ ବୋତଲ ଜବତ କରାଯାଇଛି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ମିଥ୍ୟା ମାମଲା ପ୍ରତ୍ୟାହାର ଦାବି

**ଢେଙ୍କାନାଳ ଅଫିସ, ୨୮।୯**
ଢେଙ୍କାନାଳ ଟାଉନ୍ ଥାନାରେ ଗତ ୨୩ ତାରିଖରେ ଖବରଦାତା ଜିତେନ୍ଦ୍ର ପଟ୍ଟନାୟକଙ୍କ ନାମରେ ରୁଜୁ ହୋଇଥିବା ମାମଲା ମିଥ୍ୟା ଏବଂ ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରିଛି ଜିଲା ସାମ୍ବାଦିକ ସଂଘ। ପୋଲିସ ତାଙ୍କୁ ଥାନାକୁ ଡକାଇ ମାମଲା ରୁଜୁ କରିଥିଲା। ଏହାକୁ ଦୃଢ଼ ନିନ୍ଦା କରାଯାଇଛି। ଏ ନେଇ ସଭାପତି ପ୍ରସନ୍ନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବୈଠକ ଅନୁଷ୍ଠିତ ହୋଇଥିଲା। ଥାନାର ସିସିଟିଭି ଫୁଟେଜ୍ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କର୍ମକର୍ତ୍ତାମାନେ ଦାବି କରିଛନ୍ତି। ବରିଷ୍ଠ ସଦସ୍ୟ କୃଷ୍ଣ କୁମାର ମିଶ୍ର, ବିକ୍ରମ କେଶରୀ ପାଣି, ପ୍ରଦୀପ ଦାସ, ସଦାଶିବ ମହାପାତ୍ର ଗଗନବିହାରୀ ପଣ୍ଡା, ଅମରେନ୍ଦ୍ର ଦାସ, ବାଇଧର ନାୟକ ପ୍ରମୁଖ ଏସ୍‌ପିଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ମୁଖ୍ୟମନ୍ତ୍ରୀ, ଡିଆଇଜି, ଓକିଲ ସଂଘ ଏବଂ ମିଳିତ ବଜାର ପୂଜା କମିଟିକୁ ପ୍ରଦାନ କରାଯାଇଥିବା ସମ୍ପାଦକ ପ୍ରତାପ ବରାଳ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### ଶାଳ ଗଣ୍ଡି ଜବତ



**ପରଜଙ୍ଗ, ୨୮।୯(ଡି.ଏନ୍.ଏ.)**
ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ବାରବାଙ୍କ ସଂରକ୍ଷିତ ଜଙ୍ଗଲ ଏବଂ ଅଁଳାକଟା ଗ୍ରାମ ମଧ୍ୟସ୍ଥଳରୁ ଗୁରୁବାର ବନ ବିଭାଗ କର୍ମଚାରୀ ଚଢ଼ାଉ କରି ୩ଖଣ୍ଡ ଶାଳ ଗଣ୍ଡି ଜବତ କରିଛନ୍ତି। ଅଁଳାକଟା ଅଞ୍ଚଳର ଜଣେ କାଠ ବ୍ୟବସାୟୀ ଦୀର୍ଘଦିନ ଧରି ବେଆଇନ ଭାବେ ଗଛ କାଟି ବ୍ୟବସାୟ କରୁଛନ୍ତି। ଏ ନେଇ ବନ ବିଭାଗ ନିକଟରେ କୌଣସି ସୂଚନା ନ ଥିଲା। ଅଞ୍ଚଳର ଜଣେ ବ୍ୟକ୍ତି ଚୋରା କାଠ ବ୍ୟବସାୟ ସମ୍ପର୍କରେ ରେଞ୍ଜର ସୁରେଶ ଚନ୍ଦ୍ର ବେହେରାଙ୍କୁ ଅବଗତ କରାଇଥିଲେ। ଗୁରୁବାର ଫରେଷ୍ଟ ଗାର୍ଡ ମାନସ ପ୍ରଧାନ, ହାତୀ ସ୍କ୍ୱାଡ୍ ପହଞ୍ଚି କାଠ ଜବତ କରିଛନ୍ତି। ଅଧିକାଂଶ ସମୟରେ ଡିହଡୋଳ ସେକ୍ସନ ଅଫିସରେ ତାଲା ଝୁଲୁଛି। ହାତୀ ଆଳ ଦେଖାଇ ପାଟ୍ରୋଲିଂ କରାଯାଉ ନ ଥିବା ଅଭିଯୋଗ ହେଉଛି। କାଠ ମାଫିଆମାନେ ଜଙ୍ଗଲ ପଦା କରି ଚାଲିଥିବାବେଳେ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ପରିବେଶବିତ୍। ଏ ନେଇ ଫରେଷ୍ଟର ବିଶ୍ୱନାଥ ସୋରେନ୍ କୁହନ୍ତି, କାଠ ଜବତ ସମ୍ପର୍କରେ ତାଙ୍କ ନିକଟରେ କୌଣସି ସୂଚନା ନାହିଁ। ରେଞ୍ଜର କୁହନ୍ତି, ଜଙ୍ଗଲରୁ କାଠ ଚାଲାଣ ହେଉଥିବା ସୂଚନା ପାଇ ଜବତ କରାଯାଇଛି।

■ଲକ୍ଷ୍ମୀପୂଜା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ

# ସହଯୋଗ ଲୋଡ଼ିଲା ପ୍ରଶାସନ

**ଢେଙ୍କାନାଳ ଅଫିସ, ୨୮।୯**



ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ପୂଜା କମିଟି କର୍ମକର୍ତ୍ତାମାନେ।

ଅକ୍ଟୋବର ୨୪ରୁ ଢେଙ୍କାନାଳର ଗଣପର୍ବ ଲକ୍ଷ୍ମୀପୂଜା। ୮୦ବର୍ଷର ଏହି ଐତିହ୍ୟ ସମ୍ପନ୍ନ ପରମ୍ପରାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ପାଗ ଭିଡ଼ିଛି ଜିଲା ପ୍ରଶାସନ। ଏ ନେଇ ଶୁକ୍ରବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଏଥିରେ ଅଧ୍ୟକ୍ଷତା କରିବା ସହ ପୂଜାକୁ ଶୃଙ୍ଖଳିତ କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

ଅକ୍ଟୋବର ୨୪ରୁ ପୂଜା ମହୋତ୍ସବ ଆରମ୍ଭ ହୋଇ ନଭେମ୍ବର ୪ ଭସାଣିରେ ଶେଷ ହେବ। ଏଥିପୂର୍ବରୁ ବିପଦସଙ୍କୁଳ ହୋଇପଡ଼ିଥିବା ରାସ୍ତାଘାଟ, ବିଦ୍ୟୁତ୍, ଆଲୋକୀକରଣ ବ୍ୟବସ୍ଥା, ଦୈନିକ ଦୁଇଥର ପାନୀୟ ଜଳ ଯୋଗାଣ, ଶ୍ରଦ୍ଧାଳୁମାନଙ୍କ ଲାଗି ଆବଶ୍ୟକ ସୁବିଧା କରିବାକୁ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାମାନେ ଦାବି କରିଥିଲେ। ମାତ୍ରାଧିକ ଶବ୍ଦ ପ୍ରଦୂଷଣ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ରୋକିବା ଦିଗରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ବଳଦିଆବନ୍ଧ-ହିନ୍ଦୋଳ ୫୫ନଂ. ଜାତୀୟ ରାଜପଥର ଶୋଚନୀୟ ହୋଇପଡ଼ିଛି। ଉକ୍ତ ବ୍ୟସ୍ତବହୁଳ ସଡ଼କର ଆବଶ୍ୟକ ମରାମତି କରିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ପ୍ରତିବର୍ଷ ପୂଜା ସମୟରେ ଅସମ୍ଭାଳ ଭିଡ଼ ଟ୍ରାଫିକ୍ ସମସ୍ୟା ଜଟିଳ କରୁଛି। ଏହି ସମୟରେ ସହର ମଧ୍ୟ ଦେଇ ଭାରିଯାନ ଚଳାଚଳକୁ ନିଷିଦ୍ଧ କରିବା ଜରୁରୀ। ତେବେ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଆସୁଥିବା ଯାନବାହନକୁ ରାତି ୧୨ଟାରୁ ସକାଳ ୮ଟା ଯାଏ ଅନୁମତି ଦେବାକୁ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏତଦ୍‌ବ୍ୟତୀତ ଜନଗହଳିପୂର୍ଣ୍ଣ ସ୍ଥାନରେ ଦକ୍ଷ ପୋଲିସ କର୍ମଚାରୀଙ୍କୁ ଦାୟିତ୍ୱ ଦେବା, ପର୍ଯ୍ୟାପ୍ତ ପରିମାଣରେ ପିଡିଏସ୍ ସାମଗ୍ରୀ ବିତରଣ, ପରିମଳ ବ୍ୟବସ୍ଥା ସୁଧାରିବା, ରାସ୍ତା ପ୍ରଶସ୍ତୀକରଣ, ପାର୍କିଂ ବ୍ୟବସ୍ଥା, ଆବଶ୍ୟକତା ଅନୁଯାୟୀ ଜବରଦଖଲ ଉଚ୍ଛେଦ, ଜାତୀୟସ୍ତରୀୟ ପାଇଖାନା ଓ ପରିସ୍ରାଗାର ନିର୍ମାଣ କରିବାକୁ ପୌରସଂସ୍ଥାକୁ କୁହାଯାଇଛି। ରାଜ୍ୟ ତଥା ରାଜ୍ୟ ବାହାର ଯାତ୍ରୀଙ୍କ ସୁବିଧା ଲାଗି ଢେଙ୍କାନାଳ ଦେଇ ଯାତାୟାତ କରୁଥିବା ଟ୍ରେନ୍‌ରେ ଅଧିକ ବଗି ସଂଯୋଗ, ରେଳଷ୍ଟେସନ ରାସ୍ତା ମରାମତି କରିବାକୁ ରେଳ ବିଭାଗକୁ ପତ୍ର ଦ୍ୱାରା ଅବଗତି ନିମନ୍ତେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଶାନ୍ତି କମିଟି ଗଠନ ସମୟରେ ସମସ୍ତ ପୂଜା ମଣ୍ଡପ ପ୍ରତିନିଧିତ୍ୱ କରିବା, ପ୍ରଶାସନ ସହ ଆଲୋଚନା କରାଯାଇ ସମସ୍ତ ନିଷ୍ପତ୍ତି ନେବାକୁ ପ୍ରସ୍ତାବ ଦିଆଯାଇଛି। ଚଳିତବର୍ଷ ୩୮ ମଣ୍ଡପରେ ମହାଲକ୍ଷ୍ମୀଙ୍କ ଅବାହନ କରାଯାଉଛି। ନିର୍ମାଣ ହେବାକୁ ଥିବା ତୋରଣଗୁଡ଼ିକ ୧୮ ଫୁଟ ଉଚ୍ଚତା ଏବଂ ୧୬ ଓସାର ବିଶିଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

> ■ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ଆହ୍ୱାନ
> ■ରାସ୍ତା ମରାମତି, ଆଲୋକୀକରଣକୁ ଗୁରୁତ୍ୱ
> ■ଟ୍ରାଫିକ ନିୟନ୍ତ୍ରଣ କରିବାକୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍
> ■୮୦ବର୍ଷର ପରମ୍ପରାକୁ ଜାତୀୟସ୍ତରୀୟ ମାନ୍ୟତା ଦାବି

ଏସ୍‌ପି ସନ୍ତୋଷ କୁମାର ନାୟକ ଆଲୋଚନାରେ ଭାଗ ନେଇ କହିଲେ, ପୂଜାରେ ଟ୍ରାଫିକ୍ ନିୟନ୍ତ୍ରଣ ଲାଗି ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ। ଜିଲା କାର୍ଯ୍ୟାଳୟ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ୨ଟି କଣ୍ଟ୍ରୋଲ ରୁମ୍ ହେବ। ଜୋରଜବରଦସ୍ତ ଚାନ୍ଦା ଆଦାୟ ଅଭିଯୋଗ ଆସିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମଦ ଏବଂ ମଦ୍ୟପଙ୍କୁ ରୋକିବାକୁ ସ୍ୱତନ୍ତ୍ର ସ୍କ୍ୱାଡ୍ ନିୟୋଜିତ ହେବ। ଲୋକେ ଆଇନଶୃଙ୍ଖଳା ରକ୍ଷାରେ ସହଯୋଗ କଲେ ପୂଜା ଶୃଙ୍ଖଳିତ ହୋଇପାରିବ। ମିଳିତ ବଜାର ପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର, ନବୀନଚନ୍ଦ୍ର ନାରାୟଣ ଦାସ, ଶ୍ରୀଧର ସାହୁ, ବିଶ୍ୱନାଥ ବେହେରା, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସମରେନ୍ଦ୍ର ନନ୍ଦ, ପ୍ରସନ୍ନ ପଟ୍ଟନାୟକ, ଗୋପାଳଚନ୍ଦ୍ର ପାତ୍ର, ଦୀପକ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାସହ ୮୦ବର୍ଷର ସଂସ୍କୃତିସମ୍ପନ୍ନ ପରମ୍ପରାକୁ ଜାତୀୟମାନ୍ୟତା ଦେବାକୁ ଦାବି କରିଥିଲେ। ନଗରପାଳ ସୁଧାଂଶୁ କୁମାର ଦଳେଇ ପୌରସଂସ୍ଥା ପକ୍ଷରୁ ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ଅବନୀକାନ୍ତ ପଟ୍ଟନାୟକ, ଉପଜିଲାପାଳ ପୀତାମ୍ବର ସାମଲ, ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା,ଏସ୍‌ଡିପିଓ ଶେଖ୍ ଅବଦୁଲ କରିମ୍‌ଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# 'ମହିଳା ସଚେତନ ହେଲେ ଦୂର ହେବ ସମସ୍ୟା'

**ଭୁବନ, ୨୮।୯(ଡି.ଏନ୍.ଏ.)**



କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାମାନେ।

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିସ୍ଥିତ ବାଜି ରାଉତ କଲ୍ୟାଣ ମଣ୍ଡପରେ ଶୁକ୍ରବାର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ସ୍ୱର୍ଣ୍ଣମଞ୍ଜରୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ମହିଳାମାନେ ସଚେତନ ହୋଇ ନେତା ଏବଂ ନେତୃତ୍ୱକୁ ବୁଝିଲେ ଅଞ୍ଚଳର ସମସ୍ୟା ଦୂରେଇଯିବ। ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଆଗାମୀ ଦିନରେ ଭୁବନ ଅଞ୍ଚଳର ମୌଳିକ ସମସ୍ୟାର ସମାଧାନ କରାଯିବ। ପରିମଳ ବ୍ୟବସ୍ଥାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ। ପ୍ରତି ପରିବାର ଯେପରି ପାଇଖାନା ସୁବିଧା ପାଇପାରିବେ ସେ ନେଇ ସୁନିଶ୍ଚିତ ଯୋଜନା କରାଯିବ। ବ୍ରାହ୍ମଣୀ ନଦୀର ସୁରକ୍ଷା ଲାଗି ମାଳବନ୍ଧ ନିର୍ମାଣ ହେବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଏନ୍‌ଏସି ଏବଂ ବ୍ଲକକୁ ବାହ୍ୟ ଶୌଚମୁକ୍ତ କରିବାକୁ ସମସ୍ତେ ଶପଥ ନେଇଥିଲେ।

ରାଜ୍ୟ ମହିଳା ବିଜେଡି ସମ୍ପାଦିକା ସାଗରିକା ମିଶ୍ର, ଏନ୍‌ଏସି ଉପାଧ୍ୟକ୍ଷ ମାୟାଧର ସାହୁ, ସୁଧାକର ସାହୁ, ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଅତିଥି ଭାବେ ଯୋଗଦେଇଥିଲେ। ଏନ୍‌ଏସି ଅଧୀନ ବିଭିନ୍ନ ୱାର୍ଡର ୨୦୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ଜିଲା ଯୁବ ବିଜେଡି ସମ୍ପାଦକ ଅଜୟ କୁମାର ସେଠୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ dklselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



@ ମାନସ



@ ସୁରେନ୍ଦ୍ର

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

■ନବନିର୍ମାଣ କୃଷକ ସଙ୍ଗଠନର ବୈଠକ

# ପଦଯାତ୍ରାରେ ୨୦ ହଜାର ଚାଷୀ ଯୋଗଦେବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୨୮।୯**

ଢେଙ୍କାନାଳ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ନବନିର୍ମାଣ କୃଷକ ସଙ୍ଗଠନର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ବିପ୍ରବର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସର୍ବଭାରତୀୟ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭରତ, ସଦସ୍ୟ ଶଶାଙ୍କ କୁମାର ରଥଙ୍କ ସମେତ ବ୍ଲକ, ଜୋନ୍ ସଂଯୋଜକ, କୋର କମିଟି ସଦସ୍ୟ ଉପସ୍ଥିତ ଥିଲେ।

ଅକ୍ଟୋବର ୨୯ରୁ ନଭେମ୍ବର ୫ଯାଏ ରାଜ୍ୟରେ ୨ଲକ୍ଷ ଚାଷୀ ପଦଯାତ୍ରାରେ ବାହାରି ପ୍ରତିବାଦ କରିବେ। ଏଥିରେ ଜିଲାରୁ ଅନ୍ୟୁନ ୨୦ ହଜାର ଚାଷୀ ଯୋଗଦେବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରତି ପଞ୍ଚାୟତ ଏବଂ ଗ୍ରାମର ପ୍ରତିନିଧି ସମାବେଶରେ ଯୋଗଦେବାକୁ ସ୍ଥିର ହୋଇଛି। ସେହିପରି ଅକ୍ଟୋବର ୧୦ ମଧ୍ୟରେ ବ୍ଲକସ୍ତରୀୟ ସମାବେଶ କରିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାରେ ହାତୀ ଉପଦ୍ରବ ଚାଷୀଙ୍କ ଚିନ୍ତାର କାରଣ ହୋଇଛି। ଏହାର ପ୍ରତିକାର କରାଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ମହାସମାବେଶ କରାଯାଇ ପ୍ରଶାସନକୁ ଅଚଳ କରି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ମୁଖ୍ୟ ଉପଦେଷ୍ଟା ଗୋଲେଖ ବିହାରୀ ମହାନ୍ତି, କୈଳାସ ରାଉତ, ଜିଲା ସହ ସଂଯୋଜକ ପ୍ରହ୍ଲାଦ ସାହୁ, ସୁଧାକର ପରିଡ଼ା, କ୍ଷେତ୍ରବାସୀ ବିଶ୍ୱାଳ, ରାଜକିଶୋର ମଲ୍ଲିକ, ଭାଗୀରଥି ଜେନା, ତ୍ରିନାଥ ପଣ୍ଡା, ବ୍ରଜବନ୍ଧୁ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ଆମ୍ବୁଲାନ୍ସ

**ଭୁବନ, ୨୮।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଛି ନିଜସ୍ୱ ଆମ୍ବୁଲାନ୍ସ। କଲିକତାର ଶ୍ୟାମ ଷ୍ଟିଲ୍ ଇଣ୍ଡଷ୍ଟ୍ରୀ ପକ୍ଷରୁ ଉକ୍ତ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଡାକ୍ତରଖାନା ପରିସରରେ ଆୟୋଜିତ ହସ୍ତାନ୍ତର ଉତ୍ସବରେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷା ସ୍ୱର୍ଣ୍ଣମଞ୍ଜରୀ ସାହୁ, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ଶ୍ୟାମ ଷ୍ଟିଲ ଇଣ୍ଡଷ୍ଟ୍ରୀର ଏମ୍‌ଡି କୁଶଲ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଆମ୍ବୁଲାନ୍ସକୁ ଲୋକାର୍ପଣ କରିଥିଲେ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆମ୍ବୁଲାନ୍ସ ଅଚଳ ହୋଇପଡ଼ିଥିବାବେଳେ ଜରୁରିକାଳୀନ ସମୟରେ ରୋଗୀମାନେ ସମସ୍ୟାରେ ପଡୁଥିଲେ। ଏ ସଂକ୍ରାନ୍ତରେ ମନ୍ତ୍ରୀ କଲିକତାର ଶ୍ୟାମ ଷ୍ଟିଲ୍ ଇଣ୍ଡଷ୍ଟ୍ରୀକୁ ଏକ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏହାପରେ କମ୍ପାନୀ ପକ୍ଷରୁ ଆମ୍ବୁଲାନ୍ସ ଦିଆଯାଇଛି। ଖୁବ୍‌ଶୀଘ୍ର ମୃତଦେହ ସ୍ୱର୍ଗଦ୍ୱାରକୁ ନିଆଯିବାକୁ ଏକ ଗାଡ଼ି ସୁବିଧା ମଧ୍ୟ କରାଯିବ ବୋଲି ଏମ୍‌ଡି ଭଟ୍ଟାଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଲେ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ। ଡା. ପ୍ରଦୀପ କୁମାର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଏସି ଉପାଧ୍ୟକ୍ଷ ମାୟାଧର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଦିଲୀପ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ।

# ୫ରେ 'ମୁଁ ହିରୋ ହେବି' କାର୍ଯ୍ୟକ୍ରମ

**ଭୁବନ, ୨୮।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଏବଂ ଏନ୍‌ଏସି ବିଜୁ ଯୁବ ବାହିନୀ ପକ୍ଷରୁ ଅକ୍ଟୋବର ୫ରେ 'ମୁଁ ହିରୋ ହେବି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ଶୁକ୍ରବାର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରସ୍ତୁତି ବୈଠକ ବିଜୁ ଯୁବ ବାହିନୀର ସଂଯୋଜକ ରାଜେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷା ସ୍ୱର୍ଣ୍ଣମଞ୍ଜରୀ ସାହୁ, ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ନନ୍ଦକିଶୋର ସାହୁ, ସୁଧାକର ସାହୁ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ।

ବାଜି ରାଉତ ସ୍ମୃତି କଲେଜ ପରିସରରେ 'ମୁଁ ହିରୋ ହେବି' କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଏନ୍‌ଏସି ଏବଂ ବ୍ଲକ ବିଜୁ ଯୁବ ବାହିନୀ କର୍ମକର୍ତ୍ତାଙ୍କୁ ମନ୍ତ୍ରୀ ଶାର୍ଟ ଏବଂ କ୍ୟାପ୍ ପ୍ରଦାନ କରିଥିଲେ। ଜିଲା ଯୁବ ବିଜେଡି ସମ୍ପାଦକ ଅଜୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

■ଢେଙ୍କାନାଳ ଖୋଲା ଶୌଚମୁକ୍ତ ସହର ଘୋଷିତ

# ସ୍ୱଚ୍ଛତା ପାଇଁ ମାନସିକତା ଜରୁରୀ

**ଢେଙ୍କାନାଳ ଅଫିସ, ୨୮।୯**




ସଭାରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳକୁ ଖୋଲା ଶୌଚମୁକ୍ତ ଭାବେ ଘୋଷଣା କରାଯାଇଛି। ପୌରସଂସ୍ଥା ପକ୍ଷରୁ ସ୍ଥାନୀୟ ମିନିଷ୍ଟାଡିୟମରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବିଧାୟକ ସରୋଜ କୁମାର ସାମଲ କହିଲେ, ଢେଙ୍କାନାଳ ଖୋଲା ମଳମୁକ୍ତ ସହର ଭାବେ ଘୋଷିତ ହେବା ଗୌରବର ବିଷୟ। ସମସ୍ତଙ୍କ ସହଯୋଗରେ ସ୍ୱଚ୍ଛ ସହର ସ୍ୱପ୍ନ ସାକାର ହୋଇଥାଏ। ଏହା ଏକ ନିରନ୍ତର ପ୍ରକ୍ରିୟା। ସ୍ୱଚ୍ଛତା ପାଇଁ ମାନସିକତା ଜରୁରୀ। ପରିବେଶ ସ୍ୱଚ୍ଛ ରହିଲେ ସମସ୍ତେ ସୁସ୍ଥ ରହିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ କହିଲେ, କେବଳ ଘୋଷଣା କରିବା କିମ୍ବା ଦିବସ ପାଳନ କରିଦେବେ ବଡ଼କଥା ନୁହେଁ। ଏଥିଲାଗି ନିରନ୍ତର ପ୍ରଚେଷ୍ଟା ଆବଶ୍ୟକ। ବ୍ୟାବହାରିକ ପରିବର୍ତ୍ତନ ଆସିବା ଯାଏ ଲଢ଼େଇ ଜାରି ରଖିବାକୁ ପଡ଼ିବ ବୋଲି ସେ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ଯୋଗଦେଇ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ କହିଲେ, ଢେଙ୍କାନାଳକୁ ଶୌଚମୁକ୍ତ ସହର ଘୋଷଣା କରିଦେଲେ ହେବନାହିଁ, ଏହାକୁ ବଜାୟ ରଖିବାକୁ ସବୁସ୍ତରରୁ ଉଦ୍ୟମ ହେବା ଜରୁରୀ।

ଉତ୍ସବରେ ସଭାପତିତ୍ୱ କରି ନଗରପାଳ ସୁଧାଂଶୁ କୁମାର ଦଳେଇ କହିଲେ, ସହରରେ ସଫେଇ କାର୍ଯ୍ୟ ପାଇଁ ଢେଙ୍କାନାଳ-ଅନୁଗୋଳ ଏମ୍‌ପିଙ୍କ ଅନୁଦାନରୁ ୫୦ ଲକ୍ଷ ଟଙ୍କା ବ୍ୟୟରେ ଏକ ଜେସିବି ଏବଂ ଟ୍ରାକ୍ଟର କିଣାଯାଇଛି। ଗତ ୨ବର୍ଷରେ ପୌରସଂସ୍ଥାରେ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ କରାଯାଇଛି ତାହା ୨୦ବର୍ଷରେ ହୋଇ ନ ଥିଲା। ଏଥିଲାଗି ଏମ୍‌ପି ଏବଂ ବିଧାୟକଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି ସେ କହିଥିଲେ।

ଉପନଗରପାଳ ସୁମିତ୍ରା ଭୋଇ, ପ୍ରାକ୍ଟିକାଲ ଆକ୍ସନ ସଂଯୋଜକ ଡା. ବିରୂପାକ୍ଷ ଦୀକ୍ଷିତ ମଞ୍ଚାସୀନ ଥିଲେ। ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ସ୍ୱାଗତ ଭାଷଣ ଦେଇଥିବାବେଳେ ସତ୍ୟନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

■ଓଡ଼ିଶା ବନ ଉନ୍ନୟନ ନିଗମ ପ୍ରତିଷ୍ଠା ଦିବସ ପାଳିତ

# ଜଙ୍ଗଲ ବୃଦ୍ଧି ପାଇଁ ବାର୍ଷିକ ଖର୍ଚ୍ଚ ହେବ ୫୦୦ କୋଟି

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

ରାଜ୍ୟରେ ଜଙ୍ଗଲ ଅଞ୍ଚଳ ବୃଦ୍ଧି ପାଉଛି। କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁସାରେ ଗତ ୨ବର୍ଷ ମଧ୍ୟରେ ପ୍ରାୟ ୮୮୫ ବର୍ଗ କିଲୋମିଟର ଜଙ୍ଗଲ ବଢ଼ିଛି। ଅଧିକାଂଶ ରାଜ୍ୟରେ ଜଙ୍ଗଲ କମି କମିଯାଉଥିବା ବେଳେ ଓଡ଼ିଶା ଏଭଳି ଏକ ରାଜ୍ୟ ଯେଉଁଠି ବହୁମାତ୍ରାରେ ବୃକ୍ଷରୋପଣ ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। କାମ୍ପା ପାଣ୍ଠିରୁ ରାଜ୍ୟ ସରକାରଙ୍କ ପାଖକୁ ଖୁବ୍‌ଶୀଘ୍ର ପ୍ରାୟ ୬ହଜାର କୋଟି ଟଙ୍କା ଆସିବ। ପ୍ରତିବର୍ଷ ଅତି କମ୍‌ରେ ୫୦୦ରୁ ୬୦୦ କୋଟି ଟଙ୍କା କେବଳ ଜଙ୍ଗଲ ବୃଦ୍ଧି ପାଇଁ ଖର୍ଚ୍ଚ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଓଡ଼ିଶା ବନ ଉନ୍ନୟନ ନିଗମର ୫୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି।

ନିଗମର ପରିଚାଳନା ନିର୍ଦ୍ଦେଶକ ରାଜୀବ କୁମାର କହିଥିଲେ, ରାଜ୍ୟରେ ଏକଦା ୩.୨ଲକ୍ଷ ଘନମିଟର କାଠ ଉତ୍ପାଦନ କ୍ଷମତା ଥିଲା। ଏହା ହ୍ରାସପାଇ ୦.୨୭ଲକ୍ଷ ଘନମିଟରରେ ପହଞ୍ଚିଛି। ବିବିଧ କାରବାର ଜରିଆରେ ୨୦୧୭-୧୮ରେ ୭୯୭ କୋଟିର କାରବାର କରିବାକୁ ନିଗମ ସକ୍ଷମ ହୋଇଥିବାବେଳେ ୩୧.୪୮କୋଟି ଟଙ୍କାର ଲାଭ ହୋଇଛି। ରାଜ୍ୟ ସରକାରଙ୍କୁ ଟିକସ ଓ ଅଣଟିକସ ବାବଦରେ ୩୮୯.୩୭ କୋଟି ଟଙ୍କା ରାଜସ୍ୱ ପ୍ରଦାନ କରିଛି। ରାଜ୍ୟରେ ସଂଗୃହୀତ କେନ୍ଦୁପତ୍ରକୁ ସ୍ୱଚ୍ଛତାର ସହ ଇ-ଟେଣ୍ଡର ମାଧ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରେ ବିକ୍ରି କରି ରାଜ୍ୟ ରାଜକୋଷକୁ ପ୍ରାୟତଃ ବାର୍ଷିକ ୬୦୦କୋଟି ଟଙ୍କା ରାଜସ୍ୱ ଦେବାରେ ସମର୍ଥ ହୋଇପାରିଛି। କୃଷି ଉତ୍ପାଦନ ସଚିବ ତଥା ନିଗମ ଅଧ୍ୟକ୍ଷ ଡ. ଗଗନ କୁମାର ଧଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(କେନ୍ଦୁପତ୍ର) ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜଙ୍ଗଲ ସଂରକ୍ଷଣ ପାଇଁ କାର୍ଯ୍ୟ କରିଥିବା ୪ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ନିଗମର ଭୁବନେଶ୍ୱର ବୃକ୍ଷରୋପଣ ଖଣ୍ଡର ଖଣ୍ଡୀୟ ପରିଚାଳକ ତରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ନିଗମ କର୍ମଚାରୀମାନଙ୍କୁ ନେଇ ସନ୍ତୋଷ ବାରିକଙ୍କ ରଚିତ ଓ ଦେବାନନ୍ଦ ନାୟକଙ୍କ ନିର୍ଦ୍ଦେଶିତ ନାଟକ 'ତୁ ନ ଥିଲେ ମୁଁ କିଏ' ମଞ୍ଚସ୍ଥ ହୋଇଥିଲା।

# ପଦାକୁ ଆସୁଛି କଂଗ୍ରେସ କନ୍ଦଳ

ଭୁବନେଶ୍ୱର, ୨୮।୯(ବ୍ୟୁରୋ)

■ପିଇସିରେ ଜୟଦେବ, ଶ୍ରୀକାନ୍ତ, ଶରତ, କାହ୍ନୁ

■ଚିଠିରେ ଉଲ୍ଲେଖ ହୋଇଛି, ଆବଶ୍ୟକ ପଡିଲେ ଡାକିପାର: ନିରଞ୍ଜନ

ପ୍ରଦେଶ କଂଗ୍ରେସରେ ଗୋଷ୍ଠୀକନ୍ଦଳ ଉପରକୁ ଜଣାପଡୁ ନ ଥିଲେ ମଧ୍ୟ ଧୀରେ ଧୀରେ ପଦାକୁ ଆସିବାରେ ଲାଗିଛି। ଦଳର ଛାତ୍ର, ମହିଳା ଏବଂ ବରିଷ୍ଠ ନେତାମାନଙ୍କ ମଧ୍ୟରେ ବିବାଦ ଏବେ କ୍ରମଶଃ ଉଗ୍ରରୂପ ନେବା ଆରମ୍ଭ କରିଛି। ଫଳରେ କଂଗ୍ରେସ ନେତାମାନେ କେବଳ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା କରିବାରେ ଲାଗିପଡିଛନ୍ତି। ଦଳରେ ମହିଳା ସଭାପତି ପଦ ହାତେଇବା ପାଇଁ ମତଭେଦ ଥିବା କିଛିଦିନ ତଳେ ସାମ୍ନାକୁ ଆସିଥିଲା। ଏବେ ବରିଷ୍ଠ ନେତାଙ୍କ ମଧ୍ୟରେ ଦଳୀୟ କମିଟିକୁ ନେଇ ଚାଲିଥିବା ଲଢେଇ ସାମ୍ନାକୁ ଆସିବାପରେ ଦଳରେ ଯେ ସବୁକିଛି ଠିକ୍ ଚାଲି ନାହିଁ ତା'ର ପ୍ରମାଣ ମିଳୁଛି। ଏଠାରେ ପ୍ରତିଯୋଗିତା କଥା କାହିଁକି କୁହାଯାଉଛି ସେ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। କିନ୍ତୁ ପିସିସି ପକ୍ଷରୁ କରାଯାଇଥିବା କମିଟିର ରୂପରେଖ ଦେଖିଲେ ଏହାକୁ ଏଡାଇ ଦିଆଯାଇପାରିବ ନାହିଁ। ବିଗତ ଦିନରେ ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ ଦଳରେ ସମସ୍ତଙ୍କୁ ଏକାଠି କରିପାରୁ ନ ଥିବା ବହୁ ନେତା ଅଭିଯୋଗ କରିଥିଲେ। ନିରଞ୍ଜନ ପଟ୍ଟନାୟକ ପିସିସି ମଙ୍ଗ ଧରିବାପରେ ଦଳରେ ସବୁକିଛି ଠିକ୍ ହୋଇଯିବ ଏବଂ ତୃଣମୂଳସ୍ତରର କର୍ମୀମାନେ ଆଗ୍ରହରେ ସରକାର ବିରୋଧରେ ଏକଜୁଟ୍ ହୋଇ କାମ କରିବେ ବୋଲି ଏକ ଚର୍ଚ୍ଚା ସୃଷ୍ଟି କରାଗଲା। କିନ୍ତୁ ନିରଞ୍ଜନ ସଭାପତି ପଦରେ ଅବସ୍ଥାପିତ ହେବାପରେ ପୁଣି ଦଳକୁ ପୁରୁଣା ରୋଗ ଫେରି ଆସିଛି।

ପ୍ରଦେଶ କଂଗ୍ରେସର କିଛି ବରିଷ୍ଠ ନେତାଙ୍କୁ ଗୁରୁବାର ପିଇସି(ପ୍ରଦେଶ ଇଲେକ୍ସନ କମିଟି)ରେ ନିଯୁକ୍ତ କରାଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କାହ୍ନୁ ଲେଙ୍କା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏବଂ ଏଆଇସିସି ସମ୍ପାଦକ ଶରତ ରାଉତଙ୍କୁ ଏହି କମିଟିରେ ସ୍ଥାନ ମିଳିଛି। ଦେଢ ମାସ ତଳେ ପିସିସି ପକ୍ଷରୁ ପିଇସି କମିଟି ତାଲିକା ପ୍ରକାଶ କରାଯାଇଥିଲା, ଯେଉଁ କମିଟିରେ ନୂତନଭାବେ ନିଯୁକ୍ତି ପାଇଥିବା ନେତାଙ୍କୁ ବାଦ୍ ଦିଆଯାଇଥିଲା। ତେଣୁ କମିଟିର ପ୍ରଥମ ବୈଠକରେ ଉକ୍ତ ନେତାମାନେ ବିଷୋଦ୍‌ଗାର କରିଥିଲେ। ନିରଞ୍ଜନ ଜାଣିଶୁଣି ପୂର୍ବରୁ ତାଙ୍କ ବିରୋଧୀ ବୋଲି ଚର୍ଚ୍ଚା ହେଉଥିବା ଏହି ନେତାମାନଙ୍କୁ ପିଇସି କମିଟିରେ ସ୍ଥାନ ଦେଇ ନ ଥିବା ଆଲୋଚନା ହୋଇଥିଲା। ଏହା ପ୍ରଥମ ଥର ପାଇଁ ନୁହେଁ, ବରଂ ପୂର୍ବରୁ ନିରଞ୍ଜନ ଯେତେବେଳେ ସଭାପତି ଥିଲେ ସେତେବେଳେ ମଧ୍ୟ ଉପରୋକ୍ତ ନେତାଙ୍କ ମଧ୍ୟରୁ କେତେକଙ୍କୁ ପିଇସିରେ ସ୍ଥାନ ଦେଇ ନ ଥିଲେ। ସୂତ୍ର ଅନୁଯାୟୀ, ପିଇସି କମିଟିରେ ହଠାତ୍ ସ୍ଥାନ ପାଇଥିବା ବରିଷ୍ଠ ନେତାଙ୍କ ମଧ୍ୟରୁ କେତେଜଣ ଦିଲ୍ଲୀ ଯାଇ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଥିଲେ। ଏଥିପାଇଁ ଆସନ୍ତା ୧ରେ ପିଇସି ଏବଂ ସ୍କ୍ରିନିଂ କମିଟି ବୈଠକ ବସିବାକୁ ଥିବାବେଳେ ତା'ପୂର୍ବରୁ ହଠାତ୍ ଏହି ନେତାଙ୍କୁ ନିର୍ବାଚନ କମିଟିରେ ସାମିଲ କରାଯାଇଛି। ତେବେ ପିଇସିରେ ଅନଭିଜ୍ଞ ନେତାଙ୍କୁ ସ୍ଥାନ ଦେଇ କେତେଜଣ ଅଭିଜ୍ଞ ନେତାଙ୍କୁ ଜାଣିଶୁଣି ବାଦ୍ ଦିଆଯାଇଥିବା ଚର୍ଚ୍ଚା ହେଉଛି। କେବଳ ସେତିକି ନୁହେଁ, ମହିଳା କଂଗ୍ରେସ କ୍ଷେତ୍ରରେ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହୋଇଛି।

ପ୍ରଦେଶ ମହିଳା କଂଗ୍ରେସ ସଭାପତି ଥିବା ସସ୍ମିତା ବେହେରାଙ୍କୁ ପଦରୁ ହଟାଯିବା ପାଇଁ ନିରଞ୍ଜନ ତାଙ୍କ ଉପରେ ବିଗତ ଦିନରେ ଚାପ ପକାଇଥିବା ଜଣାପଡିଥିଲା। ଏନେଇ ସସ୍ମିତା ମଧ୍ୟ ପ୍ରତିକ୍ରିୟା ଦେଇ ସ୍ପଷ୍ଟ କରିଥିଲେ। ବରିଷ୍ଠ ମହିଳା ନେତ୍ରୀ ସୁମିତ୍ରା ଜେନାଙ୍କୁ ମହିଳା କଂଗ୍ରେସ ସଭାପତି କରିବାକୁ ନିରଞ୍ଜନ ଚାହୁଁଥିବା ଚର୍ଚ୍ଚା ଜୋର୍ ଧରିଲା। ଏଥିପାଇଁ ନିକଟରେ ଉଭୟ ସସ୍ମିତା ଏବଂ ସୁମିତ୍ରା ଦିଲ୍ଲୀ ଗସ୍ତରେ ଯାଇ ବାରମ୍ବାର କେନ୍ଦ୍ରୀୟ ନେତାଙ୍କୁ ସାକ୍ଷାତ ଆଲୋଚନା ଜାରି ରଖିଥିବା ସୂତ୍ରରୁ ଜଣାପଡିଛି। ମହିଳା ସଭାପତି ପଦରେ ନିରଞ୍ଜନ ନିଜ ସମର୍ଥକଙ୍କୁ ଅବସ୍ଥାପିତ କରିବାକୁ ଚାହୁଁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଧିକାଂଶ ନେତା ନିଜ ନାମ ଗୋପନ ରଖିବା ସର୍ତ୍ତରେ ମତ ରଖିଛନ୍ତି। ଫଳରେ ଦଳର ମହିଳା ସଙ୍ଗଠନ ଏକପ୍ରକାର ସ୍ଥାଣୁ ପାଲଟି ଯାଇଛି। ଗୋଟିଏପଟେ ରାଜ୍ୟ ସରକାରଙ୍କ ବିରୋଧରେ ଭାଜପା ମହିଳା ମୋର୍ଚ୍ଚା ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ କରି ନିଜକୁ ସଙ୍ଗଠିତ କରିବା ପାଇଁ ଆଉ ଏକ ସୁଯୋଗ ପାଇଯାଇଛି। ଅନ୍ୟପକ୍ଷରେ ମହିଳା କଂଗ୍ରେସର ସ୍ଥିତି ଦୁର୍ବଳ ହେବାରେ ଲାଗିଛି।

ଏନେଇ ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ଗୋଟିଏ ଚିଠି ମୋ ନିକଟକୁ ଆସିଛି, ସେଥିରେ ଉଲ୍ଲେଖ ରହିଛି, ଆବଶ୍ୟକ ପଡିଲେ ନୂତନ ନିଯୁକ୍ତି ପାଇଥିବା ୪ ନେତାଙ୍କୁ ପିଇସି ବୈଠକକୁ ଡକାଯାଇପାରିବ। ସେହି ଚିଠିକୁ ଖୁବଶୀଘ୍ର ଦେବେ ବୋଲି ସେ କହିଛନ୍ତି। ମହିଳା ସଭାପତି ସସ୍ମିତା ତାଙ୍କ ପଦରୁ ହଟିଯିବାକୁ ନିରଞ୍ଜନ କହିଥିବା କଥା ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ।

## OFFICE OF THE NOTIFIED AREA COUNCIL, G.UDAYAGIRI

### TENDER CALL NOTICE

No. 1897 Date: 28.09.2018

Sealed tenders in detailed scheduled of quotations are invited to be eventually drawn up in the P.W.D. prescribed P1 form for execution of the following works from all the Govt. Registered Contractors, Odisha/ N.A.C., G.Udayagiri contractors for the work indicated in the scheduled below.

| Sl. No. | Name of the Projects | Estimated Cost | Class of Contractor eligible in participate | Cost of E.M.D. 1% | Cost of Tender Paper | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | Improvement of C.C. Road from PWD Road to Kranjanju, Ward No.-13 | 198500.00 | D & C | 1985.00 | 600.00 | Fifteen Days |
| 02 | Repair of 17 Nos. of Market Compelx at Bhanja Market Complex (Roof Slab) | 186000.00 | D & C | 1860.00 | 600.00 | Fifteen Days |
| 03 | Repair of 32 Nos. of Market Compelx at Neheru Market, Baralini Market & Bandha Chhack (AC Sheet) | 152000.00 | D & C | 1520.00 | 600.00 | Fifteen Days |
| 04 | Repair of 18 Nos. of Market Complex at Bhanja Market Complex & Neheru market Complex (Roof Slab) | 196000.00 | D & C | 1960.00 | 600.00 | Fifteen Days |
| 05 | Repair of 19 Nos. Market Compelx at Srirampada (Roof Slab) | 199500.00 | D & C | 1995.00 | 600.00 | Fifteen Days |
| 06 | Improvement of C.C. Drain with Cover Plate from AWC to Salunki Nala, Ward No.-05 | 196000.00 | D & C | 1960.00 | 600.00 | Fifteen Days |
| 07 | Repair of C.C. Drain from Ganesh Jena House to Lajra House, Ward No.-05 | 196000.00 | D & C | 1960.00 | 600.00 | Fifteen Days |

**Terms & Conditions:**

1. The intending contractor can obtain their tender papers from the Office of the Executive Officer, N.A.C., G.Udayagiri on payment of cost of the tender (Non-refundable) during the office hour on any working day from Dt.29.09.2018 to 09.10.2018 upto 3.00 P.M.
2. Tender documents will be received upto 05.00 P.M. on 09.10.2018 at the Office of the undersigned in seal cover at specifed tender box. The tender paper received beyond the scheduled date and time shall not be entertained. The tender will be opened on 10.10.2018 at 11.00 A.M. in presence of tenderer or their authorized agents.
3. The authority shall not be responsible for any postal delay in receipt of tender documents.
4. Each tender documents shall be accompanied with the attested Xerox copy of GSTN/PAN Card/All Govt. registered contractor for the year 2018-19 and required EMD in shape of Cash/N.S.C./Pass Book drawn in favour of Executive Officer, N.A.C., G.Udayagiri payabale at S.B.I., G.Udayagiri. The tender without accompanied with EMD shall be rejected.
5. EMD of unsuccessful tenderer will be refundable without any interest.
6. If the offer is lowest tender is less than the estimated cost the differential amount between the estimated costs, bid cost shall be deposited by the tenderers in shape of Cash/Cheque in the Office of the N.A.C., G.Udayagiri before issue of work order as performance guarantee failing which will be rejected and next lowest tender shall be considered, the deposit amount shall be refunded after completion of the work.
7. The successful bidder have to deposit 1% ISD (Initial Security Deposit) in shape of DD/NSC/KVP/FD, etc. in favour of Executive Officer, N.A.C., G.Udayagiri, payable at G.Udayagiri before making agreement.
8. The authority reserves the right to cancel any or all the tenders without assigning reason thereof.

**Sd./- Executive Officer, N.A.C., G.Udayagiri**

## ZILLA SWASTHYA SAMITI
KEONJHAR
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(NPCB KEONJHAR)

### TENDER CALL NOTICE

Advt. No. 1750 Date: 27.09.2018

**No. 461-E:-** Sealed tender is invited from the registered supplier / firm for supply of Ophthalmogical Drugs (Medicine) & Spectacles which are used in District Blindness Control Society, Keonjhar for the year 2018-19. The interested supplier / firm having valid GST Regd. no. may be applied. The lists of the items are mentioned below in details. The term & condition of the tender may be downloaded from the website www.kendujhar.nic.in. The tender should reach to the office of the undersigned by 25.10.2018 at 5PM through Speed Post / Regd. Post / Courier and which will be opened on the day at 26.10.2018 at 11.00AM DTU Conference Hall, NHM, Keonjhar. This office will not entertain any tender after the due date/time fixed for at any circumstances.

The undersigned reserves the right to reject any or whole tender without assignment any reason thereof.

*Sd./- Chief District Medical & Public Health Officer, Keonjhar*

10033/11/0046/1819

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2542230 CIN: U40102OR2004SGC007553
OPTCL Lifeline of Odisha

### NOTICE INVITING TENDER (NIT)
(DOMESTIC COMPETITIVE e-BIDDING)

**e-TENDER NOTICE NO.: CPC-32/2018-19** **Date: 29.09.2018**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning for Diversion of 132KV TTPS. Chainpal DC line from LOC, No. 01 to 04 at TTPS, Chainpal at an Estimated Cost of the Package for Rs.3.55 Crore on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(29.09.2018) / (11:00)AM** up to Dt.**(01.11.2018) / (12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/ OPTCL"** for further detail.

**Note :** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding the tender, as the same shall be published only on the OPTCL website / Tender Portal.

**Sd/-**
**Chief General Manager (CPC)**
**e-Mail: sgm.cpc@optcl.co.in**

**CR Advt. No. 42/2018-19**

Please connect us: optcl.odisha optcl_odisha energyodisha

See Career Appointment on every Wednesday & Saturday

## ODISHA STATE HOUSING BOARD
**SACHIVALAYA MARG, BHUBANESWAR - 751001**
Phones EPABX: (0674) 2393524, 2390141, 2391542, FAX: (0674) 2393952
Visit us at: http://www.oshb.org
No. 11636/OSHB dt. 28.09.2018

**Bid Identification No. 08/CE/OSHB 2018-19**

### EXPRESSION OF INTEREST

Odisha State Housing Board intends to engage consultant for facilitating to obtain Environmental clearance as per EIA notification - 2006 of Ministry of Environment and Forest, Govt. of India for its proposed projects as follows. Only EIA consultants having accreditation with Quality Council of India (QCI) / National Accreditation Board of Education and Training (NABET) on Building & Construction sector may apply to the Chief Engineer, OSHB, Bhubaneswar, on their letter pad mentioning their consultancy fees, past experience on obtaining such clearance, QCI/NABET accreditation certificate, PAN, Registration number, GSTN and other details of their firm. The applicant has to deposit Rs. 5000.00 in shape of demand draft drawn in any Nationalised Bank in favour of Orissa Housing Board Works Fund No. XI towards security deposit. The detail information of the project can be obtained from the office of the Project Engineer (PH) during office hours. The last date of receipt of applications is Dt. 11.10.2018 up to 4:00 PM and will be opened on dt.12.10.2018 at 4:00 .PM.

The offers should be submitted in separate applications for separate works.

The authority reserves the right to reject any or all the applications without assigning any reasons thereof.

| Sl. No. | Name of the work | Land area | Security deposit |
|---|---|---|---|
| 1 | Construction of Residential Housing Complex at Patrapada, Bhubaneswar | Ac. 11.500 | Rs. 5000.00 |
| 2 | Construction of Residential Housing Complex at Jagannathprasad, Bhubaneswar | Ac. 9.000 | Rs. 5000.00 |
| 3 | Construction of Residential Housing Complex at Suango, Bhubaneswar | Ac. 11.104 | Rs. 5000.00 |

*Sd./- Chief Engineer*

ଶିକ୍ଷା ଅଧିକାର
## DISTRICT PROJECT OFFICE
## R.T.E. SARVA SHIKSHA ABHIYAN
**P.O./Dist.- NABARANGPUR**

**No.: 4526/Fin./2018** **Dated: 25.09.2018**

### TENDER CALL NOTICE

Sealed tenders are invited from interested reputed Travel Agencies/Tour Operators or Private Individuals for providing 2 (two) nos. of Non AC / AC Diesel driven vehicles of type **Bolero** having sitting capacity not more than ten including driver to be engaged in the District Project Office, RTE-SSA, Nabarangpur on monthly rent basis for a period of one year. The envelope must be superscirbed as "Tender for hiring of Vehicles for District Project Office, RTE-SSA, Nabarangpur".

The detailed information for hiring of vehicle on monthly basis has been given in the tender document which may either be downloaded from the website **www.opepa.in**. district website **www.nabarangpur.nic.in OR** obtained in person from Finance Section, DPO, RTE-SSA, Nabarangpur on any working day during office hour. The last date and time for submission of tender document is **26.10.2018 by 3.00 P.M**. The application may be sent by Speed Post/Registered Post as in the above address. The undersigned reserves the right to cancel any or all the proposals without assigning any reason thereof.

Corrigendum, if required will be uploaded in the above websites.

By Order of Collector-cum-Chairperson
**Sd./- District Project Coordinator**
**RTE-SSA, Nabarangpur**

## OFFICE OF THE COLLECTOR & DISTRICT MAGISTRATE, ANGUL
**(ST & SC Development Section, Ph. No.: 06764-231173, e-mail: angdwo@gmail.com)**

**No. 1956** **Dt. 28.09.2018**

In pursuance of Advt. No-978/ Date 03.05.2018 for engagement of Junior Teachers (Sikshya Sahayaks) on contractual basis in different schools managed by ST/ SC Development Department of Angul district and as per decision taken in the District Level Selection Committee Meeting held on 28.09.2018, the list of valid and invalid candidates are hereby published for information of the candidates after finalization of the objections received from the candidates by 10.09.2018. The detail valid and invalid list of candidates are available in the district website http://www.angul.nic.in. The valid/ eligible candidates are advised to attend the certificate verification work on 10.10.2018 at 10 A.M. in Zilla Parishad Conference Hall, DRDA, Angul with all their Original Certificates & Mark sheets in person for verification. The candidates those who remain absent on the date of verification, their candidature will be cancelled/ rejected and no objections shall be entertained in future in this regard.

**Sd./- Addl. District Magistrate, Angul**

## OFFICE OF THE EXECUTIVE ENGINEER RWSS DIVISION, BERHAMPUR
**Near JaradaBunglow, Pin – 760004, Ph. 0680-2296344**
**eerwss_bam@nic.in rwssbam@gmail.com**
**Government of Odisha "e" Procurement Notice**

**NATIONAL COMPETITIVE BIDDING**

**Bid Identification No. EERWSSBAM- 12 /2018-19**

**No.791-O:-** The Executive Engineer, RWS&S Division, Berhampur, Ganjam on behalf of Governor of Odisha invites bids in Single Cover & Double cover system according to the norm of "e" Procurement system in online mode for Supply, drawing, design, construction, testing and commissioning and maintenance of different PWS Schemes and electrification works in Ganjam District from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District. |
| 2 | No of Work (Tender) | 12 Nos. |
| 3 | Estimated cost (Approximate) | Ranging from Rs. 5.78 lakhs to Rs. 73.18 lakhs |
| 4 | Period of completion | Ranging from 90 days to 210 days |
| 5 | Date & Time of availability of bid document in the Portal. | From 01-10-2018 at 11.00 hrs to 15-10-2018 up to 17.00 hrs |
| 6 | Last date & time for seeking clarification | 10-10-2018 up to 17.00 hrs |
| 7 | Dt. of opening of Bid | 20-10-2018 at 11.00 hrs |
| 8 | Late date / Time for receipt of bids in the Portal | 15-10-2018 up to 17.00 hrs |
| 9 | Name & address of the Officer inviting tender. | Executive Engineer, RWSS Division, Near Jarada Bunglow, Berhampur-760004, Dist. Ganjam, Odisha. |

Further details can be seen from the e-procurement portal https://tendersorissa.gov.in.

**Executive Engineer**
**RWS&S Division, Berhampur**

**25035/11/0013/1819**

अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Sijua(Patrapada), Bhubaneswar(Odisha)-751019
www.aiimsbhubaneswar.edu.in

File No. :AIIMS/BBSR/CM&FM/TANGI/LEASE RENT/57/5582 Dated : 27th Sep 2018

### NOTICE INVITING TENDER

The All India Institute of Medical Sciences (AIIMS), Bhubaneswar invites bid in sealed envelope in two bid system for **"Providing Lease/Rented Accommodation to AIIMS Bhubaneswar for Doctors Residential Complex at Tangi, Khordha"** *(NIT No. :AIIMS/BBSR/CM&FM/TANGI/LEASE RENT/ 57/5582)*.The detailed Tender Document along with Last Date & Time of Submission of Tender can be viewed & Downloaded from the website **www.aiimsbhubaneswar.edu.in,** Last date of submission of tender document is **26-10-2018 (11:00 AM).**

**Sd/-**
**Assistant Administrative Officer**
**AIIMS, Bhubaneswar**

अखिल भारतीय आयुर्विज्ञान संस्थान (एम्स), भुवनेश्वर
## ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.edu.in

File No. : AIIMS/BBSR/Engg./ 447 /2018-19 Dated : 27th Sep 2018

### NOTICE INVITING E-TENDER

The All India Institute of Medical Sciences (AIIMS), Bhubaneswar invites e-Tender for the Work **"Construction of Retaining Wall, RCC Slab, Drain, Sewerage Line, Rain Water Duct & Other Miscellaneous Civil Works for preventive measures towards ingress of Rain Water in Bunker Area of AIIMS, Bhubaneswar"** *(NIT No. : AIIMS/BBSR/Engg./ 027/2018-19)*. The detailed Tender Document along with Last Date & Time of Submission of Tender can be viewed & Downloaded from the website : **www.aiimsbhubaneswar.edu.in, www.tenderwizard.com / AIIMSBBSR & CPP Portal www.eprocure.gov.in.**

**Sd/-**
**Executive Engineer (Civil)**
**AIIMS, Bhubaneswar**

## OFFICE OF THE JATANI MUNICIPAL COUNCIL
### "e" Procurement Notice

**No. 2055** **Date: 27.09.18**

Bid Documents consisting of Work, Estimated Cost, Cost of Tender Paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | | |
|---|---|---|---|
| 1. | Tender Reference No | : | EO/JMC/038/2018-19 |
| 2. | Tender I.D. No | : | 2018_ORULB_49743_1 to 32 |
| 3. | Name of the Work | : | Civil Construction works as mentioned in website |
| 4. | No. of works | : | 32 Nos. |
| 5. | Estimated Cost | : | Rs. 2,50,00.00 to Rs. 9,50,000.00 |
| 6. | Period of Completion | : | 90 days |
| 7. | Date & Time of Bidding | : | 29.09.2018 to 15.10.2018 upto 5 P.M. |
| 8. | Last date & time for receipt of bids in the portal | : | 15.10.2018 upto 5 P.M. |
| 9. | Submission of Original documents (TP cost, EMD, Affidavit etc as per DTCN) | : | On or efore 26.10.2018 upto 11 A.M. (physically produce to the Executive Officer inviting the Bid or through Registered Post/ Speed Post or Office tender box.) |
| 10. | Bids received online shall be opened on | : | 26.10.2018 at 11.30 A.M. |
| 11. | Name and address of the Officer inviting Bid | : | Executive Officer, Jatni Municipality |

Further details can be seen from the procurement portal i.e. www.tendersorissa.gov.in.

**Sd./- Executive Officer,**
**Jatni Municipality**

## ସଂକ୍ଷେପରେ

### ଟ୍ରେନ୍‌ରୁ ପଡ଼ି ଗୁରୁତର ଯୁବକଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୨୮।୯- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କ ଶୁକ୍ରବାର ଅପରାହ୍ନରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗଞ୍ଜାମ ଜିଲା ଖଲିକୋଟ ମଠବାରିଡ଼ା ଗ୍ରାମର କାଳିଆ ଦାସ(୪୫)। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଭୋର ସମୟରେ ତାଳଚେର ବାଣପାଳ ରେଳ ଲାଇନ କଡ଼ରେ ମୁମୂର୍ଷୁ ଅବସ୍ଥାରେ ସେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ସୂଚନା ଦେଇଥିଲେ। ଆମ୍ବୁଲାନ୍ସ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସ୍ଥାନୀୟ ସ୍ୱେଚ୍ଛାସେବୀ ତାଙ୍କ ପକେଟରେ ଥିବା ମୋବାଇଲ ନମ୍ବର ଆଣି ଫୋନ ଲଗାଇବା ପରେ ପରିଚୟ ଜଣାପଡ଼ିଥିଲା। କାଳିଆ ଗୁଜରାଟରୁ ସହଯୋଗୀଙ୍କ ସହ ଘରକୁ ଟ୍ରେନ୍‌ରେ ଫେରୁଥିବା ବେଳେ ଖସିପଡ଼ିଥିବା ସନ୍ଦେହ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ଜବତ କରି ସଂରକ୍ଷିତ ରଖିଛି।

### ରକ୍ତଦାନ ପାଇଁ ଶିକ୍ଷକ ସମ୍ମାନିତ



ତାଳଚେର, ୨୮।୯(ନି.ପ୍ର.)- ୨୦୦୧ ଠାରୁ ନିୟମିତ ରକ୍ତ ଦାନ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ତାଳଚେର ଅଞ୍ଚଳର ଶିକ୍ଷକ ଶାନ୍ତନୁ କୁମାର ସାହୁଙ୍କୁ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଛନ୍ତି। ଶିକ୍ଷକ ସାହୁ ଏଯାବତ୍ ୫୧ ଥର ରକ୍ତଦାନ କରି ତାଳଚେର ଉପଖଣ୍ଡର ସର୍ବାଧିକ ଥର ରକ୍ତଦାତା ହେବା ସହିତ ବହୁ ଅମୂଲ୍ୟ ଜୀବନ ରକ୍ଷା କରିଛନ୍ତି। ଏଥି ପାଇଁ ସାହୁ ପୂର୍ବରୁ ଉପଜିଲାପାଳ, ଜିଲାପାଳ, ଅନୁଗୋଳ ଜିଲା ଯୋଜନା କମିଟି ଅଧକ୍ଷ, ବିଧାୟକ ତାଳଚେର, ଜିଲା ରେଡ୍‌କ୍ରସ୍ ସୋସାଇଟ୍ ଓ ଅନେକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇଛନ୍ତି । ସେ ରେଡ୍‌କ୍ରସ୍ ସୋସାଇଟ୍‌ର ଆଜୀବନ ସଦସ୍ୟ ହୋଇଥିବା ବେଳେ ଓଡ଼ିଶା ରକ୍ତ ଭଣ୍ଡାର, ତାଳଚେର ପରିଚାଳନା କମିଟିର ସଦସ୍ୟ ଅଛନ୍ତି। ସେ ରେଡ୍‌କ୍ରସ୍‌ର ବିଭିନ୍ନ କାର୍ଯ୍ୟରେ ଅଂଶଗ୍ରହଣ କରିବା ସହ ଅନେକ ଜିଲାରେ ବୃକ୍ଷରୋପଣ କରିଛନ୍ତି।

■ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବ୍ୟାପକ ଅବ୍ୟବସ୍ଥା ଅଭିଯୋଗ

# ବିଳମ୍ବରେ ଡାକ୍ତର ଆସିବାକୁ ନେଇ ଅସନ୍ତୋଷ



ଡାକ୍ତର ନ ଆସିଥିବାରୁ ଭିନ୍ନକ୍ଷମମାନେ ଚଟାଣରେ ଶୋଇ ଅପେକ୍ଷା କରି ରହିଛନ୍ତି।

**୫ ମିନିଟ୍‌ରେ ସଭାକାର୍ଯ୍ୟ ଶେଷ**

ବହୁ ବିଳମ୍ବରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବ୍ଲକ ଅଧକ୍ଷାଙ୍କ ଠାରୁ ଆରମ୍ଭ କରି ବିଡିଓ, ଜିଲା ପରିଷଦ ସଭ୍ୟାସଭ୍ୟ, ସରପଞ୍ଚଙ୍କ ସମେତ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ତଥା ବ୍ଲକ ଅଧକ୍ଷା ଅଭିଭାଷଣ ରଖିବା ପରେ ସଭାରୁ ସମସ୍ତେ ଉଠିଯାଇଥିଲେ।

**ଆସିଲେନି ମୁଖ୍ୟ ଅତିଥି**

ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବିଧାୟକଙ୍କୁ ଆମନ୍ତ୍ରିତ କରାଯାଇଥିଲା। ବିଧାୟକ ଆସିବେ ବୋଲି ମଧ ସ୍ଥିର ହୋଇଥିଲା। ଅନ୍ୟ ଅତିଥିମାନେ ତାଙ୍କୁ ଚାହିଁ ବସିଥିଲେ। ମାତ୍ର ସେ ନ ଆସିବାରୁ ବାଧ ହୋଇ ବ୍ଲକ ଅଧକ୍ଷା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

**ଚଟାଣରେ ଗଡ଼ିଲେ ଭିନ୍ନକ୍ଷମ**

ସକାଳ ୮ଟାରୁ ବହୁ ଭିନ୍ନକ୍ଷମ ବ୍ଲକ କାର୍ଯ୍ୟାଳୟରେ ହାଜର ହୋଇଯାଇଥିଲେ। ହେଲେ ଅଢ଼େଇ ଘଣ୍ଟା ବିଳମ୍ବରେ ଶିବିର ଆରମ୍ଭ ହେବା ଓ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନ ଥିବାରୁ ଆସିଥିବା ଅନେକ ଭିନ୍ନକ୍ଷମ ଶିଶୁ ଡାକ୍ତରଙ୍କୁ ଚାହିଁ ଚଟାଣରେ ଶୋଇପଡ଼ିଥିବା ଦେଖାଯାଇଥିଲା।

**ପାନୀୟ ଜଳ ବ୍ୟବସ୍ଥା ଠପ୍**

ଶିବିରରେ ପ୍ରାୟ ୬୬୦ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ମାତ୍ର ଏତେଜଣଙ୍କ ପାଇଁ ପାନୀୟ ଜଳର କୌଣସି ସୁବ୍ୟବସ୍ଥା କରାଯାଇ ନ ଥିଲା। କେତୋଟି ପାଣି ପାଉଚ ବସ୍ତା ଥୋଇ ଦେଇ ପ୍ରଶାସନ କାମ ଚଳାଇ ଦେଇଥିବା ବେଳେ ପାଣି ପାଇଁ ଭିନ୍ନକ୍ଷମମାନଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା।

ବଅଁରପାଳ,୨୮।୯ (ଡି.ଏନ.ଏ.)

ବଅଁରପାଳ ବ୍ଲକ ପରିସରରେ ଶୁକ୍ରବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା। ହେଲେ ବ୍ୟାପକ ଅବ୍ୟବସ୍ଥା ଯୋଗୁ ଶିବିରକୁ ଦୂର ଦୂରାନ୍ତରୁ ଆସିଥିବା ଭିନ୍ନକ୍ଷମ ଓ ସେମାନଙ୍କ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ବହୁ ବିଳମ୍ବରେ ଡାକ୍ତର ଆସିବାକୁ ନେଇ ଭିନ୍ନକ୍ଷମମାନେ କ୍ଷୋଭ ପ୍ରକାଶ କରିଥିଲେ।

ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଅଞ୍ଜଳି ଭୋଇ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡିଓ ନେତ୍ରାନନ୍ଦ ମଲ୍ଲିକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ-ଅନୁଗୋଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ନରେଶ ଚନ୍ଦ୍ର ବେହେରା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି କୁନ୍ଦନ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ମଞ୍ଜୁଲତା ସାହୁ, ସଭ୍ୟ ସନ୍ତୋଷ କୁମାର ଦାସ, ଶେଷଦେବ ବେହେରା, କୁଲାଡ଼ ସରପଞ୍ଚ ଶେଷଦେବ ଦେହୁରୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ମନୋରମା ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ମୋଟ୍ ୬ଟି ଷ୍ଟଲ ଚକ୍ଷୁ, କର୍ଣ୍ଣ, ନାଶା, ଗଳା, ମାନସିକ ରୋଗ, ଶିଶୁ ଓ ଆଶୁ ଚିକିତ୍ସା ବିଭାଗ ଖୋଲାଯାଇଥିଲା। ବ୍ଲକର ୩୫ଟି ପଞ୍ଚାୟତରୁ ବହୁ ଭିନ୍ନକ୍ଷମ ଏହି ଶିବିରରେ ଯୋଗ ଦେଇଥିଲେ। ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଭିନ୍ନକ୍ଷମମାନଙ୍କୁ ଚୟନ କରାଯାଇଥିଲା। ତେବେ ଏହି ଶିବିରରେ ବ୍ୟାପକ ଅବ୍ୟବସ୍ଥା ଦେଖାଯାଇଥିଲା। ସକାଳ ୮ଟାରେ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହିବା ପାଇଁ ସମସ୍ତ ଭିନ୍ନକ୍ଷମମାନଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀଙ୍କ ଠାରୁ ଆରମ୍ଭ କରି ପଞ୍ଚାୟତ କର୍ମଚାରୀମାନେ ଲୋକମାନଙ୍କୁ ଏ ନେଇ ଅବଗତ କରିଥିଲେ। ଫଳରେ ସକାଳୁ ବହୁ ଭିନ୍ନକ୍ଷମ ଆସି ଶିବିରରେ ଭିଡ଼ ଲଗାଇଥିଲେ। ହେଲେ ପ୍ରାୟ ଅଢ଼େଇ ଘଣ୍ଟା ବିଳମ୍ବରେ ଶିବିର ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ କୌଣସି ଡାକ୍ତରଙ୍କ ଦେଖା ନ ଥିଲା। ଏଥିଯୋଗୁ ଭୋକ ଉପାସ ଓ ଖରାରେ ଅପେକ୍ଷା କରିଥିବା ବହୁ ଭିନ୍ନକ୍ଷମ ପାନୀୟ ଜଳ ଠାରୁ ଆରମ୍ଭ କରି ବିଶ୍ରାମ ନେବା ପାଇଁ କୌଣସି ସୁବିଧା ନ ପାଇ ହଇରାଣ ହରକତ ହୋଇଥିଲେ। ତଳମୂଳ ଶାସନର ପ୍ରମିଳା ବେହେରା କହିଛନ୍ତି, ମାନସିକ ରୋଗୀ ପୁଅକୁ ଧରି ସକାଳ ୭ଟାରୁ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲି। କିନ୍ତୁ ୧୦ଟା ୩୦ ପର୍ଯ୍ୟନ୍ତ ଡାକ୍ତର ନ ଆସିବାରୁ ଅସୁବିଧାର ସମ୍ମୁଖୀନ ହୋଇଥିଲି। ସେହିପରି ମଞ୍ଜୁଲତା ବେହେରା କହିଛନ୍ତି, ଭୋକଉପାସରେ ଆମେ ଆସିଥିଲେ ମଧ ଡାକ୍ତରଙ୍କୁ ନ ପାଇ ଦୀର୍ଘ ସମୟ ଅପେକ୍ଷା କରିଥିଲୁ। ବଳରାମ ପ୍ରସାଦର ଅନିତା ସାହୁ କୁହନ୍ତି, ଶିଶୁ ବିଭାଗରେ ଝିଅକୁ ଦେଖାଇବା ପାଇଁ ସକାଳ ୭ଟାରୁ ଶିବିରକୁ ଆସିଥିଲି। ମାତ୍ର ଡାକ୍ତରଙ୍କ ବିଳମ୍ବ ଯୋଗୁ ବହୁ ସମସ୍ୟା ଭୋଗିଲୁ। ଏ ସମ୍ପର୍କରେ ବଅଁରପାଳ ସାମାଜିକ ଶିକ୍ଷା ସଙ୍ଗଠକ ଯୁବରାଜ ସାହୁ କହିଛନ୍ତି, ଲୋକମାନଙ୍କୁ ଠିକ୍ ସମୟରେ ପଞ୍ଜୀକରଣ କରିବା ପୂର୍ବରୁ ଡକାଯାଇଥିଲା। ସେଭଳି ଅବ୍ୟବସ୍ଥା ହୋଇନାହିଁ।

■ଅନୁଗୋଳ କଲେଜରେ ପ୍ରଥମ ସେମିଷ୍ଟର ଫଳ ବାହାରି ନ ଥିବା ଘଟଣା

## ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କଲେ ଅନୁଗୋଳ ବାସିନ୍ଦା

ଅନୁଗୋଳ ଅଫିସ, ୨୮।୯

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୫ମ ସେମିଷ୍ଟାର ପରୀକ୍ଷା ଚାଲିଥିଲେ ବି ଏଯାଏ ପ୍ରଥମ ସେମିଷ୍ଟର ଫଳ ପ୍ରକାଶ ପାଇନାହିଁ। ଏପରି ବିଚିତ୍ର ସ୍ଥିତି ସମ୍ପର୍କରେ ଶୁକ୍ରବାର 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ଅନୁଗୋଳ ସୂଚନା ଅଧିକାରୀ କର୍ମୀ ଦେବରଞ୍ଜନ ସାମଲ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରିଛନ୍ତି। ସେ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଉଚ୍ଚ ଶିକ୍ଷା ବିଭାଗ କାହିଁକି ମହାବିଦ୍ୟାଳୟର ଏପରି ଖାମଖିଆଲି ମନୋଭାବକୁ ଗୁରୁତ୍ୱର ସହ ନେଉନାହିଁ। ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ସୁଧାରିବା ପାଇଁ ସେ ଗୁହାରି କରିଛନ୍ତି। ଏଥିପ୍ରତି ମୁଖ୍ୟମନ୍ତ୍ରୀ କିମ୍ବା ଉଚ୍ଚଶିକ୍ଷା ବିଭାଗ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପରିସ୍ଥିତି ଉପୁଜିବ ବୋଲି ମଧ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗୋଟିଏ ପରେ ଗୋଟିଏ ସେମିଷ୍ଟାର ପରୀକ୍ଷା କରାଯାଉଥିଲେ ବି ଆଦୌ ଫଳ ପ୍ରକାଶ ପାଉନାହିଁ।




ମୁଖ୍ୟମନ୍ତ୍ରୀଙ୍କୁ କରାଯାଇଥିବା ଟୁଇଟ୍।

## ଉତ୍ତେଜନା, ଡିଏଫ୍‌ଓଙ୍କୁ ଘେରାଉ



ଗ୍ରାମବାସୀ ଡିଏଫ୍‌ଓଙ୍କୁ ଘେରାଉ କରିଛନ୍ତି।

ବଇଣ୍ଡା,୨୮।୯(ଡି.ଏନ.ଏ.)

ସାତକୋଶିଆ ଛାଡ଼ି ଧଣ୍ଡାତୋପା ଓ ଆଠମଲ୍ଲିକ ରେଞ୍ଜରେ ସୁନ୍ଦରୀ କିଛିଦିନ ହେଲା ଆତଙ୍କ ସୃଷ୍ଟି କରିଛି। ଜଙ୍ଗଲ ନିକଟ ବିଭିନ୍ନ ଗ୍ରାମକୁ ପଶି ଗୋରୁଙ୍କୁ ଆକ୍ରମଣ କରୁଛି। ଶୁକ୍ରବାର ତରଣ୍ଡା ଗ୍ରାମରେ ସୁନ୍ଦରୀ ଥିବା ଜଣାପଡ଼ିବା ପରେ ବି ତାହାକୁ କାବୁ କରିବାରେ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ୍ ବିଫଳ ହୋଇଥିଲା। ଏହାକୁ ନେଇ ତରଣ୍ଡା ଓ ବିପ୍ରଡିହ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଏକଜୁଟ୍ ହୋଇ ଠେଙ୍ଗା ଧରି ଗାଁ ସାରା ପଇନ୍ତରା ମାରୁଥିବାବେଳେ ସୁନ୍ଦରୀକୁ ଧରିବାକୁ ଯାଇଥିବା ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରା, ଏସିଏଫ ରାଜେନ୍ଦ୍ର ଗୋଛାୟତ, ରେଞ୍ଜର ରାହାସ ସାହୁଙ୍କୁ ୨ ଘଣ୍ଟା ଧରି ଘେରାଉ କରିଥିଲେ। ଗ୍ରାମବାସୀ କହିଛନ୍ତି, ୧୫ ଦିନ ହେବ ବାଘୁଣୀ ସାତକୋଶିଆରୁ ଆଠମଲ୍ଲିକ ବନଖଣ୍ଡକୁ ପଳାଇ ଆସିଛି। ପ୍ରଥମେ ବିପ୍ରଡ଼ିହ ଗ୍ରାମରୁ ୨ଗାଈ ଓ ଗୋଟିଏ ବାଛୁରୀ ଖାଇଥିବାବେଳେ ଗୋଟିଏ ଗାଈ ଗୁରୁତର ହୋଇଛି। ବାରମ୍ବାର 'ସୁନ୍ଦରୀ' ଗ୍ରାମାଭିମୁଖୀ ହେଉଥିଲେ ମଧ ବନବିଭାଗ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନାହିଁ। ଏ ନେଇ ହଣ୍ଡାତୋପା ରେଞ୍ଜର ରାହାସ ସାହୁ କହିଛନ୍ତି, ବାଘୁଣୀ ତରଣ୍ଡା ଓ ବିପ୍ରଡ଼ିହ ଜଙ୍ଗଲରେ ବୁଲୁଛି। ତାକୁ ସାତକୋଶିଆ ଅଞ୍ଚଳକୁ ଘଉଡ଼ାଇବା ପାଇଁ ଜୋରଦାର ଉଦ୍ୟମ ହେଉଛି।

## ସହଯୋଗ ଲୋଡ଼ିଲେ, ସଚେତନ କଲେ



ବନ୍ତଳା,୨୮।୯(ଡି.ଏନ.ଏ.)

ବାଘୁଣୀ ଥିବା ଖବରପାଇ ତରଣ୍ଡା ଗ୍ରାମରେ ପହଞ୍ଚିଥିବା ଡବ୍ଲ୍ୟୁଆଇଆଇ, କାହ୍ନା ଜାତୀୟ ବ୍ୟାଘ୍ର ପ୍ରକଳ୍ପ ଓ ସାତକୋଶିଆ ଟିମ୍‌ର ବିଶେଷଜ୍ଞମାନେ ଗ୍ରାମବାସୀଙ୍କୁ ବାଘ ସମ୍ପର୍କରେ ସଚେତନ କରୁଥିବା ଦେଖାଯାଇଥିଲା। ବିଶେଷଜ୍ଞମାନେ କହିଥିଲେ ଯେ, ବାଘ ବଞ୍ଚିଲେ ଗାଁର ବିକାଶ ହେବା ସହିତ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ଏଥିଯୋଗୁ ଲୋକଙ୍କ ଭଲ ରୋଜଗାର ମଧ ହେବ। କେନ୍ଦ୍ର ସରକାରଙ୍କ ନିକଟରୁ ଗ୍ରାମବାସୀଙ୍କ ବିକାଶ ନିମନ୍ତେ ବହୁ ଅନୁଦାନ ଆସିବ। ଗ୍ରାମ କମିଟି ମାଧମରେ ଅର୍ଥ ଖର୍ଚ୍ଚ କରାଯିବ। କୌଣସି ସମସ୍ୟା ଆସିଲେ ବନଖଣ୍ଡ ଅଧିକାରୀଙ୍କ ଦୃଷ୍ଟିକୁ ଆଣି ତାହାର ସମାଧାନ ଗ୍ରାମବାସୀ କରିପାରିବେ। କାହ୍ନା, ପାନ୍ନା, ବାନ୍ଧବଗଡ଼ରେ ବାଘ ସହିତ ଲୋକମାନଙ୍କ କିପରି ଉତ୍ତମ ସମ୍ପର୍କ ରହିଛି ଓ ଏଥିଯୋଗୁ ସେମାନଙ୍କ ରୋଜଗାର କେମିତି ବଢ଼ିଛି ତାହା ଜଣାଇବା ପାଇଁ ସାତକୋଶିଆବାସୀଙ୍କୁ ସେଠାକୁ ବୁଲାଇବାକୁ ନିଆଯିବାର ଯୋଜନା ରହିଛି। ତଥାପି ଜଙ୍ଗଲ ଭିତରେ ଥିବା କୌଣସି ଗ୍ରାମବାସୀ ଚାହିଁଲେ ସେମାନଙ୍କୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇ ସରକାରଙ୍କ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏଥିରେ ଡବ୍ଲ୍ୟୁଆଇଆଇ, ଏନ୍‌ଟିସିଏ, କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସହଯୋଗ କରିବେ। ବାଘ ଶତ୍ରୁ ନୁହେଁ। ବାଘ ରହିଲେ ପରିବେଶ ସନ୍ତୁଳନ ରହିବ। ହରିଣ, ବାରହା ଆଦିଙ୍କ ବଂଶବୃଦ୍ଧି ଯୋଗୁ ଆଉ ଫସଲ କ୍ଷତି ହେବ ନାହିଁ। ତେଣୁ ଲୋକମାନଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି ଡବ୍ଲ୍ୟୁଆଇଆଇର ବରିଷ୍ଠ ବୈଜ୍ଞାନିକ ଡ. କେ. ରମେଶ ପ୍ରକାଶ କରିଛନ୍ତି।

# ଯୋଡ଼ିହେବ ଜନ୍ତାରିବୋଲ-ଡୁବୁରି



ପ୍ରତିନିଧି

■ସ୍ଥିତି ପରଖିଲା ପୂର୍ତ୍ତ ବିଭାଗ ହାଇପାୱାର କମିଟି
■୫୨କିମି ରାସ୍ତା ଲାଗି ଖର୍ଚ୍ଚ ହେବ ୮୦କୋଟି
■କମିବ ୧୦କିମି ଦୂରତା,ଉପକୃତ ହେବ ୩ ଜିଲା

କାମାକ୍ଷାନଗର, ୨୮।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଦେଇ ଯାଇଥିବା ରେଙ୍ଗାଳି ବାମ କେନାଲ ରାସ୍ତାର ଜନ୍ତାରିବୋଲଠାରୁ ଡୁବୁରି ଯାଏ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କରିବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୂର୍ତ୍ତ ବିଭାଗର ହାଇ ପାୱାର କମିଟି ଆସି ଢେଙ୍କାନାଳ ଓ ଯାଜପୁର ଜିଲାରେ ରାସ୍ତା ତିଆରି ହେବାକୁ ଥିବା କ୍ଷେତ୍ର ପରିଦର୍ଶନ କରିଛନ୍ତି।

୫୨କିମି ବିଶିଷ୍ଟ ଉକ୍ତ ରାସ୍ତା ନିର୍ମାଣ ଲାଗି ୮୦ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଉକ୍ତ ରାସ୍ତା ନିର୍ମାଣ ହେଲେ ଜାତୀୟ ରାଜପଥରେ କାମାକ୍ଷାନଗରଠାରୁ ଡୁବୁରି ଯାଏ ୧୦ କିମି ଦୂରତା କମିଯିବ। କାମାକ୍ଷାନଗର, କଙ୍କଡ଼ାହାଡ଼, ଭୁବନ, ସୁକିନ୍ଦା ବ୍ଲକର ବାଣିଜ୍ୟିକ, ଅର୍ଥନୈତିକ ବିକାଶ ହେବ। ୩୬ରୁ ଉର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ଉପକୃତ ହେବେ। ଏଥିସହ ବୀରାଶାଳରେ ଥିବା ବିମାନ ଅବତରଣ କେନ୍ଦ୍ର ପାଇଁ ଏହା ପ୍ରମୁଖ ରାସ୍ତା ଭାବେ ବ୍ୟବହୃତ ହେବ। ଭବିଷ୍ୟତରେ ଏହାର ଉନ୍ନତିକରଣ କରାଗଲେ ଢେଙ୍କାନାଳ, ଯାଜପୁର, କେନ୍ଦୁଝର ଜିଲାକୁ ଯାତାୟାତ ଆହୁରି ସୁଗମ ହେବ। ରାସ୍ତାର ସୁଫଳ ସମ୍ପୃକ୍ତ ୩ ଜିଲାବାସୀ ପାଇପାରିବେ ବୋଲି କମିଟି ସଦସ୍ୟ କହିଛନ୍ତି।

ଢେଙ୍କାନାଳ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ମନୋରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ମୁଖ୍ୟଯନ୍ତ୍ରୀ ଇଂ. ରଶ୍ମିରଞ୍ଜନ ବହିଦାର, କଟକ ନିର୍ବାହୀ ଯନ୍ତ୍ରୀ ଇଂ. ବିମଳ ଦାଶ, ଯାଜପୁର ନିର୍ବାହୀ ଯନ୍ତ୍ରୀ ଇଂ. ତାରାପ୍ରସାଦ ମିଶ୍ର, ପାଣିକୋଇଲି ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ମନୋଜ ମହାପାତ୍ର, କାମାକ୍ଷାନଗର ସହକାରୀ ଯନ୍ତ୍ରୀ ପ୍ରତାପ ହରିପାଲ, ସହକାରୀ ଯନ୍ତ୍ରୀ ଇଂ. ନିରଞ୍ଜନ ସ୍ୱାଇଁ, ନିବେଶ ମାଝି, ଦୀପ୍ତିମୋହନ ମଲ୍ଲିକ, କମିଟିର ସହପରାମର୍ଶଦାତା ୟୁଜେନ୍ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍‌ର ଇଂ. ଗୟାଧର ସାହୁ ଉପସ୍ଥିତ ଥିଲେ।


ଧରିତ୍ରୀ DHARITRI **CAREER APPOINTMENT**
every Wednesday & Saturday

Gym Trainer, Aerobic Jumba & modern Dance Teacher, Manager, Receptionist, Farm house care taker, Driver required at Bhubaneswar.
Contact: 8249630985

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
ବାଇକ ଚାଳକ ପାଇଁ ଚାକିରି
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ଆବଶ୍ୟକ
ଭୁବନେଶ୍ୱର ରେ ଏକ ଘରୋଇ ଗାଡି ଚଳାଇବା ପାଇଁ ଡ୍ରାଇଭର ଆବଶ୍ୟକ, ରହିବା ଓ ଖାଇବା ପାଇଁ ସୁବିଧା ଅଛି।
ଦରମା - ୮୦୦୦ ରୁ ୯୦୦୦
ଯୋଗାଯୋଗ - 9937281776
Printonix, Room No : 02/58, 1st Floor, P.D Market, CRP Square, Bhubaneswar-12

WALK IN INTERVIEW
A reputed jewellery showroom requires experienced/ fresher personnel:
Sales Executive (10 no.s): Male
House Keeping (2 no.s) :
Driver (2 no.s) :
Walk in Dt: 29th Sept to 4th Oct.'18
HINDUSTAN JEWELLERS
H.O.: 15, Bomikhal, CTC Road, BBSR. Ph.:0674-2573191,7978065794

ଚେନ୍ନାଇରେ ଚାକିରି / ହିନ୍ଦୀ କହିପାରୁଥିବେ / ଫ୍ରେଶର୍ ହୋଇ ନ ଥିବେ/ ହୋମ୍ ଆସିଷ୍ଟାଣ୍ଟ/ ଘର ସଫେଇୱାଲା/ ଗ୍ରାଜୁଏଟ୍ ଇଂଲିଶ୍ କହିପାରୁଥିବା ଅଫିସ୍ ଆସିଷ୍ଟାଣ୍ଟ/ ବ୍ୟକ୍ତିଗତ ସେବକ/ କାର ଡ୍ରାଇଭର/ ପର୍ସନାଲ ଆସିଷ୍ଟାଣ୍ଟ/ ହେଲ୍‌ପର/ ଭଲ ଦରମା ।
ଯୋଗାଯୋଗ: ଅଗରୱାଲ, ଏଫ୍‌ଏଫ୍‌ଏଫ୍ ଲି.,
9884761210

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ । ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/- । ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର । ରହିବା + ଖାଇବା + ବୀମା
CONSULTANT
09319634873

ଫ୍ୟାନ୍ ଓ ମୋଟର ୱାଇଣ୍ଡିଙ୍ଗ କାମ ଜାଣିଥିବା ୱାଇଣ୍ଡର ଆବଶ୍ୟକ। ଭୁବନେଶ୍ୱର।
8328881723

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

ଗ୍ରାମୀଣ ବ୍ଲକରେ ସୁପରଭାଇଜର ପାଇଁ ୪୫୦ ମହିଳା ଓ ୭୫୦ ପୁରୁଷ ଆବଶ୍ୟକ। +୨ ପାସ୍, ଦରମା: ୨୯୭୦୦/-, ମାର୍କଲିଷ୍ଟ, ଆଧାରକାର୍ଡ, ବାୟୋଡାଟା ପଠାନ୍ତୁ।
୦୯୫୯୮୩୦୧୨୭୭

Birla TMT Odisha
REQUIRES
SENIOR OFFICE ASSISTANT (FEMALE)
For Bhubaneswar (Pahala) Office.
Qualification: Graduate/MBA/B.Tech,
e-mail: easternsteelco.birla@gmail.com
WhatsApp: 9090333000

APPOINTMENT
VIGEN INDIA Requied Smart Boys and Girls Candidates for Office Job. Age: 18 to 28. Edu: 10th to Graduate.
➢ For Lewis Road Candidates: 8249082502
➢ For Sastri Nagar Candidates: 9348916882
Fully Office Job. Fix Salary + Incentives. Contact within 4 days.

URGENT REQUIRED
A renowned financial institution required Experience & Fresher Collection Executives in BHUBANESWAR, CUTTACK & PURI. Any interested candidate can call
M-8249100064 Or Email-manasnayak06@gmail.com

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

EPSON EXCEED YOUR VISION Walk-In-Interview for Field Engineers
TECHNICIAN (Fresher) : Qual-ITI (Electrical/Electronics), Salary will be fixed after 3 months training with a stipend of ₹ 3000/-* per month. INDOOR LADIES ENGINEER, Qual-Dip./ITI EXPERIENCED TECHNICIAN : Qual-ITI (Electrical/Electronics), Experience in Ink-Jet & Dot-Matrix Printer, Projector, Scanner. Salary starting from 6,000/-*, CO-ORDINATOR, Qual-Graduation
Interview on : 05.10.18 & 06.10.18 (10 AM to 02 PM)
MICRONIX SERVICES PVT. LTD.
A/8, Saheed Nagar, Bhubaneswar, Ph : 0674-2549941

A diversified group having interest in mining, logistics requires:
SENIOR SAFETY OFFICER
Location : Kalinga Nagar, Orissa
Candidates should have Diploma in Industrial Safety from a recognized institution and at least 8 – 10 years experience in a reputed organization, knowledge of Oriya essential.
Apply : hrkol@ircl.in

SMD TECHNOLOGIES
(NSDC Partner)
invites job application from Graduates for teaching up to Class VIII/X in Kakatpur, Bhubaneswar and Project Coordinator.
Send Resume to:
hr@smdtech.co.in /
Ph: (033) 2590- 7788

Wanted following Staffs for our office around Cuttack.
• ACCOUNTANT
• SUPERVISORS
• CAR DRIVERS
Only Male: CONTACT:
9437496020
7381075901

ସ୍ଥାୟୀ ନିଯୁକ୍ତି
ଭାରତ ସରକାରଙ୍କ NSDL ର PAN, TAN, GST, NPS ଓ Micro Credit କାର୍ଯ୍ୟ ନିମନ୍ତେ ନିମ୍ନ ପଦବୀ ପାଇଁ ବ୍ଲକସ୍ତରୀୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| | Post | Qualification | Salary |
|---|---|---|---|
| (1) | JUNIOR B.C | 10th Pass | 7300/- |
| (2) | INSPECTOR CUM A.O. | +2 or Above | 11000/- |

ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ସେମାନଙ୍କର Biodata ସହ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ
ADDRESS-1
Plot No: 355, Sishupalgarh, BBSR
Ph. No: 9776934602
ADDRESS-2
Forest Colony, Gandhinagar, Koraput
Ph. No: 9438767252, 8637288711

See CAREER APPOINTMENT
on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

Dollar 72.48 (11) | Sensex 97.03 36,227.14 | Nifty 47.10 10,930.45 | Gold ₹250 31,300.00 | Silver ₹450 38,000.00

> ଏସିଆ ଓ ୟୁରୋପ ମଧ୍ୟରେ ଏକ ଟ୍ରାନ୍ସପୋର୍ଟ କରିଡର ନିର୍ମାଣ ଲାଗି ଭାରତ କାର୍ଯ୍ୟକରୁଛି। ଏ ଦିଗରେ ଉଜ୍‌ବେକିସ୍ତାନ ଏକ ଟ୍ରାଞ୍ଜିଟ ପଏଣ୍ଟ ଭାବରେ କାର୍ଯ୍ୟ କରିବ।
> – ସୁରେଶ ପ୍ରଭୁ, ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ



> ଅନାଦାୟ ଋଣ ପରିମାଣ ବୃଦ୍ଧି ପାଉଥିବାରୁ ଷ୍ଟେଟ ବ୍ୟାଙ୍କ ନିବେଶ କରିବା ପୂର୍ବରୁ ସମ୍ଭାବ୍ୟ କ୍ଷେତ୍ରର ସମୀକ୍ଷା କରିବ। ଏଥିପାଇଁ ଏକ ସ୍ୱତନ୍ତ୍ର ମଧ୍ୟବର୍ତ୍ତୀ ସମୀକ୍ଷା ବ୍ୟବସ୍ଥା ଗଠନ କରାଯାଇଛି।
> – ଦିନେଶ ଖାରା, ମ୍ୟାନେଜିଂ ଡାଇରେକ୍ଟର, ଏସ୍‌ବିଆଇ



## ସଂକ୍ଷେପରେ

### ୭୦ ହଜାର କୋଟି କମ୍ ଋଣ ନେବେ ସରକାର

**ନୂଆଦିଲ୍ଲୀ,୨୮-୯:** ଦେଶର ନଗଦ ସଙ୍କଟକୁ ହ୍ରାସ କରିବା ଲାଗି କେନ୍ଦ୍ର ସରକାର ଏବେ ଋଣ ନେବାର ଯୋଜନା ବଦଳାଇ ଦେଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ସରକାର ବଜାରରୁ ୭୦ ହଜାର କୋଟି ଟଙ୍କା କମ୍ ଋଣ ନେବେ ବୋଲି ଅର୍ଥନୈତିକ ବ୍ୟାପାର ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଶୁକ୍ରବାର ସୂଚନା ଦେଇଛନ୍ତି। ସରକାରଙ୍କ ବିତ୍ତୀୟ ଗଣିତ ଠିକ୍‌ଠାକ ଚାଲିଛି। ଚଳିତ ଆର୍ଥିକ ବର୍ଷରେ ବିତ୍ତୀୟ ନିଅଣ୍ଟକୁ ଜିଡିପିର ୩.୩%ରେ ରଖିବା ସମ୍ଭବ ହେବ ବୋଲି ସରକାରଙ୍କ ଆଶା ରହିଥିବା ସେ କହିଛନ୍ତି। ଋଣ ଉଠାଇବା ବଦଳରେ ସରକାର ସ୍ୱଳ୍ପ ସଞ୍ଚୟ ଯୋଜନାରେ ଜମା ଥିବା ଟଙ୍କାକୁ କାର୍ଯ୍ୟରେ ଲଗାଇବେ ବୋଲି ଗର୍ଗ କହିଛନ୍ତି। ସେ କହିଛନ୍ତି ଯେ, ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ପ୍ରଥମଥର ମୁଦ୍ରାସ୍ଫୀତି ସୂଚକାଙ୍କ ବଣ୍ଡ୍ ଜାରି କରାଯିବ। ଟ୍ରେଜେରି ବିଲ୍ ୧୭ହଜାର କୋଟି ଟଙ୍କା ମଧ୍ୟରେ ରଖାଯିବ। ଏଥିରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ନଭେମ୍ବରରୁ ସରକାର ପ୍ରତି ସପ୍ତାହରେ ଗିଲ୍ଟସ ଜରିଆରେ ୧୨ ହଜାର କୋଟି ଟଙ୍କାର ଋଣ ନେବେ ବୋଲି ଗର୍ଗ ସ୍ପଷ୍ଟ କରିଛନ୍ତି।

### ବନ୍ଧନ ବ୍ୟାଙ୍କ ଉପରେ କଟକଣା

#### ସିଇଓଙ୍କ ବେତନ ବନ୍ଦ, ନୂଆ ଶାଖା ଖୋଲିପାରିବେନି

**ନୂଆଦିଲ୍ଲୀ,୨୮-୯:** ୟେସ ବ୍ୟାଙ୍କ ପ୍ରତିଷ୍ଠାତା ତଥା ସିଇଓ ରାଣା କପୁରଙ୍କ କାର୍ଯ୍ୟକାଳ ହ୍ରାସ କରିବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଏବେ ବନ୍ଧନ ବ୍ୟାଙ୍କ ଉପରେ କଟକଣା ଜାରି କରିଛନ୍ତି। ବ୍ୟାଙ୍କ ସିଇଓ ଚନ୍ଦ୍ର ଶେଖର ଘୋଷଙ୍କ ବେତନକୁ ରୋକାଯାଇଥିବା ବେଳେ ଉକ୍ତ ବ୍ୟାଙ୍କ ଆଉ କୌଣସି ନୂଆ ଶାଖା ଖୋଲିପାରିବ ନାହିଁ। ଲାଇସେନ୍ସ ସର୍ତ୍ତ ଅନୁଯାୟୀ ବନ୍ଧନ ବ୍ୟାଙ୍କ ଅଣ କାର୍ଯ୍ୟକାରୀ ଆର୍ଥିକ ହୋଲ୍ଡିଂ କମ୍ପାନୀଙ୍କ ଶେୟାରକୁ ୪୦%କୁ ହ୍ରାସ କରିବାରେ ବିଫଳ ହୋଇଛି। ତେବେ ରିଜର୍ଭ ବ୍ୟାଙ୍କର ଅନୁମତି ନେଇ ଏହା ନୂଆ ଶାଖା ଖୋଲିପାରିବ। ଶେୟାରଧାରକ ସର୍ତ୍ତ କିପରି ଲାଗୁ କରାଯାଇପାରିବ ସେନେଇ ବନ୍ଧନ ବ୍ୟାଙ୍କ ଆଗାମୀ ଦିନରେ ଆର୍‌ବିଆଇ ସହ କାର୍ଯ୍ୟ କରିବ।

### ଟେସ୍‌ଲାରୁ ବିଦା ହେବେ ଏଲନ ମସ୍କ

**ନ୍ୟୁୟର୍କ/ସାନଫ୍ରାନ୍ସିସ୍‌କୋ,୨୮-୯:** ବିଶ୍ୱର ଅନ୍ୟତମ ବିଖ୍ୟାତ କମ୍ପାନୀ ଟେସ୍‌ଲାର ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲନ ମସ୍କ ମିଛ କହିବା ସହ ଦୁର୍ନୀତି କରିଛନ୍ତି ବୋଲି ଅଭିଯୋଗ କରି ୟୁଏସ ରେଗୁଲେଟରଙ୍କ ପକ୍ଷରୁ ଅଦାଲତରେ ମାମଲା ଦାଏର କରାଯାଇଛି। ତାଙ୍କୁ ଏହି କମ୍ପାନୀରୁ ବିଦା କରାଯିବାକୁ ଆବେଦନରେ ଦର୍ଶାଯାଇଛି। ଗତ ମାସରେ ଟେସ୍‌ଲା କମ୍ପାନୀକୁ ପ୍ରାଇଭେଟ କରିବା ନେଇ ମସ୍କ ଯେଉଁ ଟୁଇଟ୍ କରିଥିଲେ ତାହା ମିଥ୍ୟା ଓ ବିପଥଗାମୀ ବୋଲି ଦର୍ଶାଇ ସରକାରୀ ପ୍ରତିଭୂତି ନିୟାମକ(ଗଭର୍ନମେଣ୍ଟ ସିକ୍ୟୁରିଟି ରେଗୁଲେଟର୍ସ) ତାଙ୍କୁ କମ୍ପାନୀରୁ ହଟାଇ ଦେବାକୁ ସ୍ଥିର କରିଛନ୍ତି। ରେଗୁଲେଟରଙ୍କ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି ଯେ, ଟେସ୍‌ଲାକୁ ପ୍ରାଇଭେଟ କରିବା ପାଇଁ ପାଣ୍ଠି ବ୍ୟବସ୍ଥା କରିବା ଲାଗି ଅଗଷ୍ଟ ୭ରେ ମସ୍କ ଟୁଇଟରରେ ମିଛ ବୟାନ ଦେଇଥିଲେ। ଅନ୍ୟପକ୍ଷରେ ସେ କିଛି ଭୁଲ୍ କରିନାହାନ୍ତି ବୋଲି ମସ୍କ କହିଛନ୍ତି।

## ଆଇଏଲ୍‌ଆଣ୍ଡଏଫଏସ୍ ସଙ୍କଟର ପ୍ରଭାବ

# ୧୫୦୦ ଏନ୍‌ବିଏଫ୍‌ସିଙ୍କ ମୁଣ୍ଡରେ ଝୁଲୁଛି ଖଣ୍ଡା

**ନୂଆଦିଲ୍ଲୀ,୨୮-୯**

- ବାତିଲ ହୋଇପାରେ ଲାଇସେନ୍ସ
- ୧୧,୪୦୦ ଏନବିଏଫସିଙ୍କ ଉପରେ ସନ୍ଦେହ
- ବ୍ୟାଙ୍କ ତୁଳନାରେ ସେମାନଙ୍କ ଋଣ ପ୍ରଦାନ ଦୁଇଗୁଣରୁ ଅଧିକ





ଦେଶର ଅର୍ଥନୀତି ଏବେ ଅସ୍ଥିରତା ଦେଇ ଗତି କରୁଥିବାବେଳେ ଇନଫ୍ରାଷ୍ଟ୍ରକ୍ଚର ଫାଇନାନ୍ସିଂ ଆଣ୍ଡ ଲିଜିଂ ସର୍ଭିସେସ ଲିଃ (ଆଇଏଲ୍‌ଆଣ୍ଡଏଫ୍‌ଏସ୍) ମୁଣ୍ଡବ୍ୟଥାର କାରଣ ସାଜିଛି। ଏହି ଆର୍ଥିକ ସଂସ୍ଥା ଏବେ ୯୧ ହଜାର କୋଟି ଟଙ୍କାର ଋଣ ଜାଲରେ ଛନ୍ଦି ହୋଇଯାଇଛି। ଏହି କାରଣରୁ ପର୍ଯ୍ୟାପ୍ତ ପୁଞ୍ଜିର ଅଭାବ ଦର୍ଶାଇ ରିଜର୍ଭ ବ୍ୟାଙ୍କ ଛୋଟ ବଡ଼ ୧୫୦୦ ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା(ଏନ୍‌ବିଏଫ୍‌ସି)ର ଲାଇସେନ୍ସ ବାତିଲ କରିପାରନ୍ତି। ଏହାଛଡା ଆଗାମୀ ଦିନରେ ଏନ୍‌ବିଏଫସି ଖୋଲିବା ମଧ୍ୟ କଷ୍ଟକର ହୋଇଯିବ। କାରଣ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆର୍‌ବିଆଇ) ଏନ୍‌ବିଏଫସିଙ୍କ ଲାଗି ନିୟମ କଡାକଡି କରିବା ଆରମ୍ଭ କରିଛନ୍ତି।

ଗତ ଶୁକ୍ରବାର ଏକ ବଡ଼ ଫଣ୍ଡ ମ୍ୟାନେଜର ଗୃହ ଋଣ ପ୍ରଦାନକାରୀ କମ୍ପାନୀ ଦିୱାନ ହାଉସିଂ ଫାଇନାନ୍ସର ସ୍ୱଳ୍ପ ମିଆଦୀ ବଣ୍ଡ୍‌କୁ ବଡ଼ ଡିସକାଉଣ୍ଟରେ ବିକ୍ରି କରିଥିଲା। ଫଳରେ ଦେଶରେ ବଡ଼ ଧରଣର ନଗଦ ସଙ୍କଟ ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆର୍‌ବିଆଇର ପୂର୍ବତନ ଡେପୁଟୀ ଗଭର୍ନର ତଥା ବନ୍ଧନ ବ୍ୟାଙ୍କ ଲିଃର ନନ୍ ଏକଜିକ୍ୟୁଟିଭ ଅଧ୍ୟକ୍ଷ ହାରୁନ ରସିଦ ଖାନ କହିଛନ୍ତି ଯେ, ବିଭିନ୍ନ ଘଟଣାରୁ ପର୍ଦା ଉଠୁଥିବାରୁ ଅର୍ଥନୀତି ପାଇଁ ଚିନ୍ତା କରିବାର ବେଳ ଆସିଛି। ଆଗାମୀ ଦିନରେ ଦେଶରେ ନଗଦ ସଙ୍କଟ ଅତି ଉତ୍କଟ ହେବ ବୋଲି ମନେକରାଯାଉଛି। ସେ କହିଛନ୍ତି ଯେ, ଅନେକ ଏନବିଏଫସିର କାର୍ଯ୍ୟକଳାପ ଦୀର୍ଘକାଳୀନ ହୋଇଥିବା ବେଳେ ସେମାନେ ସ୍ୱଳ୍ପମିଆଦୀ ଋଣ ନେଇଛନ୍ତି, ଏଇଟା ହିଁ ଚିନ୍ତାରେ ପକାଇଛି। ଏନବିଏଫସିଙ୍କୁ ଆସେଟ-ଲାଏବିଲିଟି ମିସମ୍ୟାଚ୍ (ପୁଞ୍ଜି ଓ ଋଣରେ ଥିବା ବ୍ୟବଧାନ) ଉପରେ ଧ୍ୟାନ ଦେବାକୁ ହେବ। ଏଭଳି ସ୍ଥିତିରେ ଗ୍ରାମ ଓ ଅର୍ଦ୍ଧସହରାଞ୍ଚଳରେ ଋଣ ଦେଇଥିବା ସମସ୍ତ ଛୋଟ ବଡ଼ ଏନବିଏଫସି ଉପରେ ରିଜର୍ଭ ବ୍ୟାଙ୍କର ନଜର ପଡିଛି। ଏବେ ମୋଟ ୨୨.୧ ଲକ୍ଷ କୋଟି ଟଙ୍କାର ବାଲାନ୍ସଶିଟ୍ ରହିଥିବା ୧୧,୪୦୦ ଏନବିଏଫସିଙ୍କ କାର୍ଯ୍ୟକଳାପ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଏମାନଙ୍କ ଉପରେ ଆଇନଗତ ନିୟନ୍ତ୍ରଣ ନ ଥିବା ଜଣାପଡୁଛି। ବ୍ୟାଙ୍କ ତୁଳନାରେ ସେମାନେ ଦୁଇଗୁଣରୁ ଅଧିକ ଋଣ ପ୍ରଦାନ କରିଛନ୍ତି। ଏହିସବୁ କମ୍ପାନୀରେ ଦୈନିକ ନୂଆ ଡାଇରେକ୍ଟର ନିଯୁକ୍ତ ହେଉଛନ୍ତି। ସେମାନଙ୍କୁ ଆଇଏଲଆଣ୍ଡଏଫଏସ ଭଳି ର୍‍ୟାଙ୍କିଙ୍ଗ ମଧ୍ୟ ମିଳିଯାଉଛି। ଏହାକୁ ନେଇ ଏବେ ସନ୍ଦେହ ସୃଷ୍ଟି ହୋଇଛି।

# ବିଗ୍ ବଜାରର ପବ୍ଲିକ ହଲିଡେ ସେଲ୍ ଆଜିଠାରୁ

**ନୂଆଦିଲ୍ଲୀ,୨୮-୯**





ଫ୍ୟୁଚର ଗ୍ରୁପର ଫ୍ଲାଗ୍‌ଶିପ ରିଟେଲ ଚେନ୍ ବିଗ୍ ବଜାର ପକ୍ଷରୁ 'ପବ୍ଲିକ ହଲିଡେ ସେଲ୍' ସମ୍ପର୍କରେ ଘୋଷଣା କରାଯାଇଛି। ଏହା ୨୯ ସେପ୍ଟେମ୍ବର ଠାରୁ ଅକ୍ଟୋବର ୩ ଯାଏ ଚାଲିବ। ଏହି ପାଞ୍ଚ ଦିନ ମଧ୍ୟରେ ଗ୍ରାହକ ବିଗ୍ ବଜାର ଷ୍ଟୋରଗୁଡିକରୁ କ୍ରୟ ଉପରେ ଫ୍ରି ଶପିଂର ଲାଭ ଉଠାଇ ପାରିବେ। ପ୍ରଥମଥର ପାଇଁ ଏଭଳି ଆକର୍ଷଣୀୟ ଅଫର କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ଏହା ପ୍ରକାଶ କରିଛି। ଅଫର ସମୟ ମଧ୍ୟରେ କ୍ରୟ ଉପରେ ଗ୍ରାହକମାନେ ୪,୦୦୦ ଟଙ୍କାର କ୍ରୟ ଉପରେ ୪୦୦୦ ଟଙ୍କା ଫେରିପାଇବେ। ଏହା କ୍ୟାଶବ୍ୟାକ୍ ଏବଂ ଭାଉଚର ଭାବେ ମିଳିବ। ଏହି ଭାଉଚରଗୁଡିକ ମଧ୍ୟରେ ଫ୍ୟୁଚର ପେ୍ୱାଲେଟରେ ୫୦୦ ଟଙ୍କା, ୧୦୦୦ ଟଙ୍କାର ଇଲେକଟ୍ରୋନିକ୍ସ ଭାଉଚର, ୧୦୦୦ ଟଙ୍କାର କିଚେନ୍, ହୋମୱେର ଭାଉଚର, ୫୦୦ ଟଙ୍କାର ହୋମ୍ ଫ୍ୟାଶନ ଭାଉଚର ଏବଂ ୧୦୦୦ ଟଙ୍କାର ଫ୍ୟାଶନ ଭାଉଚର ରହିଛି।

କମ୍ପାନୀର ଏହି ପବ୍ଲିକ ହଲିଡେ ସେଲ୍ ଦେଶର ୧୪୨ ସହରରେ ଥିବା ୩୫୩ ବିଗ୍ ବଜାର, ଫୁଡ ବଜାର, ଏଫ୍‌ବିବି ଏବଂ ହାଇପର ସିଟି ଷ୍ଟୋରରେ ଚାଲିବ। ଗ୍ରାହକମାନେ ଏହି ସମୟରେ ଷ୍ଟୋରଗୁଡିକରୁ ଗ୍ରୋସରି ସାମଗ୍ରୀ, ହୋମ୍ ଫ୍ୟାଶନ, ଆପାରେଲୱେର, ଇଲେକଟ୍ରୋନିକ୍ସ ପ୍ରଡକ୍ଟ ତଥା ଅନ୍ୟାନ୍ୟ ସାମଗ୍ରୀ କ୍ରୟ ଉପରେ ଆକର୍ଷଣୀୟ ଅଫର ଲାଭ କରିପାରିବେ। ସେହିଭଳି କମ୍ପାନୀର 'ହରଦିନ ଲୋଏଷ୍ଟ ପ୍ରାଇସ' ପ୍ରମିସ ଦ୍ୱାରା ୧୫୦୦ରୁ ଅଧିକ ପ୍ରଡକ୍ଟ ଉପରେ ରିହାତି ପ୍ରଦାନ କରାଯାଉଛି। ଏଭଳି ବିଭିନ୍ନ ଅଫରକୁ ପ୍ରତି ସିଜିନରେ ଗ୍ରାହକଙ୍କ ଦ୍ୱାରା ଆଦୃତି ମିଳୁଥିବାରୁ ଖୁସି ବୋଲି ବିଗ୍ ବଜାରର ସିଇଓ ସଦାଶିବ ନାୟକ ସୂଚନା ଦେଇଛନ୍ତି। ୩୫୦୦ କିମ୍ବା ଏହାଠାରୁ ଅଧିକ ମୂଲ୍ୟର ଟ୍ରାଞ୍ଜାକଶନ ଉପରେ ଏଚ୍‌ଡିଏଫ୍‌ସି ଡେବିଟ ଏବଂ କ୍ରେଡିଟ୍ କାର୍ଡଧାରୀ ଗ୍ରାହକମାନେ ଅତିରିକ୍ତ ୭% ରିହାତି ଲାଭ କରିପାରିବେ ବୋଲି ବିଗ୍ ବଜାର ପକ୍ଷରୁ ପ୍ରକାଶ।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୩୫.୬%


**ଭୁବନେଶ୍ୱର,୨୮-୯(ବ୍ୟୁରୋ)**




ଦେଶରେ ଶିଳ୍ପ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଜୁଲାଇରେ ୩୦୧ ପଏଣ୍ଟ ଥିଲା। ଅଗଷ୍ଟରେ ଏହା ଅପରିବର୍ତ୍ତିତ ରହିଛି। ତାଳଚେର ଓ ଅନୁଗୋଳରେ ଏହା ୩୧୫ ପଏଣ୍ଟ ଥିଲା। ଏଥିରେ ୩ ପଏଣ୍ଟ ବୃଦ୍ଧି ପାଇ ୩୧୮ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଏହା ୩୧୦ପଏଣ୍ଟରେ ଅପରିବର୍ତ୍ତିତ ରହିଛି। ସେହିପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୨୮% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୭.୬% ବୃଦ୍ଧି ପାଇ ଏହା ୧୩୫.୬% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଚଳିତ ବର୍ଷ ଅକ୍ଟୋବର ପହିଲାରୁ ପାଇବେ। ମେ' ୩୦ ଓ ୩୧ରେ ଦୁଇଦିନ ଧରି ସିଜିଏମ୍‌ଙ୍କ ଠାରୁ ମେସେଞ୍ଜର ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୫୪.୧% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ଏଥିରେ ୬.୬% ବୃଦ୍ଧି ପାଇଛି। ଫଳରେ ଏହା ୬୦.୭%ରେ ପହଞ୍ଚିଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ। ଓଡ଼ିଶାର ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରିଆସୁଛନ୍ତି।

ଆସନ୍ତାକାଲି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ଅବସର ଗ୍ରହଣ କରିବେ। ବୀମା କର୍ମଚାରୀମାନେ ବର୍ତ୍ତମାନ ୪୭.୪% ମହଙ୍ଗା ଭତ୍ତା ପାଉଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୬.୬% ବୃଦ୍ଧି ଘଟି ୫୪% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ନଭେମ୍ବର ପହିଲାରୁ ପାଇବେ। ସରକାରୀ କର୍ମଚାରୀମାନେ ବର୍ତ୍ତମାନ ୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ଏହା ୧୨% ହୋଇଛି। ଫଳରେ ଏମାନେ ୨୦୧୯ ଜାନୁୟାରୀରୁ ଏହି ବର୍ଦ୍ଧିତ ଡିଏ ପାଇବେ। ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ସମସ୍ତ ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ୍ ଛାପାଖାନାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମ୍‌ଡିମାନେ ମଧ୍ୟ ଏହି ୧୨% ମହଙ୍ଗା ଭତ୍ତା ପାଇବେ। ସେପ୍ଟେମ୍ବର ୪ ଓ ୫ ଦୁଇଦିନ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଓ କର୍ମଚାରୀ ପେନ୍‌ସନ୍ ଓ ପେନ୍‌ସନ୍ ସଂଶୋଧନ ପାଇଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି।

## ରଣବୀର ସିଂ ସିୟାରାମର ବ୍ରାଣ୍ଡ ଆମ୍ବାସାଡର




**ନୂଆଦିଲ୍ଲୀ,୨୮-୯**

ସିୟାରାମ ସିଲ୍କ ମିଲ୍ସ ଲିମିଟେଡ ସୁପରଷ୍ଟାର ରଣବୀର ସିଂଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଦୀର୍ଘ ୪୦ ବର୍ଷ ଧରି ପୁରୁଷଙ୍କ ଫ୍ୟାଶନୱେର କ୍ଷେତ୍ରରେ କମ୍ପାନୀ ନିଜର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖି ଆସିଛି। ଗ୍ରାହକଙ୍କୁ ଗୁଣବତ୍ତା ବିଶିଷ୍ଟ ଉତ୍ପାଦ, ନିରନ୍ତର ଉଦ୍ଭାବନ, ଅଭିନବ ଡିଜାଇନ ପ୍ରଦାନ ଦିଗରେ ଏହା କାର୍ଯ୍ୟ କରୁଛି। ଏହା ଘରୋଇ ତଥା ଅନ୍ତର୍ଜାତୀୟ ବଜାରରେ ନିଜର ଉତ୍ପାଦ ଦ୍ୱାରା ବେଶ ଆଦୃତି ଲାଭ କରିଥିବା ସୂଚନା ଦେଇଛି। ସିୟାରାମ ଏକ ଆଇକନିକ ବ୍ରାଣ୍ଡ ହୋଇଥିବା ବେଳେ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ ହୋଇଥିବାରୁ ଏହା ଏକ ଗୌରବର ମୁହୂର୍ତ୍ତ ବୋଲି ରଣବୀର ସିଂ ସୂଚନା ଦେଇଛନ୍ତି। ସିୟାରାମ ପରିବାରରେ ସାମିଲ ହୋଇ ଅତ୍ୟନ୍ତ ଖୁସି ବୋଲି ସେ କହିଛନ୍ତି। ରଣବୀର ଯୁବବର୍ଗଙ୍କ ଷ୍ଟାଇଲ ତଥା ଆଇକନ୍ ହୋଇଥିବାରୁ ଆମେ ତାଙ୍କ ସହ ଯୋଡି ହୋଇ ଆନନ୍ଦିତ ବୋଲି ସିୟାରାମର ସିଏମ୍‌ଡି ରମେଶ ପୋଦ୍ଦାର କହିଛନ୍ତି।

# ବଜାରରେ ଟାଟା ଟିଆଗୋ ଏନ୍‌ଆର୍‌ଜି




**ଭୁବନେଶ୍ୱର,୨୮-୯**

ଟାଟା ମୋଟର୍ସ ଲିମିଟେଡ ପକ୍ଷରୁ ବଜାରକୁ ଆସିଛି ନୂଆ ଟିଆଗୋ ଏନ୍‌ଆର୍‌ଜି। ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ଧ୍ୟାନରେ ରଖି ପାସେଞ୍ଜର ଭେଇକିଲ୍ ବର୍ଗରେ ଉକ୍ତ ମଡେଲକୁ କମ୍ପାନୀ ବଜାରକୁ ଛାଡ଼ିଛି। କମ୍ପାନୀ ଟିଆଗୋ ବ୍ରାଣ୍ଡକୁ ଅଲ୍ ନ୍ୟୁ ଏସ୍‌ୟୁଭି ଇନସ୍ପାୟାର୍ଡ ଭେଇକିଲ ଭାବେ ପରିବର୍ଦ୍ଧିତ କରିଛି। ଅପରପକ୍ଷରେ ଅର୍ବାନ ଟଫ୍‌ରୋଡର ଭାବେ ନୂଆ ମଡେଲଟିକୁ ସ୍ଥାନିତ କରାଯାଇଛି। ନୂଆ ଷ୍ଟାଇଲ ସେଗମେଣ୍ଟରେ ଏହା ବଜାରକୁ ଆସିଛି। ଉକ୍ତ ମଡେଲରେ ଗ୍ରାହକମାନେ ପ୍ରମୁଖ ଡିଜାଇନ ଏବଂ ଟେକ୍ନୋଲୋଜି ଲାଭ କରିବାକୁ ସକ୍ଷମ ହେବେ ବୋଲି କମ୍ପାନୀ ପ୍ରକାଶ କରିଛି।

ଏହା ୧.୨ ଲିଟରର ରେଭୋଟ୍ରନ ପେଟ୍ରୋଲ ଇଞ୍ଜିନ ଏବଂ ୧.୦୫ ଲିଟରର ରେଭୋଟର୍କ ଡିଜେଲ ଇଞ୍ଜିନ ସହ ଆସୁଛି। ୫ ସ୍ପିଡ୍ ମାନୁଆଲ୍ ଟ୍ରାନ୍ସମିଶନ, ମାଲାବାର ସିଲଭର, କାନ୍ୟନ୍ ଅରେଞ୍ଜ, ଫୁଜି ହ୍ୱାଇଟ ଭଳି ୩ ଆକର୍ଷକ ରଙ୍ଗରେ ଏହା ଉପଲବ୍ଧ ହେଉଛି। ଡୁଆଲ ଟୋନ ଇନଫିନିଟି ବ୍ଲାକ ରୁଫ୍, ରୁଫ ରେଲ୍ ଏଥିରେ ରହିଛି। ଟିଆଗୋ ଏନ୍‌ଆର୍‌ଜି ପେଟ୍ରୋଲ ଭର୍ସନର ଭୁବନେଶ୍ୱର ବଜାର ଦର ୫.୭୨ ଲକ୍ଷ ଟଙ୍କା ଏବଂ ଡିଜେଲ ଭର୍ସନ ୬.୫୬ ଲକ୍ଷ ଟଙ୍କା ରହିଛି। ବ୍ରାଣ୍ଡ ପ୍ରମିସ୍ 'କନେକ୍ଟିଂ ଆସ୍‌ପିରେସନ୍ସ' ଆଧାରରେ ବଜାରକୁ ଏଭଳି ମଡେଲ ଆଣିଥିବା ଟାଟା ମୋଟର୍ସ ଏମ୍‌ଡି ତଥା ସିଇଓ ଗୁେଣ୍ଟର ବୁସେକ୍ ସୂଚନା ଦେଇଛନ୍ତି। ବଜାରରେ ଏସ୍‌ୟୁଭି ମଡେଲଗୁଡିକର ଚାହିଦା ଦିନକୁ ଦିନ ବୃଦ୍ଧି ହେଉଥିବା ବେଳେ ଏହି ମଡେଲ ଗ୍ରାହକଙ୍କ ବହୁବିଧ ଆବଶ୍ୟକତା ପୂରଣ ଦିଗରେ ବିଶେଷ ଭାବେ ସହାୟକ ହେବ ବୋଲି ସେ କହିଛନ୍ତି।

# ବଜାରରେ ଏଣ୍ଶ୍ୟୋରା ମାସ୍‌ର ନୂଆ ଉତ୍ପାଦ

**କଲିକତା,୨୮-୯**




ମେଡିନ ବେଲେ ହର୍ବାଲ କେୟାର ପ୍ରାଇଭେଟ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ଏଣ୍ଶ୍ୟୋରା ମାସ୍ ପକ୍ଷରୁ କଲିକତାର ମଦାରମନି ଠାରେ ଏହାର ଡିଲର ତଥା ବିତରକମାନଙ୍କର ଏକ ମିଟ୍ ଅନୁଷ୍ଠିତ ହୋଇଯାଇଛି। ବିହାର, ଝାଡଖଣ୍ଡ, ଓଡିଶା ଏବଂ ପଶ୍ଚିମବଙ୍ଗର ପ୍ରାୟ ୧୫୦ ଡିଲର ଓ ବିତରକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବର୍ତ୍ତମାନର ଉପଲବ୍ଧତା ଏବଂ ଭବିଷ୍ୟତର ଯୋଜନା ଆଧାରରେ ବିଭିନ୍ନ ପଦକ୍ଷେପ ଗ୍ରହଣ ଲାଗି ଏଭଳି ଏକ କାର୍ଯ୍ୟକ୍ରମ କମ୍ପାନୀ ପକ୍ଷରୁ ଆୟୋଜନ କରାଯାଇଛି। ଏହି ଅବସରରେ କମ୍ପାନୀର ନିର୍ଦ୍ଦେଶକ ଡା. କେ.କେ. କୌଶଳ, ଡା. ରାଜୀବ ପରାଶର ପ୍ରେରଣାଦାୟକ ଭାଷଣ ଦେଇଥିଲେ। ଏହି ଅବସରରେ ବଜାରକୁ ଦୁଇ ନୂଆ ଉତ୍ପାଦ ଏଣ୍ଶ୍ୟୋରା ଜୁନିୟର ଏବଂ ଏଣ୍ଶ୍ୟୋରା ପ୍ରୋଟିନ୍ ଆସିଛି। ଏଣ୍ଶ୍ୟୋରା ମାସ୍ ପ୍ରୋଟିନ୍, ଭିଟାମିନ, ଖଣିଜ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପୋଷକତତ୍ତ୍ୱ ସହ ଆସୁଛି। ଏଣ୍ଶ୍ୟୋରା ଜୁନିୟର ୪ରୁ ୧୧ ବର୍ଷ ପିଲା ମାନଙ୍କ ଲାଗି ଉପାଦେୟ ହୋଇଥିବାବେଳେ ଏଣ୍ଶ୍ୟୋରା ପ୍ରୋଟିନ୍ ବୟସ୍କ ଲୋକଙ୍କ ଲାଗି ଏକ ପ୍ରୋଟିନ୍ ପୂରକ ବୋଲି କମ୍ପାନୀ ସୂଚନା ଦେଇଛି।

## କାନାରା ବ୍ୟାଙ୍କ ପକ୍ଷରୁ ହିନ୍ଦୀ ଦିବସ

**ଭୁବନେଶ୍ୱର,୨୮-୯:** କାନାରା ବ୍ୟାଙ୍କ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସହାୟକ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ କାର୍ଯ୍ୟାଳୟ ମୁଖ୍ୟ ବିଦ୍ୟୁତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଅଞ୍ଚଳ କାର୍ଯ୍ୟାଳୟର ଉପମହାପ୍ରବନ୍ଧକ ଶ୍ରୀକାନ୍ତ ମହାପାତ୍ର ମୁଖ୍ୟ ଅତିଥି ଭାବେ ଏଥିରେ ଯୋଗ ଦେଇଥିଲେ। ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ଏବଂ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀଙ୍କ ହିନ୍ଦୀ ଦିବସ ବାର୍ତ୍ତାକୁ ବ୍ୟାଙ୍କ ଅଧିକାରୀ ରୀତାଞ୍ଜଳି ସାହୁ ଓ ଯୂଥିକା ସିହ୍ନା ଏହି ଅବସରରେ ଉପସ୍ଥାପନ କରିଥିଲେ। ହିନ୍ଦୀ ଭାଷାକୁ ପ୍ରାଥମିକତା ପ୍ରଦାନ ଉପରେ ରଥ ଗୁରୁତ୍ୱାରୋପ କରିଥିଲେ। ସାମୂହିକ ଯୋଗଦାନରେ ହିନ୍ଦୀ ଭାଷାର ପ୍ରୟୋଗ ଶ୍ରେଷ୍ଠ ହୋଇ ପାରିବ ବୋଲି ମହାପାତ୍ର କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କ୍ଷେତ୍ରୀୟ ଏବଂ ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ମଦନ ମୋହନ ନାୟକ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବା ବେଳେ ମଣ୍ଡଳ ପ୍ରବନ୍ଧକ ଅରବିନ୍ଦ କୁମାର ପ୍ରମୁଖ ଏଥିରେ ଯୋଗଦେଇଥିଲେ।




## ହ୍ୟୁଣ୍ଡାଇ ମୋଟର ଇଣ୍ଡିଆର ଘର୍ ୱାପ୍‌ସୀ କ୍ୟାମ୍ପ

HYUNDAI

**ନୂଆଦିଲ୍ଲୀ,୨୮-୯:** ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ ପକ୍ଷରୁ ଘର ୱାପସୀ କ୍ୟାମ୍ପ ଓଡିଶା ଓ ପଶ୍ଚିମବଙ୍ଗରେ ଆୟୋଜନ କରାଯାଉଛି। ଏହା ଚଳିତ ମାସ ୧୪ଠାରୁ ଆରମ୍ଭ ହୋଇଥିବା ବେଳେ ୩୦ ଯାଏ ଚାଲିବ। ଏହି କ୍ୟାମ୍ପ ଦ୍ୱାରା କମ୍ପାନୀ ଏହାର ଭାଲ୍ୟୁଡ୍ କଷ୍ଟମରଙ୍କ ନିକଟରେ ପହଞ୍ଚିବାକୁ ପ୍ରୟାସ କରିଛି। ଯେଉଁ ଗ୍ରାହକମାନେ କମ୍ପାନୀ ନିକଟରେ ପହଞ୍ଚିବାକୁ ସକ୍ଷମ ହେଉ ନାହାନ୍ତି ସେମାନଙ୍କ ନିକଟରେ ଆକର୍ଷଣୀୟ ଅଫର ଦ୍ୱାରା ପହଞ୍ଚିବାକୁ ହ୍ୟୁଣ୍ଡାଇ ଏଭଳି ପଦକ୍ଷେପ ନେଇଛି। ସର୍ଭିସ ପାର୍ଟସ ଏବଂ ଲେବର ଚାର୍ଜ ଉପରେ ଏହି ସମୟରେ ରିହାତି ପ୍ରଦାନ କରାଯାଉଛି। କମ୍ପାନୀର ସର୍ଭିସ ନେଟୱର୍କ ବାଦ୍ ରୁରାଲ ସର୍ଭିସ ଆଉଟଲେଟଗୁଡିକରେ ଏହି ସେବା ଉପଲବ୍ଧ ବୋଲି ଏହା ସୂଚନା ଦେଇଛି।

**ପୂର୍ବ ତଟ ରେଳପଥ**

**ସାଙ୍କେତିକ ନିଯୁକ୍ତି ସୂଚନା**

**ପୂର୍ବ ତଟ ରେଳପଥରେ ବର୍ଷ 2018-19 ନିମନ୍ତେ ସ୍ପୋର୍ଟ୍‌ସ କୋଟା (ମୁକ୍ତ ବିଜ୍ଞାପନ) ସଂପର୍କରେ ଖେଳାଳିମାନଙ୍କ ନିଯୁକ୍ତି**

ଏମ୍ପ୍ଲୟମେଣ୍ଟ ନୋଟିସ୍ ନଂ.ECoR/Pers/SPQ(OA)/2018-19
ଜାରି ହେବା ତାରିଖ : ତା.29.09.2018ରିଖ, ଅନ୍ତିମ ତାରିଖ : ତା.29.10.2018ରିଖ, ଅନ୍ତିମ ସମୟ : 1800 ଘଟିକାରେ

(1) ପୂର୍ବ ତଟ ରେଳବାଇରେ ବର୍ଷ 2018-19 ନିମନ୍ତେ ଖାଲି ପଡ଼ିଥିବା 21 ଗୋଟି ପଦବୀ ପାଇଁ ସ୍ପୋର୍ଟ୍‌ସ କୋଟା (ମୁକ୍ତ ବିଜ୍ଞାପନ) ଅନୁଯାୟୀ ନିଯୁକ୍ତି ହେତୁ ଆନ୍ତର୍ଜାତିକ/ରାଷ୍ଟ୍ରୀୟ/ରାଜ୍ୟ/ବିଶ୍ୱବିଦ୍ୟାଳୟ ଚମ୍ପିଆନ୍‌ସିପ୍‌ମାନଙ୍କରେ ଅଂଶ ଗ୍ରହଣ କରିଥିବା ଯୋଗ୍ୟ କ୍ରୀଡ଼ାବିତ୍ ତଥା ଭାରତୀୟ ନାଗରିକମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।
(2) କ୍ରୀଡ଼ା ସଫଳତା : ଆବେଦନକାରୀ ବର୍ତ୍ତମାନ ଜଣେ ସକ୍ରିୟ ଖେଳାଳୀ ହୋଇଥିବା ଆବଶ୍ୟକ ଏବଂ ତା.01.04.2016 ରିଖକୁ କିମ୍ବା ପରବର୍ତ୍ତୀ ସମୟରେ କ୍ରୀଡ଼ା ସଫଳତା ହାସଲ କରିଥିବା ଆବଶ୍ୟକ ।
(3) ଶିକ୍ଷାଗତ ଯୋଗ୍ୟତା : ପ୍ରାର୍ଥୀ ନିମ୍ନଲିଖିତ ଯୋଗ୍ୟତାର ଅଧିକାରୀ ହୋଇଥିବା ଆବଶ୍ୟକ :-(i) GP ଟ.2800/-(ଲେଭେଲ-5) ଦରମା ହାର ଥିବା ପଦବୀଗୁଡ଼ିକ ପାଇଁ ବିଶ୍ୱବିଦ୍ୟାଳୟ ଡ଼ିଗ୍ରୀ କିମ୍ବା ତତ୍ତୁଲ୍ୟ । (ii) GP ଟ.2400/-(ଲେଭେଲ-4) ଦରମା ହାର ଥିବା ଜୁନିୟର ଷ୍ଟେନୋଗ୍ରାଫର ପଦବୀ ନିମନ୍ତେ 12th (+2 Stage) କିମ୍ବା ତତ୍ତୁଲ୍ୟ ସହିତ 10 ମିନିଟ୍ ଅବଧି ମଧ୍ୟରେ ସର୍ଟହ୍ୟାଣ୍ଡ୍ (ଇଂରାଜୀ/ହିନ୍ଦି)ରେ ମିନିଟ୍ ପିଛା 80 ଗୋଟି ଶବ୍ଦ, ଯାହାକୁ 50 ମିନିଟ୍ ମଧ୍ୟରେ ଇଂରାଜୀ ନକଲ କରାଯାଇ ପାରୁଥିବା ଆବଶ୍ୟକ କିମ୍ବା 65 ମିନିଟ୍ ମଧ୍ୟରେ ହିନ୍ଦି ନକଲ କରାଯାଇ ପାରୁଥିବା ଆବଶ୍ୟକ । (iii)GP ଟ.2000/-/1900/-(ଲେଭେଲ-3/ଲେଭେଲ-2)ଦରମା ହାର ଥିବା ପଦବୀଗୁଡ଼ିକ ନିମନ୍ତେ 12th (+2 Stage) କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ । **(ଅଥବା)** ଏକ ସ୍ୱୀକୃତିପ୍ରାପ୍ତ ବୋର୍ଡରୁ ମାଟ୍ରିକ୍ୟୁଲେସନ କିମ୍ବା ତତ୍ତୁଲ୍ୟପରୀକ୍ଷାରେ ଉତ୍ତୀର୍ଣ୍ଣ ସହିତ ITI ପ୍ରମାଣପତ୍ର ଥିବା ପ୍ରାର୍ଥୀମାନେ GP ଟ.1900/-(ଲେଭେଲ-2) ସହିତ ଟେକ୍‌ନିସିଆନ୍-III ପଦବୀରେ ନିଯୁକ୍ତି ପାଇଁ ମଧ୍ୟ ଆବେଦନ କରିପାରିବେ ।
(4) ବୟସ ସୀମା : ତା.01.01.2019 ରିଖ ସୁଦ୍ଧା ସର୍ବନିମ୍ନ 18 ବର୍ଷ ଏବଂ ସର୍ବାଧିକ 25 ବର୍ଷ ହୋଇଥିବା ଆବଶ୍ୟକ ।
(5) କ୍ରୀଡ଼ା ଶୃଙ୍ଖଳା : ଆଥଲେଟିକ୍, ଜଳକ୍ରୀଡ଼ା (Aquatics), ବ୍ୟାଡ୍‌ମିଣ୍ଟନ୍, ବଲ୍ ବ୍ୟାଡ୍‌ମିଣ୍ଟନ୍, ବକ୍ସିଂ, ଫୁଟ୍‌ବଲ, ଗଲ୍ଫ, ହକି, କବାଡ଼ି, ଟେବୁଲ୍ ଟେନିସ୍, ଭଲିବଲ୍ ଏବଂ ଭାରଉତ୍ତୋଳନ ।

ଅନ୍ୟ ସଂପୂର୍ଣ୍ଣ ବିବରଣୀ ଏବଂ ଦରଖାସ୍ତ ଫର୍ମ ନିମନ୍ତେ ଦୟାକରି ତା.29.09.2018ରିଖର ଏମ୍ପ୍ଲୟମେଣ୍ଟ ନ୍ୟୁଜ୍ କିମ୍ବା ପୂର୍ବ ତଟ ରେଳପଥର ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

PR-354/J/18-19 — ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ

BHUBANESWAR-PURI TRANSPORT SERVICES LTD
dreamteam shahara
ଆପଣଙ୍କ ସେବାରେ

**EXPRESSION OF INTEREST**

**ବସ୍ ମରାମତି ପ୍ରସ୍ତାବ**

**PROPOSAL FOR REPAIRING OF BUSES**

**No.287/DTS/BBSR/DATE-28.09.2018**

ଓଡ଼ିଶା ସରକାରଙ୍କ ସହଭାଗିତାରେ ଅନ୍ୟୂନ ୧୨୯ ସଂଖ୍ୟକ ସିଟି ବସ୍ ସେବା ବହୁବିଧ ରୁଟ୍‌ରେ ଯଥା ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର, କଟକ, ପୁରୀ ଓ କୋଣାର୍କ ଆଦି ସ୍ଥାନକୁ ସଂଯୋଗ କରୁଥିବା ଡ୍ରିମ୍‌ଟିମ୍ ସାହାରା **(DTS)** ଗତ ୨୦୧୦ ମସିହାରୁ ସିଟିବସ୍ ସେବା ଯୋଗାଇ ଦେଉଛି ।

ଅଧିକୃତ ମରାମତି କେନ୍ଦ୍ର କିମ୍ବା ପ୍ରଖ୍ୟାତ ସ୍ଥାନୀୟ **Garage**ମାନଙ୍କଠାରୁ ଆମ ଅଧୀନରେ ପୋଖରୀପୁଟରେ ରହିଥିବା ୫୯ଟି ଟାଟା, ୩୦ଟି ଅଶୋକ ଲେଲ୍ୟାଣ୍ଡ, ୨୮ଟି ମାର୍କୋପୋଲୋ ଓ ୧୨ଟି AC ବସ୍‌ର ରଙ୍ଗ ଓ ମରାମତି ପାଇଁ ପ୍ରସ୍ତାବ ଆହ୍ୱାନ କରୁଅଛି ।

ଆଗ୍ରହୀ **Garage/Company/Firm** ମାନେ ନିମ୍ନଲିଖିତ ଠିକଣାରେ ୭ ଦିନ ଭିତରେ ଆସି ନିର୍ଦ୍ଧାରିତ **form**ରେ ସମସ୍ତ **Document** ସହିତ ଆବେଦନ କରନ୍ତୁ । ଆବେଦନ କରିବାର ଶେଷ ତାରିଖ ତା.୦୫.୧୦.୨୦୧୮ ।

**ଯୋଗାଯୋଗ କରିବାର ଠିକଣା**

**Vice-President**, ଡ୍ରିମ୍‌ଟିମ୍ ସାହାରା, ପ୍ଲଟ୍ ନଂ.ଏନ୍-୫/୫୩୮, ଆଇ.ଆର୍.ସି. ଭିଲେଜ୍ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ବିଲ୍ଡିଂ, ୨ୟ ମହଲା, ଭୁବନେଶ୍ୱର-୭୫୧୦୧୫
ଫୋନ୍-(୦୬୭୪) ୭୦୦୮୯୯୮୬୨୯/୨୩୬୦୯୧୬/୭୮୯୪୪୧୬୦୦୩
E-mail : dts.bbsr@gmail.com / response.dts@gmail.com



“ ଲିଓନେଲ ମେସିଙ୍କୁ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ଯଥେଷ୍ଟ ସମୟ ଦିଆଯିବା ଉଚିତ୍ ।

–ଜାଭିୟର ସାଭିଓଲା, ପୂର୍ବତନ ଆର୍ଜେଣ୍ଟିନା ଫରୱାର୍ଡ



“ କୌଣସି ଟୁର୍ନାମେଣ୍ଟ ଲାଗି ଏକ ଦଳ ନିଜକୁ ଭଲରୂପେ ପ୍ରସ୍ତୁତ କରିଛି କି ନା ତାହା ପ୍ରଦର୍ଶନରୁ ଜଣାପଡ଼ିଯାଏ ।

–ଷ୍ଟିଭ୍ କୋପେଲ, ଇଣ୍ଡିଆନ ସୁପର ଲିଗ୍ ଟିମ୍ ଏଟିକେ କୋଚ୍

## ସଂକ୍ଷେପରେ

### କୋରିଆ ଓପନ୍ ବ୍ୟାଡମିଣ୍ଟନ୍ କ୍ୱାର୍ଟରରେ ହାରିଲେ ସାଇନା

ସିଓଲ,୨୮।୯(ପି.ଟି.)- ଏଠାରେ ଚାଲିଥିବା କୋରିଆ ଓପନ୍ ବିଶ୍ୱ ଟୁର ସୁପର ୫୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଭାରତୀୟ ମହିଳା ତାରକା ସାଇନା ନେହ୍ୱାଲ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସ ଇଭେଣ୍ଟରେ ସେ ଶୁକ୍ରବାର ଜାପାନର ନୋଜୋମି ଓକୁହାରାଙ୍କଠାରୁ ପରାସ୍ତ ହୋଇ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ପଞ୍ଚମ ସିଡ ମାନ୍ୟତା ପାଇଥିବା ସାଇନା ତୃତୀୟ ସିଡ ଖେଳାଳି ଓକୁହାରାଙ୍କଠାରୁ ୨୧-୧୫, ୧୫-୨୧, ୨୧-୨୨ରେ ପ୍ରି-କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଛନ୍ତି। ପାଖାପାଖି ଏକ ଘଣ୍ଟା ମଧ୍ୟରେ ସାଇନା ପରାଜୟ ବରଣ କରିଥିଲେ। ଏଥିସହିତ ସାଇନା ବିଭିନ୍ନ ଟୁର୍ନାମେଣ୍ଟରେ ଓକୁହାରାଙ୍କଠାରୁ କ୍ରମାଗତ ତୃତୀୟ ପରାଜୟ ବରଣ କରିଛନ୍ତି। ବିଜୟୀ ହେବା ପାଇଁ ଓକୁହାରାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ପୂର୍ବରୁ ଗତ ଜାନୁୟାରୀରେ ସାଇନା ଇଣ୍ଡୋନେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଥିଲେ। ଚଳିତ ବର୍ଷ ସେ ଏକମାତ୍ର ଟୁର୍ନାମେଣ୍ଟ ହିସାବରେ ଗତ ଏପ୍ରିଲରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଟାଇଟଲ ଜିତିଥିଲେ। ନିଜ ଦେଶର ପି.ଭି. ସିନ୍ଧୁଙ୍କୁ ହରାଇ ସେ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ସେ ଗତ ୧୮ତମ ଏସିଆନ ଗେମ୍ସରେ ମଧ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଏସିଆ କପ୍: ଭାରତକୁ ସପ୍ତମ ଟାଇଟଲ

ଦୁବାଇ, ୨୮।୯(ପି.ଟି.)-

ରୋହିତ ଶର୍ମାଙ୍କ ନେତୃତ୍ୱାଧିନ ଭାରତ ରେକର୍ଡ ସପ୍ତମଥର ପାଇଁ ଏସିଆ କପ୍ ଟାଇଟଲ ହାସଲ କରିଛି। ସ୍ଥାନୀୟ ଦୁବାଇ ଆନ୍ତର୍ଜାତିକ କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଟାଇଟଲ ମୁକାବିଲାରେ ଭାରତ ଶେଷ ବଲରେ ୩ ଉଇକେଟରେ ବିଜୟ ହାସଲ କରିଛି। ଟସ୍ ଜିତି ଭାରତ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୪୮.୩ ଓଭରରେ ୨୨୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୨୩ ରନ କରିବା ସହ ବିଜୟ ହାସଲ କରି ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଅନ୍ୟପଟେ ତୃତୀୟଥର ପାଇଁ ଚାମ୍ପିୟନ ହେବାର ବାଂଲାଦେଶର ଆଶା ଧୂଳିସାତ୍ ହୋଇଛି।

୨୨୩ ରନ ଟାର୍ଗେଟର ପିଛା କରି ଭାରତ ଦେଖିଚାହିଁ ଆରମ୍ଭ କରିଥିଲା। ତେବେ ଇନିଫର୍ମ ଓପନର ଶିଖର ଧାୱନ ୧୫ ରନ କରିଥିବା ବେଳେ ନଜମୁଲ ଇସଲାମଙ୍କ ବଲରେ ବଡ଼ ଶଟ୍ ଖେଳିବାକୁ ଯାଇ ଲଙ୍ଗ୍ ଅନ୍‌ରେ ସୌମ୍ୟ ସରକାରଙ୍କ ହାତରେ ଧରା ପଡିଥିଲେ ଓ ଭାରତକୁ ପ୍ରଥମ ଝଟ୍‌କା ଲାଗିଥିଲା। ଅମ୍ବାତି ରାୟୁଡୁ ବ୍ୟାଟିଂ କରିବାକୁ ଆସି ମାତ୍ର ୨ ରନ କରିଥିବା ମଶ୍ରାଫି ମୋର୍ତ୍ତାଜାଙ୍କ ବଲରେ ଉଇକେଟ କିପର ମୁଶଫିକର ରହିମଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ ୪୮ ରନରେ କ୍ରିଜ୍‌ରେ ଜମିଆସୁଥିବା ବେଳେ ଅଧିନାୟକ ତଥା ଓପନର ରୋହିତ ଶର୍ମା ମିଡ୍ ଉଇକେଟକୁ ଲମ୍ବା ଶଟ୍ ଖେଳିବାକୁ ଯାଇ ରୁବେଲ ହୋସେନଙ୍କ ବଲରେ ନାଜମୁଲଙ୍କୁ କ୍ୟାଚ୍ ଦେଇଥିଲେ। ଦୀନେଶ କାର୍ତ୍ତିକ ୩୭ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ ମଧ ମହମୁଦୁଲ୍ଲାଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ମହେନ୍ଦ୍ର ସିଂ ଧୋନୀ ବ୍ୟାଟିଂ କରିବାକୁ ଆସିଥିଲେ ଓ ଚତୁର୍ଥ ଉଇକେଟ ଯୋଡିରେ କାର୍ତ୍ତିକଙ୍କ ସହ ମିଶି ୫୪ ରନ ସଂଗ୍ରହ କରିଥିଲେ। ଧୋନୀ ୩୬ ରନର କରି ମୁସ୍ତାଫିଜୁର ରହମାନଙ୍କ ବଲରେ ମୁସଫିକରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିବା ପରେ ଭାରତୀୟ ଶିବିରରେ ନିରାଶ ଖେଳିଯାଇଥିଲା। କେଦାର ଯାଦବ ୧୯ ରନ କରି ରିଟାୟାର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିବା ପରେ ଭାରତର ସମସ୍ୟା ଦ୍ୱିଗୁଣିତ ହୋଇଥିଲା। ଏହାପରେ ଭୁବନେଶ୍ୱର କୁମାର ଓ ରବୀନ୍ଦ୍ର ଜାଡେଜା ସପ୍ତମ ଉଇକେଟ ଯୋଡିରେ ୪୫ ରନ କରିଥିଲେ। ତେବେ ଜାଡେଜା ୨୩ ରନ କରି ରୁବେଲଙ୍କ ବଲରେ ମୁଶଫିକରଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ପରେ କେଦାର ପୁଣି ଥରେ ବ୍ୟାଟିଂ କରିବାକୁ ଆସିଥିଲେ। ଭୁବନେଶ୍ୱର ୨୧ ରନ କରି ମୁସ୍ତାଫିଜୁରଙ୍କ ବଲରେ ମୁଶଫିକରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଶେଷରେ କେଦାର ୨୩ ଓ କୁଲଦୀପ ୫ ରନ କରି ଅପରାଜିତ ରହିବା ସହ ଭାରତକୁ ଜିତାଇଥିଲେ। ଶେଷ ବଲରେ ହିଁ ଭାରତ ବିଜୟ ହାସଲ କରି ଚାମ୍ପିୟନ ହୋଇଥିଲା। ବୋଲିଂରେ ବାଂଲାଦେଶ ତରଫରୁ ମୁସ୍ତାଫିଜୁର ଓ ରୁବେଲ ଦୁଇଟି ଲେଖାଏ, ନାଜମୁଲ, ମୋର୍ତ୍ତାଜା ଓ ମହମୁଦୁଲ୍ଲା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ବାଂଲାଦେଶର ଦୁଇ ଓପନର ଲିଟନ ଓ ମିରାଜ ପ୍ରଥମ ଉଇକେଟ ଯୋଡିରେ ପାଖାପାଖି ୬ ରନ ହାରରେ ୧୨୦ ରନର ଶତକୀୟ ଭାଗୀଦାରି ସ୍ଥାପନ କରି ଦଳକୁ ଦମ୍‌ଦାର ଆରମ୍ଭ ପ୍ରଦାନ କରିଥିଲେ। ଅନଅର୍ଥୋଡକ୍ସ ସ୍ପିନର କେଦାର ଯାଦବ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ୩୨ ରନ କରିଥିବା ବେଳେ ମିରାଜ କେଦାରଙ୍କ ବଲରେ ଅମ୍ବାତି ରାୟୁଡୁଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଏହା ପରେ ବାଂଲାଦେଶ ଇନିଂସ ତାସ୍‌ଘର ପରି ଭୁଶୁଡି ପଡିଥିଲା। ଲିଟନ ଦଳର ସମୁଦାୟ ସ୍କୋରର ଅଧା ରନ ସଂଗ୍ରହ କରିଥିଲେ। ଏକଦା ବାଂଲାଦେଶ ୩୦୦ ପାଖାପାଖି ରନ କରିବା ଆଶା କରାଯାଉଥିଲେ ମଧ ଶେଷରେ ୨୨୨ ରନରେ ସୀମିତ ରହିଥିଲା। ସୌମ୍ୟ ସରକାର ୩୩ ରନର ପାଳି ଖେଳି ଦଳର ସ୍କୋରକୁ ୨୦୦ ରନ ପାର କରାଇଥିଲେ। ଷଷ୍ଠ ଉଇକେଟ ଯୋଡିରେ ସୌମ୍ୟ ଓ ଲିଟନ ୩୭ ରନ କରି ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲେ। ତେବେ ଲିଟନ ୧୧୭ଟି ବଲର ସମ୍ମୁଖୀନ ହୋଇ ୧୨ ଚୌକା ଓ ୨ ଛକା ସହ ୧୨୧ ରନ କରିବା ସହ ପ୍ରଥମ ଦିନିକିଆ ଶତକ ହାସଲ କରି ଦଳର ସ୍କୋରକୁ ଆଗେଇ ନେଉଥିବା ବେଳେ କୁଲଦୀପଙ୍କ ବଲରେ ମହେନ୍ଦ୍ର ସିଂ ଧୋନୀଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଏହାପରେ ବାଂଲାଦେଶ ଇନିଂସ ବେଶି ସମୟ ଟିଷ୍ଠିପାରି ନ ଥିଲା। ଦଳର ବାକି ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଇମରୁଲ କାଏସ୍ ୨, ଇନ୍‌ଫର୍ମ ଉଇକେଟ କିପର ବ୍ୟାଟ୍ସମ୍ୟାନ ମୁଶଫିକର ରହିମ ୫, ମହମ୍ମଦ ମିଥୁନ୍ ୨, ଅଭିଜ୍ଞ ତଥା ସଙ୍କଟମୋଚକ ମହମୁଦୁଲ୍ଲା ୪, ଅଧିନାୟକ ମାଶ୍ରାଫି ମୋର୍ତ୍ତାଜା ୭, ନାଜମୁଲ ଇସଲାମ ୭ ରନ କରି ଆଉଟ ହୋଇଥିବା ବେଳେ ରୁବେଲ ହୋସେନ ଖାତା ଖୋଲିପାରି ନ ଥିଲେ। ମୁସ୍ତାଫିଜୁର ରହମାନ ୨ ରନ କରି ଅପରାଜିତ ରହିଥିଲେ। ତେବେ ୩ଜଣ ବାଂଲାଦେଶ ବ୍ୟାଟ୍ସମ୍ୟାନ ଯଥା ମିଥୁନ, ସୌମ୍ୟ ଓ ନାଜମୁଲ ଇସ୍‌ଲାମ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ ଓ ଦଳ ପାଇଁ ଏହା ମହଙ୍ଗା ସାବ୍ୟସ୍ତ ହୋଇଥିଲା। ଦୁଇ ଓପନର ଇମରୁଲ ଓ ସୌମ୍ୟଙ୍କ ବଦଳରେ ମିରାଜଙ୍କୁ ଓପନିଂ କରିବାର ସୁଯୋଗ ଦେଇ ଅଧିନାୟକ ମୋର୍ତ୍ତାଜା ସମସ୍ତଙ୍କୁ ଚକିତ କରିଥିଲେ। ଅବଶ୍ୟ ତାଙ୍କର ଏହି ନିଷ୍ପତ୍ତି ଫଳପ୍ରଦ ହୋଇଥିଲା। ଶେଷ ୧୦୨ ରନରେ ବାଂଲାଦେଶ ୧୦ଟି ଯାକ ଉଇକେଟ ହରାଇଥିଲା। ଦୁଇ ସ୍ପିନର କେଦାର ଓ କୁଲଦୀପ ଚତୁରତାର ସହ ବୋଲିଂ କରି ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଇଥିଲେ। ଚାଇନାମ୍ୟାନ କୁଲଦୀପ ୩ଟି ଓ କେଦାର ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଅନ୍ୟତମ ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଗୋଟିଏ ଓ ଦ୍ରୁତ ବୋଲର ଯଶପ୍ରୀତ ବୁମରା ଗୋଟିଏ ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

**ବାଂଲାଦେଶ ୪୮.୩ ଓଭରରେ** ୨୨୨ ଅଲଆଉଟ୍

(ଲିଟନ- ୧୨୧, ସୌମ୍ୟ-୩୩, ମିରାଜ- ୩୨, କୁଲଦୀପ- ୩/୪୫, କେଦାର-୨/୪୧,ଚହଲ-୧/୩୧,ବୁମରା-୧/୩୯ )

**ଭାରତ ୫୦ ଓଭରରେ** ୨୨୩/୭

(ରୋହିତ- ୪୮, କାର୍ତ୍ତିକ- ୩୭, ଧୋନୀ- ୩୬, ଜାଡେଜା-୨୩, କେଦାର- ୨୩ *, ଭୁବନେଶ୍ୱର-୨୧, ଧାୱନ- ୧୫, ମୁସ୍ତାଫିଜୁର- ୨/୩୮, ରୁବେଲ- ୨/୨୬)।



ଏସିଆ କପ୍ କ୍ରିକେଟର ଫାଇନାଲରେ ଶୁକ୍ରବାର ଶତକ ହାସଲ ପରେ ବାଂଲାଦେଶର ଲିଟନ୍ ଦାସ।

### ୧୮ ବର୍ଷରୁ କମ୍ ମହିଳା ସାଫ୍ ଚାମ୍ପିୟନଶିପ୍

# ବୃହତ୍ ବିଜୟରୁ ଭାରତର ଅଭିଯାନ

ନୂଆଦିଲ୍ଲୀ, ୨୮।୯(ପି.ଟି.)

ଭୁଟାନ ରାଜଧାନୀ ଥିମ୍ପୁର ଚାଙ୍ଗଲିମିଥାଙ୍ଗ ଷ୍ଟାଡିୟମରେ ଭୁଟାନ ଫୁଟବଲ ଫେଡେରେଶନ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ସାଉଥ୍ ଏସିଆ ଫୁଟବଲ ଫେଡେରେଶନ (ସାଫ) ୧୮ ବର୍ଷରୁ କମ୍ ବାଳିକା ଫୁଟବଲ ଟୁର୍ନାମେଣ୍ଟରେ ଭାରତ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଖେଳାଯାଇଥିବା ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ଆୟୋଜକ ଭୁଟାନକୁ ୪-୦ ଗୋଲରେ ପରାସ୍ତ କରିଛି। ଫଳରେ ଗ୍ରୁପ୍ ଏ'ରେ ଭାରତ ଶୀର୍ଷରେ ରହିଛି।

ଭାରତ ପକ୍ଷରୁ ଦେବନୀତା ରଏ ଦୁଇଟି ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ପୁଣି ସେ ଅନ୍ୟ ଖେଳାଳିମାନଙ୍କ ପାଇଁ କେତୋଟି ଗୋଲ ସୁଯୋଗ ସୃଷ୍ଟି କରିବାରେ ସକ୍ଷମ ହୋଇଥିଲେ। ନବନିଯୁକ୍ତ ଭାରତୀୟ କୋଚ୍ ଆଲେକ୍ସ ଆମ୍ବ୍ରୋଜ୍‌ଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମ ବିଜୟ ହାସଲ କରିଛି। ଫଳରେ ଆମ୍ବ୍ରୋଜଙ୍କ ପାଇଁ ଏହି ବିଜୟ ବେଶ୍ ମହତ୍ତ୍ୱ ରଖୁଛି। ମ୍ୟାଚ ଆରମ୍ଭରୁ ଉଭୟ ଦଳ ବେଶ୍ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲେ। ତେବେ ମୋଟାମୋଟି ଉପରେ ଭାରତ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ଭାରତ ପକ୍ଷରୁ ଦେବନୀତା ରଏ ୩୫ ଓ ୫୦ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇଥିଲେ। ଏହା ପରେ ମନୀଷା ୬୪ତମ ମିନିଟ୍‌ରେ ଗୋଲ ଦେଇ ଭାରତକୁ ୩-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଶେଷରେ ଅସୀମ ରୋଜା ଦେବୀ ୬୭ତମ ମିନିଟ୍‌ରେ ଦଳ ପାଇଁ ଅନ୍ତିମ ଗୋଲ ସ୍କୋର କରିଥିଲେ। ଭାରତ ଅବଶ୍ୟ ଆଉ କେତୋଟି ଗୋଲ ସୁଯୋଗ ହାସଲ କରିଥିଲା। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ମାଲଦ୍ୱୀପକୁ ଆସନ୍ତା ୨ ତାରିଖରେ ଭେଟିବ।

**ଭାରତୀୟ ଏକାଦଶ:** ସୁଆଗୁରୁମାୟୁମ ମୋନିକା ଦେବୀ, କାଞ୍ଚା ଚାନୁ, ମନୀଷା, ପାକପି ଦେବୀ, ଦେବନୀତା ରଏ, ଅସୀମ ରୋଜା ଦେବୀ, ଯବାମଣି ଟୁଡୁ, ସମିକ-ଶା (ଅଧିନାୟକ), ମହାରବାମ ଥାହେନବୀ, ସୌମ୍ୟ ଗୁଗୁଲୋଥ ଓ ବୱିଟଲୁଙ୍ଗ୍।

# ମହିଳା ଟି୨୦ ବିଶ୍ୱକପ୍: ଭାରତୀୟ ଦଳ ଘୋଷିତ

ନୂଆଦିଲ୍ଲୀ,୨୮।୯(ପି.ଟି.)

ଆସନ୍ତା ନଭେମ୍ବର ୯ରୁ ୨୪ ତାରିଖ ପର୍ଯ୍ୟନ୍ତ ୱେଷ୍ଟଇଣ୍ଡିଜ୍‌ଠାରେ ହେବାକୁ ଯାଉଛି ଆଇସିସି ମହିଳା ଟି୨୦ ବିଶ୍ୱକପ୍‌ର ୬ଷ୍ଠ ସଂସ୍କରଣ। ଏଥିଲାଗି ବିସ୍ଫୋରକ ବ୍ୟାଟ୍ସଓମ୍ୟାନଙ୍କ ନେତୃତ୍ୱରେ ୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଜାତୀୟ ମହିଳା କ୍ରିକେଟ ଚୟନ କମିଟି ବାମହାତୀ ଓପନର ସ୍ମୃତି ମନ୍ଧାନାଙ୍କୁ ଉପଅଧିନାୟିକା ଦାୟିତ୍ୱ ଦେଇଛି। ଏହି ଦଳରେ ଅଭିଜ୍ଞ ବ୍ୟାଟ୍ସଓମ୍ୟାନ ମିଥାଲି ରାଜ, ବେଦ କ୍ରିଷ୍ଣମୂର୍ତ୍ତି, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗୁଏଜ, ଅନୁଜ ପାଟିଲ, ଏକତା ବିଷ୍ଟ ଓ ପୁନମ ଯାଦବ ସ୍ଥାନ ପାଇଛନ୍ତି। ଭାରତୀୟ ଦଳ ଗ୍ରୁପ୍ ବି'ରେ ସ୍ଥାନ ପାଇଛି। ଏଥିରେ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ପାକିସ୍ତାନ ଓ ଆୟର୍ଲାଣ୍ଡ ଭଳି ଦଳ ରହିଛନ୍ତି। ନଭେମ୍ବର ୯ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତୀୟ ଦଳ ତା'ର ଅଭିଯାନ ଆରମ୍ଭ କରିବ। ପରବର୍ତ୍ତୀ ମ୍ୟାଚ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ନଭେମ୍ବର ୧୧ ତାରିଖରେ ଭେଟିବ ଭାରତୀୟ ଦଳ। ସେହିଭଳି ଟିମ୍ ଇଣ୍ଡିଆ ତା'ର ଅନ୍ତିମ ଦୁଇଟି ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଆୟର୍ଲାଣ୍ଡ (ନଭେମ୍ବର ୧୫) ଓ ଅଷ୍ଟ୍ରେଲିଆ (ନଭେମ୍ବର ୧୭)କୁ ଭେଟିବ।

**ଭାରତୀୟ ମହିଳା ଦଳ:** ହରମନପ୍ରୀତ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ମିଥାଲି ରାଜ, ଜେମିମା ରୋଡ୍ରିଗୁଏଜ, ବେଦ କ୍ରିଷ୍ଣମୂର୍ତ୍ତି, ଦୀପ୍ତି ଶର୍ମା, ଟାନ୍ୟା ଭାଟିଆ (ଉଇକେଟକିପର), ପୁନମ ଯାଦବ, ରାଧା ଯାଦବ, ଅନୁଜ ପାଟିଲ, ଏକତା ବିଷ୍ଟ, ଡି. ହେମଲତା. ମାନ୍‌ସି ଯୋଶୀ, ପୂଜା ଭସ୍ତ୍ରାକାର ଓ ଅରୁନ୍ଧତି ରେଡ୍ଡୀ।


**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA,**
DIST: KALAHANDI-766026, Mob. No.7328840483,
E-mail: sgmel_uihep@ohpcltd.com

OHPC ISO 9001-14001 18001 Certified

**ODISHA HYDRO POWER CORPORATION LTD.**
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022, Tel: 91-0674-2542983, 2542802, 2545526, 2542826, Fax:2542102, E-Mail: ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

No. CAD-882

**TENDER CALL NOTICE NO.37/2018-19 DTD.26.09.2018**

The Sr. General Manager (El), UIHEP, Mukhiguda invites sealed tenders in two parts from Manufacturers / Authorized Dealers / reputed suppliers for the following work.

| Name of Work | Estimated Cost in Rs. | EMD in Rs. | Cost of Tender Paper in Rs. |
|---|---|---|---|
| Procurement, Erection, Testing & Commissioning of 400 KV Capacitor Voltage Transformers. | 36,42,660/- | 36,450/- | Rs. 7,080/- inclusive of GST @ 18% |

The sale of tender paper: from 11:00 Hrs. of 01.10.2018 to 13:00 Hrs. of 15.10.2018
The last date & time of receipt of tenders: up to 13:00 Hrs of 15.10.2018
The date & time of opening of Technical bid : 12:30 Hrs of 26.10.2018
For details of tender documents, Terms and Conditions, Eligibility Criteria and downloading please visit our website www.ohpcltd.com

32136/11/0055/1819 **Sd./- Sr. General Manager (El.),UIHEP, Mukhiguda**



**SHORT TENDER CALL NOTICE**
**OFFICE OF THE D.G & I.G.**
**OF POLICE, ODISHA, CUTTACK**

No.233-D

1. Sealed tenders are invited from the Original Equipment Manufacturers(OEMs) or their Authorized Dealer / Agent for Repair & Maintenance of different make / models of Night Vision Devices used by Special Force of Odisha Police under State Budget Grant 2018-19 ( QR with terms & conditions is enclosed in Annexure-B).

| Sl. No. | Name of the equipment / item | Quantity |
|---|---|---|
| 1 | Repair & maintenance of Night Vision Devices | 41 sets |

2. Details of tender information may be seen from the Website of the Govt. of Odisha i.e. www.odisha.gov.in. The quantity may vary during indent of the items depending upon budgetary allocation.
3. Date of issue of tender documents from dtd:28.09.2018 at 10.00 AM to dtd:29.10.2018 upto 5 PM.
4. Last date of receipt of sealed tenders on dtd:30.10.2018 up to 5 PM.
5. Date for opening of sealed tenders / technical bids on dtd:31.10.2018 at 11.30 AM in the Office of Commandant, Special Operations Group (SOG) Hdqrs., At / PO - Chandaka, Bhubaneswar, District - Khurda -754005.
6. For further clarification, if any, intending bidder may contact the office of Commandant, SOG, At/ PO - Chandaka, Bhubaneswar, District- Khurda -754005 in his e-mail: comdtsog.orpol@nic.in(Phone- 0674-2466013, Fax-2466009).

**A.I.G. of Police (Provisioning),**
**Odisha, Cuttack.**
**(Tender Calling Authority)**

12018/11/0034/1819



**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**BHANJANAGAR (R&B) DIVISION, BHANJANAGAR**
(Phone/Fax: (06821) 241133 / E -mail: eernbbnqr@yahoo.in
Ltr.No.7079//Dtd.26.09.2018

No. 653-B

**INVITATIONS FOR BIDS (IFB)**
**E-Procurement**
Bid Identification No.E.E -BNJ-R&B- 22 / 2018-19.

| | | | |
|---|---|---|---|
| 1. | Name of work | : | Building works. |
| 2. | No. of works | : | Two Nos. Building works |
| 3. | No. of Covers | : | Single Cover |
| 4. | Estimated cost | : | Rs.28.148 to 47.70 lakhs |
| 5. | Period of Completion | : | Four to Nine Calendar Months. |
| 6. | Date of time of availability of bid document in the portal | : | From 12.00 Noon of dated 29.09.2018 to 5.00 PM. of dated 09.10.2018. |
| 7. | Last date/time for receipt of bids in the portal | : | Up to 5.00 PM. of dated 09.10.2018 |
| 8. | Date of opening of bid documents | : | At 11.00A.M. of 10.10.2018. |
| 9. | Class of Contractor | : | “A”, “B” & “C” Class |
| 10. | Name and address of officer inviting Bid | : | Executive Engineer, Bhanjanagar (R&B) Division, Bhanjanagar |

Further details can be seen from the e-Procurement portal www.tendersodisha.gov.in. The Addendum / Corrigendum if any will be hosted in the website only.

**Sd./- Executive Engineer,**
**Bhanjanagar (R&B) Division**

34015/11/0010/1819



# କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

No.I-59

## ଘୋଷଣା

L.A No. ୦୯/୨୦୧୭-କଟକ-୩୫୨୯/RRCS, Dated ୩୦।୦୮।୨୦୧୮ ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩ (R.F.C.T.L.A.R & R Act-୨୦୧୩) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- କସିକିଆରି, ଥାନା- ବଡମ୍ବା ନଂ.୧୨୧, ତହସିଲ- ବଡମ୍ବା, ଜିଲ୍ଲା- କଟକରେ ନିମ୍ନ ସୂଚୀତ (କ) ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ନରସିଂହପୁର ଶାଖା କେନାଲ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣର ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ- ୨୦୧୩(R.F.C.T.L.A.R & R Act-୨୦୧୩) ର ୧୧(୧) ଧାରା ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୬୭୪ ତା।୨୮।୦୨।୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କସିକିଆରି, ଥାନା- ବଡମ୍ବା ନଂ.-୧୨୧, ତହସିଲ- ବଡମ୍ବା, ଜିଲ୍ଲା- କଟକ ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ କମିଶନର - ପୁନର୍ବାସ ଓ ଥଇଥାନ ଦ୍ୱାରା ଧାରା ୧୭(୧) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନାର ସାରମର୍ମ, ଏଥି ସହିତ ସଂଲଗ୍ନ କରାଗଲା।

କିମ୍ବା

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ କସିକିଆରି ଥାନା- ବଡମ୍ବା, ନଂ.-୧୨୧, ତହସିଲ- ବଡମ୍ବା, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବସାଇଟରେ ଓ ରାଜ୍ୟ ସରକାରଙ୍କ ୱେବସାଇଟରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ମଣ୍ଡଳ ଅଧିକାରୀ ନଂ- IV, ଆଠଗଡ଼, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା- କଟକ** **ତହସିଲ- ବଡମ୍ବା**

| ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| କସିକିଆରି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୨.୩୪୫ | ଏ. ୭.୯୪୦ | |

**ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ ସଂରକ୍ଷିତ ସରକାରୀ ଜମି ପ୍ରତିବନ୍ଧକ ପାଇଁ ଉଦ୍ଦିଷ୍ଟ।**

| ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ପ୍ରଯୁଜ୍ୟ ନୁହେଁ | | | | | | |

ଅଧିସୂଚନାର ବୈଧ ତାରିଖ ୦୬।୦୪।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ଜିଲ୍ଲାପାଳ

**ରେଙ୍ଗାଳି ଦକ୍ଷିଣ ପାର୍ଶ୍ୱ କେନାଲ**

**ମୌଜା- କସିକିଆରି** **ଥାନା- ବଡମ୍ବା ନଂ.-୧୨୧**
**ତହସିଲ- ବଡମ୍ବା ନଂ.-୧୨୧** **ଜିଲ୍ଲା- କଟକ**

**କେନାଲର ନାମ- 1. ନରସିଂହପୁର ଶାଖା କେନାଲ, ଦୂରତା- ୨୮୬୩୫ ମି. ରୁ ୨୯୦୩୪ ମି.**

**ଭୂମି ଅନୁସୂଚୀ**

| କ୍ର. ନଂ. | ଖତିୟାନର କ୍ରମିକ ନମ୍ବର | ପ୍ଲଟ ନମ୍ବର | ପ୍ଲଟର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତା/ସ୍ୱାମୀଙ୍କର ନାମ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୨ | ୧୨୩୯ | ୦.୧୨୦ | ୦.୦୩୦ | ଅଚ୍ୟୁତା ନନ୍ଦ ପାତ୍ର, ରାମଚନ୍ଦ୍ର ପାତ୍ର, ପି: ଗୋପାଳ ପାତ୍ର |
| ୨ | ୧୭ | ୧୨୬୪ | ୦.୩୯୦ | ୦.୩୯୦ | ଅଭିମନ୍ୟୁ ସାହୁ, ପି: ଲୋକନାଥ ସାହୁ, ଗଣ୍ଡେଇ ସାହୁ, ସ୍ୱା: ଲୋକନାଥ ସାହୁ |
| ୩ | ୫୯ | ୧୩୧୩ | ୦.୧୧୦ | ୦.୦୬୦ | କୈଳାସ ସେଠ, ପି: ରାମ ସେଠ |
| ୪ | ୯୮ | ୧୩୧୨ | ୦.୧୩୦ | ୦.୧୩୦ | ଚୌଧୁରୀ ସେଠ, ପି: ଭଗବାନ ସେଠ |
| ୫ | ୧୨୬ | ୧୩୦୪ | ୦.୦୮୦ | ୦.୦୪୦ | ଦୁର୍ଯ୍ୟୋଧନ ସେଠ, ନରସିଂହ ସେଠ, ପି: କଟକ ସେଠ |
| ୬ | ୧୩୮ | ୧୨୪୭ | ୦.୨୯୦ | ୦.୨୭୦ | ଧର୍ମୁ ସାହୁ, ପି: ଆନନ୍ଦ ଅଚଳସିଂହ |
| ୭ | ୧୪୪ | ୧୩୧୫ | ୦.୧୨୫ | ୦.୦୨୦ | ନଟବର ନନ୍ଦି, ପି: ମସୁ ସାନ୍ତରା |
| ୮ | ୧୯୩ | ୧୨୨୭ | ୦.୪୨୦ | ୦.୪୨୦ | ପ୍ରେମଲତା ନାହା, ସ୍ୱା: ଲୋକନାଥ ନାହା |
| | | ୧୨୩୦ | ୦.୦୮୦ | ୦.୦୮୦ | |
| | | ୧୨୩୧ | ୦.୦୯୦ | ୦.୦୯୦ | |
| | | ୧୨୩୨ | ୦.୧୫୦ | ୦.୧୫୦ | |
| ୯ | ୨୩୬ | ୧୨୪୬ | ୦.୨୯୦ | ୦.୧୯୦ | ବିଚିତ୍ର ସେଠ, ଗନ୍ଧର୍ବ ସେଠ, ସଂସାରୀ ସେଠ, ଝୁଲ ସେଠ, ଯଶୋଦା ସେଠ, ପି: ଖଲି ସେଠ |
| ୧୦ | ୨୪୩ | ୧୨୩୩ | ୦.୧୬୦ | ୦.୧୬୦ | ବିପ୍ର ଚରଣ ପ୍ରଧାନ, ପି: ଲିଙ୍ଗରାଜ ପ୍ରଧାନ |
| ୧୧ | ୨୫୧ | ୧୩୧୪ | ୦.୧୮୦ | ୦.୦୭୦ | ବିଶୁନ ଦାସ, ପି: ସନେଇ ପାଇକରା |
| ୧୨ | ୨୫୬ | ୧୩୦୩ | ୦.୨୩୦ | ୦.୦୮୦ | ବେଣୁଧର ସେଠ, ପୀରବ ସେଠ, ପି: ଗୋବର୍ଦ୍ଧନ ସେଠ |
| ୧୩ | ୨୬୪ | ୧୩୧୨/୨୦୫୧ | ୦.୧୯୦ | ୦.୧୯୦ | ଭରତ ସେଠ, ପି: କହ୍ନେଇ ସେଠ |
| ୧୪ | ୨୭୨ | ୧୨୪୦ | ୦.୧୭୦ | ୦.୦୯୦ | ଭିକାରି ସାହୁ, ନିହଲି ସାହୁ, ନିମ ସାହୁ, ପି: ଚିନ୍ତା ସାହୁ |
| ୧୫ | ୨୯୪ | ୧୨୬୩ | ୦.୧୨୦ | ୦.୧୨୦ | ରଘୁନାଥ ଉଦୟ ଭାନୁ, ପି: ଧନେଶ୍ୱର ସାମନ୍ତ ସିଂହାର, ଜା: ଓଡ ପାଇକ, ବା: ନିଜଗାଁ |
| | | ୧୨୪୮ | ୦.୭୨୦ | ୦.୨୬୦ | |
| ୧୬ | ୩୩୬ | ୧୨୨୬ | ୦.୨୫୦ | ୦.୨୫୦ | ଲୋକନାଥ ନାହା, ପି: ବାଉରିବନ୍ଧୁ ଅତବୁଦ୍ଧି |
| | | ୧୨୨୯ | ୦.୧୮୦ | ୦.୧୮୦ | |
| | | ୧୨୪୨ | ୦.୧୯୦ | ୦.୧୯୦ | |
| | | ୧୨୪୩ | ୦.୧୮୦ | ୦.୧୬୦ | |
| | | ୧୨୪୪ | ୦.୨୧୦ | ୦.୧୬୦ | |
| ୧୭ | ୩୪୬ | ୧୨୬୦ | ୦.୬୨୦ | ୦.୨୦୦ | ସତ୍ୟାନନ୍ଦ ସାହୁ, ବଙ୍ଗାଳି ସାହୁ, ଚୈତନ୍ୟ ସାହୁ, ପି: ରଘୁନାଥ ଉଦେଭାନୁ |
| ୧୮ | ୩୬୨ | ୧୩୧୦ | ୦.୦୮୦ | ୦.୦୮୦ | ସହଦେବ ଜେନା, ନିରଞ୍ଜନ ଜେନା, ଶତୃଘନ ଜେନା, ପି: ମୂଷା ଜେନା |
| ୧୯ | ୩୭୯ | ୧୨୬୯ | ୦.୧୦୦ | ୦.୦୧୦ | ସୀତା ପଧାନ, ପି: ବାସୁ ପଧାନ |
| ୨୦ | ୪୨୨/୩ | ୧୨୩୮ | ୦.୨୯୦ | ୦.୨୬୦ | ପ୍ରତାପ ଚନ୍ଦ୍ର ନାହା, ପ୍ରକାଶ ଚନ୍ଦ୍ର ନାହା, ପି: ଲୋକନାଥ ନାହା, ଜା: ଖଣ୍ଡାୟତ, ବା: ଧନାପଲି |
| | | ୧୨୪୧ | ୦.୨୮୦ | ୦.୨୮୦ | |
| | | ୧୨୪୫ | ୦.୨୬୦ | ୦.୨୬୦ | |
| | | ୧୨୬୬ | ୦.୩୫୦ | ୦.୨୩୦ | |
| | | ୧୨୯୩/୨୧୯୧ | ୦.୨୦୦ | ୦.୧୭୦ | |
| | | ୧୨୯୩/୨୧୯୫ | ୦.୪୮୦ | ୦.୧୪୦ | |
| ୨୧ | ୪୨୨ / ୫୯ | ୧୩୦୭ | ୦.୧୨୦ | ୦.୦୭୦ | ପ୍ରଭାକର ଦାସ, ପି: ମଧୁସୂଦନ ଦାସ, ଜା: ସରାକ, ବା: ମାଣିଆବନ୍ଧ |
| | | ୧୩୦୮ | ୦.୨୬୦ | ୦.୨୬୦ | |
| | | ୧୩୦୯ | ୦.୨୨୦ | ୦.୨୨୦ | |
| ୨୨ | ୪୨୨/୬୬ | ୧୨୨୮ | ୦.୨୦୦ | ୦.୦୯୦ | ଲୋକନାଥ ନାହା, ପି: ବାଉରିବନ୍ଧୁ ଅତବୁଦ୍ଧି, ଜା: ସରାକ, ବା: ଧନାପଲି |
| ୨୩ | ୪୨୨/୭୯ | ୧୨୬୫ | ୦.୨୫୦ | ୦.୨୫୦ | ପ୍ରତାପଚନ୍ଦ୍ର ନାହା, ପ୍ରକାଶଚନ୍ଦ୍ର ନାହା, ପି: ଲୋକନାଥ ନାହା |
| | | ୧୨୨୫ | ୦.୭୧୦ | ୦.୫୩୦ | |
| ୨୪ | ୪୨୨/୧୦୯ | ୧୨୩୫ | ୦.୩୨୦ | ୦.୧୮୦ | ପ୍ରତାପଚନ୍ଦ୍ର ନାହା, ପ୍ରକାଶଚନ୍ଦ୍ର ନାହା, ପି: ଲୋକନାଥ ନାହା |
| ୨୫ | ୪୨୨/୧୪୯ | ୧୨୩୪ | ୦.୩୯୦ | ୦.୦୩୦ | ସନାତନ ମହାପାତ୍ର, ପି: ବୃନ୍ଦାବନ ମହାପାତ୍ର |
| ୨୬ | ୪୨୨/୧୫୪ | ୧୨୬୨ | ୦.୫୨୦ | ୦.୨୦୦ | ସ୍ନେହଲତା ମିଶ୍ର, ସ୍ୱା: ରବିନ୍ଦ୍ର କୁମାର ମିଶ୍ର |
| ୨୭ | ୪୨୨/୧୮୩ | ୧୨୯୩ | ୦.୨୦୦ | ୦.୦୧୦ | କନ୍ଦର୍ପ କୁମାର ସାହୁ, ବିପିନି ବିହାରୀ ସାହୁ, ଜୟାନନ୍ଦ ସାହୁ, ପି: ଭିକାରୀ ସାହୁ |
| ୨୮ | ୪୨୨/୨୦୨ | ୧୨୬୧ | ୦.୧୯୦ | ୦.୧୯୦ | ଅରିକ୍ଷିତ ଦାସ, ପି: ଅଲେଖ ଦାସ |
| ୨୯ | ୪୨୨/୨୦୮ | ୧୩୧୨/୨୨୩୯ | ୦.୦୮୦ | ୦.୦୮୦ | ପ୍ରକାଶ ଚନ୍ଦ୍ର ନାହା, ପି: ଲୋକନାଥ ନାହା |
| ୩୦ | ୪୨୨/୨୪୯ | ୧୨୬୦/୨୨୨୧ | ୦.୪୨୦ | ୦.୩୭୦ | ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ପି: ଅନ୍ତର୍ଯ୍ୟାମୀ ପ୍ରଧାନ |
| ୩୧ | ୪୨୨/୨୬୨ | ୧୨୫୯ | ୦.୭୫୦ | ୦.୦୫୦ | ସୂର୍ଯ୍ୟକାନ୍ତ ପ୍ରଧାନ, ପି: ବନମାଳୀ ପ୍ରଧାନ |
| | | ମୋଟ ରକବା | ୧୨.୩୪୫ | ୭.୯୪୦ | |

24178/13/0043/1819

“ ହିପ୍ ଇଞ୍ଜୁରିରୁ ସମ୍ପୂର୍ଣ୍ଣ ମୁକ୍ତି ନ ପାଇଲା ପର୍ଯ୍ୟନ୍ତ ଟେନିସ ପ୍ରତିଯୋଗିତାକୁ ପ୍ରତ୍ୟାବର୍ତ୍ତନ ଲାଗି ମୋ ପୁଅ ଆଣ୍ଡି ମୁରେ ବ୍ୟଗ୍ର ନୁହେଁ ।

-ଜୁଡି ମୁରେ, ପୂର୍ବତନ ବ୍ରିଟିଶ ଫେଡ୍‌କପ୍ ଅଧିନାୟିକା



“ କେରଳ ବ୍ଲାଷ୍ଟର୍ସରୁ ଅଂଶଧନ ପ୍ରତ୍ୟାହାର କରିନେଇଥିଲେ ମଧ୍ୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକର କ୍ଲବର ଅଂଶବିଶେଷ ହୋଇ ରହିବେ ।

-ଡେଭିଡ୍ ଜେମ୍ସ, କୋଚ୍



# ଅବିନାଶଙ୍କ ଜାତୀୟ ରେକର୍ଡ, ଜଉନାଙ୍କୁ ରୌପ୍ୟ

## ଜାତୀୟ ଓପନ ଆଥଲେଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୯(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଉଦ୍‌ଯାପିତ ହୋଇଛି ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୫୮ତମ ସଂସ୍କରଣ। ଓଏନଜିସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଆ ଆଥଲେଟ୍ ଜଉନା ମୁର୍ମୁ ଅନ୍ତିମ ଦିବସରେ ଏକ ରୌପ୍ୟ ପଦକ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ମହିଳା ୪x୪୦୦ମି. ରିଲେରେ ଓଏନଜିସି ଟିମ୍ ରୌପ୍ୟ ପଦକ ପାଇଛି। ଏହି ଦଳର ଅଂଶବିଶେଷଭାବେ ଜଉନାଙ୍କୁ ରୌପ୍ୟ ମିଳିଛି। ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି ସର୍ଭିସେସର ସାବ୍‌ଲି ଅବିନାଶ। ସେହିପରି ପୁରୁଷ ୪୦୦ ମିଟର ହର୍ଡଲ୍ସ ଟାଇଟଲ ଜିତିବା ସହ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି ଓଏନଜିସିର ଧରୁନ ଆୟାସାମି। ଭୁବନେଶ୍ୱରରେ ପ୍ରତିଯୋଗିତା ହେଉଥିଲେ ହେଁ ଓଡ଼ିଶା ପଦକ ଶୂନ୍ୟ ରହିଛି। ଶେଷ ଆଶା ଅମିୟ ମଲିକ ୨୦୦ ମିଟର ରେସ୍‌ରେ ୪ର୍ଥ ସ୍ଥାନରେ ରହିବାରୁ ଓଡ଼ିଶାର ଆଶା ଧୂଳିସାତ ହୋଇଯାଇଥିଲା। ଅନ୍ୟତମ ଓଡ଼ିଆ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରି ୧୦୦ ମିଟର ହର୍ଡଲ୍ସରେ ବ୍ରୋଞ୍ଜ ପଦକ ପାଇବା ଥିଲା ରାଜ୍ୟ ପାଇଁ ସାନ୍ତ୍ୱନାର ବିଷୟ।

### ଅବିନାଶଙ୍କ ଜାତୀୟ ରେକର୍ଡ

ସର୍ଭିସେସ୍‌ର ସାବ୍‌ଲି ଅବିନାଶ ପୁରୁଷ ୩୦୦୦ ମିଟର ଷ୍ଟିପଲ ଚେଜ୍‌ରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି । ସେ ୮:୨୯.୮୦ ସେକେଣ୍ଡ ସମୟ ନେଇ ଉଭୟ ଜାତୀୟ ଓ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ଜାତୀୟ ରେକର୍ଡ ଗୋପାଲ ସଇନିଙ୍କ ନାମରେ ଥିଲା। ସେ ୧୯୮୧ ଜୁନ ୫ରେ ଟୋକିଓରେ ୮:୩୦.୮୮ ସେକେଣ୍ଡ ସମୟ ନେଇ ଏପର୍ଯ୍ୟନ୍ତ ରେକର୍ଡର ଅଧିକାରୀ ଥିଲେ। ସେହିପରି ମିଟ୍ ରେକର୍ଡ ଇଲାମ ସିଂ(୮:୩୯.୧୮ ସେକେଣ୍ଡ, କୋଚି, ୨୦୧୦)ଙ୍କ ନାମରେ ଥିଲା। ଏଠାରେ ସର୍ଭିସେସର ରାକେଶ କୁମାର ସ୍ୱାମୀ ୮:୪୭.୩୧ ସେକେଣ୍ଡ ସହ ରୌପ୍ୟ ଏବଂ ଦୁର୍ଗା ବାହାଦୁର ବୁଢ଼ା ୮:୪୮.୨୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି।

### ମହିଳା ୪୦୦ ମିଟର ହର୍ଡଲ୍ସ

ରେଲୱେ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନୁ ରାଣୀ ମହିଳା ୪୦୦ ମିଟର ଟାଇଟଲ ବିଜୟିନୀ ହୋଇଛନ୍ତି। ସେ ୫୭.୬୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ପାଇଥିବାବେଳେ ଅନ୍ୟତମ ରେଲୱେ ପ୍ରତିଯୋଗୀ ଅର୍ପିତା ୫୮.୩୪ ସେକେଣ୍ଡ ସହ ରୌପ୍ୟ ଏବଂ ପଞ୍ଜାବର ବୀରପାଲ କୌର ୫୮.୩୬ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

### ଆୟାସାମୀଙ୍କ ମିଟ୍ ରେକର୍ଡ

ପୁରୁଷ ୪୦୦ ମିଟର ହର୍ଡଲ୍ସ ଟାଇଟଲ ଜିତିବା ସହ ମିଟ୍ ରେକର୍ଡର ଅଧିକାରୀ ହୋଇଛନ୍ତି ଓଏନଜିସିର ଧରୁନ ଆୟାସାମୀ। ସେ ୪୯.୪୭ ସେକେଣ୍ଡ ସମୟ ନେଇ ପୂର୍ବର ମିଟ୍ ରେକର୍ଡ ଭାଙ୍ଗିଛନ୍ତି। ପୂର୍ବରୁ ଟି.ସନ୍ତୋଷ କୁମାରଙ୍କ ନାମରେ ମିଟ୍ ରେକର୍ଡ ଥିଲା। ସେ ୨୦୧୭ରେ ଚେନ୍ନାଇଠାରେ ୫୦.୧୬ ସେକେଣ୍ଡ ସମୟ ନେଇ ଏହି ରେକର୍ଡର ଅଧିକାରୀ ଥିଲେ। ପୁରୁଷ ୪୦୦ ମିଟର ହର୍ଡଲ୍ସର ଜାତୀୟ ରେକର୍ଡ କିନ୍ତୁ ଆୟାସାମୀଙ୍କ ନାମରେ ରହିଛି। ସେ ନିକଟରେ ଜାକର୍ତ୍ତାରେ ଶେଷ ହୋଇଥିବା ଏସିଆନ ଗେମ୍ସରେ ୪୮.୯୬ ସେକେଣ୍ଡ ସମୟ ନେଇ ପୂର୍ବ ରେକର୍ଡକୁ ଭାଙ୍ଗିଥିଲେ। ସର୍ଭିସେସର ଏମ.ପି. ଜୟବୀର ଏଠାରେ ୫୦.୦୨ ସେକେଣ୍ଡ ସହ ରୌପ୍ୟ ଏବଂ ରେଲୱେର ଜଶନଜୋତ ସିଂ ୫୦.୨୫ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି।




ଚାମ୍ପିୟନ ରେଲୱେ ଦଳର ଆଥଲେଟ୍‌ମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

### ମହିଳା ୨୦୦ ମିଟର

କର୍ଣାଟକର ରୀନା ଜର୍ଜ ୨୪.୧୦ ସେକେଣ୍ଡ ସମୟ ସହ ମହିଳା ୨୦୦ ମିଟର ଟାଇଟଲ ଜିତିଛନ୍ତି। ରେଲୱେର ଚାଭି ଶରଭାଥ ୨୪.୨୩ ଓ ମହାରାଷ୍ଟ୍ରର ରୋଜାଲିନ ଲୁଇସ ୨୪.୬୮ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

### ଅମିୟ ପଦକରୁ ବଞ୍ଚିତ

ପୁରୁଷ ୧୦୦ ମିଟର ପରି ୨୦୦ ମିଟରରେ ମଧ୍ୟ ଓଡ଼ିଶାକୁ ନିରାଶ କରିଛନ୍ତି ଧାବକ ଅମିୟ କୁମାର ମଲିକ। ସେମିଫାଇନାଲରେ ଭଲ ଟାଇମିଂ ପାଇଥିଲେ ହେଁ ଫାଇନାଲରେ ସେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହୋଇ ପଦକ ହାସଲରୁ ବଞ୍ଚିତ ହୋଇଛନ୍ତି। ଅମିୟ ୨୧.୭୯ ସେକେଣ୍ଡ ସମୟ ସହ ରେସ୍ ଫିନିଶ କରିଥିଲେ। ହିଟ୍‌ରେ ସେ ୨୧.୭୧ ଓ ସେମିଫାଇନାଲରେ ୨୧.୬୫ ସେକେଣ୍ଡ ସମୟ ନେଇଥିଲେ। ଅମିୟଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ସହ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସମ୍ଭାବନା ଶେଷ ହୋଇଯାଇଛି। ସର୍ଭିସେସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଞ୍ଜିତ ୨୧.୩୦ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ପଞ୍ଜାବର ଗୁରଲାଲ ସିଂ ଓ ସର୍ଭିସେସର କେ.ଅଶୋକ ୨୧.୬୬ ସେକେଣ୍ଡ ଲେଖାଏ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

### ମହିଳା ହାମର ଥ୍ରୋ

ମହିଳା ହାମର ଥ୍ରୋରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ରେଲୱେର ସରିତା ପି. ସିଂ। ସେ ୫୯.୫୪ ମିଟର ଥ୍ରୋ କରି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ତାଙ୍କ ସାଥୀ ଜ୍ୟୋତି ୫୬.୦୪ ଓ ହରିୟାଣାର ପୁନମ ଦେବୀ ୫୫.୮୧ ସେକେଣ୍ଡ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଦୁଇ ଓଡ଼ିଶା ପ୍ରତିଯୋଗୀ ଦିବ୍ୟା ସାଣ୍ଡିଲ୍ୟ ୪୪.୭୨ ଓ ଉର୍ଜା ଭୂୟାଁ ୩୯.୨୯ ମିଟର ଦୂରକୁ ଥ୍ରୋ କରି ଯଥାକ୍ରମେ ୧୦ମ ଓ ୧୧ତମ ସ୍ଥାନରେ ରହିଛନ୍ତି।

### ମହିଳା ୮୦୦ ମିଟର

ଓଏନଜିସିର ଟ୍ୱିଙ୍କିଲ୍ ଚୌଧାରୀ ୨:୦୭.୪୩ ସେକେଣ୍ଡ ସମୟ ନେଇ ମହିଳା ୮୦୦ ମିଟରରେ ସ୍ୱର୍ଣ୍ଣ ପଦକ ଅଧିକାର କରିଛନ୍ତି। ମହାରାଷ୍ଟ୍ରର ଅର୍ଚ୍ଚନା ଆଧଭ (୨:୦୭.୪୬) ରୌପ୍ୟ ଓ ତାମିଲନାଡୁର ଏମ.ଗୋମତି (୨:୦୮.୫୯) ବ୍ରୋଞ୍ଜ ପଦକ ପାଇଛନ୍ତି।

### ପୁରୁଷ ୮୦୦ ମିଟର

ପୁରୁଷ ୮୦୦ ମିଟରରେ ସର୍ଭିସେସର ଏମ.ଡି. ଅଫସାଲ(୧:୫୪.୫୦ ସେକେଣ୍ଡ) ସ୍ୱର୍ଣ୍ଣ, ରେଲୱେର ବିଶ୍ୱମ୍ଭର କୋଲେକାର (୧:୫୫.୦୩) ରୌପ୍ୟ ଓ ବିଅନ୍ତ ସିଂ (୧:୫୫.୩୬) ବ୍ରୋଞ୍ଜ ପଦକ ପାଇଛନ୍ତି।

### ହେପ୍‌ଟାଥଲନ

୧୦୦ ମିଟର ହର୍ଡଲ୍ସ, ହାଇଜମ୍ପ, ଶଟ୍‌ପୁଟ୍, ୨୦୦ ମିଟର ରେସ୍, ଲଙ୍ଗଜମ୍ପ, ଜାଭେଲିନ୍ ଥ୍ରୋ ଓ ୮୦୦ ମିଟର ଆଦି ୭ଟି ଇଭେଣ୍ଟକୁ ନେଇ ଅନୁଷ୍ଠିତ ମହିଳା ହେପ୍‌ଟାଥଲନରେ ରେଲୱେର ଲିକ୍ସି ଜୋସେଫ ୫୨୭୧ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କେରଳର ମାରିନା ଜର୍ଜ ୪୯୬୬ ଏବଂ ରେଲୱେର ସୌମ୍ୟା ୪୮୫୮ ପଏଣ୍ଟ ସହିତ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି।

### ମହିଳା ହାଇଜମ୍ପ

ରେଲୱେର ଜ୍ୟୋତି ମହିଳା ହାଇଜମ୍ପରେ ୧.୭୬ ମିଟର କ୍ଲିୟର କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଓଏନଜିସିର ଆଞ୍ଜେଲ ଦେବାସିଆ ୧.୭୬ ଓ କେରଳର ଜିନୁ ମାରିଆ ମାନୁଏଲ ୧.୭୩ ମିଟର ଡେଇଁ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି।

### ପୁରୁଷ ଜାଭେଲିନ ଥ୍ରୋ

ସର୍ଭିସେସ୍‌ର ଅଭିଷେକ ସିଂ (୭୬.୪୨) ପୁରୁଷ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ, ଉତ୍ତର ପ୍ରଦେଶର ବିପିନ କସାନା(୭୬.୦୫) ରୌପ୍ୟ ଓ ହରିୟାଣାର ସାହିଲ ସିଲୱାଲ(୭୫.୩୮) ବ୍ରୋଞ୍ଜ ପଦକ ପାଇଛନ୍ତି।

### ପୁରୁଷ ଟ୍ରିପଲ ଜମ୍ପ

ପୁରୁଷ ଟ୍ରିପଲ ଜମ୍ପ ଟାଇଟଲ ହାସଲ କରିଛନ୍ତି ଓଏନଜିସିର ଅର୍ପିନ୍ଦର ସିଂ(୧୬.୬୨ ମିଟର)। ସର୍ଭିସେସର ଆରିଭୁ ସେଲଭାମ(୧୬.୨୨) ରୌପ୍ୟ ଓ ପଞ୍ଜାବର ନଭଜୋତ ସିଂ(୧୬.୦୬) ବ୍ରୋଞ୍ଜ ପଦକ ପାଇଛନ୍ତି।

### ମହିଳା ୩୦୦୦ ମି. ଷ୍ଟିପଲ ଚେଜ୍

ରେଲୱେରଚିନ୍ତାଯାଦବ(୧୦:୧୦.୧୯ ସେକେଣ୍ଡ) ମହିଳା ୩୦୦୦ ମିଟର ଷ୍ଟିପଲ ଚେଜ୍ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଅଲ୍‌ଇଣ୍ଡିଆ ପୋଲିସର ସୁଗନ୍ଧା ଗୁର୍ଜାର(୧୦:୨୭.୮୦) ରୌପ୍ୟ ଓ ମଣିପୁରର ରିଚା ଭାଦୁରିୟା (୧୦:୨୮.୩୭) ବ୍ରୋଞ୍ଜ ପଦକ ପାଇଛନ୍ତି।

### ପୁରୁଷ ୪x୪୦୦ମି. ରିଲେ

ପୁରୁଷ ୪x୪୦୦ମି. ରିଲେ ରେସ୍‌ରେ ସର୍ଭିସେସ ଟିମ୍ ୩:୦୯.୮୩ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ରେଲୱେ(୩:୧୦.୩୯) ରୌପ୍ୟ ଓ ମଣିପୁର(୩:୧୧.୧୧) ବ୍ରୋଞ୍ଜ ପଦକ ହାସଲ କରିଛି।

### ମହିଳା ୪x୪୦୦ମି. ରିଲେ

ରେଲୱେ ଦଳ ମହିଳା ୪x୪୦୦ମି. ରିଲେରେ ୩:୪୦.୬୧ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଓଏନ୍‌ଜିସି ୩:୪୩.୨୩ ସେକେଣ୍ଡ ସହ ରୌପ୍ୟ ଏବଂ ଦିଲ୍ଲୀ ୩:୪୫.୭୪ ସେକେଣ୍ଡ ନେଇ ବ୍ରୋଞ୍ଜ ପଦକ ଜିତିଛି। ଓଏନଜିସି ଦଳରେ ସୋନିୟା ବୈଶ୍ୟ, ରଜନୀ ନାଗର, ଟ୍ୱିଙ୍କଲ ଚୌଧାରୀ ଓ ଓଡ଼ିଶାର ଜଉନା ମୁର୍ମୁ ସାମିଲ ଥିଲେ। ତେଣୁ ଏଥିରୁ ଜଉନା ରୌପ୍ୟ ପଦକ ହାସଲ କରିଛନ୍ତି।




ଜଉନା ମୁର୍ମୁ।

# ଓଡ଼ିଶା ୧ ରନ୍‌ରେ ହାରିଲା

## ବିଜୟ ହଜାରେ ଟ୍ରଫି

- ଅଭିଷେକଙ୍କ ସଂଘର୍ଷପୂର୍ଣ୍ଣ ଅର୍ଦ୍ଧଶତକ
- ହଜାରେ ରନ୍ କ୍ଲବରେ ଅନୁରାଗ
- ପଦାର୍ପଣ କଲେ କ୍ରିଷ୍ଣା ପଲାଇ



ଅଭିଷେକ ରାଉତ

କଟକ ଅଫିସ,୨୮।୯

ନୂଆଦିଲ୍ଲୀସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ମାତ୍ର ୧ ରନ୍‌ରେ ପରାସ୍ତ ହୋଇଛି। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଅନ୍ତିମ ୨ଟି ବଲରୁ ବିଜୟ ନିମନ୍ତେ ଓଡ଼ିଶା ୯ରନ୍ ଆବଶ୍ୟକ କରୁଥିଲା। ଅଭିଷେକ ରାଉତ ଗୋଟିଏ ବଲରେ ଛକା ମାରିଥିବା ବେଳେ ପରବର୍ତ୍ତୀ ବଲରୁ ମାତ୍ର ୧ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ମଧ୍ୟପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୨୭୮ ରନର ବିଜୟ ଲକ୍ଷ୍ୟର ଜବାବରେ ଓଡ଼ିଶା ୮ ଉଇକେଟ ହରାଇ ୨୭୬ରନ୍ କରିବା ସହ ପ୍ରତିଯୋଗିତାରେ ୩ୟ ପରାଜୟ ବରଣ କରିଛି । ୫ଟି ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରି ଓଡ଼ିଶା ପଏଣ୍ଟ ଟେବୁଲର ୭ମ ସ୍ଥାନରେ ରହିଛି । ହାତରେ ଆଉ ୩ଟି ମ୍ୟାଚ୍ ବାକି ଥିବା ବେଳେ ପରବର୍ତ୍ତୀ ମ୍ୟାଚ୍ ଅକ୍ଟୋବର ୨ରେ ଛତିଶଗଡ଼ ବିପକ୍ଷରେ ଖେଳିବ। ଶୁକ୍ରବାର ଓଡ଼ିଶା ସ୍ପିନର କ୍ରୀଷ୍ଣା ପଲାଇ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଛନ୍ତି।

ମଧ୍ୟପ୍ରଦେଶ ଅଧିନାୟକ ନମନ ଓଝା ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭରୁ ଆକ୍ରମଣାତ୍ମକ ଶୈଳୀରେ ରନ୍ ସଂଗ୍ରହ କରିଥିବା ମଧ୍ୟପ୍ରଦେଶ ପରେ ୨ରନ୍‌ର ବ୍ୟବଧାନ ମଧ୍ୟରେ ଉଭୟ ଓପନରଙ୍କୁ ହରାଇଥିଲା। ଅଧିନାୟକ ନମନ ୧୨ରନ୍‌ରେ ଦୀପକ ବେହେରାଙ୍କ ଦ୍ୱାରା ଓ ରଜତ ପଟିଦାର ୨୮ରନ୍‌ରେ ପପୁ ରାୟଙ୍କ ବଲରେ ପ୍ୟାଭିଲିୟନ ଫେରିଥିଲେ। ରମିଜ ଖାଁ ମଧ୍ୟ ଅଧିକ ସମୟ କ୍ରିଜରେ ତିଷ୍ଠି ନ ପାରି ୧୯ରନ୍‌ରେ ଗୋବିନ୍ଦ ପୋଦ୍ଦାରଙ୍କ ଶିକାର ହୋଇଥିଲେ। ୮୪ରନ୍‌ରେ ପ୍ରଥମ ୩ଟି ଉଇକେଟ ହରାଇଥିବା ମଧ୍ୟପ୍ରଦେଶ ମଧ୍ୟକ୍ରମର ବ୍ୟାଟ୍ସମ୍ୟାନ ୟଶ ଦୁବେ(୭୫ରନ୍), ଅଂଶୁଲ ତ୍ରିପାଠୀ(୫୨ରନ୍) ଓ ଭେଙ୍କଟେଶ ଆୟାର(୪୬ରନ୍)ଙ୍କ ବଳରେ ୨୫୦ରୁ ଊର୍ଦ୍ଧ୍ୱ ରନ୍ କରିବାକୁ ସକ୍ଷମ ହୋଇଥିଲା। ଅନ୍ତିମ ୪ ଓଭରରେ ଓଡ଼ିଶା ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିବା ସହ ମଧ୍ୟପ୍ରଦେଶ ଦଳକୁ ୪୯.୩ ଓଭରରେ ୨୭୭ ରନ୍‌ରେ ସୀମିତ ରଖିଥିଲା। ଓଡ଼ିଶା ପକ୍ଷରୁ ଦୀପକ ବେହେରା ୩ଟି, ସୂର୍ଯ୍ୟକାନ୍ତ ପ୍ରଧାନ, ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ ଓ ପପୁ ରାୟ, ବିପ୍ଲବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ହାସଲ କରିଛନ୍ତି। ଦ୍ୱିତୀୟ ଓଭରରେ ଓଡ଼ିଶା ଓପନର ରାଜେଶ ଧୂପର(୮ରନ୍) ଓ ୬ଷ୍ଠ ଓଭରରେ ଅଧିନାୟକ ଗୋବିନ୍ଦ ପୋଦ୍ଦାର(୧୩ରନ୍)ଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଗୋବିନ୍ଦଙ୍କ ଉଇକେଟ ବେଳକୁ ଓଡ଼ିଶାର ଦଳୀୟ ସ୍କୋର ୩୧ ଥିଲା। ୩ୟ ଉଇକେଟ ଯୋଡ଼ିରେ ଅନ୍ୟତମ ଓପନର ଅନୁରାଗ ଷଡ଼ଙ୍ଗୀ ଓ ପୂର୍ବତନ ଅଧିନାୟକ ବିପ୍ଲବ ସାମନ୍ତରାୟଙ୍କ ମଧ୍ୟରେ ୧୨୬ ରନ୍‌ର ଭାଗୀଦାରି ସୃଷ୍ଟି ହୋଇଥିଲା। ୧୯ତମ ଓଭରରେ ୧୦୦ ଓ ୨୯ତମ ଓଭରରେ ୧୫୦ରନ ପୂରଣ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ୨ରନ୍ ବ୍ୟବଧାନରେ ଓଡ଼ିଶାର ୩ ଜଣ ବ୍ୟାଟ୍ସମ୍ୟାନ ଆଉଟ ହୋଇଥିଲେ। ୭୮ରନ୍ କରିଥିବା ଅନୁରାଗ, ୫୩ ରନ୍ କରିଥିବା ବିପ୍ଲବଙ୍କୁ ଗୋଟିଏ ଓଭରରେ ରମିଜ ଖାଁ ଆଉଟ କରିଥିଲେ। କ୍ରିଜକୁ ଆସିବା ମାତ୍ରେ ସୁଜିତ ଲେଙ୍କା ୧ରନ୍‌ରେ ପ୍ୟାଭିଲିୟନ ଫେରିଥିଲେ। ଶୁଭ୍ରାଂଶୁ ସେନାପତି ଓ ଅଭିଷେକ ରାଉତ ସତର୍କତାର ସହ ରନ୍ ସଂଗ୍ରହ କରି ଦଳକୁ ବିଜୟ ଅଭିମୁଖେ ଅଗ୍ରସର କରୁଥିବା ବେଳେ ଶୁଭ୍ରାଂଶୁ ବଡ଼ ଶଟ୍ ଖେଳିବାକୁ ଯାଇ ୨୪ ରନରେ ଆଉଟ ହୋଇଥିଲେ। ଅଭିଶେକ ରାଉତ ଅନ୍ତିମ ବଲ ପର୍ଯ୍ୟନ୍ତ ସଂଘର୍ଷ ଜାରି ରଖି ୫୩ ବଲରୁ ଅପରାଜିତ ୫୫ ରନ୍ କରିଛନ୍ତି। ଅନ୍ତିମ ଓଭରରେ ଓଡ଼ିଶାକୁ ବିଜୟ ନିମନ୍ତେ ୧୩ ରନ ଆବଶ୍ୟକ ହେଉଥିବା ବେଳେ ମାତ୍ର ୧୧ରନ୍ ହୋଇଥିଲା ।

### ଅନୁରାଗଙ୍କ ୧ ହଜାର ରନ୍ ପୂରଣ

ରାଜ୍ୟ ସିନିୟର କ୍ରିକେଟ ଦଳର ଗତ କିଛି ବର୍ଷ ଧରି ଓପନିଂ କରି ଆସୁଥିବା ଅନୁରାଗ ଷଡ଼ଙ୍ଗୀ ଲିଷ୍ଟ-ଏ କ୍ୟାରିୟରର ୧୦୦୦ରନ୍ ପୂରଣ କରିଛନ୍ତି। ମଧ୍ୟପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ୭୮ ରନ୍ ଯୋଡ଼ି ଅନୁରାଗ ଏହି ସଫଳତା ପାଇଛନ୍ତି । ୨୮ଟି ଲିଷ୍ଟ-ଏ ମ୍ୟାଚ୍‌ରୁ ୪୨.୨୫ ଆଭରେଜରେ ଅନୁରାଗ ୧୦୧୪ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୨ଟି ଶତକ, ୭ଟି ଅର୍ଦ୍ଧଶତକ ରହିଛି। ୧୧୨ରନ୍ ହେଉଛି ଅନୁରାଗଙ୍କ ସର୍ବାଧିକ ସ୍କୋର ।

### ସଂକ୍ଷିପ୍ତ ସ୍କୋର

**ମଧ୍ୟପ୍ରଦେଶ:** ୨୭୭/୧୦ (ୟଶ ଦୁବେ-୭୫, ଅଂଶୁଲ ତ୍ରିପାଠୀ-୫୨ ; ଦୀପକ ବେହେରା-୩/୩୮, ଗୋବିନ୍ଦ ପୋଦ୍ଦାର-୨/୪୭)।

**ଓଡ଼ିଶା:** ୨୭୬/୮ (ଅନୁରାଗ ଷଡ଼ଙ୍ଗୀ-୭୮, ଅଭିଶେକ ରାଉତ- ୫୫ ; ରମିଜ ଖାଁ-୪/୪୯, ପୁନିତ ଦତେ-୩/୬୫)।




ପୁରୁଷ ୨୦୦ ମିଟର ଫାଇନାଲ ଅବସରରେ ଓଡ଼ିଶାର ଅମିୟ ମଲିକ (ମଝି)।

# ଉଦ୍‌ଘାଟନୀ ମ୍ୟାଚ୍‌ରେ କିଟ୍, ସମ୍ବଲପୁର ବିଜୟୀ

ଢେଙ୍କାନାଳ ଅଫିସ, ୨୮।୯

ଢେଙ୍କାନାଳ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ରାଜ୍ୟସ୍ତରୀୟ ମହିଳା ହକି ପ୍ରତିଯୋଗିତା। ଜିଲା ହକି ସଂଘ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର କିଟ୍ ୮-୦ ଗୋଲ୍‌ରେ କଟକକୁ ପରାସ୍ତ କରିଛି। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ସମ୍ବଲପୁର ୪-୦ ଗୋଲ୍‌ରେ ଢେଙ୍କାନାଳକୁ ହରାଇ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛି।

ଓଡ଼ିଶା ହକି ଆସୋସିଏଶନ ସଭାପତି ତଥା ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଏ.ଏସ୍. ନାଇଡୁ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ହକି ସଂଘ ସମ୍ପାଦକ ପ୍ରକାଶ ଶତପଥୀ, ଅବସରପ୍ରାପ୍ତ କ୍ରୀଡ଼ା ବିଭାଗ ସହନିର୍ଦ୍ଦେଶକ ଗିରିଜାକାନ୍ତ ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ ମହାନ୍ତି, ଜିଲା ସଂଘ ସମ୍ପାଦକ ନଳିନୀକାନ୍ତ ଦାସ, ପ୍ରଣବ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ରଞ୍ଜନ ଦାସ, ବିଶ୍ୱରଞ୍ଜନ ଷଡ଼ଙ୍ଗୀ, ନିରଞ୍ଜନ ଗୌଡ଼, ପ୍ରଦୀପ ନାୟକ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।



ରାଜ୍ୟସ୍ତରୀୟ ମହିଳା ହକି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଖେଳାଳିମାନେ ଅତିଥିଙ୍କ ସହ।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ–ଅନୁଗୋଳ, ଶନିବାର, ସେପ୍ଟେମ୍ବର ୨୯ /୨୦୧୮ Dhenkanal-Angul, Saturday, September 29 / 2018

# ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜିକୁ ବିରୋଧ

**ଢେଙ୍କାନାଳ ଅଫିସ୍, ୨୮।୯**

ୱାଲମାର୍ଟ ଚୁକ୍ତି ଏବଂ ଖୁଚୁରା ବ୍ୟବସାୟରେ ବିଦେଶୀ ପୁଞ୍ଜି ନିବେଶକୁ ବିରୋଧ କରି ଆନ୍ଦୋଳନ ଡାକରା ଦେଇଛି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ। ଢେଙ୍କାନାଳ ବାଣିଜ୍ୟ ଶିଳ୍ପ ପ୍ରତିଷ୍ଠାନ ଏହାକୁ ସମର୍ଥନ କରିଛି। ଏହାର ପ୍ରତିବାଦରେ ଶୁକ୍ରବାର ଢେଙ୍କାନାଳର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା।

ଖୁଚୁରା ବଜାରରେ ବିଦେଶୀ ପୁଞ୍ଜିନିବେଶ ଆଞ୍ଚଳିକ ବ୍ୟବସାୟୀଙ୍କୁ ପ୍ରହାର। ଏହାକୁ ଅନୁମତି ଦେଇ କେନ୍ଦ୍ର ସରକାର ବ୍ୟବସାୟୀଙ୍କ ଖାଇବା ଥାଳିରେ ବିଷ ଦେଇଛନ୍ତି। ଏପରି ହୀନଚକ୍ରାନ୍ତକୁ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ତୀବ୍ର ନିନ୍ଦା କରିଛି। ଓଡ଼ିଶା ବ୍ୟବସାୟୀ ମହାସଂଘ ପରାମର୍ଶ କ୍ରମେ ଜିଲାର ବ୍ୟବସାୟିକ ପ୍ରତିଷ୍ଠାନ ପକ୍ଷରୁ ଏ ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟବସାୟୀମାନେ ପୂର୍ବାହ୍ନ ୧୦ଟାରେ ମିନିଷ୍ଟାଡିୟରେ ପ୍ରତିବାଦ କରିଥିଲେ। ସଭାପତି ଶରତ ଚନ୍ଦ୍ର ପାଢ଼ୀ, ସମ୍ପାଦକ ବିମଳ କୁମାର ପୋଦ୍ଦାରଙ୍କ ସମେତ ବହୁ ବ୍ୟବସାୟୀ ଏଥିରେ ସାମିଲ ହୋଇଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ